ବର୍ଷ-୫୦ : ସଂଖ୍ୟା-୩ ମାର୍ଚ୍ଚ, ୨୦୧୯

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୧୯


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୨୧ ଫେବ୍ରୁଆରୀ, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଦେବଦେବୀଙ୍କ ପୂଜା ଉପାସନା | ··· | ଶ୍ରୀମା | ··· | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୭୫) ''ମିଠେଇ ଚିଠି''ର ତିକ୍ତ ସ୍ୱାଦ | ··· | ମନୋଜ ଦାସ | ··· | ୭ |
| ହେ ଶୁଭଙ୍କରି !! (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୧୧ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ଅଷ୍ଟମ ଅଧ୍ୟାୟ) ସାଂଖ୍ୟ ଓ ଯୋଗ | ··· | ଶେଖ ଅବଦୁଲ କାଶମ | ··· | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୭୩) | ··· | ··· | ··· | ୧୮ |
| ସାମାନ୍ୟରୁ ସର୍ବନାଶ | ··· | ··· | ··· | ୨୧ |
| ଅମୃତମୟି ଜନନି ! (କବିତା) | ··· | ଗୋପାଳ କୃଷ୍ଣ ପଟ୍ଟନାୟକ | ··· | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୨୮) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୪ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୫୬) | ··· | ସାହାନା ଦେବୀ | ··· | ୨୭ |
| ସରଳ ଆପେକ୍ଷିକତାବାଦ | ··· | ନଳିନୀକାନ୍ତ ଗୁପ୍ତ | ··· | ୨୯ |
| ଶ୍ରୀକୃଷ୍ଣ କାହାଣୀ (୧୮) ବିଦର୍ଭରେ ଚାଞ୍ଚଲ୍ୟ | ··· | ମନୋଜ ଦାସ | ··· | ୩୩ |
| ଆମ ଶରୀର (୧୫) | ··· | ଭୋଳେଶ୍ୱର ଭୂୟାଁ | ··· | ୩୬ |
| ବସୁନ୍ଧରା ପାଇଁ ପଦେ (କବିତା) | ··· | ଶତ୍ରୁଘ୍ନ ପାଣ୍ଡବ | ··· | ୩୯ |
| ଯୋଗାନନ୍ଦ (୨) | ··· | ··· | ··· | ୪୦ |
| ମହାର୍ଘ ଦିନଲିପି | ··· | ସୁଧୀରାଜ ରାଉତ | ··· | ୪୩ |
| ତୋତ୍ତୋ-ଚାନ୍ (୯) | ··· | ତେତ୍ସୁକୋ କୁରୋୟାନାଗି | ··· | ୪୫ |
| ରାଧୁଆ କରଣ | ··· | ··· | ··· | ୫୧ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୩ |
| ନିର୍ବାଚନ ପ୍ରାକ୍-କାଳରେ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

... ପୃଥିବୀରେ ପ୍ରତ୍ୟେକ କର୍ମର ଏକ ଉତ୍ତମ ଏବଂ ଏକ ମନ୍ଦ ଦିଗ ରହିଥିବା ଅନିବାର୍ଯ୍ୟ । ଏପରିକି ଯେଉଁ କାର୍ଯ୍ୟାବଳୀ ପ୍ରେମର ସର୍ବୋତ୍ତମ ଦିବ୍ୟ-କାନୁନକୁ ସର୍ବାଧିକ ଅଭିବ୍ୟକ୍ତ କରେ, ତାହା ମଧ୍ୟ ବହନ କରୁଥାଏ ବର୍ତ୍ତମାନର ପୃଥିବୀ-ନିହିତ ବିଶୃଙ୍ଖଳା ଓ ଅନ୍ଧକାରରୁ କିଛି । କେତେକେ, ଯେଉଁମାନଙ୍କୁ ନିରାଶାବାଦୀ କୁହାଯାଏ, ସବୁଥିରେ କେବଳ ମାତ୍ର ଅନ୍ଧକାର ଦିଗଟି ଦେଖନ୍ତି । ପକ୍ଷାନ୍ତରେ, ଆଶାବାଦୀମାନେ ଦେଖନ୍ତି କେବଳ ସୌନ୍ଦର୍ଯ୍ୟ ଓ ସଂହତିର ଦିଗ । ଅଚେତନ ଭାବରେ ଆଶାବାଦୀ ହେବା ଯଦି ନିର୍ବୋଧତା ଏବଂ ଅଜ୍ଞାନତା ହୁଏ, ତେବେ ସଚେତନ ଭାବେ ଆଶାବାଦୀ ହେବା ଏକ ସୁଖକର ବିଜୟ ନୁହେଁ କି ? ନିରାଶାବାଦୀମାନଙ୍କ ଆଖିରେ ଜଣେ ଯାହା କଲେ ବି ତାହା ହେବ ଖରାପ, ଅଜ୍ଞାନ ବା ଅହଂ-ପ୍ରଣୋଦିତ; ସେମାନଙ୍କୁ ଜଣେ ସନ୍ତୁଷ୍ଟ କରିପାରିବ କିପରି ? ତାହା ଏକ ଅସମ୍ଭବ କର୍ମ ।

ଅଛି ମାତ୍ର ଗୋଟିଏ ପନ୍ଥା; ଯେତେ ସର୍ବସଂହତ ଭାବେ ସମ୍ଭବ ଆପଣାର ଭାବନା ଦ୍ୱାରା ଆୟତ୍ତ ହୋଇ ପାରୁଥିବା ସେତେ ଉଚ୍ଚତମ ଏବଂ ଶୁଦ୍ଧତମ ଆଲୋକ ସହ ସମ୍ମିଳିତ ହେବା, ଯେତେ ସର୍ବତଃଭାବେ ସମ୍ଭବ, ନିଜ ଚେତନାକୁ ପରମ ଚେତନା ସହ ଏକାତ୍ମ କରିବା, ସେହି ଚେତନାରୁ ଯେତେ ସମ୍ଭବ ପ୍ରେରଣା ଗ୍ରହଣ କରିବା ଦ୍ୱାରା ଭୂପୃଷ୍ଠରେ ଯେତେ ଉତ୍ତମ ରୂପେ ସମ୍ଭବ ତା'ର ଅଭିପ୍ରକାଶ ସମ୍ଭବ କରିବା, ଏବଂ ତା' ଶକ୍ତି ଉପରେ ବିଶ୍ୱାସ ରଖି ଯାବତୀୟ ଘଟଣାକୁ ସୌମନସ୍ୟ ସହକାରେ ଦେଖିବା ।

ବର୍ତ୍ତମାନର ଅଭିପ୍ରକାଶରେ ଯେହେତୁ ସବୁକିଛିହିଁ ପରସ୍ପର ମିଶ୍ରିତ, ବିଜ୍ଞତମ କାମ ହେଲା ନିଜେ ଯଥାସମ୍ଭବ ଭଲ କରିବା, ଉଚ୍ଚରୁ ଉଚ୍ଚତର ଆଲୋକ ଦିଗରେ ପ୍ରୟାସ କରିବା ଏବଂ ପରମ ପୂର୍ଣ୍ଣସଂହତି ଯେ ଆପାତତଃ ଅନୁପଲଭ୍ୟ, ଏହି ବାସ୍ତବତା ସ୍ୱୀକାର କରିନେବା ।

କିନ୍ତୁ ସେହି ଦୁରାଧିଗମ୍ୟ ପୂର୍ଣ୍ଣସଂହତି ନିମନ୍ତେ କେଡ଼େ ଐକାନ୍ତିକ ଭାବରେ ଆମେ କରୁଥିବା ଆସ୍ପୃହା !...

ମାର୍ଚ୍ଚ ୨୩, ୧୯୧୪ — ଶ୍ରୀମା



# ୨୧ ଫେବ୍ରୁଆରୀ, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ

If the aspiration is there in you, if the will is there in you, it is absolutely certain that sooner or later you will succeed. And I am saying this for people who live in very ordinary circumstances, less favourable perhaps than yours, but who can, even so, learn to know themselves and conquer themselves, master themselves, control themselves. Therefore, if the conditions are favourable you have a much greater chance of succeeding. One thing is always necessary, not to give up the game – for it is a great game and the result is worth the trouble of playing it through.

– The Mother

ତୁମ ଭିତରେ ଯଦି ଅଭୀପ୍ସା ରହିଛି, ତୁମ ଭିତରେ ଯଦି ସଂକଳ୍ପ ରହିଛି, ଏକଥା ଚୂଡ଼ାନ୍ତ ନିଶ୍ଚିତ ଯେ ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତୁମେ କୃତକାର୍ଯ୍ୟ ହେବ । ଆଉ ମୁଁ ଏକଥା କହୁଛି ତୁମ ତୁଳନାରେ ସମ୍ଭବତଃ କମ୍ ଅନୁକୂଳ ପରିସ୍ଥିତିରେ ଥିବା ଅତି ସାଧାରଣ ଲୋକଙ୍କ ପାଇଁ, କିନ୍ତୁ ଯେଉଁମାନେ ନିଜକୁ ଜାଣିବାକୁ ଶିଖିପାରିବେ ଏବଂ ନିଜ ଉପରେ ବିଜୟ ଲାଭ କରିପାରିବେ, ନିଜ ଉପରେ କର୍ତ୍ତୃତ୍ୱ ପ୍ରତିଷ୍ଠା କରିପାରିବେ, ନିଜକୁ ଆୟତ୍ତରେ ରଖିପାରିବେ । ତେଣୁ ପରିସ୍ଥିତି ଅନୁକୂଳ ହୋଇଥିଲେ ସାଫଲ୍ୟ ଦିଗରେ ତୁମର ବହୁତ ଅଧିକ ସମ୍ଭାବନା ରହିଛି । ଗୋଟାଏ କଥା ସର୍ବଦା ଦରକାର, ଖେଳରୁ ଓହରି ନ ଆସିବା – ଯେହେତୁ ଏହା ଏକ ମହତ୍ ଖେଳ ଏବଂ ଏହାର ପରିଣତି ଦୃଷ୍ଟିରୁ ଶେଷଯାଏ ଏହା ଖେଳିବାର ଶ୍ରମ ହେବ ଯଥାର୍ଥ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୮୨)

## ଶ୍ରୀଅରବିନ୍ଦ

Often the pilgrim on the Eternal's road
Ill-lit from clouds by the pale moon of Mind,
Or in devious byways wandering alone,
Or lost in deserts where no path is seen,
Falls overpowered by her lion leap,
A conquered captive under her dreadful paws.

ପ୍ରାୟଶଃ ମେଘମାଳା ଭିତରୁ ସ୍ତିମିତ ମନର ଚନ୍ଦ୍ରମା ଦ୍ୱାରା ଅଳ୍ପାଲୋକିତ ଶାଶ୍ୱତଙ୍କ ସରଣୀରେ, ଅଥବା ଅଙ୍କାବଙ୍କା ପାର୍ଶ୍ୱ-ପଥମାନଙ୍କରେ ଏକାକୀ ସଙ୍ଗୀହୀନ ହୋଇ ଘୂରି ବୁଲୁଥିବା ଅବସ୍ଥାରେ, ଅଥବା କୌଣସି ବାଟ ଦିଶୁ ନଥିବା ମରୁଭୂମି ମଧ୍ୟରେ ପଥ ହରାଇ ତୀର୍ଥଯାତ୍ରୀଟି ଶେଷରେ ତାହାର (ପ୍ରତିରୋଧୀ ଅପଶକ୍ତିର) ସିଂହ-ଲମ୍ଫଯୁକ୍ତ ଆକ୍ରମଣରେ ଅବଲୁଣ୍ଠିତ ହୁଏ, ତା'ର ଦୁର୍ଦ୍ଧର୍ଷ ପଞ୍ଝା ତଳେ ସିଏ ବନିଯାଏ ଏକ ବିଜିତ ବନ୍ଦୀ ।

Intoxicated by a burning breath
And amorous grown of a destroying mouth,
Once a companion of the sacred Fire,
The mortal perishes to God and Light,
An Adversary governs heart and brain,
A Nature hostile to the Mother-Force.

ଗୋଟାଏ ଜ୍ୱାଳାମୟୀ ନିଃଶ୍ୱାସ ତାକୁ ନିଶାଗ୍ରସ୍ତ କରି ପକାଏ ଏବଂ ଏକ ଧ୍ୱଂସକାରୀ ମୁଖ ଗହ୍ୱର ପ୍ରତି ସେ ହୋଇ ଉଠେ ପ୍ରେମାସକ୍ତ, ଏକଦା ଯେ ଥିଲା ପବିତ୍ର ବହ୍ନିର ସହଚର, ମରଣଶୀଳ ଭାବରେ ସେ ଏବେ ବିନାଶପ୍ରାପ୍ତ ହୁଏ ଈଶ୍ୱର ଏବଂ ଜ୍ୟୋତିଃର ସାନ୍ନିଧ୍ୟରେ, ଶତ୍ରୁଶକ୍ତି ଏକ ହୃଦୟ ଏବଂ ମସ୍ତିଷ୍କକୁ ଶାସନ କରୁଥାଏ । ମାତୃ-ଶକ୍ତିକୁ ବିରୋଧ କରୁଥାଏ ଏକ ଅପରା ପ୍ରକୃତି ।

The self of life yields up its instruments
To Titan and demoniac agencies
That aggrandise earth-nature and disframe:
A cowled fifth-columnist is now thought's guide;
His subtle defeatist murmur slays the faith
And, lodged in the breast or whispering from outside,
A lying inspiration fell and dark
A new order substitutes for the divine.

ଜୀବନ ଦେବତା ତାଙ୍କର ଯନ୍ତ୍ରାବଳୀକୁ ସମର୍ପି ଦିଅନ୍ତି ଅସୁର ଓ ରାକ୍ଷସମାନଙ୍କର ଅନୁଚରବର୍ଗଙ୍କ ହାତରେ, ଯେଉଁମାନେ ପାର୍ଥିବ-ପ୍ରକୃତିକୁ ଅତିକାୟ କରି ଗଢ଼ି ତୋଳନ୍ତି, ଏବଂ ସୀମା-ବନ୍ଧନର ସୌଷମ୍ୟକୁ ଭାଙ୍ଗି ନଷ୍ଟ କରି ଦିଅନ୍ତି : ଏକ ଛଦ୍ମବେଶୀ କପଟ ଗୃହଶତ୍ରୁ ଏବେ ଚିନ୍ତାର ପରିଚାଳକ ହୋଇଉଠେ; ତାହାର ସୂକ୍ଷ୍ମ ସଂଶୟୀ ମନ୍ତ୍ରଣା ବିଶ୍ୱାସକୁ ନିହତ କରେ ଏବଂ, ଅନ୍ତର ମଧ୍ୟରେ ଥାଇ ଅଥବା ବାହାରୁ ଆସି ଫୁସ୍‌ଫୁସ୍ ଗୋପନ କଥା କହି, ଏକ କ୍ରୁର ତଥା ତାମସୀ ମିଥ୍ୟାମୟୀ ପ୍ରେରଣା ଭଗବତ୍ ବ୍ୟବସ୍ଥା ପରିବର୍ତ୍ତେ ସ୍ଥାପନ କରେ ନୂତନ ଏକ ବ୍ୟବସ୍ଥା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଦେବଦେବୀଙ୍କ ପୂଜା ଉପାସନା

## ଶ୍ରୀମା

### (୧)

ଅଦୃଶ୍ୟ ଜଗତରେ ଯେଉଁସବୁ ସତ୍ତା ଅଛନ୍ତି – ସେମାନଙ୍କ ଭିତରୁ ଅଧିକାଂଶ ପୂଜା-ଅର୍ଚ୍ଚନା ଚାହାନ୍ତି ନାହିଁ, କେବଳ ପ୍ରାଣଜଗତର ଦେବଦେବୀମାନେ ତାହା ଚାହାନ୍ତି । ମୁଁ ଯାହା କହିଲି, ଏହି ପ୍ରାଣସ୍ତରର ଦେବଦେବୀମାନେ ଏସବୁ ଦ୍ୱାରା ଖୁବ୍ ଆମୋଦିତ ହୁଅନ୍ତି । କାରଣ, ଏହା ଦ୍ୱାରା ସେମାନଙ୍କୁ ବେଶ୍ କିଛି ଗୁରୁତ୍ୱ ଦିଆଯାଏ । ସେମାନେ ଗର୍ବରେ ଫାଟି ପଡ଼ନ୍ତି ଓ ଭାରୀ ଖୁସି ହୁଅନ୍ତି, ଏବଂ ଯେତେବେଳେ ସେମାନେ ଦେଖନ୍ତି ଯେ ଦଳଦଳ ହୋଇ ନରନାରୀ ତାଙ୍କୁ ପୂଜା ଆରାଧନା କରୁଛନ୍ତି ସେମାନେ ଖୁବ୍ ସନ୍ତୋଷ ଲାଭ କରନ୍ତି ।

କିନ୍ତୁ ତୁମେ ଯଦି ପ୍ରକୃତ ଦିବ୍ୟସତ୍ତାମାନଙ୍କ ବିଷୟରେ ଜାଣିବ, ତୁମେ ଦେଖିବ ଯେ ସେମାନେ ଏସବୁ ପୂଜା ଇତ୍ୟାଦିକୁ ଖାତିର କରନ୍ତି ନାହିଁ । ସେମାନେ କାହାଠାରୁ ପୂଜା ପାଇବାକୁ ଚାହାନ୍ତି ନାହିଁ । ନା, ଏହା ସେମାନଙ୍କୁ ଆଦୌ କୌଣସି ବିଶେଷ ଆନନ୍ଦ ଦେଇପାରେ ନାହିଁ !... ଉଦାହରଣସ୍ୱରୂପ, ଯଦି ସେମାନେ କାହା ଭିତରେ ଏକ ମହତ୍ ଉଦ୍ଦେଶ୍ୟ କିଂବା ଏକ ସୁନ୍ଦର ଭାବ ଦେଖିପାରନ୍ତି କିଂବା ଯଦି କାହା ଭିତରେ ସେମାନେ ଏକ ନିଃସ୍ୱାର୍ଥପରତା କିଂବା ଆବେଗ ଦେଖନ୍ତି– କିଂବା ମହତ୍ ଉତ୍ସାହଟିଏ ଲକ୍ଷ୍ୟ କରନ୍ତି, ଏକ ଆନନ୍ଦ, ଏକ ଆଧ୍ୟାତ୍ମିକ ଆନନ୍ଦ ଦେଖନ୍ତି ତେବେ ପୂଜା, ଉପାସନା, ପ୍ରାର୍ଥନା ଅପେକ୍ଷା ଏସବୁକୁ ସେମାନେ ବହୁ ଗୁଣରେ ଅଧିକ ମୂଲ୍ୟ ଦେଇଥା'ନ୍ତି ।...

ମୁଁ ତୁମକୁ ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହୁଛି : ତୁମେ ଯଦି ସତରେ କୌଣସି ଏକ ଦେବତାଙ୍କୁ ଗୋଟିଏ ଖଟୁଲି ଉପରେ ବସାଇ ରଖ ଏବଂ ତୁମେ ତାଙ୍କୁ ନାନାବିଧିରେ ପୂଜା ଆରାଧନା କରିସାରିବା ପର୍ଯ୍ୟନ୍ତ ସେଠାରେ ବସାଇ ରଖ, ତେବେ ସେ ବେଶ୍ କୌତୁକପୂର୍ଣ୍ଣ ଦୃଷ୍ଟିରେ ତୁମର ପୂଜା-ଅର୍ଚ୍ଚନା ରୀତିକୁ ଲକ୍ଷ୍ୟ କରିବେ, କିନ୍ତୁ ଏହା ତାଙ୍କୁ କୌଣସି ପ୍ରକାର ସନ୍ତୋଷ ଦେବ ନାହିଁ । ଆଦୌ ଦେବ ନାହିଁ ! ତୁମର ପୂଜା ଦ୍ୱାରା ସେ କୌଣସି ପ୍ରକାରେ ତୋଷାମୋଦ ପାଆନ୍ତି ନାହିଁ କିଂବା ଖୁସୀ ଅଥବା ଗୌରବାନ୍ୱିତ ହୁଅନ୍ତି ନାହିଁ ।

### (୨)

ଧାର୍ମିକ ଉତ୍ସବସବୁ ! ଉଦାହରଣସ୍ୱରୂପ କାଳୀଙ୍କ ସଦୃଶ ଅନେକ ସତ୍ତା ଅଛନ୍ତି । ସେମାନଙ୍କୁ ଭୟଙ୍କର ଆକୃତି କରି ଗଢ଼ା ଯାଇଥାଏ – ଅନେକେ ମଧ୍ୟ ତାଙ୍କୁ ଇଷ୍ଟଦେବୀ ରୂପେ ଘରେ ରଖି ପୂଜା କରନ୍ତି; ଏମାନେ ଭୟଙ୍କର ପ୍ରାଣଶକ୍ତିରେ ପୂର୍ଣ୍ଣ ହୋଇଥା'ନ୍ତି ! ...

ଏହିସବୁ ସତ୍ତାମାନଙ୍କୁ ମୁଁ ଜାଣେ । ମୁଁ ସେମାନଙ୍କୁ ଭଲଭାବେ ଜାଣେ, କିନ୍ତୁ ସେମାନେ ସବୁ ହେଲେ ପ୍ରାଣିକ-ସତ୍ତା । ସେମାନଙ୍କ ଆକୃତି ମଧ୍ୟ ପ୍ରାଣସ୍ତରୀୟ । ମଣିଷର ଚିନ୍ତା ଭିତରୁ ସେହି ଆକୃତିଗୁଡ଼ିକ ଆସିଛନ୍ତି, ଏବଂ କି ପ୍ରକାରର ସବୁ ଆକୃତି ! ଚିନ୍ତାକରି ଦେଖ – ମଣିଷମାନେ ପୁଣି ସେହିସବୁ ଭୟଙ୍କର ଏବଂ ପୈଶାଚିକ ସତ୍ତାମାନଙ୍କୁ ପୂଜା କରୁଛନ୍ତି । ଏହି ଦେବଦେବୀ ବିଚାରାମାନଙ୍କୁ ପୁଣି କି ସବୁ ସମ୍ମାନ ଦିଆଯାଇଛି ! ଏହି ସତ୍ତାମାନଙ୍କୁ ପୁଣି ବିଶ୍ୱାସ କରିବାକୁ ହେବ ଯେ ସେମାନେ ...

ଏହି କାରଣରୁ ଏହା ଭଲ ହେବ ଯେ ଯଦି ମନୁଷ୍ୟମାନେ କିଛି କାଳ ପାଇଁ ଏହିସବୁ ଧାର୍ମିକ ପରିବେଶରୁ ଦୂରେଇ ରହିବେ । ଏହି ଭୟାବହ ପରିବେଶ, ଏବଂ ଏହିଭଳି ଅନ୍ଧ-କୁସଂସ୍କାରଗ୍ରସ୍ତ ଆତ୍ମସମର୍ପଣ, ଯାହା ଫଳରେ ସେହି ବିରୋଧୀ ଶକ୍ତିମାନେ ଏହାର ଭୀଷଣ ସୁଯୋଗ ନେଇଥା'ନ୍ତି । ତେଣୁ ଏହି କୁସଂସ୍କାର ଭିତରୁ ମୁକ୍ତି ପାଇବା ପାଇଁ କିଛି କାଳ ଲାଗି ଏହାକୁ ଅସ୍ୱୀକାର କରିବା ଏବଂ ଏ ସମ୍ବନ୍ଧେ ଏକ ନିଶ୍ଚିତ ଦୃଢ଼ ପଦକ୍ଷେପ ନେବା ନିଶ୍ଚୟ ଅପରିହାର୍ଯ୍ୟ । ଏକଥା ସତ ଯେ, ଯେତେବେଳେ ଜଣେ ଏସବୁ ପରିବେଶ ଭିତରୁ ମୁକ୍ତି ପାଇବ ଏବଂ ସେହିସବୁ ପୈଶାଚିକ ପ୍ରାଣସତ୍ତାମାନଙ୍କ ନିକଟରେ କୁତ୍ସିତ ଆତ୍ମ-ନିବେଦନରୁ ବିରତ ହେବ, ସେତେବେଳେ ଯାଇ ସେ ପ୍ରକୃତରେ ଆଧ୍ୟାତ୍ମିକ ଶିଖରକୁ ଉନ୍ନୀତ ହୋଇପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୭୫)

## ‘‘ମିଠେଇ ଚିଠି’’ର ତିକ୍ତ ସ୍ୱାଦ

ମନୋଜ ଦାସ

ସେ ବିଖ୍ୟାତ ବିଚାରର ଗତିକ୍ରମ ଥିଲା ଏହିପରି : ଆଲିପୁର ମାଜିଷ୍ଟ୍ରେଟ ବିର୍ଲେ ସାହେବଙ୍କ ଅଦାଲତରେ ପ୍ରଥମ ଅଭିଯୋଗ ଆଗତ ହେଲା ୧୯୦୮ ମେ ୧୭ ତାରିଖ ଦିନ । ବିଚାର ଆରମ୍ଭ ହୋଇଗଲା ଅବିଳମ୍ବେ – ୧୯ ତାରିଖ ଦିନ । ଅଗଷ୍ଟ ୧୯ ତାରିଖ ଦିନ ଅତିରିକ୍ତ ସେସନ୍ସ୍ ଜଜ୍ ସି. ପି. ବିଚ୍‌କ୍ରାଫ୍‌ଟ୍ (ଆଇ. ସି. ଏସ୍)ଙ୍କ ଅଦାଲତରେ ପ୍ରଥମ ଗୋଷ୍ଠୀ ବିରୋଧରେ ଏବଂ ସେପ୍‌ଟେମ୍ବର ୧୪ ତାରିଖ ଦିନ ଦ୍ୱିତୀୟ ଗୋଷ୍ଠୀ ବିରୋଧରେ ଅଭିଯୋଗ ଉପସ୍ଥାପିତ ହେଲା । ସେ ଉଚ୍ଚ ବିଚାରାଳୟରେ ବିଚାର ଆରମ୍ଭ ହେଲା ଅକ୍‌ଟୋବର ୧୯ ତାରିଖ ଦିନ ଏବଂ ୧୯୦୯ ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ମାଜିଷ୍ଟ୍ରେଟଙ୍କ ଅଦାଲତରେ (ଛୁଟି, ବିରତି ଇତ୍ୟାଦି ବାଦ୍) ଛଅସ୍ତରି ଦିନ କାଳ ଏହା ଚାଲିଥିବା ସ୍ଥଳେ, ଉଚ୍ଚ ବିଚାରାଳୟରେ ଏହା ୧୩୧ ଦିନ ପର୍ଯ୍ୟନ୍ତ ଚାଲିଲା । ୧୯୦୯ ମସିହା ଏପ୍ରିଲ ୧୪ ତାରିଖରେ ଜୁରି ସେମାନଙ୍କ ସିଦ୍ଧାନ୍ତ ଜଣାଇଲେ । ବିଚ୍‌କ୍ରାଫ୍‌ଟ୍ ତାଙ୍କ ରାୟ ଶୁଣାଇଲେ ୧୯୦୯ ମେ ୬ ତାରିଖ ଦିନ ।

ମାଜିଷ୍ଟ୍ରେଟଙ୍କ ଅଦାଲତରେ ୨୨୨ ସାକ୍ଷୀଙ୍କୁ ଜେରା କରାଯାଇଥିବା ସ୍ଥଳେ ଉପର ବିଚାରାଳୟରେ ସେ ସଂଖ୍ୟା ୨୦୬କୁ ଅବନମିତ କରାଯାଇଥିଲା । ସାକ୍ଷ୍ୟ ରୂପେ ‘ସମ୍ରାଟ’ଙ୍କ ପକ୍ଷରୁ ଉପସ୍ଥାପିତ ହୋଇଥିଲା ୫୦୦୦ ଗୋଟି ଚିଜ ଏବଂ ୪୦୦୦ ନଥିପତ୍ର ।[୧] ସେସବୁ ବସ୍ତୁ ଓ କାଗଜପତ୍ରର ଇମାରତ୍ ବିଚାରକ ତଥା ଜୁରିର ସଭ୍ୟବର୍ଗଙ୍କୁ ପ୍ରଭାବିତ କରିବ ବୋଲି ଶାସକବର୍ଗ ବିଶ୍ୱାସ କରୁଥିଲେ ନିଶ୍ଚୟ । କିନ୍ତୁ କ୍ରମେ କ୍ରମେ ବାରିଷ୍ଟର ନର୍ଟନ ସାହେବଙ୍କ ହୃତ୍‌ସ୍ପନ୍ଦନର ଗତି ବଢ଼ାଇ ସେ ଇମାରତର ଏକ ଏକ ଅଂଶ ଭୁଶୁଡ଼ି ପଡ଼ିବାକୁ ଲାଗିଲା ।

ବିଚାରାଳୟରେ ଉପସ୍ଥାପିତ ଗଦାଏ ସି.ଆଇ.ଡ଼ି. ବିବରଣୀ ଏବଂ ସମ୍ବାଦପତ୍ରସବୁରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟକ୍ରମର ବର୍ଣ୍ଣନା ଉପରେ ବିଚାରକ ମନ୍ତବ୍ୟ ଦେଲେ ଯେ ସେସବୁ ପଢ଼ି ଶୁଣାଇବାର କୌଣସି ଆବଶ୍ୟକତାହିଁ ନଥିଲା । ସେସବୁର ସାରାଂଶ ହେଲା – ଅଭିଯୁକ୍ତ (ଶ୍ରୀଅରବିନ୍ଦ) ‘‘ଯେଉଁଠାକୁ ଗଲେ ସେଠାରେ ବିରାଟ ସମ୍ବର୍ଦ୍ଧନା ଲାଭ କରୁଥିଲେ !’’[୨]

କହିବାବାହୁଲ୍ୟ ବିଚାରକ ସେ ଜନପ୍ରିୟତାକୁ ଅପରାଧ ବୋଲି ବିଚାର କରୁ ନଥିଲେ ।

‘‘ସମ୍ରାଟ’’ ବନାମ ତାଙ୍କ ଶତ୍ରୁ ‘‘ଅରବିନ୍ଦ ଘୋଷ’’ଙ୍କୁ ଅପରାଧୀ ସାବ୍ୟସ୍ତ କରିବାରେ ସେସବୁ କାଗଜପତ୍ର ବିଶେଷ ସାହାଯ୍ୟ ନକରିବା ଫଳରେ ଶାସକମାନେ ହତାଶ ହେଲେ, କିନ୍ତୁ ସେ ସମୟର ଇତିହାସ ରଚନା ସକାଶେ କେହି ପ୍ରୟାସୀ ହେଲେ ସେସବୁ ନଥିପତ୍ର ତାଙ୍କର ବିଶେଷ ସହାୟକ ହେବ ।

‘ବନ୍ଦେ ମାତରମ୍’ କାର୍ଯ୍ୟାଳୟରୁ ପୁଲିସ ଜବଦ କରିଥିବା କାଗଜପତ୍ରରେ ଆମେ ଦେଖୁ ଖଣ୍ଡିଏ ଦୀର୍ଘ ପତ୍ର । ପଞ୍ଜାବର ଅମ୍ବାଲାରୁ ୧୯୦୭ ସେପ୍‌ଟେମ୍ବର ୨ ତାରିଖରେ ‘ଅଲଖ ଧାରୀ’ ନାମକ ବ୍ୟକ୍ତିଙ୍କ ଦସ୍ତଖତରେ ତାହା ଶ୍ରୀଅରବିନ୍ଦଙ୍କ ନାମରେ ରାଜା ସୁବୋଧ ମଲ୍ଲିକଙ୍କ ଘର ଠିକଣାରେ ଆସିଥିଲା । ପୂର୍ବରୁ ସେ ପତ୍ରପ୍ରେରକଙ୍କ ଗୋଷ୍ଠୀର ଲୋକେ ଶ୍ରୀଅରବିନ୍ଦଙ୍କ ପାଖକୁ ଖଣ୍ଡିଏ ଟେଲିଗ୍ରାମ ପଠାଇଥିଲେ । ସେ ଖଣ୍ଡିକ ସମ୍ଭବତଃ ସି.ଆଇ.ଡ଼ି. ଦ୍ୱାରା ଆତ୍ମସାତ୍ ହୋଇଥିଲା । ଚିଠିରେ ପ୍ରଥମେ ସେ ଟେଲିଗ୍ରାମର ଭାଷା ଉଦ୍ଧାର କରାଯାଇଛି । ଇଂରାଜୀରୁ ଅନୁବାଦ : ‘‘ସମ୍ମୁଖରେ ସ୍ୱର୍ଗ, ହେ ଭାରତ ଜନନୀଙ୍କ ଆଶୀର୍ବାଦପୂତ ନନ୍ଦନ ଏବଂ ରାଜନୈତିକ ଧର୍ମର ପ୍ରବର୍ତ୍ତକ ! ସମସ୍ତ ଦେଶପ୍ରେମୀଙ୍କ ହୃଦୟ ତୁମ ପାଖରେ ।’’

‘‘ବନ୍ଦେ ମାତରମ୍’’ରେ ଶ୍ରୀଅରବିନ୍ଦଙ୍କ ଲେଖା କିପରି

ପଞ୍ଜାବବାସୀମାନଙ୍କ ମନରେ ଗଭୀର ରେଖାପାତ କରୁଛି ଏବଂ ସେ ଭାବଧାରା ଯେତେବେଳେ ସାଧାରଣ ଗ୍ରାମୀଣମାନଙ୍କ ନିକଟରେ ମଧ ପହଞ୍ଚୁଛି, ସେତେବେଳେ ସେମାନେ କେଡ଼େ ଉଦ୍‌ବୁଦ୍ଧ ଅନୁଭବ କରୁଛନ୍ତି, ଏହା ଥିଲା ସେ ଚିଠିର ମୁଖ୍ୟ ବିଷୟବସ୍ତୁ । ପତ୍ରପ୍ରେରକ ଲେଖିଥିଲେ ଯେ ପ୍ରତ୍ୟେକ ସ୍ଥୂଳ କର୍ମ ପ୍ରଥମେ ସୂକ୍ଷ୍ମ ଭାବନା ଭାବରେ ରୂପ ନେଇଥାଏ । ଅତଏବ ଶ୍ରୀଅରବିନ୍ଦଙ୍କର ମହାନ୍ ଆଦର୍ଶ ଅବଶ୍ୟ ସ୍ଥୂଳ କ୍ଷେତ୍ରରେ କାର୍ଯ୍ୟକାରୀ ହେବ ।

ଚିଠିର ଶେଷ ଅଂଶରେ ଲେଖା ଯାଇଛି, ''ସାମ୍ପ୍ରତିକ ପରିସ୍ଥିତିରେ ଯେତେ ବିପୁଳ ସଂଖ୍ୟକ ଲୋକଙ୍କ ହୃଦୟକୁ ସମ୍ଭବ, ଆପଣଙ୍କ ଅଭିନବ ବାଣୀ ଉଦ୍‌ବୁଦ୍ଧ କରୁ । ଆପଣ ଅବଶ୍ୟ ବିପୁଳ ସାଫଲ୍ୟ ସହକାରେ ତାହାହିଁ କରି ଚାଲିଛନ୍ତି ।

''ଦେଶ ତା'ର ସାମ୍ପ୍ରତିକ ଭୀରୁ ଅବସ୍ଥାରେ ଆପଣଙ୍କ ପ୍ରତି ତା'ର ଗଭୀର କୃତଜ୍ଞତା ଜ୍ଞାପନ କରିବାରେ ଅସମର୍ଥ ହୋଇପାରେ, ଆପଣଙ୍କ ଋଣ ପରିଶୋଧ ନକରିପାରେ, କିନ୍ତୁ ନିଶ୍ଚିତ ଭାବେ ଜାଣି ରଖନ୍ତୁ ଯେ ଆମ ହୃଦୟ ଈଶ୍ୱରଙ୍କ ସମୀପକୁ ଆପଣଙ୍କ ଦୀର୍ଘ, ସୁଖମୟ ଏବଂ ସମୃଦ୍ଧ ଜୀବନ ସକାଶେ ଅବିରତ ପ୍ରାର୍ଥନା ପ୍ରେରଣ କରୁଛି । ଆପଣଙ୍କର ସର୍ବମୁଖୀ ପ୍ରତିଭା ଆମ ଉପରେ ତା'ର ଜ୍ୟୋତିଃ ବର୍ଷଣ କରି ଦୀର୍ଘଦିନ ପର୍ଯ୍ୟନ୍ତ ଆମକୁ ଉପକୃତ କରୁ ।''(୩)

ତତ୍କାଳୀନ ରାଜନୈତିକ ବାତାବରଣ ସମ୍ପର୍କରେ ଉପରୋକ୍ତ ଚିଠିରୁ ବେଶ୍ କେତେକ ସୂଚନା ମିଳେ । ଶ୍ରୀଅରବିନ୍ଦଙ୍କ ପାଇଁ ଉଦ୍ଦିଷ୍ଟ ଟେଲିଗ୍ରାମ, ବାର୍ତ୍ତା ଇତ୍ୟାଦି ବହୁ ସମୟରେ ତାଙ୍କର ହସ୍ତଗତ ହେଉ ନଥିଲା । ଦ୍ୱିତୀୟରେ ସୁଦୂର ପଞ୍ଜାବ ପର୍ଯ୍ୟନ୍ତ ତାଙ୍କ ପ୍ରଭାବ ଗଭୀର ଭାବରେ ଅନୁଭୂତ ହେଉଥିଲା । କୌଣସିମତେ, ପ୍ରତ୍ୟକ୍ଷ ଭାବରେ ନହେଲେ ବି ପରୋକ୍ଷ ଭାବରେ ଯଦି ହିଂସାଧର୍ମୀ ବିପ୍ଳବୀମାନଙ୍କ ସହ ତାଙ୍କ ସମ୍ପର୍କ ସାବ୍ୟସ୍ତ ହୋଇପାରନ୍ତା, ତେବେ ସରକାରଙ୍କ ଶ୍ରମ ସାର୍ଥକ ହୁଅନ୍ତା । ବସ୍ତୁତଃ ମେରି ଶେଲିଙ୍କ 'ଫ୍ରାଙ୍କେନ୍‌ଷ୍ଟାଇନ୍' ଉପନ୍ୟାସର ମର୍ମହିଁ ଯେମିତି ଜୀବନ୍ତ ହୋଇ ଉଠିଥିଲା । ସେ ଉପନ୍ୟାସରେ ଜଣେ ସୌଖୀନ ବୈଜ୍ଞାନିକ ଗୋଟାଏ କୃତ୍ରିମ ରାକ୍ଷସ-ପ୍ରାୟ ପ୍ରାଣୀ ପ୍ରସ୍ତୁତ କଲେ । ପ୍ରାଣୀଟି ତତ୍‌କ୍ଷଣାତ୍ ତା' ନିର୍ମାଣକାରୀଙ୍କ ପ୍ରାଣ ନେବାକୁ ଉଦ୍ୟତ ହେଲା ଓ ଆତଙ୍କରେ ସେ ଯୁବକ ଆତ୍ମରକ୍ଷା ପାଇଁ ଚେଷ୍ଟା କଲେ । ବ୍ରିଟିଶ ସରକାର ଶ୍ରୀଅରବିନ୍ଦଙ୍କୁ ସେମାନଙ୍କ ପାଇଁ ଆତଙ୍କର ଏକ ଭୟାବହ ପ୍ରତିରୂପ ବୋଲି କଳ୍ପନା କରି ନେଇଥିଲେ । ସେହି ଆତଙ୍କ ସେମାନଙ୍କୁ ଖାଇ ଗୋଡ଼ାଉଥିଲା ।

ନିମ୍ନୋକ୍ତ ସଂଳାପ ବହନ କରେ ସେହି ଆତଙ୍କର ସାକ୍ଷ୍ୟ :

ମାଣିକତଳା କୋଠାରୁ ବିପ୍ଳବୀ ଯୁବକମାନଙ୍କୁ ଗିରଫ କରିବା ପରେ ପରେ ସେମାନଙ୍କ ସହ ସମ୍ପୃକ୍ତ ବହୁ ବ୍ୟକ୍ତିଙ୍କ ଘର ଖାନତଲାସ ହେଲା । ସେତେବେଳେ ହୁଗୁଳି ଜିଲ୍ଲାର ପୁଲିସ ମୁଖ୍ୟ ଥିଲେ ଡି. ଜି. ରାୟାନ୍ ନାମକ ସାହେବ । ରାୟାନ୍ ସାହେବ ଆଇ.ସି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନପାରି, ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡ଼ି. ପାଇଥିବା ସତ୍ତ୍ୱେ ପୁଲିସ ବାହିନୀରେ ଯୋଗ ଦେଇଥା'ନ୍ତି – କିନ୍ତୁ ସେଥିରେ ସନ୍ତୁଷ୍ଟ ନଥା'ନ୍ତି । ବିଶେଷ କରି ତାଙ୍କ ଇଲାକା ଅନ୍ତର୍ଭୁକ୍ତ କୌଣସି ଘର ଖାନତଲାସ ନିମନ୍ତେ ଉପରୁ ନିର୍ଦ୍ଦେଶ ପାଇଲେ ସେ ବ୍ୟସ୍ତ ହେଉଥା'ନ୍ତି । ତାଙ୍କଠାରୁ କ'ଣ ଉପରିସ୍ଥ କର୍ମଚାରୀମାନେ ଅଧିକ ଜାଣନ୍ତି ?

ଉତ୍ତର ପଡ଼ାର ଏକ ବିଶିଷ୍ଟ ପରିବାରର ଯୁବକ ଅମରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଥିଲେ ଶ୍ରୀଅରବିନ୍ଦଙ୍କର ଜଣେ ଅନୁଗତ । ତାଙ୍କ ଘର ଖାନତଲାସ କରିବାର ନିର୍ଦ୍ଦେଶ ପାଇ ସାହେବ ସେ କାର୍ଯ୍ୟରେ ଯେତିକି ମନୋଯୋଗୀ ହେଲେ, ତାହାଠୁଁ ଅଧିକ ହେଲେ ଅମରେନ୍ଦ୍ର ସହ ଗପସପ ହେବାରେ । ଯୁବକଟିର ବ୍ୟକ୍ତିତ୍ୱ ସାହେବଙ୍କୁ ବେଶ୍ ଭଲ ଲାଗିଲା । ଶୁଭାକାଂକ୍ଷୀ ଭାବରେ ସେ ତାଙ୍କୁ କହିଲେ, ''ତୁମେ ବାବୁ ଏ ଦୁରନ୍ତ ଆନ୍ଦୋଳନକାରୀମାନଙ୍କ ସହ ମିଳାମିଶା କରିବା ଛାଡ଼ି ଦିଅ !''

''ଆପଣ ଦୁରନ୍ତ ଆନ୍ଦୋଳନକାରୀ ବୋଇଲେ କେଉଁମାନଙ୍କୁ ବୁଝାଉଛନ୍ତି ?''

''ଅରବିନ୍ଦଙ୍କ ଦଳକୁ !'' ମୃଦୁ ହାସ୍ୟ ସହକାରେ ସାହେବ କହିଦେଲେ । ତାଙ୍କ ମନ୍ତବ୍ୟ ବୁଝିବାକୁ ଅମରେନ୍ଦ୍ର ଅକ୍ଷମ ହେଉଛନ୍ତି କିପରି ଭାବି ସେ ବିସ୍ମୟ ବୋଧ କରୁଥିଲେ ଓ ତପ୍ରେ କହିଲେ, ''ତୁମେ ସୁରେନ୍ ବାବୁଙ୍କ ଦଳରେ ଯେତେ ମନ ମିଶୁନା ? କିଛି କ୍ଷତି ହେବ ନାହିଁ । କିନ୍ତୁ ତୁମେ ଚରମପନ୍ଥୀମାନଙ୍କ ସହ ରହିଲେ ବିପଦ ଅନିବାର୍ଯ୍ୟ !''(୪)

ସାକ୍ଷୀମାନଙ୍କଠାରୁ ଆଶାଜନକ ଲାଭ ନପାଇ ବାରିଷ୍ଟର ନର୍ଟନ୍ କ୍ରୋଧରେ ଗର୍ଜନ କରୁଥିଲେ । ତାଙ୍କର ସେ ହତାଶା ଓ ପରେ ପରେ ପୁଣି ଖଣ୍ଡିଏ ଚିରା କାଗଜରେ ଯଦି

ଶ୍ରୀଅରବିନ୍ଦଙ୍କର ନାମ ଲେଖାଥିବାର ଆଖିରେ ପଡ଼ିଗଲେ କାଳେ ତାହା ତାଙ୍କ ଆସାମୀ ବିରୋଧରେ ବ୍ୟବହାର ହୋଇପାରିବ ଭାବି ତାଙ୍କ ମୁହଁରେ ଯେମିତି ଆଶାର ଝଲକ ଖେଳି ଯାଉଥିଲା, ସେସବୁ ଶ୍ରୀଅରବିନ୍ଦଙ୍କୁ ବେଶ୍ ଆମୋଦିତ କରୁଥିଲା । ଶ୍ରୀଅରବିନ୍ଦ ତାଙ୍କ 'କାରାକାହାଣୀ'ରେ ଲେଖିଛନ୍ତି, ସେ ଯଦି ଅବତାର ରୂପେ ଜନ୍ମଗ୍ରହଣ କରିଥା'ନ୍ତେ, ତେବେ ତାଙ୍କ ଉପରେ ସର୍ବାଙ୍ଗୀନ ଧ୍ୟାନାବିଷ୍ଟ ରହୁଥିବା ବାବଦରେ ନର୍ଟନ୍ ସାହେବ ଅଚିରେ ''ମୁକ୍ତି'' ପାଇ ଯାଇଥା'ନ୍ତେ ! କିଛି ସରକାରୀ ଅର୍ଥ ବଞ୍ଚି ଯାଇଥା'ନ୍ତା ! ସାମ୍ରାଜ୍ୟ ବ୍ୟାପୀ ଯେତେ ଯେଉଁଠି ବ୍ରିଟିଶ ବିରୋଧୀ କର୍ମ ସଂଘଟିତ ହେଉଛି, ସେ ସବୁରି ପଶ୍ଚାତରେ ଶ୍ରୀଅରବିନ୍ଦଙ୍କ ଅଦୃଶ୍ୟ ହାତ ଦେଖି ପାରୁଥିଲେ ନର୍ଟନ ସାହେବ । ଅରସିକ ବିଚାରକ ବିଚ୍‌କ୍ରୋଫ୍‌ଟ୍ ଶ୍ରୀଅରବିନ୍ଦଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରନ୍ତେ, ଅନ୍ୟ କେତେକ ଦଣ୍ଡିତ ହେବା ସତ୍ତ୍ୱେ ନାଟକଟି ''ଡେନ୍‌ମାର୍କ ରାଜପୁତ୍ରଙ୍କ ବିନା ହାମ୍‌ଲେଟ'' ଭଳି ଅର୍ଥହୀନ ହୋଇଗଲା । ବରଂ ବିଚ୍‌କ୍ରୋଫ୍‌ଟ୍ ''ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ କବିତା'' – ଯାହା ଶ୍ରୀଅରବିନ୍ଦ ଦଣ୍ଡିତ ହୋଇଥିଲେ ସମ୍ଭବ ହୋଇଥା'ନ୍ତା, – ତାକୁ ନଷ୍ଟଭ୍ରଷ୍ଟ କରିଦେଲେ !''(୫)

ଶ୍ରୀଅରବିନ୍ଦଙ୍କ ବିରୁଦ୍ଧରେ ସରକାର ଯେଉଁ ଶେଷ ଅମୋଘ ଅସ୍ତ୍ର ପ୍ରୟୋଗ କରିବାର ନିଷ୍ପତ୍ତି ନେଇଥିଲେ, ତାହା 'ମିଠେଇ ଚିଠି' (Sweet Letter) ନାମରେ ଖ୍ୟାତ । କଂଗ୍ରେସର ସୁରତ ଅଧିବେଶନ ବେଳେ ଶ୍ରୀଅରବିନ୍ଦ ଏବଂ ବାରୀନ୍ଦ୍ର କୁମାର ଉଭୟେ ତହିଁ ଉପସ୍ଥିତ ଥିବା ସତ୍ତ୍ୱେ ବାରୀନ୍ଦ୍ର କୁମାର କୁଆଡ଼େ ଶ୍ରୀଅରବିନ୍ଦଙ୍କୁ ଚିଠି ଖଣ୍ଡିକ ଲେଖିଥିଲେ ! ତେବେ ସେ ବିଷୟକୁ ଆସିବା ପୂର୍ବରୁ ବାରୀନ୍ଦ୍ର କୁମାର, ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ, ଇନ୍ଦୁଭୂଷଣ ରାୟ, ବିଭୂତି ଭୂଷଣ ସରକାର, ପରେଶ ଚନ୍ଦ୍ର ମୌଳିକ୍, ହୃଷିକେଶ କାଞ୍ଜିଲାଲ, ସୁଧୀର କୁମାର ସରକାର, ନିରାପଦ ରାୟ ଏବଂ ଉଲ୍ଲାସକର ଦତ୍ତଙ୍କ ତରଫରୁ ଲଢ଼ୁଥିବା ଓକିଲ ଆର. ସି. ବୋନାର୍ଜିଙ୍କ ଯୁକ୍ତିର କିୟଦଂଶ ଉପରେ ଆଲୋକପାତ କରାଯାଉ :

''ମି. ବୋନାର୍ଜି କେତେକ ସମ୍ବାଦପତ୍ର ବନ୍ଦୀ ଯୁବକମାନଙ୍କୁ 'ବେଙ୍ଗଲ ସନ୍ତ୍ରାସବାଦୀ' ଭାବରେ ନାମିତ କରିଥିବା ଦର୍ଶାଇ ମକଦ୍ଦମା ବିଚାରାଧୀନ ଥିବା ସତ୍ତ୍ୱେ ଏଭଳି ଲେଖିବା ବ୍ରିଟିଶ ନ୍ୟାୟ ପରମ୍ପରାକୁ ପଦଦଳିତ କରିବାର ସମତୁଲ ବୋଲି ଦର୍ଶାଇ ଥିଲେ । ସେ ଦର୍ଶାଇ ଥିଲେ ଯେ ବନ୍ଦୀମାନେ ସ୍ୱୀକାରୋକ୍ତି ଭାବରେ ଯାହା କହିଥିଲେ, ତାହା ଇନ୍‌ସପେକ୍ଟର ରାମସଦୟ ମୁଖାର୍ଜିଙ୍କ ପରାମର୍ଶରେ କହିଥିଲେ । ସେମାନଙ୍କ ଭାଷାରେ ଯାହା ଭବିଷ୍ୟତରେ ଘଟିବାକୁ ଥିବା ବିପ୍ଳବ, ତାହାକୁ ସମ୍ରାଟଙ୍କ ବିରୋଧରେ ଯୁଦ୍ଧ ଘୋଷଣା ଭାବରେ ବିଚାର କରାଯାଇ ନପାରେ କିଂବା କେତୋଟି ପିସ୍ତଲ ଓ ବନ୍ଧୁକ ରଖିବା ସେଭଳି ଯୁଦ୍ଧ ନିମନ୍ତେ ପ୍ରସ୍ତୁତି ହୋଇ ନପାରେ । ବାରୀନ୍ ଇଂଲଣ୍ଡରେ ଜନ୍ମ ହୋଇଥିବା ଯୋଗୁଁ ବ୍ରିଟିଶ ନାଗରିକ । କାହାରି ବିରୋଧରେ ପ୍ରୟୋଗ ନକରି ଖାସ୍ ବନ୍ଧୁକ ରଖିଥିବା ତାଙ୍କର ଅପରାଧ ହୋଇ ନପାରେ ।... ମାଣିକତଲା ବଗିଚା ଗୋଟାଏ ଖୋଲା ସ୍ଥାନ । ଚାରି ଦିଗରୁ ଲୋକଙ୍କର ପ୍ରବେଶ ଅବାରିତ । ସେଠାରେ ବୋମା ପ୍ରସ୍ତୁତ ଅସମ୍ଭବ... !''(୬)

ବର୍ତ୍ତମାନ ଆସିବା 'ମିଠେଇ ଚିଠି' ପ୍ରସଙ୍ଗକୁ । ସୁରତ୍‌ଠାରେ ବଙ୍ଗୀୟ ପ୍ରତିନିଧିମାନଙ୍କ ଶିବିରରୁ ଏହି ଚିଠି ଖଣ୍ଡିକ କୁଆଡ଼େ ବାରୀନ୍ଦ୍ର କୁମାର ଲେଖିଥିଲେ :

ପ୍ରିୟ ଭାଇ,

ସମୟ ଆଗତ । ଆମ ସମ୍ମିଳନୀ ପାଇଁ ସେମାନଙ୍କୁ ସମ୍ମତ କରାଇବାର ଚେଷ୍ଟା କର । ଭାରତ ବ୍ୟାପୀ ଆମ ପ୍ରସ୍ତୁତ ମିଠେଇ ସଞ୍ଚିବା ଆବଶ୍ୟକ – ଜରୁରୀ ପରିସ୍ଥିତି ପାଇଁ । ତୁମ ଉତ୍ତରକୁ ମୁଁ ଏଠାରେ ଅପେକ୍ଷା କରୁଛି ।

ତୁମର ସ୍ନେହର
ବାରୀନ୍ଦ୍ର କୁମାର ଘୋଷ

Dear brother,

Now is the time. Please try and make them meet for our conference. We must have Sweets all over India readymade for emergencies. I wait here for your answer.

yours affectionately
Barindra Kumar Ghose

ଦେଶ ବନ୍ଧୁ ଚିତ୍ତରଞ୍ଜନ ଦାସ ତାଙ୍କର ବିଖ୍ୟାତ ଯୁକ୍ତିମାଳାର ଉପସଂହାରରେ ବିଚାରକଙ୍କୁ ଉଦ୍ଦେଶ୍ୟ କରି କହିଥିଲେ :

''ଏଯାବତ୍ ଯେତେ ସାକ୍ଷ୍ୟ ମିଳିଛି, ସେସବୁ ଭିତ୍ତିରେ ମାନ୍ୟବର ବିଚାରପତି ବୁଝୁଥିବେ ଯେ ଏ ଚିଠି ବାରୀନ୍ଦ୍ର କୁମାର ଘୋଷ ସ୍ୱହସ୍ତରେ ଲେଖି ଅରବିନ୍ଦ ଘୋଷଙ୍କ ନିକଟକୁ ପ୍ରେରଣ କରିଥିବା ସମ୍ଭବପର ନୁହେଁ । ଏ ଚିଠି ଜଣେ ତା' ଭାଇ ପାଖକୁ

ଲେଖୁଛି । ଦୁହେଁ ସୁରତରେ । ଯଦି ଦୁଇ ଭାଇ ଷଡ୍‌ଯନ୍ତ୍ରରେ ଲିପ୍ତ ଥିବେ, ତେବେ ଜଣେ ଭାଇ ଅନ୍ୟ ଭାଇଟି ପାଖକୁ ଏମିତି ଚିଠି ଲେଖିବା ସମ୍ପୂର୍ଣ୍ଣ ଅସମ୍ଭବ । ଦୁହେଁ ପରସ୍ପର କଥା ହୋଇ ପାରିଥା'ନ୍ତେ ।... ବାରୀନ୍ ଅରବିନ୍ଦଙ୍କୁ 'ସେଜ୍-ଦା' ବୋଲି ସମ୍ବୋଧନ କରୁଥା'ନ୍ତି । ସେକଥା କ'ଣ ସେ ଚିଠିଟି ଲେଖିବା ବେଳେ ଭୁଲିଗଲେ ? ସେ ଲେଖୁଛନ୍ତି 'ପ୍ରିୟ ଭାଇ' ! ଏ ଦେଶରେ କୌଣସି ସାନ ଭାଇ ତା' ବଡ଼ ଭାଇକୁ 'ପ୍ରିୟ ଭାଇ' ବୋଲି ଲେଖିବ ନାହିଁ...

''ବିଚାରପତି : ସେମାନେ କ'ଣ ଲେଖନ୍ତି ?

''ମି. ଦାସ : ମେଜ୍-ଦା, ସେଜ୍-ଦା ଇତ୍ୟାଦି । ବାସ୍ତବ ପ୍ରଶ୍ନ ହେଲା, ଦୁଇ ଭାଇଯାକ ଏକା ସ୍ଥାନରେ ଥିବା ସ୍ଥଳେ ଜଣେ କାହିଁକି ଅନ୍ୟ ଜଣକୁ ଚିଠି ଲେଖିବ ? ଏହା ସମ୍ପୂର୍ଣ୍ଣ ଅସମ୍ଭବ ।

''ଆଉ ଗୋଟିଏ ବିଷୟ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି । ବାରୀନ୍ 'ବାରୀନ୍ଦ୍ର କୁମାର ଘୋଷ' ବୋଲି ଦସ୍ତଖତ କରିଛନ୍ତି । ମୋ ବିଜ୍ଞ ବନ୍ଧୁ କହିଗଲେ ଯେ ଅରବିନ୍ଦ ଏବଂ ବାରୀନ୍ଦ୍ର ଉଭୟେ ୟୁରୋପୀୟ ଜୀବନଶୈଳୀ ଦ୍ୱାରା ପ୍ରଭାବିତ । କିନ୍ତୁ ବାରୀନ୍ ଭାରତକୁ ଚାଲି ଆସିଥିଲେ ''ସମ୍ମାନଜନକ'' ଏକ ବର୍ଷ ବୟସରେ ! ମୁଁ ୧୫ ବର୍ଷ ହେଲା ଇଂଲଣ୍ଡ ଛାଡ଼ିଲିଣି । ଜାଣେ ନା ସେ ଦେଶରେ ପରମ୍ପରା ବଦଳି ଗଲାଣି କି ନାହିଁ । କିନ୍ତୁ ମୁଁ ଯେତେବେଳେ ସେ ଦେଶରେ ଥିଲି ସେତେବେଳେ କୌଣସି ଭାଇ ତା' ଭାଇ ପାଖକୁ ଚିଠିରେ ନିଜ ପୂରା ନାମ ଦସ୍ତଖତ କରୁ ନଥିଲା ।

''ବିଚାରପତି : ମୁଁ ତ ମୋ ପୂରା ନାମ ଲେଖନ୍ତି ନାହିଁ । ବଂଶ ସାଙ୍ଗ୍ୟା ଛାଡ଼ି ଦିଅନ୍ତି ।

''ମି. ଦାସ : କେହି ବି ସେମିତି ଲେଖନ୍ତେ ନାହିଁ ।...

''ମି : ଦାସ ଆହୁରି ମଧ୍ୟ କହିଲେ, 'ଏହି ମିଠେଇ ଚିଠି ଗୋଟିକୁ ପୁଣି ଶ୍ରୀଅରବିନ୍ଦ ଐଶ୍ୱର୍ଯ୍ୟ ଭଳି ସାଇତି ରଖିଲେ । ଫେରିବା ବେଳେ ସେ ବମ୍ବେ ପ୍ରେସିଡେନ୍ସି ଭିତରେ ଯୁଆଡ଼େ ଗଲେ ଏ ଖଣ୍ଡିକ ତାଙ୍କ ସାଥିରେ ଗଲା । ପୁଣି କଲିକତାକୁ ଏହା ବୁହା ହୋଇ ଆସିଲା । ସ୍କଟସ୍ ଲେନ୍ ଘରେ ଏହା ଦୁଇ ମାସକାଳ ରହିଲା ଏବଂ ପୁଣି ଗ୍ରେ ଷ୍ଟ୍ରିଟ୍ ଘରକୁ ଆସିଲା; ପୁଲିସ ନିଜ ସୌଭାଗ୍ୟବଶତଃ ଏହା ଆବିଷ୍କାର କଲା । ମାନ୍ୟବର ବିଚାରପତି ଏହାକୁ ପ୍ରମାଣ ଭାବରେ ଗ୍ରହଣ କରିବାକୁ ନିଶ୍ଚୟ ଦ୍ୱିଧା ବୋଧ କରିବେ ।''(୭)

ଶ୍ରୀଅରବିନ୍ଦ ମୁକ୍ତି ପାଇବା ମାତ୍ରେ ତୁଙ୍ଗ ସରକାରୀ ମହଲରେ ବିଷାଦ ଖେଳିଗଲା । ସଙ୍ଗେ ସଙ୍ଗେ ଆରମ୍ଭ ହୋଇଗଲା ଗୋପନ ଚର୍ଚ୍ଚା : କେମିତି ପୁନର୍ବାର ତାଙ୍କୁ ଜବଦ କରାଯିବ । ସେ ସମ୍ପର୍କୀୟ ବହୁ ନଥିପତ୍ର ଭିତରୁ ଏକ ନମୁନା ପରିବେଷିତ ହେଲା । ସର୍ବୋଚ୍ଚ ପୁଲିସ କର୍ତ୍ତାଙ୍କ ଗୋଚର ନିମନ୍ତେ ଏହା ସି.ଆଇ.ଡ଼ି. ବିଭାଗର ମୁଖ୍ୟ ଏଫ୍. ସି. ଡାଲି ନାମକ ସାହେବଙ୍କର ଗୋପନ ମନ୍ତବ୍ୟ :

''ମିଠେଇ ଚିଠି ସମ୍ପର୍କରେ ପୂର୍ବରୁ କହିଛି । ଏହା ଅରବିନ୍ଦ ଘୋଷ ବିରୋଧରେ ସବୁଠାରୁ ଅକାଟ୍ୟ ସାକ୍ଷ୍ୟ ଭାବରେ ଗୃହୀତ ହେବ ବୋଲି ଧରି ନିଆଯାଇଥିଲା । କିନ୍ତୁ ଆମ ବିପକ୍ଷ ଓକିଲ ଦର୍ଶାଇଲେ ଯେ ସେ ଗୋଟିକ ଜାଲ । ତାଙ୍କ ଯୁକ୍ତି ଦୃଢ଼ ହେଲା, ଯେତେବେଳେ ପ୍ରମାଣ ହେଲା ଯେ ଶରତ ଚନ୍ଦ୍ର ଦାସ ନାମକ କୁଖ୍ୟାତ ଜାଲିଆତ, ଯିଏ ନୋଟ ଜାଲ କରିବାରେ ଓସ୍ତାଦ ଥିଲା, ସେ ବର୍ତ୍ତମାନ ପୁଲିସର ଗୁପ୍ତଚର ଭାବରେ କାମ କରୁଛି ଏବଂ ମୂଳରୁ ତାକୁ ମାଣିକତଲା କୋଠା ଉପରେ ଆଖି ରଖିବା କାମରେ ନିଯୁକ୍ତି ଦିଆ ଯାଇଥିଲା । ମି. ବିଚ୍‌କ୍ରୋଫ୍ଟ୍ ଚିଠି ଗୋଟିକ ଜାଲ ବୋଲି ଘୋଷଣା କଲେ ନାହିଁ ସତ, କିନ୍ତୁ ତା'ର ସତ୍ୟତା ଉପରେ ତାଙ୍କର ସନ୍ଦେହ ଆସିଗଲା । ତାହାହିଁ ବାସ୍ତବରେ ହେଲା ଅରବିନ୍ଦ ଘୋଷଙ୍କ ମୁକ୍ତିର କାରଣ ।''(୮)

ଏହାପରେ ଡାଲି ବିସ୍ତୃତ ଭାବରେ ଦର୍ଶାଇଛନ୍ତି ଯେ ଶ୍ରୀଅରବିନ୍ଦଙ୍କ ପ୍ରଭାବରେହିଁ ସମଗ୍ର ବଙ୍ଗଦେଶର ପ୍ରତ୍ୟେକ ଜିଲ୍ଲାରେ ବିପ୍ଳବୀ ଯୁବକମାନେ ପ୍ରସ୍ତୁତ ହୋଇ ରହିଛନ୍ତି – କୌଣସି ଯୁଦ୍ଧରେ ବ୍ରିଟିଶ ଶକ୍ତି ପରାଭୂତ ହେବାର ସୁଯୋଗ ନେଇ ସେମାନେ ଦେଶ ବ୍ୟାପୀ ବିପ୍ଳବ ଆରମ୍ଭ କରିଦେବେ !

'ମିଠେଇ' ମାରଣାସ୍ତ୍ରର ସାଙ୍କେତିକ ନାମ ବୋଲି ସିପାହୀ ବିଦ୍ରୋହ ସମୟରୁ ସାବ୍ୟସ୍ତ । ବାରୀନ୍ଦ୍ର ସେହି ଶବ୍ଦ ବ୍ୟବହାର କରିବେ, ଏକା ସ୍ଥାନରେ ଥାଇ ଚିଠି ଲେଖିବେ, ସେ ଚିଠି ପ୍ରାପକ ଚିରି ନଦେଇ ସାଇତି ରଖିବେ – ଏଭଳି ଅଜବ କଥା କେହି କେହି ସାମ୍ପ୍ରତିକ ଲେଖକ ମଧ୍ୟ ବିଶ୍ୱାସ କରୁଥିବାର ଏ ଲେଖକ ଜାଣିଛି । ବିଡ଼ମ୍ବନା !

(କ୍ରମଶଃ)

❑❑❑

### ତଥ୍ୟ ନିର୍ଦ୍ଦେଶିକା


୧. ବିଜୟକୃଷ୍ଣ ବୋଷ : "The Alipore Bomb Trial"; Butterworth & Co., Kolkata
୨. The Alipore Conspiracy Case Trial Records, Archives.
୩. "Sri Aurobindo : His Political Life and Activities – A Study Through Govt. Records, Press coverage and Memoirs" : Compiled and Edited by Anurag Banerjee; Overman Foundation, Kolkata.
୪. ସତ୍ୟବ୍ରତ ଚଟ୍ଟୋପାଧ୍ୟାୟ : ''ଭାରତେର୍ ମୁକ୍ତିଯଜ୍ଞେ ବିପ୍ଳବୀ ଅମରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ'' (ବଙ୍ଗଳା) : Indian Associated Publishing Co. Ltd. Kolkata.
୫. ଶ୍ରୀଅରବିନ୍ଦ : ''କାରାକାହାଣୀ'' (ବଙ୍ଗଳା)
୬. ବିଜୟକୃଷ୍ଣ ବୋଷ : The Alipore Bomb Trial
୭. "Sri Aurobindo in the First Decade of the 20th Century" : Sri Aurobindo Ashram, Pondicherry.
୮. "Terrorism in Bengal." Vol. 1; Compiled by Amiya K. Samanta; Government of West Bengal. ❑


# ହେ ଶୁଭଙ୍କରି !!


## ଶରତ କୁମାରୀ ସ୍ୱାଇଁ




ହେ ଶୁଭଙ୍କରି !... ଶକ୍ତିପ୍ରଦାୟିନି !!
ଧରଣୀର ଶୂନ୍ୟ ସୀମନ୍ତକୁ ପୂର୍ଣ୍ଣ
କରିଛ ଚରଣ ରେଣୁ ଭରି । (୦)

ମଧୁମୟ ତବ ସଦୟ ସ୍ୱୀକୃତି
ଜଡ଼-ଚେତନାରେ ଭରେ ନବସ୍ଫୂର୍ତ୍ତି
ତପ୍ତ ତରୁ-ତୃଣ-ଲତା ଉଲ୍ଲସିତ
ତବ ଅପରୂପ ପାଦ ସ୍ପର୍ଶ କରି । (୧)

ଅନ୍ୟାୟ ଅନୀତି ବିଘ୍ନ ବା ଦୁର୍ଗତି
ଅନ୍ଧ ଆବେଗ ପଶୁର ପ୍ରବୃତ୍ତି
ଅନନ୍ତ ସେ 'ଲକ୍ଷ୍ୟ' ପଥେ ଯେତେ ବାଧା
ତବ ଦୃଷ୍ଟିପାତେ ଯାଏ ଅପସରି । (୨)

ବିଶ୍ୱାତୀତା ମାତଃ ! ଆଦ୍ୟା ପରାଶକ୍ତି
କୃତଜ୍ଞତା ଢାଳି ମଉନ ଧରିତ୍ରୀ
ଛଳ ଛଳ ପ୍ରେମେ ଜଣାଏ ଆକୁତି
ଧନ୍ୟ କର ମାଗୋ ସୃଜି ନବ ସୃଷ୍ଟି । (୩) ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଅଷ୍ଟମ ଅଧ୍ୟାୟ)

## ସାଂଖ୍ୟ ଓ ଯୋଗ

ଶେଖ ଅବଦୁଲ କାଶମ

ଗୀତା ଏକ ସମନ୍ୱୟଧର୍ମୀ ଶାସ୍ତ୍ର । ଏହା ବେଦାନ୍ତ, ସାଂଖ୍ୟ ଓ ଯୋଗର ମୁଖ୍ୟ ଧାରାଗୁଡ଼ିକୁ ଖୁବ୍ ସୁନ୍ଦର ଭାବରେ ସମନ୍ୱିତ କରିପାରିଛି । ତଥାପି ମୂଳତଃ ଏହା ବୈଦାନ୍ତିକ ଦର୍ଶନକୁ ପ୍ରଧାନ ଅବଲମ୍ବନ ରୂପେ ଗ୍ରହଣ କରିଛି । ଗୀତା ଯଦିଓ କୌଣସି ଋଷିଙ୍କର ଉଚ୍ଚତର ପ୍ରେରଣାଲବ୍ଧ ବାଣୀର ମୂର୍ତ୍ତିମନ୍ତ ପରିପ୍ରକାଶ ନୁହେଁ, ତଥାପି ଏହାକୁ ତ୍ରୟୋଦଶ ଉପନିଷଦ୍ ରୂପରେ ମାନ୍ୟତା ଦିଆଯାଇଛି । ଏହା ଏକ ଶ୍ରୁତି (revealed scripture) ବା ମନ୍ତ୍ର ଦର୍ଶନ (revelation) ସଦୃଶ ନୁହେଁ । ଏହା ବୌଦ୍ଧିକ, ଯୁକ୍ତିସିଦ୍ଧ ଓ ଦାର୍ଶନିକ ପଦ୍ଧତି ଉପଯୋଗ କରି ପରମସତ୍ୟକୁ ପ୍ରତିପାଦିତ ଓ ଅଭିବ୍ୟକ୍ତ କରିଛି । ଏଥିରେ ଆମେ ଯୋଗର ଏକ ବ୍ୟାବହାରିକ ପ୍ରଣାଳୀ ଶିକ୍ଷା କରିପାରୁ । ଏହି ବ୍ୟାବହାରିକ ପ୍ରଣାଳୀକୁ ବ୍ୟାଖ୍ୟା କରିବା ସକାଶେହିଁ ଗୀତା ଦାର୍ଶନିକ ବିଚାରଧାରା ଓ ତାତ୍ତ୍ୱିକ ଆଲୋଚନାର ସାହାଯ୍ୟ ନେଇଛି ।

ଗୀତା କେବଳ ବୈଦାନ୍ତିକ ଜ୍ଞାନର ବାର୍ତ୍ତା ଦେଇ ନାହିଁ । ଏହା ଜ୍ଞାନ ଓ ଭକ୍ତିକୁ କର୍ମର ଭିତ୍ତି ଉପରେ ଛିଡ଼ା କରିଛି । କର୍ମକୁ ଜ୍ଞାନର ଶୀର୍ଷ ସ୍ତରକୁ ଉତ୍ତୋଳିତ କରିନେବା ଏବଂ ଭକ୍ତିକୁ କର୍ମର ସାରବସ୍ତୁ ରୂପେ ଆମୂଳଚୂଳ ଗ୍ରହଣ କରିବା – ଏହା ହେଉଛି ଗୀତା-ଶିକ୍ଷାର ଏକ ମୁଖ୍ୟ ବିଷୟ । ଗୀତା ଯେଉଁ ଯୋଗ ବିଷୟ ଆଲୋଚନା କରିଛି ତାହା ସାଂଖ୍ୟର ବିଶ୍ଳେଷଣଧର୍ମୀ ଦର୍ଶନ ଉପରେ ଆଧାରିତ । ଏଥିରେ ସାଧନାର ପ୍ରାରମ୍ଭ ବିନ୍ଦୁ ରୂପେ ସାଂଖ୍ୟକୁ ଗ୍ରହଣ କରାଯାଇଛି ଏବଂ ସାଂଖ୍ୟ ହେଉଛି ଗୀତା-ବାଣୀର ଏକ ମୁଖ୍ୟ ଭାଗ । ମାତ୍ର ଗୀତାର ବୈଶିଷ୍ଟ୍ୟ ହେଲା ଏହା ସାଂଖ୍ୟକୁ ମଧ୍ୟ ଅତିକ୍ରମ କରିଯାଇଛି । ଏପରିକି ଏହା ସାଂଖ୍ୟର କେତେକ ବିଶେଷ ଦୃଷ୍ଟିକୋଣକୁ ଅସ୍ୱୀକାର କରି ସାଂଖ୍ୟ ଓ ବୈଦାନ୍ତିକ ସତ୍ୟ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଛି ।

ଗୀତାର ଦୃଷ୍ଟିରେ ସାଂଖ୍ୟ ଓ ଯୋଗ ଏଇ ଦୁଇ ଭିନ୍ନ ମାର୍ଗ ପ୍ରକୃତରେ କ'ଣ ତାହା ବୁଝିବା ଆବଶ୍ୟକ । ଗୀତା ବର୍ଣ୍ଣିତ ସାଂଖ୍ୟ ଈଶ୍ୱର କୃଷ୍ଣଙ୍କ ପ୍ରଣୀତ ସାଂଖ୍ୟକାରିକାର ଅନୁରୂପ ନୁହେଁ । ଈଶ୍ୱର କୃଷ୍ଣଙ୍କ ପ୍ରଦର୍ଶିତ ପାରମ୍ପରିକ ସାଂଖ୍ୟ ମାର୍ଗ ଅନୁସାରେ ସତ୍ତାର ମୂଳ ସତ୍ୟ ରୂପେ ଅନେକ ପୁରୁଷ ରହିଛନ୍ତି । ମାତ୍ର ଗୀତା ଏହି ତତ୍ତ୍ୱକୁ ଗ୍ରହଣ କରେ ନାହିଁ । ଗୀତା ଅନୁସାରେ ଗୋଟିଏହିଁ ପରମସତ୍ତା ରହିଛନ୍ତି ଯିଏ କି ଏକାଧାରରେ ପୁରୁଷ, ଈଶ୍ୱର ଓ ପୁରୁଷୋତ୍ତମ । ପାରମ୍ପରିକ ସାଂଖ୍ୟ ହେଉଛି ନିରୀଶ୍ୱରବାଦୀ (atheistic), ମାତ୍ର ଗୀତାର ସାଂଖ୍ୟ ସୃଷ୍ଟି ସମ୍ପର୍କରେ ଈଶ୍ୱରବାଦୀ (theistic), ବିଶ୍ୱବ୍ରହ୍ମବାଦୀ (pantheistic) ଏବଂ ଅଦ୍ୱୈତବାଦୀ (monistic) ମତକୁ ସୂକ୍ଷ୍ମ ରୂପେ ସମନ୍ୱିତ କରିଛି ।

ଗୀତାବର୍ଣ୍ଣିତ ଯୋଗ ପତଞ୍ଜଳିଙ୍କ ପ୍ରଣୀତ ରାଜଯୋଗ ଦର୍ଶନ ସହିତ ମଧ୍ୟ ସମାନ ନୁହେଁ । ପତଞ୍ଜଳିଙ୍କ ଯୋଗ ହେଉଛି ଖାଣ୍ଟି ରାଜଯୋଗର ଏକ ଆନ୍ତର ପଦ୍ଧତି ମାତ୍ର ଏହା ଚେତନାର କୌଣସି ବିଶେଷ ଆନ୍ତର ପରିବର୍ତ୍ତନ ବିଷୟରେ କୁହେ ନାହିଁ । ଏହା ସୀମିତ, ସୁନିର୍ଦ୍ଦିଷ୍ଟ ଏବଂ କଠୋର ବୈଜ୍ଞାନିକ ରୀତିରେ ସୋପାନବଦ୍ଧ ଏକ ସାଧନ ସୂତ୍ର ଯାହା ଦ୍ୱାରା ଜଣେ ଆପଣାର ମନ ଓ ଚିତ୍ତବୃତ୍ତିକୁ କ୍ରମଶଃ ନୀରବ ଓ ସ୍ତବ୍ଧ କରି ଦେଇ ସମାଧି ଅବସ୍ଥାକୁ ପ୍ରାପ୍ତ ହୁଏ । ଏହା ହେଉଛି ଏକ ଆତ୍ମ-ଅତିକ୍ରମଣର ଅବସ୍ଥା ଯାହା ବ୍ୟକ୍ତିର ଚେତନା, ଜ୍ଞାନ ଓ ଶକ୍ତିକୁ ଅତି ବିଶାଳ କରିଦିଏ ଏବଂ ଭଗବାନଙ୍କ ସହ ଶାଶ୍ୱତ ମିଳନ ଘଟାଇଥାଏ । ମାତ୍ର ଏହି ସମାଧି ଅବସ୍ଥାରେ ଜୀବନର କୌଣସି କ୍ରିୟା ଲାଗି ସୁଯୋଗ ନଥାଏ, ଅର୍ଥାତ୍ ଏହାର ପରିଣତି ହେଲା କର୍ମର ବର୍ଜନ ।

ଅନ୍ୟ ପକ୍ଷରେ ଗୀତାର ଯୋଗ ହେଉଛି ଉଦାର, ନମନୀୟ ଓ ବହୁମୁଖୀ । ଏଥିରେ ବହୁ ବିଭିନ୍ନ ଉପାଦାନର ସମାବେଶ ଓ ସ୍ୱାଭାବିକ ସମନ୍ୱୟ ଘଟିଥାଏ । ତନ୍ମଧ୍ୟରୁ ରାଜଯୋଗ ମାତ୍ର ଗୋଟିଏ ଉପାଦାନ ଯାହାକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇ ନପାରେ । ଗୀତାର ଯୋଗରେ ପ୍ରଣାଳୀର

କୌଣସି କଠୋରତା ନାହିଁ, କୌଣସି ଧରାବନ୍ଧା ପର୍ଯ୍ୟାୟକ୍ରମ ନାହିଁ । ସ୍ୱାଭାବିକ ଆତ୍ମ-ବିକାଶ ଲାଗି ଏହା ପୂର୍ଣ୍ଣ ସୁଯୋଗ ଦିଏ । ଏହା ଆନ୍ତର ଅବସ୍ଥା ଓ କର୍ମର କେତେକ ନୀତିକୁ ଅନୁସରଣ କରି ସତ୍ତାର ଏକ ନୂତନ ଅବସ୍ଥାନ୍ତର (a renovation of the soul) ଚାହିଁଥାଏ । ନିମ୍ନପ୍ରକୃତିର ଦାସତ୍ୱରୁ ମୁକ୍ତ ହୋଇ ଦିବ୍ୟ-ପ୍ରକୃତି ମଧ୍ୟରେ ପ୍ରତିଷ୍ଠିତ ହେବା ଏବଂ ଏକ ନବଜନ୍ମକୁ ସମ୍ଭବ କରିବା ଏହାର ଲକ୍ଷ୍ୟ । ସୁତରାଂ ଯୋଗ-ସମାଧି ସମ୍ପର୍କରେ ସାଧାରଣ ଧାରଣା ଯାହା, ସମାଧି ସମ୍ପର୍କରେ ଗୀତାର ଧାରଣା ତା'ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପତଞ୍ଜଳିଙ୍କ ଯୋଗରେ କର୍ମର ଗୁରୁତ୍ୱ କେବଳ ପ୍ରାରମ୍ଭିକ ଅବସ୍ଥାରେ ଥାଏ, କାରଣ ନୈତିକ ଶୁଦ୍ଧି ଓ ଏକାଗ୍ରତା ପାଇଁ ତାହା ଆବଶ୍ୟକ ହୋଇଥାଏ । ମାତ୍ର ଗୀତାର ଯୋଗରେ ମୂଳରୁ ଶେଷ ପର୍ଯ୍ୟନ୍ତ କର୍ମର ବିଶେଷ ଗୁରୁତ୍ୱ ରହିଛି । କର୍ମ ହେଉଛି ଗୀତା-ଯୋଗର ଏକ ସ୍ଥାୟୀ ଭିତ୍ତି । ରାଜଯୋଗର ସାଧନାରେ ଲକ୍ଷ୍ୟ ସାଧନ ପରେ କର୍ମକୁ ଛାଡ଼ି ଦିଆଯାଏ । ମାତ୍ର ଗୀତାର ଯୋଗରେ କର୍ମ ହେଉଛି ଦିବ୍ୟ-ଚେତନା ଆଡ଼କୁ ଉଠିଯିବା ପାଇଁ ଏକ ମୁଖ୍ୟ ଉପାୟ ଏବଂ ଏପରିକି ଆତ୍ମାର ମୁକ୍ତି ପରେ ମଧ୍ୟ କର୍ମ ଅବ୍ୟାହତ ରହେ ।

ଗୀତା ପ୍ରକାଶ କରିଛି ଯେ ସାଂଖ୍ୟ ଓ ଯୋଗ ପ୍ରକୃତରେ ସମ୍ପୂର୍ଣ୍ଣ ଭିନ୍ନ ନୁହନ୍ତି, କେବଳ ପ୍ରାରମ୍ଭିକ ପର୍ଯ୍ୟାୟ ଏବଂ ପଦ୍ଧତିକୁ ନେଇ ସେ ଦୁଇଟି ମଧ୍ୟରେ ଭିନ୍ନତା ରହିଛି । ମୂଳତତ୍ତ୍ୱ ଓ ଲକ୍ଷ୍ୟ ଦୃଷ୍ଟିରୁ ସେ ଦୁଇଟି ସମାନ । ସାଂଖ୍ୟର ପଦ୍ଧତି ହେଲା ସୃଷ୍ଟିର ବିଭିନ୍ନ ତତ୍ତ୍ୱକୁ ବିଶ୍ଳେଷଣ କରିବା ଅର୍ଥାତ୍ ସୃଷ୍ଟି କିପରି ସମ୍ଭବ ହେଲା, ସୃଷ୍ଟି ପ୍ରକ୍ରିୟା ମଧ୍ୟରୁ କିପରି ଜଣେ ନିଜକୁ ଅପସାରିତ କରି ନେଉଛି, ଏସବୁ ସମ୍ପର୍କରେ ଏକ ବୌଦ୍ଧିକ ବିଶ୍ଳେଷଣ କରିବା, ତତ୍ତ୍ୱଗୁଡ଼ିକୁ ଭାଗ ଭାଗକରି ଅନୁଶୀଳନ କରିବା । ସାଂଖ୍ୟର ଏହି ବିଶ୍ଳେଷଣାତ୍ମକ ପଦ୍ଧତି ଯୋଗୁଁ ଏହାର ଏପରି ନାମକରଣ ହୋଇଛି । ସାଂଖ୍ୟ ହେଉଛି ଜ୍ଞାନର ମାର୍ଗ । ଏଥିରେ ଦ୍ୱୈତ-ତତ୍ତ୍ୱ ରହିଛି, ପୁରୁଷ ଓ ପ୍ରକୃତି ନାମକ ଦୁଇଟି ଶାଶ୍ୱତ ତତ୍ତ୍ୱ ବିଷୟରେ କୁହାଯାଇଛି । ପୁରୁଷ ହେଉଛି ନିଷ୍କ୍ରିୟ ଏବଂ ପ୍ରକୃତି ହେଉଛି ସକ୍ରିୟ । ଏହି ଦୁଇଟି ତତ୍ତ୍ୱର ପାରସ୍ପରିକ ସମ୍ପର୍କ ଫଳରେ ବିଶ୍ୱ-ବ୍ରହ୍ମାଣ୍ଡର ସୃଷ୍ଟି ଘଟେ । ପ୍ରକୃତି ହେଉଛି ସେହି ତତ୍ତ୍ୱ ଯାହା ସୃଷ୍ଟି ମଧ୍ୟରେ ଯାବତୀୟ କ୍ରିୟାପ୍ରକ୍ରିୟାକୁ ସଂଘଟିତ କରୁଛି ଏବଂ ସେଗୁଡ଼ିକୁ ପୁରୁଷ ଉପରେ ଆରୋପ କରୁଛି । ପୁରୁଷ ହେଉଛି ନିଶ୍ଚଳ, ନୀରବ ସତ୍ତା ଯାହା ସାକ୍ଷୀ ସ୍ୱରୂପରେ ରହିଛି । ଆତ୍ମା ବା ଶୁଦ୍ଧ ଚୈତନ୍ୟମୟ ସତ୍ତାକୁହିଁ ପୁରୁଷ ବୋଲି କୁହାଯାଏ । ତାହା ଅଚଳ (immobile), ଅବିକାରୀ (immutable) ଏବଂ ସ୍ୱପ୍ରକାଶ (self-luminous) । ପ୍ରକୃତିର ନିଜସ୍ୱ କୌଣସି ଚେତନା ନାହିଁ । ଏହା ଅଚେତନଭାବେ ଯନ୍ତ୍ରବତ୍ କ୍ରିୟା କରି ଚାଲିଛି । ଯେତେବେଳେ ପ୍ରକୃତିର କ୍ରିୟାସମୂହ ପୁରୁଷ ଉପରେ ପ୍ରତିଫଳିତ ହୁଏ ସେତେବେଳେ ପୁରୁଷ ନିଜକୁହିଁ ସେସବୁର କର୍ତ୍ତା ବୋଲି ମନେ କରେ । ଫଳସ୍ୱରୂପ ପ୍ରକୃତି ଭିତରେ ଚେତନାର ଏକ ପ୍ରତୀତି (appearance) ସୃଷ୍ଟି ହୁଏ । ପୁରୁଷ ଓ ପ୍ରକୃତିର ସଂଯୋଗ ଫଳରେ ସୃଷ୍ଟି, ସ୍ଥିତି, ପ୍ରଳୟ, ଜନ୍ମ, ଜୀବନ ଓ ମୃତ୍ୟୁ, ଚେତନା ଓ ଅଚେତନା, ଇନ୍ଦ୍ରିୟଗତ ଜ୍ଞାନ ଓ ବୁଦ୍ଧିଗତ ଜ୍ଞାନ, ଅଜ୍ଞାନ, କ୍ରିୟାଶୀଳତା ଓ ନିଷ୍କ୍ରିୟତା ଏବଂ ସୁଖଦୁଃଖ ପ୍ରଭୃତି ଘଟଣା ସମ୍ଭବ ହୁଏ ।

ଶ୍ରୀଅରବିନ୍ଦ ସାଂଖ୍ୟ ଦର୍ଶନ କ'ଣ ତାହା ବୁଝାଇବାକୁ ଯାଇ କହନ୍ତି –

"Sankhya is the analysis, the enumeration, the separative and discriminative setting forth of the principles of our being of which the ordinary mind sees only the combinations and results of combination. It did not seek at all to synthetise. Its original standpoint is in fact dualistic,..."

(*Essays on the Gita*, p. 71)

ଅର୍ଥାତ୍ ''ଏହା ଆମ ସତ୍ତାର ତତ୍ତ୍ୱ ସମୂହକୁ ବିଶ୍ଳେଷଣ, ସଂଖ୍ୟାକରଣ ଓ ବିଭାଜନ ପଦ୍ଧତିଦ୍ୱାରା ଉପସ୍ଥାପିତ କରିଛି, କିନ୍ତୁ ସାଧାରଣ ମନ ଏସବୁକୁ କେବଳ ନାନା ସଂଯୋଗ ବା ସଂଯୋଗର ଫଳ ରୂପେ ଦେଖେ । ସାଂଖ୍ୟ କୌଣସି ସମନ୍ୱୟ ପାଇଁ ଆଦୌ ଚେଷ୍ଟା କରି ନାହିଁ । ଏହାର ମୂଳ ସିଦ୍ଧାନ୍ତ ବସ୍ତୁତଃ ଦ୍ୱୈତବାଦୀ,...''

ସାଂଖ୍ୟ ଜ୍ଞାନମାର୍ଗକୁ ଅନୁସରଣ କରିବା ବେଳେ ଯୋଗ କର୍ମକୁ ଅନୁସରଣ କରିଥାଏ । କର୍ମଯୋଗ ହେଲା ଯୋଗର ପ୍ରଥମ ତତ୍ତ୍ୱ । ଯୋଗର ଲକ୍ଷ୍ୟ ହେଲା ଆତ୍ମାର ଆବିଷ୍କାର ଏବଂ ଭଗବାନଙ୍କ ସହ ସାଯୁଜ୍ୟ ଲାଭ । ଏହା ପରମ ସତ୍ୟକୁ ଜୀବନରେ ବାସ୍ତବ ଭାବରେ ଉପଲବ୍ଧି ଓ ପ୍ରୟୋଗ କରିବାକୁ ଚାହେଁ । ମାତ୍ର ଏଥିପାଇଁ ତାହା ଏକ ଜ୍ଞାନଦୀପ୍ତ ଭକ୍ତି ଏବଂ ଶାନ୍ତ ଓ ଆବେଗମୟ ଆତ୍ମ-ସମର୍ପଣ ଆବଶ୍ୟକ କରିଥାଏ ।

ସତ୍ୟର ସାଧନା ଯେହେତୁ ଯୋଗର ଲକ୍ଷ୍ୟ, ଏଥିପାଇଁ ଜ୍ଞାନର ମଧ୍ୟ ପ୍ରୟୋଜନ ରହିଥାଏ, କାରଣ ଜ୍ଞାନହିଁ ଯଥାର୍ଥ ଦୃଷ୍ଟି ଦିଏ ।

ସାଂଖ୍ୟ ଦର୍ଶନରେ କୁହାଯାଇଛି ଯେ ପ୍ରକୃତି ତ୍ରିଗୁଣମୟୀ । ସତ୍ତ୍ୱ, ରଜଃ ଓ ତମଃ – ଏଇ ତିନୋଟି ମୂଳରୂପକୁ ନେଇ ପ୍ରକୃତି ଗଠିତ । ଅର୍ଥାତ୍ ଏଇ ତିନୋଟି ଭିନ୍ନ ଧାରାରେ ପ୍ରକୃତିର ଶକ୍ତି ନିୟୋଜିତ ହୋଇଥାଏ । ସତ୍ତ୍ୱର କାମ ହେଲା ସୌଷମ୍ୟ ସ୍ଥାପନ କରିବା, ଶକ୍ତିର ସଂରକ୍ଷଣ ଓ କ୍ରିୟାରେ ସମତା ରକ୍ଷା କରିବା । ଏହା ଜ୍ଞାନର ବୀଜ । ରଜଃର କାମ ହେଲା ଶକ୍ତିର କ୍ରିୟାକୁ ସୃଷ୍ଟି କରିବା । ଏହା ତେଜ ଓ କର୍ମର ବୀଜ । ଆଉ ତମଃର କାମ ହେଲା ଶକ୍ତିର କ୍ରିୟାକୁ ବିଲୟ ଦିଗରେ ନେଇଯିବା । ଏହା ଜଡ଼ତା ଓ ଅଜ୍ଞାନର ବୀଜ । ଯେତେବେଳେ ଏଇ ତିନିଗୁଣ ମଧ୍ୟରେ ସମ୍ପୂର୍ଣ୍ଣଭାବେ ସଂଗତି ଓ ସମତା ରହେ, ସେତେବେଳେ କୌଣସି ଗତି ବା ସୃଷ୍ଟି ବୋଲି କିଛି ନ ଥାଏ । ସବୁକିଛି ରହିଥାଏ ସ୍ଥିର ଓ ନିଃସ୍ପନ୍ଦ । ଯେହେତୁ ପ୍ରକୃତି ନୀରବ ଥାଏ, ତେଣୁ ସ୍ୱାଭାବିକ ଭାବେ ପୁରୁଷ ମଧ୍ୟ ନୀରବ ରହିଥାଏ । ମାତ୍ର ଯଦି କୌଣସି କାରଣରୁ ତ୍ରିଗୁଣର ସେହି ସାମ୍ୟାବସ୍ଥାରେ କିଛି ଆଲୋଡ଼ନ ସୃଷ୍ଟି ହୁଏ ତେବେ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୁଏ । ସେତେବେଳେ ସୃଷ୍ଟିର ଘଟଣାବଳୀ ପୁରୁଷ ଉପରେ ପ୍ରତିଫଳିତ ହୁଏ ଏବଂ ତାହା ସେତେଦିନ ପର୍ଯ୍ୟନ୍ତ ଚାଲେ ଯେତେଦିନ ପର୍ଯ୍ୟନ୍ତ ପୁରୁଷ ସାକ୍ଷୀ ହେବାର ସମ୍ମତିକୁ ପ୍ରତ୍ୟାହାର କରି ନ ନେଇଛି ।

ଗୀତାବର୍ଣ୍ଣିତ ପୁରୁଷ ସାଂଖ୍ୟର ପୁରୁଷଠାରୁ ଭିନ୍ନ । ସାଂଖ୍ୟର ପୁରୁଷ ହେଉଛନ୍ତି କେବଳ ଜଣେ ସାକ୍ଷୀ ଯିଏ ସେଇ ସାକ୍ଷୀ ଅବସ୍ଥାରେ ଥାଇ କ୍ରିୟାବଳୀକୁ ଅନୁମତି ପ୍ରଦାନ କରନ୍ତି । ସେ ଯଦି ସାକ୍ଷୀ ବା ଦ୍ରଷ୍ଟା ସ୍ୱରୂପରେ ନ ରହିବେ ତେବେ କୌଣସି ଗତି ସମ୍ଭବ ହେବ ନାହିଁ । ଅନ୍ୟପକ୍ଷରେ ଗୀତାର ପୁରୁଷ କେବଳ ସାକ୍ଷୀ ଓ ଅନୁମନ୍ତା ନୁହନ୍ତି, ସେ ଈଶ୍ୱର ମଧ୍ୟ ।

ସାଂଖ୍ୟ ମତରେ ଯେକୌଣସି କର୍ମ ତାହା ବାହ୍ୟ ହେଉ କି ଆଭ୍ୟନ୍ତରୀଣ ହେଉ, ପୁରୁଷ ଦ୍ୱାରା ସଂପାଦିତ ହୁଏ ନାହିଁ । ପୁରୁଷର କୌଣସି ସକ୍ରିୟ ଇଚ୍ଛା ବା କୌଣସି ସକ୍ରିୟ ବୁଦ୍ଧି ନାହିଁ । ତେଣୁ ଏହା ଏକାକୀ କେବେହେଲେ ବିଶ୍ୱସୃଷ୍ଟିର କାରଣ ହୋଇପାରିବ ନାହିଁ । ସାଂଖ୍ୟ କୁହେ ଯେ ପୁରୁଷ ଓ ପ୍ରକୃତି ଅର୍ଥାତ୍ ନିଷ୍କ୍ରିୟ ଚେତନା ଓ ସକ୍ରିୟ ଶକ୍ତି ଏଇ ଯୁଗ୍ମକାରଣ ଯୋଗୁଁହିଁ ସୃଷ୍ଟି ସମ୍ଭବ ହୋଇଛି ।

ଏଠାରେ ପ୍ରଶ୍ନ ଉଠେ, ଯଦି କେବଳ ପୁରୁଷ ଓ ପ୍ରକୃତି ରହିଛନ୍ତି ତେବେ ଚେତନା କେଉଁଠୁ ସୃଷ୍ଟି ହେଉଛି ? ସାକ୍ଷୀଭାବରେ ଦେଖିବା ବା ନ ଦେଖିବା ପାଇଁ ଯେଉଁ ସଚେତନ ଇଚ୍ଛାଶକ୍ତି ଆବଶ୍ୟକ ତାହା କେଉଁଠୁ ଉତ୍ପନ୍ନ ହେଉଛି ? ସାଂଖ୍ୟ କହେ ଏସବୁ ପ୍ରକୃତିର ଅଙ୍ଗ, ଆତ୍ମା ବା ପୁରୁଷର ଗୁଣଧର୍ମ ନୁହେଁ । ଏସବୁ ବୁଦ୍ଧିରହିଁ କ୍ରିୟା । ସାଂଖ୍ୟ ମତରେ ଜଗତରେ ଚବିଶଟି ତତ୍ତ୍ୱ କାର୍ଯ୍ୟ କରୁଛି । ବୁଦ୍ଧି ତନ୍ମଧ୍ୟରୁ ଗୋଟିଏ ତତ୍ତ୍ୱ । ତ୍ରିଗୁଣମୟୀ ପ୍ରକୃତି ଏହି ସୃଷ୍ଟିର ମୂଳ ଉପାଦାନ ରୂପେ ଅବ୍ୟକ୍ତ ଓ ଅଚେତନ ଅବସ୍ଥାରେ ରହିଥାଏ । ଏହାରି ଭିତରୁ ସୃଷ୍ଟି ହୁଏ ପାଞ୍ଚଟି ମୂଳ ଉପାଦାନ । ସେଗୁଡ଼ିକ ହେଲା – ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ । ପ୍ରାଚୀନଶାସ୍ତ୍ରରେ ଏଗୁଡ଼ିକୁ ପଞ୍ଚମହାଭୂତ ବୋଲି କୁହାଯାଇଛି । ପ୍ରକୃତରେ ଜଡ଼ ବିଜ୍ଞାନରେ ମୂଳ ଉପାଦାନ କହିଲେ ଯାହା ବୁଝାଏ ଏହି ପଞ୍ଚମହାଭୂତ ସେପରି ସ୍ଥୂଳ ଉପାଦାନ ନୁହନ୍ତି । ଏଗୁଡ଼ିକ ଜଡ଼ଶକ୍ତିର ପାଞ୍ଚଟି ସୂକ୍ଷ୍ମ ଅବସ୍ଥା ମାତ୍ର । ଜଗତର ସମସ୍ତ ବସ୍ତୁ ଏହି ପାଞ୍ଚଟି ସୂକ୍ଷ୍ମ ଉପାଦାନକୁ ନେଇ ଗଠିତ । ଏହି ପଞ୍ଚମହାଭୂତ ମଧ୍ୟରୁ ପ୍ରତ୍ୟେକଟି ହେଉଛି ଜଡ଼ଶକ୍ତିର ଗୋଟିଏ ଲେଖାଏଁ ସୂକ୍ଷ୍ମଗୁଣର ଆଧାର ଯାହାକୁ ଶାସ୍ତ୍ରରେ ତନ୍ମାତ୍ରା (sense-relation ବା ଇନ୍ଦ୍ରିୟଗୋଚର ବିଷୟ) କୁହାଯାଏ । ସେଗୁଡ଼ିକ ହେଲା – ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ । ଏଗୁଡ଼ିକ ଦ୍ୱାରା ମନ ବସ୍ତୁଗୁଡ଼ିକ ସମ୍ପର୍କରେ ଜ୍ଞାନଲାଭ କରେ । ମୂଳ ପ୍ରକୃତିରୁ ଉତ୍ପନ୍ନ ହୋଇଥିବା ପଞ୍ଚ ମହାଭୂତ ଓ ପଞ୍ଚ ତନ୍ମାତ୍ରା – ଏଇ ଦଶଟି ତତ୍ତ୍ୱ ବିଶ୍ୱପ୍ରକୃତିର ବାହ୍ୟଜଗତ୍ (objective aspect of cosmic energy)କୁ ସୃଷ୍ଟି କରିଛି ।

ଅନ୍ୟ ତେରଗୋଟି ତତ୍ତ୍ୱ ବିଶ୍ୱପ୍ରକୃତିର ଅନ୍ତର୍ଜଗତ୍ (subjective aspect of cosmic energy)କୁ ଗଠନ କରିଛି । ସେଗୁଡ଼ିକ ହେଲା – ବୁଦ୍ଧି ବା ମହତ୍, ଅହଙ୍କାର, ମନ, ପଞ୍ଚ ଜ୍ଞାନେନ୍ଦ୍ରିୟ (ଚକ୍ଷୁ, ନାସା, କର୍ଣ୍ଣ, ଜିହ୍ୱା ଓ ଚର୍ମ) ଓ ପଞ୍ଚ କର୍ମେନ୍ଦ୍ରିୟ (ହସ୍ତ, ପାଦ, ବାକ୍, ପାୟୁ ଓ ଉପସ୍ଥ) । ମନ ହେଉଛି ମୂଳ ଇନ୍ଦ୍ରିୟ ଯାହା ସମସ୍ତ ବାହ୍ୟ ବସ୍ତୁକୁ ପ୍ରତ୍ୟକ୍ଷ କରେ ଏବଂ ସେମାନଙ୍କ ଉପରେ କାର୍ଯ୍ୟ କରେ । ମନର କ୍ରିୟା ଦୁଇ ପ୍ରକାରର – ବହିର୍ମୁଖୀ ଓ ଅନ୍ତର୍ମୁଖୀ । ମନ ପଞ୍ଚ ଜ୍ଞାନେନ୍ଦ୍ରିୟ ଦ୍ୱାରା ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧକୁ ଗ୍ରହଣ କରେ । ଏହା ପୁଣି ପଞ୍ଚ କର୍ମେନ୍ଦ୍ରିୟ ଦ୍ୱାରା ପ୍ରାଣର ଆବଶ୍ୟକୀୟ ପ୍ରକ୍ରିୟାକୁ ସମ୍ପାଦନ କରେ ଯଥା : ବାଣୀ ଉଚ୍ଚାରଣ, ଗମନ, ବସ୍ତୁର ଧାରଣ, ତ୍ୟାଗ ଓ ଉତ୍ପାଦନ ଆଦି ପ୍ରକ୍ରିୟା । ବୁଦ୍ଧି ହେଉଛି

ବିଚାରତତ୍ତ୍ୱ (discriminating principle) ଯାହାର ଦୁଇ ପ୍ରକାର ଶକ୍ତି ରହିଛି ଯଥା : ବୋଧଶକ୍ତି (intelligence) ଏବଂ ଇଚ୍ଛାଶକ୍ତି (will)। ବୁଦ୍ଧିର କାମ ହେଲା ବିଚାର କରିବା ଏବଂ ବସ୍ତୁଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଓ ସାମଞ୍ଜସ୍ୟ ନିର୍ଣ୍ଣୟ କରିବା। ଅହଙ୍କାର ହେଉଛି 'ମୁଁ' ଭାବ, ଏହା ବୁଦ୍ଧିର ଆନ୍ତର ତତ୍ତ୍ୱ, ଯାହା ଦ୍ୱାରା ପୁରୁଷ ନିଜକୁ ପ୍ରକୃତି ସହିତ ଏକ ବୋଲି ଭାବେ ଏବଂ ପ୍ରକୃତିର କାର୍ଯ୍ୟାବଳୀକୁ ନିଜର କାର୍ଯ୍ୟାବଳୀ ବୋଲି ଭାବେ। ପ୍ରକୃତିର ବାହ୍ୟ କ୍ରିୟା ଯେପରି ଜଡ଼ ନିଶ୍ଚେତନ ଶକ୍ତିର ଅନ୍ତର୍ଗତ, ସେହିପରି ମନ, ବୁଦ୍ଧି ଓ ଅହଙ୍କାର ଆନ୍ତରତତ୍ତ୍ୱ ହେଲେ ମଧ୍ୟ ନିଶ୍ଚେତନ ଜଡ଼ଶକ୍ତିର ଅନ୍ତର୍ଗତ।

ଅଚେତନ ଜଡ଼ କିପରି ଚେତନାର ରୂପ ନେଉଛି ତାହା ସାଂଖ୍ୟ ବ୍ୟାଖ୍ୟା କରିଛି। ଏହାର ମତରେ ପୁରୁଷ ଭିତରେ ପ୍ରକୃତି ପ୍ରତିବିମ୍ବିତ ହେବା ଫଳରେହିଁ ଏପରି ହେଉଛି। ଚିନ୍ତା, ଅନୁଭୂତି, ଇଚ୍ଛା ଓ କର୍ମ ଆଦି ସମସ୍ତ ବିଷୟ ପ୍ରକୃତି ଓ ତାହାର ତ୍ରିଗୁଣ ଦ୍ୱାରା ସମ୍ପନ୍ନ ହେଉଥିଲେ ମଧ୍ୟ ପୁରୁଷ ମନେ କରେ ଯେ ଏସବୁ ସେ ନିଜେ କରୁଛି। ଆତ୍ମାର ମୁକ୍ତିଲାଭ ପାଇଁ ଏହି ଭ୍ରମରୁ ମୁକ୍ତ ହେବା ଏକାନ୍ତ ଆବଶ୍ୟକ।

ଯଦିଓ ସାଂଖ୍ୟ ଜଗତର ଅନେକ ବିଷୟରେ ସନ୍ତୋଷଜନକ ବ୍ୟାଖ୍ୟା ଦେଇ ନାହିଁ ତଥାପି ମୋଟାମୋଟି ଭାବେ ସୃଷ୍ଟି ପ୍ରକ୍ରିୟା ଓ ବିଶ୍ୱଗତ ପ୍ରକ୍ରିୟାଗୁଡ଼ିକ ସମ୍ପର୍କରେ ଏହାର ବ୍ୟାଖ୍ୟା ଏକ ପ୍ରକାର ଯୁକ୍ତିସଙ୍ଗତ ମନେ ହୁଏ ଏବଂ ଆତ୍ମାର ମୁକ୍ତିଲାଭ ଦିଗରେ ତାହା ସହାୟକ ହୋଇପାରିବ। କିନ୍ତୁ ଗୋଟିଏ କଥା ବୁଝିବାକୁ ପ୍ରଥମେ କଷ୍ଟକର ହୁଏ ଯେ ପୁରୁଷ ଓ ପ୍ରକୃତିର ଏହି ଦ୍ୱୈତବାଦୀ ସିଦ୍ଧାନ୍ତ ଭିତରକୁ ବହୁତ୍ୱବାଦର ତତ୍ତ୍ୱ (pluralism) କାହିଁକି ଚାଲି ଆସିଲା। କାରଣ ଏପରି ମନେ ହୁଏ ଯେ ଗୋଟିଏ ପୁରୁଷ ଓ ଗୋଟିଏ ପ୍ରକୃତିର ତତ୍ତ୍ୱକୁ ଗ୍ରହଣ କଲେ ତ ବିଶ୍ୱର ସୃଷ୍ଟି ଓ କ୍ରିୟାପ୍ରକ୍ରିୟାକୁ ବ୍ୟାଖ୍ୟା କରାଯାଇ ପାରିଥା'ନ୍ତା। ମାତ୍ର ସାଂଖ୍ୟରେ ଗୋଟିଏ ପ୍ରକୃତି ଓ ଅନେକ ପୁରୁଷଙ୍କ କଥା କୁହାଯାଇଛି। ବିଶ୍ୱତତ୍ତ୍ୱଗୁଡ଼ିକୁ ନିରୀକ୍ଷଣ କରିବାକୁ ଯାଇ କଠୋର ବିଶ୍ଳେଷଣାତ୍ମକ ପଦ୍ଧତି ଅନୁସରଣ କରିବା ଯୋଗୁଁ ବହୁତ୍ୱବାଦ ତତ୍ତ୍ୱର ଆବଶ୍ୟକତା ପଡ଼ିଲା। ଜଗତରେ ଅସଂଖ୍ୟ ସଚେତନ ସତ୍ତା ରହିଛନ୍ତି। ସମସ୍ତଙ୍କର ଅନୁଭୂତି, ଦୃଷ୍ଟିଭଙ୍ଗୀ, ଆନ୍ତର ପ୍ରକ୍ରିୟା ଓ ବାହ୍ୟ ପ୍ରକ୍ରିୟା ଭିନ୍ନ ଭିନ୍ନ। ଯଦି ଜଗତରେ ମାତ୍ର ଗୋଟିଏ ପୁରୁଷ ଥାଆନ୍ତା ତେବେ ଏହି ପାର୍ଥକ୍ୟ ରହି ନ ଥାଆନ୍ତା ଏବଂ ସମସ୍ତେ ଜଗତକୁ ଏକହିଁ ରୂପରେ ଦେଖନ୍ତେ ବା ଅନୁଭବ କରନ୍ତେ। ସଚେତନ ସତ୍ତାମାନଙ୍କ ମଧ୍ୟରେ ଭିନ୍ନତା ଥିବା ଯୋଗୁଁ ବହୁତ୍ୱବାଦର ତତ୍ତ୍ୱଟି ପ୍ରୟୋଜନ ହେଲା, କାରଣ ତା' ନହେଲେ ବିଶ୍ୱପ୍ରକ୍ରିୟାକୁ ବ୍ୟାଖ୍ୟା କରାଯାଇପାରିବ ନାହିଁ।

ସାଂଖ୍ୟ ଦର୍ଶନର ଗୋଟିଏ ପ୍ରକୃତି, ତିନୋଟି ଗୁଣ, ଚବିଶଟି ବିଶ୍ୱଗତ ତତ୍ତ୍ୱ ଏବଂ ଏକ ନିଷ୍କ୍ରିୟ ସାକ୍ଷୀ ପୁରୁଷର ତତ୍ତ୍ୱକୁ ଗୀତା ଗ୍ରହଣ କରିଛି, ମାତ୍ର ଏହା ସାଂଖ୍ୟ ମତକୁ ଅତିକ୍ରମ କରିଯାଇଛି। ଗୀତା କହିବାକୁ ଚାହେଁ ଯେ ଅନେକ ସଚେତନ ସତ୍ତା ଥାଇପାରନ୍ତି, ମାତ୍ର ସମସ୍ତଙ୍କୁ ଧାରଣ ଓ ପରିଚାଳନା କରୁଥିବା ଜଣେ ପରମ ଆତ୍ମା (Self) ରହିଛନ୍ତି। ସମଗ୍ର ବିଶ୍ୱରେ ଏକହିଁ ପରମ ଆତ୍ମା ବିରାଜମାନ। ଗୀତା ଆଉ ଏକ ନୂତନ ତତ୍ତ୍ୱ ସଂଯୋଗ କରିଛି, ତାହା ହେଲା ଯେଉଁ ପୁରୁଷ ସାକ୍ଷୀ ଏବଂ ଅନୁମନ୍ତା ରୂପେ ରହିଛନ୍ତି, ସେ ପୁଣି ପ୍ରକୃତିର ପ୍ରଭୁ ଓ ଈଶ୍ୱର। ତାଙ୍କୁ ପୁରୁଷୋତ୍ତମ ବୋଲି କୁହାଯାଇଛି ଯିଏ କି ସକଳ ବସ୍ତୁର ଆଦି ଉତ୍ସ, ଆଦି କାରଣ ଓ ପରମ ନିୟନ୍ତା।

ଗୀତା କେବଳ ନିଷ୍କ୍ରିୟ ପୁରୁଷର କଥା କହି ନାହିଁ, ଏହା ସକ୍ରିୟ ପୁରୁଷର କଥା ମଧ୍ୟ କହିଛି। ପୁରୁଷ ଯେକୌଣସି କର୍ମକୁ ପ୍ରାରମ୍ଭ କରିବା ପାଇଁ ସମର୍ଥ। ସାଂଖ୍ୟ କିନ୍ତୁ ଏହି ମତକୁ ସ୍ୱୀକାର କରେ ନାହିଁ। ଗୀତାର ଦୃଷ୍ଟିରେ ଚୈତନ୍ୟମୟ ଆତ୍ମା ନିଷ୍କ୍ରିୟ ଓ ସକ୍ରିୟ ଏହି ଦ୍ୱୈତ ଅବସ୍ଥାରେ ଅବସ୍ଥାନ କରିପାରେ। ଏ ଦୁଇଟି ଅବସ୍ଥା ପୂର୍ବ-ପର ହୋଇ ରହି ନଥାଏ, ବରଂ ଏ ଦୁଇଟି ସମକାଳୀନ ଅବସ୍ଥା। ବାହ୍ୟସ୍ତରରେ ପୁରୁଷ ସକ୍ରିୟ ହୋଇଥାଇପାରେ, ମାତ୍ର ଏକ ଗଭୀର ସ୍ତରରେ ସେଇ ପୁରୁଷ ନୀରବ ଦ୍ରଷ୍ଟା ଓ ସାକ୍ଷୀ ହୋଇ ରହିପାରେ।

ଗୀତା ପୁରୁଷ ଓ ପ୍ରକୃତିର ସମ୍ବନ୍ଧକୁ ବିଶ୍ଳେଷଣ କଲାବେଳେ ବୈଦାନ୍ତିକ ଯୋଗ-ଦର୍ଶନର ଅନୁସରଣ କରିଛି। ଏହା ତିନୋଟି ପୁରୁଷ ବା ପୁରୁଷର ତିନୋଟି ଅବସ୍ଥା ବିଷୟରେ କହିଛି। ଉପନିଷଦର ଗୋଟିଏ ସ୍ଥାନରେ କେବଳ ଦୁଇଟି ପୁରୁଷ ବିଷୟରେ ଉଲ୍ଲେଖ କରାଯାଇଛି। ସେଥିରେ କୁହାଯାଇଛି ଦୁଇଟି ଅଜପୁରୁଷ (unborn) ଅଛନ୍ତି, ତନ୍ମଧ୍ୟରୁ ଜଣେ ପ୍ରକୃତିକୁ ଉପଭୋଗ କରୁଛି ଏବଂ ଅନ୍ୟ ଜଣେ ପ୍ରକୃତିକୁ ପରିତ୍ୟାଗ କରିଛି, କାରଣ ସେ ପ୍ରକୃତିର ସକଳ ବସ୍ତୁ ଭୋଗ କରିସାରିଛି। ଉପନିଷଦର ଅନ୍ୟ ଏକ ଶ୍ଳୋକରେ ବର୍ଣ୍ଣନା ଅଛି ଦୁଇଟି ପକ୍ଷୀ ପରସ୍ପରର ସାଙ୍ଗ ହୋଇ ଏକ ବୃକ୍ଷରେ ବସିଛନ୍ତି। ଗୋଟିଏ ପକ୍ଷୀ ଫଳ ଭକ୍ଷଣ କରୁଛି ଏବଂ ଅନ୍ୟଟି କିଛି ଭକ୍ଷଣ ନ କରି

ନୀରବ ସାକ୍ଷୀ ଭାବରେ ତା'ର ସାଙ୍ଗଟିକୁ ଚାହିଁ ରହିଛି । ଯେତେବେଳେ ଭକ୍ଷଣକାରୀ ପକ୍ଷୀଟି ସାକ୍ଷୀଭାବରେ ଥିବା ପକ୍ଷୀକୁ ଦେଖି ଦେଉଛି ସେ ଜାଣିପାରୁଛି ଏ ସମସ୍ତ ମହିମା ତାହାରହିଁ ମହିମା, ସେତେବେଳେ ସେ ଦୁଃଖରୁ ମୁକ୍ତ ହୋଇଯାଉଛି । ଶ୍ଳୋକ ଦୁଇଟିର ଏକ ସାଧାରଣ ତାତ୍ପର୍ଯ୍ୟ ରହିଛି । ଏହା ଦର୍ଶାଉଛି ଦୁଇ ପ୍ରକାର ପୁରୁଷ ଅଛନ୍ତି – ଜଣେ ନୀରବ, ନିଶ୍ଚଳ ଓ ମୁକ୍ତ, ସକଳ ବିଶ୍ୱବ୍ରହ୍ମାଣ୍ଡ ତା'ର ଏକ ବିସ୍ତାର, କିନ୍ତୁ ସେ ସେଥିରୁ ପୃଥକ୍ ଓ ନିର୍ଲିପ୍ତ ହୋଇରହିଛି, ଏବଂ ଆଉ ଜଣେ ପ୍ରକୃତିର କ୍ରିୟାବଳୀରେ ଲିପ୍ତ । ପ୍ରଥମ ଶ୍ଳୋକରେ ଗୋଟିଏ ପୁରୁଷର ଦୁଇଟି ଭିନ୍ନ ଅବସ୍ଥା ସୂଚିତ ହୋଇଛି – ବଦ୍ଧ ଅବସ୍ଥା ଓ ମୁକ୍ତ ଅବସ୍ଥା । ଦ୍ୱିତୀୟ ଶ୍ଳୋକର ନିହିତାର୍ଥ ହେଲା ଏକହିଁ ଆତ୍ମା ତା'ର ଏକତ୍ୱର ଉଚ୍ଚତର ଅବସ୍ଥାରେ ମୁକ୍ତ, ନିଷ୍କ୍ରିୟ ଓ ଅନାସକ୍ତ ଭାବରେ ରହିଥାଏ, ମାତ୍ର ତା'ର ନିମ୍ନ ଅବସ୍ଥାରେ ପ୍ରକୃତିର ବହୁତ୍ୱ ଭିତରକୁ ଓହ୍ଲାଇ ଆସେ ଏବଂ କୌଣସି ବ୍ୟକ୍ତି-ଜୀବ ଭିତରେ ଏହା ଏକ ଓଲଟ ପ୍ରକ୍ରିୟା ଦ୍ୱାରା ପ୍ରକୃତି ଭିତରୁ ନିଜକୁ ପ୍ରତ୍ୟାହାର କରି ପୁଣି ନିଜ ଉଚ୍ଚ ଅବସ୍ଥାକୁ ଫେରିଯାଏ ।

ଗୀତାର ବିଶେଷତ୍ୱ ହେଲା ଏହା ତିନୋଟି ପୁରୁଷ ବିଷୟରେ ଉଲ୍ଲେଖ କରିଛି, ଯଥା : କ୍ଷର, ଅକ୍ଷର ଓ ଉତ୍ତମ । ପ୍ରକୃତରେ ଏହା ଏକହିଁ ପୁରୁଷର ତିନୋଟି ଅବସ୍ଥା ବା ସ୍ତର (status) । କ୍ଷର ପୁରୁଷ ହେଉଛି ସଚଳ, ଏହାର ସ୍ୱଭାବ ପରିବର୍ତ୍ତନଶୀଳ । ଏହା ଜୀବର ବହୁବିଧ ସମ୍ଭୂତି ବା ଭାଗବତ ସତ୍ତାର ବହୁତ୍ୱକୁ ବୁଝାଏ । ଏହି ଅବସ୍ଥାରେ ପ୍ରକୃତି ଭିତରେ ପୁରୁଷ ଲିପ୍ତ ହୋଇ ରହିଥାଏ । ଅକ୍ଷର ହେଉଛି ଅଚଳ, ଅପରିବର୍ତ୍ତନୀୟ, ନୀରବ ଓ ନିଷ୍କ୍ରିୟ ସତ୍ତା । ଏହା ଭାଗବତ ସତ୍ତାର ଏକତ୍ୱର ଅବସ୍ଥା । ଅକ୍ଷର ପୁରୁଷ ପ୍ରକୃତିର କୌଣସି ଗତିବୃତ୍ତିରେ ଜଡ଼ିତ ହୋଇ ନଥାଏ । ଏହା ପ୍ରକୃତିର ସାକ୍ଷୀରୂପେ ମୁକ୍ତ ଅବସ୍ଥାରେ ଥାଏ । ଉତ୍ତମପୁରୁଷ (ବା ପୁରୁଷୋତ୍ତମ) ହେଉଛନ୍ତି ପରମେଶ୍ୱର, ପରମ ବ୍ରହ୍ମ । ସେ ଉଭୟ କ୍ଷର ଓ ଅକ୍ଷରର ଊର୍ଦ୍ଧ୍ୱରେ ଥା'ନ୍ତି । ସେ ଉଭୟ ଏକତ୍ୱ ଓ ବହୁତ୍ୱକୁ ଧାରଣ କରିଥା'ନ୍ତି । ସେ ନିଜର ଦିବ୍ୟଶକ୍ତି ଓ ସଂକଳ୍ପ ଦ୍ୱାରା ନିଜକୁ ସଂସାରରେ ଅଭିବ୍ୟକ୍ତ କରିଛନ୍ତି ତଥା ନିଜ ସତ୍ତାର ବୃହତ୍ତର ନିଶ୍ଚଳତା ଦ୍ୱାରା ସେଥିରୁ ସ୍ୱତନ୍ତ୍ର ଓ ନିର୍ଲିପ୍ତ ହୋଇ ରହିଛନ୍ତି । ଆଧ୍ୟାତ୍ମିକତାକୁ ଗୀତାର ଏକ ବିଶେଷ ଅବଦାନ ହେଉଛି ଏହି ପୁରୁଷୋତ୍ତମ ତତ୍ତ୍ୱ । ଏହା ପରବର୍ତ୍ତୀ ଯୁଗରେ ଭାରତୀୟ ଧର୍ମଚେତନା ଉପରେ ଶକ୍ତିଶାଳୀ ପ୍ରଭାବ ପକାଇଛି । ସର୍ବୋତ୍ତମ ଭକ୍ତିଯୋଗର ଏହା ହେଉଛି ଭିତ୍ତି । ଏହି ପୁରୁଷୋତ୍ତମ ତତ୍ତ୍ୱକୁ ଉପଜୀବ୍ୟ କରି ଭକ୍ତିପ୍ରଧାନ ପୁରାଣସବୁ ରଚିତ ହୋଇଛି ।

ପ୍ରକୃତି ସମ୍ପର୍କରେ ମଧ୍ୟ ଗୀତାର ବ୍ୟାଖ୍ୟା ସାଂଖ୍ୟମତଠାରୁ ଭିନ୍ନ ଅଟେ । ଗୀତା ଅନୁସାରେ ପ୍ରକୃତି ମଧ୍ୟ ଦୁଇ ପ୍ରକାର ଯଥା : ପରାପ୍ରକୃତି ବା ଉଚ୍ଚତର ପ୍ରକୃତି ଏବଂ ଅପରାପ୍ରକୃତି ବା ନିମ୍ନତର ପ୍ରକୃତି । ସାଂଖ୍ୟ କେବଳ ନିମ୍ନତର ପ୍ରକୃତି ବିଷୟରେ ଉଲ୍ଲେଖ କରିଛି । ଗୀତା ମତରେ ଏକ ଉଚ୍ଚତର ପ୍ରକୃତି ମଧ୍ୟ ରହିଛି ଯାହା ସକଳ ଅଜ୍ଞାନର ଊର୍ଦ୍ଧ୍ୱରେ ରହିଛି । ନିମ୍ନତର ପ୍ରକୃତିରେ ବ୍ୟକ୍ତିସତ୍ତା ନିଜକୁ ଅହଂ ରୂପରେ ବ୍ୟକ୍ତ କରୁଥିବା ବେଳେ ଉଚ୍ଚତର ପ୍ରକୃତିରେ ତାହା ନିଜକୁ ପୁରୁଷ ବା ଆତ୍ମା ରୂପରେ ବ୍ୟକ୍ତ କରେ ।

ସାଂଖ୍ୟର ବିଶ୍ଳେଷଣ ଅନୁସାରେ ପ୍ରକୃତି ଭିତରେ କେବଳ ଅହଂବୋଧର ସ୍ଥାନ ଅଛି, କିନ୍ତୁ ବହୁ ପୁରୁଷର ସ୍ଥାନ ନାହିଁ । କାରଣ ପୁରୁଷ ପ୍ରକୃତି ଭିତରେ ଅନ୍ତର୍ଭୁକ୍ତ ହୋଇ ନଥାଏ, ତାହା ପ୍ରକୃତିଠାରୁ ସ୍ୱତନ୍ତ୍ର ହୋଇ ରହିଥାଏ । ଅପର ପକ୍ଷେ ଗୀତା କହେ ଈଶ୍ୱର ପ୍ରକୃତି ଦ୍ୱାରା ଜୀବରେ ପରିଣତ ହୋଇଛନ୍ତି – ''ପରାପ୍ରକୃତିର୍ଜୀବଭୂତା'' । ଆତ୍ମାର ମୂଳ ସ୍ୱଭାବ ହେଲା ଉଚ୍ଚତର ପ୍ରକୃତି । ଅହଂ ଆମ ଅସ୍ତିତ୍ୱର ପ୍ରକୃତ ସତ୍ୟ ନୁହେଁ । ଆମକୁ ନିମ୍ନତର ପ୍ରକୃତିକୁ ଅତିକ୍ରମ କରି ଉଚ୍ଚତର ପ୍ରକୃତିକୁ ଧାରଣ କରିବାକୁ ହେବ । ତାହା ହେଲେ ଆମେ ଅହଂ ସ୍ଥାନରେ ଆତ୍ମାକୁହିଁ ନିଜର ଅସଲ ସତ୍ତା ରୂପେ ଉପଲବ୍ଧି କରିପାରିବା ।

ସାଂଖ୍ୟରେ ତ୍ରିଗୁଣାତ୍ମିକା ପ୍ରକୃତିର ବାହ୍ୟ କାର୍ଯ୍ୟାବଳୀ ସମ୍ପର୍କରେ ଯାହା କୁହାଯାଇଛି ତାହା ନିର୍ଭୁଲ ଅଟେ । ପୁରୁଷ ଓ ପ୍ରକୃତିର ଯେଉଁ ସମ୍ବନ୍ଧ ନିର୍ଣ୍ଣୟ କରାଯାଇଛି ତାହା ମଧ୍ୟ ଠିକ୍, କାରଣ ପ୍ରବୃତ୍ତି ଓ ନିବୃତ୍ତିର କ୍ରିୟାରେ ଏହାର ଖୁବ୍ ବ୍ୟାବହାରିକ ଉପଯୋଗିତା ରହିଛି । କିନ୍ତୁ ଏଠାରେ କେବଳ ନିମ୍ନତର ପ୍ରକୃତି ବା ଅପରାପ୍ରକୃତି ବିଷୟରେହିଁ କୁହାଗଲା, ଯାହା ତ୍ରିଗୁଣମୟୀ, ନିଶ୍ଚେତନ ଓ ବାହ୍ୟ । ଗୀତା ଆଗକୁ ଯାଇ ଆମକୁ ଉଚ୍ଚତର ପ୍ରକୃତି ବା ପରା-ପ୍ରକୃତି ବିଷୟରେ କହୁଛି ଯାହା ପରମା, ଚୈତନ୍ୟମୟୀ ଏକ ଦିବ୍ୟ-ପ୍ରକୃତି । ଏହି ଦିବ୍ୟ-ପ୍ରକୃତିହିଁ ବ୍ୟଷ୍ଟି-ଆତ୍ମା ବା ଜୀବରେ ପରିଣତ ହୋଇଛନ୍ତି । ଆମକୁ ମନେ ରଖିବାକୁ ହେବ ଯେ ନିମ୍ନପ୍ରକୃତିର ଜଗତରେ ଯେଉଁ ବହୁତ୍ୱ ରହିଛି ତାହା

ସେହି ପରମ ଏକଙ୍କର ଦିବ୍ୟ-ପ୍ରକୃତିରହିଁ ଅନ୍ତର୍ଭୁକ୍ତ । ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି — ''ମମୈବାଂଶଃ'', ଅର୍ଥାତ୍ ଏହି ବ୍ୟଷ୍ଟି ଆତ୍ମା ହେଉଛି ସ୍ୱୟଂ ମୁଁ, ସୃଷ୍ଟିରେ ଏହା ମୋର ଆଂଶିକ ଅଭିବ୍ୟକ୍ତି । କିନ୍ତୁ ଏହି ଅଂଶରେ ମୋର ସମସ୍ତ ଶକ୍ତି ରହିଛି, ଏ ହିଁ ସାକ୍ଷୀ, ଅନୁମନ୍ତା, ଭର୍ତ୍ତା, ଜ୍ଞାତା ଓ ଈଶ୍ୱର ।

ଯେହେତୁ ଦିବ୍ୟପ୍ରକୃତିହିଁ ନିମ୍ନପ୍ରକୃତି ମଧ୍ୟକୁ ଅବତରଣ କରି ଆସିଛି, ତେଣୁ ବ୍ୟଷ୍ଟି-ଆତ୍ମାର ଏହି ସାମର୍ଥ୍ୟ ଅଛି ଯେ ସେ ସାମୟିକ ଭାବରେ ନିମ୍ନପ୍ରକୃତିର କର୍ମ ମଧ୍ୟରେ ଲିପ୍ତ ହୋଇଥିଲେ ମଧ୍ୟ ସାଧନା ଦ୍ୱାରା ସେଥିରୁ ନିବୃତ୍ତ ହୋଇ ନିଜକୁ ମୁକ୍ତ, ନିଷ୍କ୍ରିୟ ପୁରୁଷ ବୋଲି ଜାଣିପାରିବ । ବର୍ତ୍ତମାନ ସେ ନିମ୍ନ-ପ୍ରକୃତିକୁ ଭୋଗ କରୁଛି, ମାତ୍ର ଭକ୍ତି ଓ ସାଧନା ଦ୍ୱାରା ସେ ଦିନେ ପୁରୁଷୋତ୍ତମଙ୍କ ସହିତ ଯୁକ୍ତ ହୋଇ ଦିବ୍ୟ-ପ୍ରକୃତିକୁ ଭୋଗ କରିବ । ଆତ୍ମା-ପୁରୁଷ ଉଭୟ ସକ୍ରିୟ ଓ ନିଷ୍କ୍ରିୟ ସ୍ଥିତିରେ ରହିପାରେ ଏବଂ ଏ ଦୁଇ ସ୍ଥିତିକୁ ଅତିକ୍ରମ କରି ପୁରୁଷୋତ୍ତମ ସ୍ଥିତିରେ ମଧ୍ୟ ଅଧିଷ୍ଠିତ ହୋଇପାରେ ।

ଗୀତା ଏହି ବିଭିନ୍ନ ତତ୍ତ୍ୱକୁ ବ୍ୟାଖ୍ୟା କରିବାକୁ ଯାଇ ଜ୍ଞାନ, ଭକ୍ତି ଓ କର୍ମର ସମନ୍ୱୟ ସାଧନ କରିଛି । ଏହା ବାହ୍ୟ ସୃଷ୍ଟି ତତ୍ତ୍ୱରେ ନିଜକୁ ସୀମିତ ନକରି ଚୈତନ୍ୟମୟୀ ପରାପ୍ରକୃତିର ଗୂଢ଼ ରହସ୍ୟ ବା ''ଉତ୍ତମଂ ରହସ୍ୟମ୍''କୁ ଉଦ୍‌ଘାଟିତ କରିଛି । ଫଳରେ ଏହା ବେଦାନ୍ତ, ସାଂଖ୍ୟ ଓ ଯୋଗର ସମନ୍ୱୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି । କେବଳ ଶୁଦ୍ଧ ସାଂଖ୍ୟକୁ ଗ୍ରହଣ କଲେ ଆମେ କର୍ମ ଓ ମୁକ୍ତି ମଧ୍ୟରେ ସମନ୍ୱୟ ରକ୍ଷା କରିପାରିବା ନାହିଁ । ସେହିପରି ଯଦି କେବଳ ବିଶୁଦ୍ଧ ଅଦ୍ୱୈତବାଦକୁ ଆଶ୍ରୟ କରିବା ତେବେ କର୍ମକୁ ଯୋଗର ଅଙ୍ଗ ରୂପେ ସ୍ଥାୟୀଭାବେ ସମ୍ପାଦନ କରିପାରିବା ନାହିଁ । ସେପରି ହେଲେ ପୂର୍ଣ୍ଣଜ୍ଞାନ, ମୁକ୍ତି ଓ ସାଯୁଜ୍ୟ ଲାଭ ପରେ ମଧ୍ୟ ଭକ୍ତିରେ ଲିପ୍ତ ରହିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇଯିବ । କିନ୍ତୁ ଗୀତାର ସମନ୍ୱୟଧର୍ମୀ ଦର୍ଶନ ସାଂଖ୍ୟ ଓ ଯୋଗର ଏହି ବାଧାସବୁ ଦୂର କରିପାରିଛି ଏବଂ ଏ ଦୁଇଟିକୁ ଏକ ବଳିଷ୍ଠ ଭିତ୍ତି ଓ ସାର୍ଥକତା ପ୍ରଦାନ କରିଛି ।

(କ୍ରମଶଃ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: office@ayurlabsindia.com

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୭୩)

### 'ସିଦ୍ଧି ଦିବସ'ର ପୂର୍ବ ସେ ମୁହୂର୍ତ୍ତ :

ନଳିନୀଙ୍କର 'ସ୍ମୃତିର ପାତା'ରୁ : ''୨୪ ନଭେମ୍ବର ୧୯୨୬ର କିଛି ଦିନ ପୂର୍ବରୁହିଁ ଶ୍ରୀଅରବିନ୍ଦ କ୍ରମଶଃ ଅନ୍ତର୍ମୁଖୀ ହୋଇ ଉଠୁଥିଲେ – ବାହାର ଦିଗରୁ ବି ଅର୍ଥାତ୍ ଆମମାନଙ୍କଠାରେ ଯେଉଁ ଚିହ୍ନଟି ପ୍ରତ୍ୟକ୍ଷ ହୋଇ ଉଠୁଥିଲା, ସେଇଟି ହେଉଛି ତାଙ୍କର ମଧ୍ୟାହ୍ନ ଭୋଜନର ସମୟ କ୍ରମଶଃ ବିଳମ୍ବ ହୋଇ ଉପରଓଳି ଆଡ଼କୁ ଗଡ଼ିଯାଉଥିଲା । ଆମମାନଙ୍କର ଭୋଜନ ଏକସଙ୍ଗେ ହେଉଥିଲା, ଶ୍ରୀମା ବି ଆମମାନଙ୍କ ସହିତ ଭୋଜନ କରୁଥିଲେ – ଲାଇବ୍ରେରି ହାଉସରେ, ପରେ ଯେଉଁ ଘରେ ରବୀନ୍ଦ୍ରର 'ଫ୍ରୁଟ୍ ରୁମ୍' ଥିଲା (ଏବେ ନାହିଁ) । ଲାଇବ୍ରେରି ହାଉସରେ ଆମେ ଆଠ ଦଶ ଜଣ ଥିଲୁ ।* ୨୩ ନଭେମ୍ବରରେ ଶ୍ରୀଅରବିନ୍ଦ ତାଙ୍କର ମଧ୍ୟାହ୍ନ ଭୋଜନ କରିବାକୁ ଉପରଓଳି ଚାରିଟା ପରେ ତଳକୁ ଓହ୍ଲାଇ ଆସିଥିଲେ । ଆମେ ସମସ୍ତେ ତାଙ୍କ ସକାଶେ ଅପେକ୍ଷା କରି ବସିଥିଲୁ ।''

ଏବେ ପୁରାଣୀଙ୍କର 'The Life of Sri Aurobindo' ପୁସ୍ତକରୁ : ''୧୯୨୬ର ପ୍ରାରମ୍ଭରୁ ଭକ୍ତ-ଶିଷ୍ୟଗଣଙ୍କର ସାଧନାର ପଥପ୍ରଦର୍ଶକ ସ୍ୱରୂପ ଭାର ନେବାର ଦାୟିତ୍ୱ କ୍ରମଶଃ ଶ୍ରୀଅରବିନ୍ଦଙ୍କଠାରୁ ଶ୍ରୀମା'ଙ୍କ ଆଡ଼କୁ ଗତି କରୁଥିଲା । ସେତେବେଳେ ଆଶ୍ରମରେ ଅନ୍ତେବାସୀ ହିସାବରେ ରହୁଥିବା ତିନି, ଚାରି ଜଣ ସାଧିକାଙ୍କୁ ନେଇ ମା ସମବେତ ଧ୍ୟାନ କରୁଥିଲେ । ୧୯୨୬ ଅଗଷ୍ଟ ୧୫ରୁ ମା'ଙ୍କ ପାଖକୁ ଧ୍ୟାନ କରିବା ସକାଶେ ଯାଉଥିବା ସାଧକ-ସାଧିକାଙ୍କ ସଂଖ୍ୟା ବେଶ୍ ବଢ଼ିବାକୁ ଲାଗିଲା । ମନେହେଉଥିଲା ଯେମିତି ଶ୍ରୀଅରବିନ୍ଦ ଧୀରେ ଧୀରେ ନିଜକୁ ଅନ୍ତର୍ମୁଖୀ କରି ନେଉଛନ୍ତି ଏବଂ ମା ସ୍ୱତଃସ୍ଫୂର୍ତ୍ତ ଭାବରେ ବହିର୍ମୁଖ ହୋଇ ସାଧକ-ସାଧିକାମାନଙ୍କର ଆନ୍ତର ସାଧନାର ବା ଦିଗ୍‌ଦର୍ଶନ କରିବାର ଭାର ନିଜ ହାତକୁ ନେବା ସଙ୍ଗେ ସଙ୍ଗେ ଆଶ୍ରମର ବାହ୍ୟ-ଜୀବନ ସଂଗଠନର ଭାର ମଧ୍ୟ ହାତକୁ ନେଉଛନ୍ତି । ମା'ଙ୍କ ସହିତ ସମବେତ ଧ୍ୟାନ ଧୀରେ ଧୀରେ ଅଧିକରୁ ଅଧିକ ଏକାଗ୍ର ଓ ତୀବ୍ର ହୋଇ ଉଠୁଥିଲା । 'ସାନ୍ଧ୍ୟ-ବୈଠକ'ରେ ଯୋଗ ଦେବା ସକାଶେ ଶ୍ରୀଅରବିନ୍ଦଙ୍କର ନିଜ କକ୍ଷରୁ ବାହାରି ଆସିବାର ସମୟ ବି କ୍ରମଶଃ ବିଳମ୍ବିତ ହୋଇ ଉଠୁଥିଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହିସବୁ ପରିବର୍ତ୍ତନରେ କେହି ଅନ୍ତେବାସୀ ବିନ୍ଦୁମାତ୍ର ଅସ୍ୱାଭାବିକ ବୋଧ କରୁ ନଥିଲେ । ନବସୃଷ୍ଟି-ସର୍ଜନା ନିମିତ୍ତ ମା'ଶ୍ରୀଅରବିନ୍ଦଙ୍କର ମହାନ୍ ଉଲ୍ଲେଖଯୋଗ୍ୟ ଓ ମହିମମୟ କର୍ତ୍ତବ୍ୟ-କର୍ମରେ ଶିଷ୍ୟଗଣଙ୍କର ଭୂମିକା ନଗଣ୍ୟ ନିଶ୍ଚୟ, ତଥାପି ଏହିମାନେହିଁ ତ ଆଶ୍ରମର ତଦାନୀନ୍ତନ ବାହ୍ୟ ଓ ଆନ୍ତର ପରିବର୍ତ୍ତନର ସାକ୍ଷୀସ୍ୱରୂପ ହୋଇଉଠିବାରେ ପରମ ସୌଭାଗ୍ୟ ଲାଭ କରିଥିଲେ ।...

''୧୯୨୬ ଅଗଷ୍ଟ ୧୫ର ଠିକ୍ ପୂର୍ବରୁ ଏବଂ ପରେ ପରେ 'ସାନ୍ଧ୍ୟ-ବୈଠକ'ରେ ଆଲୋଚ୍ୟ ବିଷୟବସ୍ତୁର ସାଧାରଣ ଗତି ବା ପ୍ରବୃତ୍ତି ବା ପ୍ରବଣତା ପରମୋଚ୍ଚ ଅତିମାନସ ସହିତ ମନଃସ୍ତରର ସଂଯୋଗ ସ୍ଥାପନର ଗୁରୁତ୍ୱ ଆଡ଼କୁ ଗତି କରୁଥିବାର ସ୍ପଷ୍ଟ ହୋଇ ଉଠୁଥିଲା ।... ଊର୍ଦ୍ଧ୍ୱତର ଦିବ୍ୟ-ଚେତନାର ଅବତରଣ ଯେ ଇତିମଧ୍ୟରେ ଘଟିବାକୁ ଯାଉଛି – ଏ ସମ୍ବନ୍ଧେ ଅନ୍ତେବାସୀଙ୍କ ମନରେ ଦୃଢ଼ପ୍ରତ୍ୟୟର ଭାବ ଜନ୍ମି ସାରିଥିଲା, ହୁଏତ ସଂକେତସୂଚକ ବ୍ୟକ୍ତିଗତ ଅଭିଜ୍ଞତାରୁ ବା ଆଶ୍ରମର ସାଧାରଣ ବାତାବରଣରୁ । ଅଧିକାଂଶ ତୀବ୍ର ଭାବରେ ଅନୁଭବ

* ସେତେବେଳେ ଆଶ୍ରମର ସାଧକ-ସାଧିକାମାନେ ତିନୋଟି ଭଡ଼ାଘରେ ବାସ କରୁଥିଲେ – ଲାଇବ୍ରେରି ହାଉସ୍, ଗେଷ୍ଟ ହାଉସ୍ ଏବଂ ରୋଜାରୀ ହାଉସ୍ । ଏହି ରୋଜାରୀ ହାଉସଟି ଲାଇବ୍ରେରି ହାଉସକୁ ଲାଗି କରି ରହିଥିବା କୋଠା । ଜୁଲାଇ ୧୯୨୫ରୁ ଏହି କୋଠାଟି ଭଡ଼ାରେ ନିଆଯାଇଥିଲା । ଏବଂ ପ୍ରତ୍ୟେକଟି ବାସଭବନର ଭୋଜନ ବ୍ୟବସ୍ଥା ସେମାନେ ନିଜେ ନିଜେହିଁ କରୁଥିଲେ । ସେତେବେଳେ ଲାଇବ୍ରେରି ହାଉସ୍‌ର ଅନ୍ତେବାସୀ ଥିଲେ : ଶ୍ରୀମା, ଶ୍ରୀଅରବିନ୍ଦ, ଦତ୍ତା, ବାରୀନ୍, ମଣି, ବିଜୟ, ନଳିନୀ ଓ ଅମୃତ ।

– ସଂଗ୍ରାହକ

କରୁଥିଲେ ଯେ ଖୁବ୍ ଶୀଘ୍ର ଆଶ୍ରମର ବାହ୍ୟ-ଢାଞ୍ଚାରେ ମଧ୍ୟ ବିରାଟ ପରିବର୍ତ୍ତନ ଘଟିବାକୁ ଯାଉଛି ।... ନିତି ଉପରଓଳିର 'ବୈଠକ'ରେ ସାଢ଼େ ଚାରିଟା ସମୟରେ ଶ୍ରୀଅରବିନ୍ଦ ନିଜ କକ୍ଷରୁ ବାହାରି ଆସିବା ପରିବର୍ତ୍ତେ ସନ୍ଧ୍ୟା ଛ'ଟା କି ସାତଟାରେ ବାହାରି ଆସୁଥିଲେ; କେବେ କେବେ ଆଠଟାରେ । ଦିନେ 'ସାନ୍ଧ୍ୟ ବୈଠକ'ରେ ଯୋଗ ଦେବାର ସମୟ ରେକର୍ଡ଼ ହୋଇଥିଲା ସକାଳ ଦୁଇଟା !

''ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା ଯେ ଅସାଧାରଣ ସାମର୍ଥ୍ୟଯୁକ୍ତ ତାଙ୍କର ସମସ୍ତ ତପଃଶକ୍ତି ଊର୍ଦ୍ଧ୍ୱତର ଦିବ୍ୟ-ଚେତନାକୁ ଅବତରଣ ଘଟାଇବାରେ ତାଙ୍କର କର୍ତ୍ତବ୍ୟ-କର୍ମକୁ ସଂପୂର୍ଣ୍ଣ ରୂପେ ନିରବଚ୍ଛିନ୍ନ ଭାବରେ ଅଧିକାର କରି ନେଇଥିଲା ଏବଂ ସେ ଏଥିରୁ ମୁହୂର୍ତ୍ତକ ସକାଶେ ବି ତାଙ୍କର ସମୟକୁ ଅନ୍ୟ କୌଣସିଥିରେ ମନୋନିବେଶ କରାଇବାକୁ ଆଦୌ ଚାହୁଁ ନଥିଲେ । ଯଦିଓ ସାଧକମାନଙ୍କ ସହିତ ଏକ ବାହ୍ୟ ସମ୍ପର୍କ ବଜାୟ ରଖିବା କ୍ରିୟାଟିର ଏକ ଉପଯୋଗିତା ରହିଥିଲା, ତଥାପି ତାଙ୍କର ଆନ୍ତର କର୍ମ ସକାଶେ ନିଜକୁ ନିୟୋଜିତ କରିବା ଦାବିରେ ତୀବ୍ରତାର ବୃଦ୍ଧି ଯୋଗୁଁ ଏଥି ସକାଶେ ସମୟ ଦେବାକୁ ତାଙ୍କ ପକ୍ଷରେ ଅଧିକରୁ ଅଧିକ କଷ୍ଟକର ବ୍ୟାପାର ହୋଇ ଉଠୁଥିଲା ।

''ତାଙ୍କର ମହାନ୍ ଲକ୍ଷ୍ୟ ସମ୍ବନ୍ଧେ ଯେଉଁମାନଙ୍କର ଘୁଣାକ୍ଷରରେ ଧାରଣା ନାହିଁ, ସେମାନେ କେମିତି ହୃଦୟଙ୍ଗମ କରିବେ ଯେ ତାଙ୍କର ଏହି ଦିବ୍ୟ କର୍ତ୍ତବ୍ୟ-କର୍ମରେ ପୂର୍ଣ୍ଣତା ଆଣିବା ନିମିତ୍ତ ସେ କେମିତି ପ୍ରତିମୁହୂର୍ତ୍ତରେ ତୀବ୍ର ଓ ପୂର୍ଣ୍ଣ ଆନ୍ତରିକତାର ସହିତ ନିଜ ଅଧ୍ୟବସାୟ ପ୍ରୟୋଗ କରିଚାଲିଛନ୍ତି ! ପ୍ରକୃତରେ କହିବାକୁ ଗଲେ, ବାହାର ଜଗତର ଲୋକମାନେ ତ ଇତିପୂର୍ବରୁ ତାଙ୍କର ଏହି ବିଶାଳ ପ୍ରଚେଷ୍ଟାରେ କୌଣସି 'ବ୍ୟାବହାରିକ ବା ପ୍ରାୟୋଗିକ' ସନ୍ତୋଷଜନକ ଫଳାଫଳ ବା ପରିଣାମ ସମ୍ବନ୍ଧରେ ବେଶ୍ ସନ୍ଦିଗ୍ଧ ହୋଇଉଠିଥିଲେ । ଏପରିକି ଯେଉଁମାନେ ଅଦ୍ୟାବଧି ତାଙ୍କର ଆଧ୍ୟାତ୍ମିକ ଅଧ୍ୟବସାୟରେ ଅନୁକୂଳ ଓ ମହତ୍ ଆଶା ପୋଷଣ କରିଥିଲେ ଏବଂ ତାଙ୍କର ଯଥାର୍ଥ ପ୍ରଶଂସକ ଥିଲେ, ସେମାନେ ବି ଏଇ ମୁହୂର୍ତ୍ତରେ ବିଫଳମନୋରଥ ହେବାକୁ, ନିରାଶ ହେବାକୁ ଆରମ୍ଭ କରିଦେଇ-ଥିଲେ । ଏପରିକି କେତେକେ ସେମାନଙ୍କର ମୂଢ଼ ଅଜ୍ଞାନତାବଶତଃ, ସେମାନଙ୍କର ନିର୍ବୋଧ ବିଶ୍ୱାସରେ ଏପରି ଧାରଣା ବା ଆଶା ପୋଷଣ କରିଥିଲେ ଯେ ଶ୍ରୀଅରବିନ୍ଦ ଏବେ ସ୍ୱୟଂସମ୍ଭୂତ, ଏକମେବା ଅଦ୍ୱିତୀୟମ୍ ବା ପରାବ୍ରହ୍ମର ନୀରସ, ଶୂନ୍ୟ ମଣ୍ଡଳରେ ନିଜର ଗତିପଥ ହରାଇ ବସିଛନ୍ତି ଅଥବା ସେ ଅନନ୍ତ, ଅସୀମଙ୍କର ଦୁର୍ବୋଧ ରହସ୍ୟାବୃତ କୁଣ୍ଡଳୀର ଫାନ୍ଦରେ ପଡ଼ିଯାଇଛନ୍ତି ! ସେମାନଙ୍କର ଦୃଢ଼ ବିଶ୍ୱାସ ଜନ୍ମିଉଠିଲା ଯେ ଶ୍ରୀଅରବିନ୍ଦ ପୃଥିବୀର ଗତିବିଧିକୁ ନିୟନ୍ତ୍ରଣ କରିବାରେ ତାଙ୍କର ଯୌଗିକ ଶକ୍ତିକୁ ହରାଇ ବସିଛନ୍ତି ଏବଂ ସେଥି ସକାଶେ ସେ ହୁଏତ ଏ ସମ୍ବନ୍ଧରେ ବୀତସ୍ପୃହ ବା ଉଦାସୀନ ହୋଇଉଠିଛନ୍ତି କିଂବା ଦୁଃଖକଷ୍ଟରେ ପ୍ରପୀଡ଼ିତ ହେଉଥିବା ମାନବସମାଜର ନଛୋଡ଼ବନ୍ଦା ଓ ତୀବ୍ର ଜ୍ୱଳନ୍ତ ସମସ୍ୟାସବୁ ସମ୍ବନ୍ଧରେ ସେ ଅମନୋଯୋଗୀ ହୋଇଉଠିଛନ୍ତି । ଯଦି ଏମିତି ନ ହୋଇଥା'ନ୍ତା, ତେବେ ସେ କାହିଁକି ତାଙ୍କର ଉପଶମକାରୀ ଦିବ୍ୟ-ତପଃଶକ୍ତି ସାହାଯ୍ୟରେ ଦୁଃଖକଷ୍ଟରେ ଦାରୁଣ ଦହଗଞ୍ଜ ହେଉଥିବା ମାନବସମାଜକୁ ଉଦ୍ଧାର କରିବା ସକାଶେ ଛୁଟି ଆସୁ ନାହାନ୍ତି ? ଏବେ ନୁହେଁ ତ ଆଉ କେବେ ତାଙ୍କର ଦିବ୍ୟ ସାହାଯ୍ୟ ଅଧିକ ପ୍ରୟୋଜନରେ ଲାଗିବ ?...

''କିନ୍ତୁ ଆପାତ ପ୍ରତୀୟମାନ ଏହିସବୁ ବିରୋଧାତ୍ମକ ଚିନ୍ତାଧାରା ଆବହାଓଆରେ ବା ବହିର୍ଜଗତରେ ପ୍ରବହମାନ ଥିବାବେଳେ ତାଙ୍କ ଦିବ୍ୟ ସାନ୍ନିଧ୍ୟରେ ନିତ୍ୟ ଅବଗାହନ କରୁଥିବା ଅତ୍ୟନ୍ତ ସୌଭାଗ୍ୟବାନ୍ ମୁଷ୍ଟିମେୟ ଜୀବାତ୍ମା ଆସନ୍ନ ନବସୃଷ୍ଟି ନିମନ୍ତେ ତାଙ୍କର ମହାନ୍ ନିରବ କ୍ରିୟାକୁ ଜୀବନ୍ତ ଭାବରେ ଅଙ୍ଗେ ଲିଭାଉଥିଲେ ।...

''୧୯୨୬ ନଭେମ୍ବରର ପ୍ରାରମ୍ଭରୁ ସେହି କତିପୟ ଜୀବାତ୍ମାଙ୍କ ମଧ୍ୟରୁ କେତେକଙ୍କୁ ଊର୍ଦ୍ଧ୍ୱତର ଦିବ୍ୟଶକ୍ତିର ତୀବ୍ର ଚାପ ସହ୍ୟ କରିବା ବେଶ୍ ଦୁରୂହ ହୋଇ ଉଠୁଥିଲା ।...''

ଏବେ ନନୀବାଳାଙ୍କର ସଂପୂର୍ଣ୍ଣ ଭିନ୍ନ ଧରଣର 'ସ୍ମୃତି କଥା'ରୁ : ''ନଭେମ୍ବର ମାସ ଉପସ୍ଥିତ ହେଲା । ଆଶ୍ରମରେ ଉପସ୍ଥିତ ଥିବା ସମସ୍ତ ସାଧକଙ୍କୁ ଏକ ଅଭୂତପୂର୍ବ ଉଲ୍ଲାସମୟ ଅନୁଭୂତି ଯେମିତି ଆବୋରି ରହିଥିଲା । ପଣ୍ଡିଚେରୀର ସବୁଆଡ଼ ଧୂପ ଗନ୍ଧରେ ମହକି ଉଠୁଥିଲା, ଗୋଟାଏ ମହୋଲ୍ଲାସ ତା'ର କ୍ରୀଡ଼ା ଆରମ୍ଭ କରି ଦେଇଥିଲା ଯେମିତି... । ଦୁର୍ଗାପୂଜା ସମୟରେ ସେପରି କିଛି ଅନୁଭୂତ ହୁଏ, କିନ୍ତୁ ଏ ଅନୁଭୂତିରେ ଅଧିକ ତୀବ୍ରତା ଥିଲା । ମୁଁ ବିଜୟବାବୁ ଓ ବାରୀନ୍ଦ୍ରଙ୍କୁ କହିଲି : 'ଭାଇମାନେ, ମୋ ଭିତରେ ମୁଁ ଏତେ ବେଶୀ ଆନନ୍ଦ ଅନୁଭବ କରୁଛି, ଏତେ ବେଶୀ ଶାନ୍ତି ! ଏପରି କାହିଁକି ଲାଗୁଛି ?' ବିଜୟବାବୁ ଉତ୍ତର ଦେଲେ, 'ବାସ୍ତବିକ ଭଉଣୀ, କି ସୁନ୍ଦର

ଆନନ୍ଦ ଓ ଶାନ୍ତିର ଅନୁଭୂତି !' ଦର୍ଶନ ସମୟରେ ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି, 'ପ୍ରଭୁ, ଗତ କେତେ ଦିନ ଧରି ମୋ ଭିତରେ ଅଦ୍ଭୁତ ଶାନ୍ତି ଓ ଉଲ୍ଲାସ ଭରିଯିବାର ଅନୁଭୂତି ଆସୁଛି । ସମଗ୍ର ପଣ୍ଡିଚେରୀରେ ଏକ ଉତ୍ସବର ବାତାବରଣ, ସବୁଆଡ଼େ ଧୂପର ଗନ୍ଧ ଓ ସୁବାସ । ପ୍ରଭୁ, ଏପରି କାହିଁକି ଲାଗୁଛି ?'

ସ୍ମିତହାସ୍ୟସହ ସେ କହିଲେ, 'ତୁ, ଏହା ଅନୁଭବ କରିବାକୁ ସକ୍ଷମ ହୋଇ ପାରିଛୁ !'

'କେବଳ ମୁଁ ନୁହେଁ, ସମସ୍ତ ସାଧକ ଶାନ୍ତି ଓ ଉଲ୍ଲାସର ଏହି ବିପୁଳ ତରଙ୍ଗର ଅନୁଭବ କରି ପାରୁଛନ୍ତି । ଆମ୍ଭମାନଙ୍କର ଅନ୍ତର ଆନନ୍ଦରେ ନାଚି ଉଠୁଛି । ହେ ପ୍ରଭୁ ! କାହିଁକି ?'

ସେ କହିଲେ, 'ଅପେକ୍ଷା କର ଓ ଦେଖିବୁ ଏହାଠାରୁ ଆହୁରି ଅଧିକ ଆନନ୍ଦ ଉଲ୍ଲାସ ଆସିବ ।'...''

ପରିଶେଷରେ ରଜନୀ ପାଲିତଙ୍କର 'ସ୍ମୃତିକଥା'ରୁ :

''୨୪ ନଭେମ୍ବର ୧୯୨୬ର ଉପରଓଳି ପ୍ରାୟ ଚାରିଟା ସମୟ । ମୁଁ ଆଶ୍ରମ ଭିତରକୁ ଯାଇ ବିଜୟନାଗଙ୍କର ରୁମ୍‌ରେ ବସି ଧ୍ୟାନ କରୁଥିଲି (ଏବେ ସେହି ରୁମ୍‌ରେ ଆଶ୍ରମର ବହିପତ୍ର ସବୁ ବିକ୍ରି କରାଯାଏ, 'ପବ୍ଲିକେଶନ୍ ଡିପାର୍ଟମେଣ୍ଟ') । ଏକ ବିଶାଳ ଦିବ୍ୟଶକ୍ତି ମୋ ଭିତରକୁ ପ୍ରବେଶ କରିବାକୁ ପ୍ରୟାସ କରୁଥିଲା, କିନ୍ତୁ ମୋତେ ଜଣାଗଲା ଯେମିତି ମୁଁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯିବି, କାରଣ, ମୋ ମସ୍ତିଷ୍କର ଠିକ୍ ଊର୍ଦ୍ଧ୍ୱରେ ସେହି ଊର୍ଦ୍ଧ୍ୱତର ଦିବ୍ୟଶକ୍ତିର ଚାପ ଏମିତି ତୀବ୍ର ଥିଲା ଏବଂ ମୋ ମସ୍ତିଷ୍କରେ ପ୍ରତିରୋଧ ବି ତତୋଽଧିକ ପ୍ରଗାଢ଼ ଥିଲା । ଫଳସ୍ୱରୂପ ଯଦିଓ ସେହି ବିଶାଳ ଶକ୍ତିକୁ ଗ୍ରହଣ କରିବାକୁ ମୁଁ ବେଶ୍ ଚେଷ୍ଟା କରୁଥିଲେ ମଧ୍ୟ ସେଇଟିକୁ ଗ୍ରହଣ କରିପାରିଲି ନାହିଁ ।''...

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

## କାୟମନୋବାକ୍ୟରେ

ଆଧାରକୁ ଶୁଦ୍ଧ କରିବାକୁ ହେବ କାୟମନୋବାକ୍ୟରେ । ଏଥିପାଇଁ ପ୍ରଥମ ଆବଶ୍ୟକ ହେଲା ଶରୀରରୁ ଅଶୁଦ୍ଧ କ୍ରିୟାର ପରିତ୍ୟାଗ । ଅସତ୍ୟ-ପ୍ରତିଷ୍ଠ, ଅଜ୍ଞାନଜନିତ ଶରୀର ଅଭ୍ୟାସବଶତଃ ଯେଉଁ ବାହ୍ୟିକ କର୍ମରେ ପରିଚାଳିତ ସେସବୁକୁ ବନ୍ଦ କରିବାକୁ ହେବ । ଶରୀରସ୍ଥ ପେଶୀ ଓ ସ୍ନାୟବିକ ଗତିବୃତ୍ତି ମୁଖ୍ୟତଃ ବହିର୍ମୁଖୀ, ଯେ କି ଗତାନୁଗତିକ ପ୍ରାକୃତ ଗତିବୃତ୍ତିର ବଶବର୍ତ୍ତୀ ହୋଇ ଗତି କରିବାକୁ ଚାହେଁ – ତାହାକୁ ସଂବୃତ, ସଂଯତ, ସ୍ତବ୍ଧ କରି ରଖିବାକୁ ହେବ । ଏଇ ସ୍ଥୂଳ ପ୍ରତ୍ୟାହାର ହେଲା ଆରମ୍ଭ ମାତ୍ର – ଯାହା ପ୍ରଥମ ସୋପାନ ।

ବାକ୍-ରୋଧ ହେଲା ପରବର୍ତ୍ତୀ ଆବଶ୍ୟକତା । କର୍ମ ଯେତେବେଳେ ବନ୍ଦ ହୁଏ, ସେତେବେଳେ ବାକ୍ ଚାହେଁ ତା'ର ସ୍ଫୁରଣ । ଅନ୍ୟାନ୍ୟ ପେଶୀ ଓ ସ୍ନାୟୁର ପ୍ରାକୃତ ଛନ୍ଦ ଆସି ଦେଖାଦିଏ ରସନାରେ; କର୍ମର ମାଳିନ୍ୟ (ମଳିନତା) ବାକ୍‌ରେ ଆସି ଏକତ୍ରିତ ହୁଏ । ବାସ୍ତବରେ ମନ ଯାହା କରେନା, କରିବାକୁ ଚାହେନା ଓ କରିବାକୁ ସମର୍ଥ ମଧ୍ୟ ହୁଏନା (ପାରେନା), କଥାରେ ସେସବୁକୁ ମନ ଅନ୍ୟ ରୂପ ଦେଇ ପ୍ରକାଶ କରେ, ସବୁକିଛିକୁ ଖେଳ ଭଳି ମନେକରେ । କାର୍ଯ୍ୟତଃ ପ୍ରାକୃତ ଗୁଣସକଳ ଯେକି ଆନନ୍ଦ ଉପଭୋଗ କରେନା, କେବଳ ତାହାର ରସ ଗ୍ରହଣ କରି କଥାରେ ପ୍ରତିଚ୍ଛାୟା ଗଢ଼େ,– ବାକ୍‌ର ସ୍ତବ୍ଧତା ହେଉଛି ଦ୍ୱିତୀୟ ସୋପାନ ।

ଶରୀର ସଂଯତ ଓ ବାକ୍‌ର ସ୍ତବ୍ଧତା ଆସିଲେହିଁ ମନର ବିକ୍ଷୋଭ ବନ୍ଦ ହୋଇଯାଏ । ଚିନ୍ତାମାନ କର୍ମ ଓ ବାକ୍‌ରେ ସେସବୁକୁ ପ୍ରକାଶ ନକରି ମନ ଘୂରି ବୁଲୁଥାଏ, ସେଇସବୁ ଜିନିଷକୁ କଳ୍ପନାରେ ଉପଭୋଗ କରିବାକୁ ଭାବୁଥାଏ । ମନ ମଧ୍ୟରୁ ବହିଷ୍କାର କରିବାକୁ ହେବ ନିମ୍ନ ଗତିର ତରଙ୍ଗ – ତେବେ ଯାଇ ମନ ହେବ ପ୍ରଶାନ୍ତ, ନିର୍ମଳ ।

କାୟମନୋବାକ୍ୟରେ ଦିବ୍ୟ-ସତ୍ୟର ଜ୍ୟୋତିର୍ମୟ ଅମୋଘ ରୂପାୟଣ ହେଲେ ଊର୍ଦ୍ଧ୍ୱରୁ ଅବତରଣ ଓ ଆନ୍ତର-ସତ୍ତାର ଜାଗରଣ ସମ୍ଭବ ହେବ ।

(ନଳିନୀକାନ୍ତ ଗୁପ୍ତଙ୍କ 'ରଚନାବଳୀ', ଅଷ୍ଟମ ଖଣ୍ଡ, ପୃ. ୨୭୦) ❑

**କାହାଣୀ :**

# ସାମାନ୍ୟରୁ ସର୍ବନାଶ

[ରୁଷିଆର ବିଶ୍ୱବିଶ୍ରୁତ ଲେଖକ **ଲିଓ ଟଲ୍‌ଷ୍ଟୟ** ଏ ଗଳ୍ପଟି ଲେଖିଥିଲେ ୧୮୮୫ ମସିହାରେ । ତତ୍କାଳୀନ ସମାଜରେ ଏଭଳି ଘଟଣା ଅବିରତ ଘଟୁଥିଲା । ଗଳ୍ପଟିରେ କୌଣସି ନାଟକୀୟତା ନାହିଁ । କିନ୍ତୁ ପଲ୍ଲି ଜୀବନର ଦୈନନ୍ଦିନ ଘଟଣା ଭଳି ମନେ ହେଉଥିବା ଏ ଗଳ୍ପରେ ଯେଉଁ ସତ୍ୟ ନିହିତ ରହିଛି, ତାହା ପଲ୍ଲି ବା ସହର ସର୍ବତ୍ର ବସବାସ କରୁଥିବା ନରନାରୀଙ୍କ ନିମନ୍ତେ ଶିକ୍ଷାପ୍ରଦ; ଏଥିରୁ ମିଳୁଥିବା ଶିକ୍ଷା ସେଦିନ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା ଆଜି ମଧ୍ୟ ସେତିକି ରହିଛି । ଏଠାରେ ପରିବେଷିତ ହେଉଛି ଗଳ୍ପଟିର ସଂକ୍ଷିପ୍ତସାର ।]

ଆଇଭାନ୍ ଯଦି ସୁଖୀ ଗୃହସ୍ଥ ନୁହେଁ, ତେବେ ଆଉ କାହାକୁ ଆମେ ସୁଖୀ ବୋଲି କହିବା ? ତା'ର ତିନିଜଣଯାକ ପୁଅ କର୍ମଠ । ସାନ ପୁଅଟି ବିଭା ହୋଇ ନଥାଏ; ବଡ଼ ଓ ମଝିଆ ପୁଅର ସ୍ତ୍ରୀମାନେ ସଂସାର ଚଳାଇବାରେ ବେଶ୍ ପାରଙ୍ଗମ ।

ଜମିଜମାରୁ ଉତ୍ପନ୍ନ ଫସଲ ବର୍ଷକଯାକ ପାଇଁ ପରିବାର ତଥା ଅତିଥି ଅଭ୍ୟାଗତଙ୍କ ସକାଶେ ଯଥେଷ୍ଟ ହେବା ପରେ ଉଦ୍‌ବୃତ୍ତ ରହୁଥାଏ । ସବଳ ହଳେ ବଳଦ; ଦୁଧିଆଳୀ ଗାଈଟିଏ । ଗାଁର ବାତାବରଣ ଶାନ୍ତିପୂର୍ଣ୍ଣ ।

ତେବେ ଆଇଭାନ୍‌ର ବାପା କେଇବର୍ଷ ହେଲା କୌଣସି ରୋଗ ଯୋଗୁଁ ପ୍ରାୟ ଅକର୍ମଣ୍ୟ ହୋଇ ଗୋଟାଏ କୋଠରି କୋଣରେ ଖଟିଆ ଉପରେ ପଡ଼ିଥାଏ । ପୁଅ ନାତିମାନଙ୍କୁ ବୁଢ଼ା ପ୍ରୟୋଜନ ବେଳେ ପରାମର୍ଶ ଦେଉଥାଏ ।

ବୁଢ଼ା ଅମଳରେ ତା' ପରିବାର ସହ ପ୍ରତିବେଶୀ ପରିବାରର ସମ୍ପର୍କ ଥାଏ ଖାଲି ସ୍ୱାଭାବିକ ନୁହେଁ, ମଧୁର । ତେବେ ପ୍ରତିବେଶୀ ପରିବାରର ମୁଖ୍ୟଙ୍କ ଦେହାନ୍ତ ପରେ ଆଇଭାନ୍‌ର ବାପା ବି ଚଳପ୍ରଚଳ ହୋଇପାରୁ ନଥିବା ଯୋଗୁଁ ଦୁଇ ପରିବାର ଭିତରେ ସୁସମ୍ପର୍କ ନଥାଏ କି କୁସମ୍ପର୍କ ନଥାଏ । ସେ ପରିବାରର ମୁଖ୍ୟ ଗାବ୍ରିଏଲ୍ ଓ ଆଇଭାନ୍ ଭିତରେ କ୍ୱଚିତ୍ କେବେ ବାକ୍ୟାଳାପ ହେଉଥାଏ ।

ଆଇଭାନ୍‌ର ବଡ଼ ବୋହୂ କେତୋଟି କୁକୁଡ଼ା ପାଳିଥାଏ । ଥରେ ସ୍ୱାସ୍ଥ୍ୟବତୀ ମୁର୍‌ଗୀଟାଏ ସବୁଦିନ ଗୋଟାଏ ଗୋଟାଏ ଅଣ୍ଡା ଦେବାକୁ ଆରମ୍ଭ କରିଥାଏ । ବୋହୂ ଯାଇ ତାକୁ ଗୋଟାଇ ଆଣେ । ଦିନେ ଯଥା ସମୟରେ ଯାଇ ବୋହୂ ଦେଖିଲା ଅଣ୍ଡା ନାହିଁ । ସାନ ବୋହୂ ବା ତା' ନିଜ ପୁଅଝିଅ ଉଠାଇ ନେଇଥିବେ କି ? ସନ୍ଧାନ କରି ବୁଝିଲା, ସେମିତି ହୋଇ ନାହିଁ । ତେବେ ଏତିକି ଜଣାଗଲା, ମୁର୍‌ଗୀଟି ସେଦିନ ବାଡ଼ ଭିତର ଦେଇ ପ୍ରତିବେଶୀ ଡିହକୁ ଚାଲି ଯାଇଥିଲା ଓ ଅଣ୍ଡା ଦେବା ବେଳେ ସେଠାରେ ଗୋଟାଏ ଭାଡ଼ି ତଳେ ବସିଥିଲା ।

ବୋହୂ ଯାଇ ଗାବ୍ରିଏଲ୍‌ର ବୋହୂକୁ କହିଲା, ''ମୋ ମୁର୍‌ଗୀ ଏଇଠି ଦେଇଥିବା ଅଣ୍ଡା ତୁମ ଭିତରୁ କେହି ଉଠାଇ ନେଇଛି । ଦେଇଦିଅ !''

''କ'ଣ ହେଲା ! ଆମେ ତୁମ ଆଖିରେ ଅଣ୍ଡା ଚୋର ?'' କର୍କଶ କଣ୍ଠରେ ପ୍ରଶ୍ନ କଲା ଗାବ୍ରିଏଲ୍‌ର ବୋହୂ ।

ବାସ୍ ! ପରବର୍ତ୍ତୀ ସଂଳାପର ବିବରଣୀ ଦେବାର ଆବଶ୍ୟକତା ନାହିଁ । କଥାବାର୍ତ୍ତାର କର୍କଶ ଆଦାନପ୍ରଦାନ ଅବିଳମ୍ବେ ଭୀଷଣ କଳହରେ ପରିଣତ ହେଲା । କେତୋଟି ମୁହୂର୍ତ୍ତ ଭିତରେ ଦୁଇ ପରିବାରର ଅଧିକାଂଶ ସଦସ୍ୟ ସେ କନ୍ଦଳରେ ନିଜ ନିଜ ଭୂମିକା ତୁଲାଇଲେ । ଆଇଭାନ୍ ଓ ଗାବ୍ରିଏଲ୍ ମଧ୍ୟ ମୁହାଁମୁହିଁ ହେଲେ । ଗାବ୍ରିଏଲ୍‌ର ଦାଢ଼ି ଝିଙ୍କି ଦେଲା ଆଇଭାନ୍ ଏବଂ ଉପାଡ଼ି ଆଣିଲା ତା'ର କିୟଦଂଶ । ଗାବ୍ରିଏଲ୍ ଆଇଭାନ୍‌ର ବସ୍ତ୍ର ଖଣ୍ଡିକ ଚିରି ପକାଇଲା ।

ଦୌଡ଼ି ଆସିଲେ ଆଖପାଖର ଲୋକେ । ସେମାନଙ୍କ ଭିତରୁ ଦୁଇ, ତିନିଜଣ ନିଜ ନିଜ ନିରାପତ୍ତା ବିପନ୍ନ କରି ସେ ଦୁଇ ଯୋଦ୍ଧାଙ୍କୁ ପରସ୍ପର କବ୍‌ଜାରୁ ଅଲଗା କରି ଦେଲେ ।

ଦୁହେଁ ଗଲେ ସ୍ଥାନୀୟ ବିଚାରାଳୟକୁ । ଦୁହିଁଙ୍କ ଏତାଲା ଗୃହୀତ ହେଲା ।

ବାପାବୁଢ଼ାକୁ ପୁଅ କିଛି ନକହିଲେ ମଧ୍ୟ ନାତି ନାତୁଣୀଠାରୁ ସେ ସବୁ ଶୁଣୁଥାଏ । ଦିନେ ଆଇଭାନ୍ ତା' କୋଠରି ଭିତରକୁ ପଶି ଆସିଥିବା ବେଳେ ବୁଢ଼ା ତାକୁ ପାଖକୁ ଡାକି କହିଲା, ''ବାପା, ଏହା କିଛି ଭଲ ହେଉ ନାହିଁ । ଅଣ୍ଡାଟାଏ

ହରାଇବା ଦୁଃଖରେ ଯଦି ସାରା ପରିବାରକୁ ସୁଖ, ଶାନ୍ତି ହରାଇବାକୁ ହେଲା, ସମୟର ଅପଚୟ କରିବାକୁ ହେଲା, ବିଚାରାଳୟର ଦ୍ୱାରସ୍ଥ ହୋଇ ଅର୍ଥ ବ୍ୟୟ କରିବାକୁ ହେଲା, ତେବେ ଆମେ ବିଜ୍ଞ ଆଚରଣ କରୁଛୁ ବୋଲି କହିହେବ କି ? ଗାବ୍ରିଏଲ୍‌ର ବାପା ବଞ୍ଚିଥିବା ଯାଏ ଆମେ ଦୁଇ ପରିବାର କୁଟୁମ୍ବ ଭଳି ଚଳୁଥିଲୁ । ଆମ ଘରେ କ୍ଷୀର ନଥିଲେ ତାଙ୍କ ଘରୁ ଅଣା ହେବ, ତାଙ୍କ ରୋଷେଇଶାଳରେ ତେଲ ସରି ଯାଇଥିଲେ ଆମ ଘରୁ ଯିବ । କେତେଥର ଗାବ୍ରିଏଲ୍‌ର ବାପା ଆମ ପାଇଁ ଓ ମୁଁ ତା' ପରିବାର ପାଇଁ ହାଟ ବଜାର କରି ଆଣିଛୁ । କିନ୍ତୁ ଆଜି ଇଏ କିଭଳି ପରିସ୍ଥିତି ଉପୁଜିଲା ? ପୁଅ, ଭଗବାନ୍ ଆମ ପ୍ରତି ସର୍ବଦା ଦୟାକରି ଆସିଛନ୍ତି; ପ୍ରତିବେଶୀକୁ ଶ୍ରଦ୍ଧା, ସୌଜନ୍ୟ ଦେଖାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆମେ ଈଶ୍ୱରଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା ପରେ ତାଙ୍କ ଆଶିଷ ପାଇବା କି ? ଉଭୟ ପରିବାରର ଶିଶୁମାନେ କ'ଣ ଶିଖୁଛନ୍ତି ?''

ଆଇଭାନ୍ ନିରବରେ ଶୁଣିଗଲା । ତା' ମନରେ ମଧ୍ୟ ଗ୍ଲାନିବୋଧ ଆସିଲା । ବାସ୍ତବିକ, ଗାବ୍ରିଏଲ୍‌ର ଦାଢ଼ି ଛିଡ଼ାଇବା ତା' ପକ୍ଷରେ କେତେଦୂର ଶୋଭନୀୟ କର୍ମଟାଏ ହେଲା ? କିନ୍ତୁ ଏ ସମସ୍ୟାର ସମାଧାନ ଦିଗରେ କ'ଣ କରାଯାଇପାରେ ? ସେ ଯାଇ ଗାବ୍ରିଏଲ୍ ପାଖରେ ସନ୍ଧି ପ୍ରସ୍ତାବ ଦେବ ?

କାହିଁକି ଦେବ ନାହିଁ ? ଆଇଭାନ୍ ଏହି ପ୍ରଶ୍ନ ଉପରେ ଚିନ୍ତା କରି ଘରୁ ପଦାକୁ ଆସିବା ବେଳକୁ ପରିସ୍ଥିତିରେ ଅବନତି ହେଲାଣି । ଉଭୟ ପରିବାରର ବୋହୂମାନେ ନଈରେ ସ୍ନାନ ଓ ଲୁଗାପଟା ସଫା କଲାବେଳେ ସେମାନଙ୍କ ହାତ ଅପେକ୍ଷା ଜିଭଟିମାନ ଅଧିକ ଚଞ୍ଚଳ ହେଉଥା'ନ୍ତି । ସେଦିନ ଆଇଭାନ୍‌ର ସାନ ବୋହୂ ଘରକୁ ଫେରିବା ବେଳେ ଗାବ୍ରିଏଲ୍‌ର ପରିବାର ଉପରେ ଅତ୍ୟନ୍ତ ଅଶ୍ଳୀଳ ମନ୍ତବ୍ୟ ଦିଅନ୍ତେ ଗାବ୍ରିଏଲ୍ ତାହା ଶୁଣି ପକାଇ ତାକୁ ଠେଲି ଦେଲା । ସେ ପଡ଼ିଗଲା । ସେ ଥିଲା ଗର୍ଭବତୀ । ତା' ଅବସ୍ଥା ସଙ୍କଟଜନକ ହୋଇ ପାରିଥା'ନ୍ତା – ଏହି ଅଭିଯୋଗ ଧରି ଆଇଭାନ୍ ତତ୍‌କ୍ଷଣାତ୍ ବିଚାରାଳୟ ଦୌଡ଼ିଲା । ବାପା ବୁଢ଼ାର ପ୍ରଭାବ ତା' ମନର କେଉଁ ଗୋପନ କୋଣରେ ଲୁଚିଗଲା ।

ତଦନ୍ତରୁ ଗାବ୍ରିଏଲ୍‌ର ସେ ହିଂସ୍ର ଆଚରଣ ପ୍ରମାଣିତ ହେଲା । ବିଚାରକ ରାୟ ଦେଲେ, ଅପରାଧୀର ନଗ୍ନ ପିଠିରେ କୋଡ଼ିଏ ଥର ଶକ୍ତ ଚାବୁକ ମାଡ଼ ହେବ ଏକ ନିର୍ଦ୍ଦିଷ୍ଟ ଦିନ – ସର୍ବ ସମକ୍ଷରେ ।

ସେ ଗ୍ରାମରେ ସେପର୍ଯ୍ୟନ୍ତ କେହି ସେଭଳି ଅପମାନଜନକ ଦଣ୍ଡରେ ଦଣ୍ଡିତ ହୋଇ ନଥିଲେ । ଗାବ୍ରିଏଲ୍ ରାୟ ଶୁଣି ସ୍ତବ୍ଧ ହୋଇ ରହିଲା । ତା'ପରେ ଦାନ୍ତ କଡ଼ମଡ଼ କରି କହିଲା, ''ବେଶ୍, ମୋ ପିଠିର ଜ୍ୱାଳାକୁ ମୁଁ ଅସଲ ଜ୍ୱଳନ ରୂପେ ଫେରାଇ ଦେବି !''

ତା'ର ଏ ଘୋଷଣା ଯେଉଁମାନେ ଶୁଣିଲେ, ସେମାନେ ବୁଝିଲେ ଗାବ୍ରିଏଲ୍‌ର ମତଲବ : ସେ ଆଇଭାନ୍‌ର ଘର ପୋଡ଼ି ଦେବ !

ଅନ୍ଧାର ଘୋଟି ଆସିବା ମାତ୍ରେ ଆଇଭାନ୍ ଘର ଭିତରୁ ବାହାରି ଆସି ଘର ଚାରିପଟେ ବୁଲିବାକୁ ଲାଗିଲା । ମଧ୍ୟ ରାତ୍ରି । ମନେ ହେଲା, ମୁଖ୍ୟ ଘରକୁ ଲାଗିଥିବା ଗୋଟାଏ କୁଡ଼ିଆ ପାଖରେ କିଛି ଜଳି ଉଠି ଲିଭିଗଲା । ସେ ହାମୁଡ଼ି ହାମୁଡ଼ି ଅଗ୍ରସର ହେଲା ଓ ବୁଝିଲା, ତା' ଆଶଙ୍କା ସତ୍ୟ । କେହି ଜଣେ ଥରେ ନିଆଁ ଲିଭିଯିବା ଯୋଗୁଁ ପୁଣି ଥରେ କୁଡ଼ିଆରେ ତାହା ଲଗାଇବାକୁ ଉଦ୍ୟମ କରୁଛି । ନିଆଁ ହୁଳାରେ ଦେଖାଗଲା ଗାବ୍ରିଏଲ୍‌ର ମୁହଁ । ଝପଟିଗଲା ଆଇଭାନ୍ । କୁଡ଼ିଆର ନିଆଁ ଲିଭାଇବାକୁ କଷ୍ଟ ହେବ ନାହିଁ; କିନ୍ତୁ ଗାବ୍ରିଏଲ୍‌କୁ ଏହି ମୁହୂର୍ତ୍ତରେ କାବୁ କରିବା ଚାହି । ଲୋକେ ଦୌଡ଼ି ଆସି ଦେଖନ୍ତୁ ।

ସେ ଗାବ୍ରିଏଲ୍ ଉପରକୁ କୁଦି ପଡ଼ିଲା । କିନ୍ତୁ ଗାବ୍ରିଏଲ୍ କୌଣସି ଶକ୍ତ ପଦାର୍ଥ ଯୋଗେ ତା' ମୁଣ୍ଡରେ ଆଘାତ ଦିଅନ୍ତେ ସେ ତଳେ ପଡ଼ିଗଲା । ଉଠି ପଡ଼ି ହୁତୁହୁତୁ ଜଳିବାକୁ ଆରମ୍ଭ କରିଥିବା ଛପରର କିୟଦଂଶ ସେ ଟାଣି ପକାଇଲା ଠିକ୍, କିନ୍ତୁ ନିଆଁ ସେତେବେଳକୁ ଡେଇଁ ପଡ଼ିଲାଣି ଚାଳ ମଥାନକୁ । ସେ ହୁରି ପକାଇ ଗ୍ରାମବାସୀମାନଙ୍କୁ ଡାକିଲା । ଚାହୁଁ ଚାହୁଁ କୁଡ଼ିଆ ଉପରୁ ପବନରେ ନିଆଁ ଡେଇଁ ପଡ଼ି ତା' ମୁଖ୍ୟ ଘର ଚାଳ ଉପରେ ଲେଲିହାନ ରୂପ ଧାରଣ କଲା । ପୁଅମାନେ ତା' ବାପା ବୁଢ଼ାକୁ କୌଣସିମତେ ବାହାର କରି ଆଣିଲେ । ଯେତେ ସମ୍ଭବ ଘରର ଜିନିଷପତ୍ର ଘୋଷାଡ଼ି ଆଣିବାକୁ ଚେଷ୍ଟା କଲେ ।

ହଠାତ୍ ପବନ ଅପେକ୍ଷାକୃତ ଚଞ୍ଚଳ ହୋଇ ଉଠିଲା । ଚାଳର ମେଞ୍ଚାଏ ଜଳନ୍ତା ଉପାଦାନ ଯାଇ ପଡ଼ିଲା ପ୍ରତିବେଶୀ ଗାବ୍ରିଏଲ୍‌ର ଘର ଉପରେ । ହୁତୁ ହୁତୁ ଜଳି ଉଠିଲା ସେ ଘର । ଅନ୍ୟ ପଡ଼ୋଶୀମାନେ ଆତଙ୍କିତ ହୋଇ ନିଜ ନିଜ ଘରର ପିଲାପିଲି, ବୁଢ଼ାବୁଢ଼ୀ ଓ ଆସବାବପତ୍ର ବାହାର କରି ଆଣିବାରେ ବ୍ୟସ୍ତ ରହିଲେ । ଆଇଭାନ୍ ଓ ଗାବ୍ରିଏଲ୍ ଘରୁ ନିଆଁ ଲିଭାଇବା ଦିଗରେ କେହି ଆଗଭର ହେଲେ ନାହିଁ ।

ଆଇଭାନ୍ ଘରେ ନିଆଁ ଲଗାଇବା ନିମନ୍ତେ ଗାବ୍ରିଏଲ୍‌ର ସଂକଳ୍ପ କଥା ଅନେକେ ଜାଣିଥିଲେ । ଏଥର ଆଇଭାନ୍ ଅଭିଯୋଗ କରିବା ମାତ୍ରେ ଗାବ୍ରିଏଲ୍‌କୁ ସାଇବେରିଆକୁ ଆଜୀବନ ନିର୍ବାସିତ କରିବା ନିମନ୍ତେ ବିଚାରାଳୟ ରାୟ ଦେବ – ଏଥିରେ କାହାରି ସନ୍ଦେହ ନଥିଲା ।

ଗାଁ ମଝିରେ ସଭାସମିତି ବା ଉତ୍ସବ ସକାଶେ ଥିଲା ଗୋଟାଏ ଅପେକ୍ଷାକୃତ ବଡ଼ ଚାଳ ଘର । ଉଭୟ ନିରାଶ୍ରୟ ପରିବାର ପାଇଁ ସେହିଠାରେ ଆଶ୍ରୟ ନେବା ବ୍ୟତୀତ ଅନ୍ୟ ପନ୍ଥା ନଥିଲା ।

ଗାଁର ଜଣେ ବିଶିଷ୍ଟ ବ୍ୟକ୍ତି ଆଇଭାନ୍‌କୁ ପଚାରିଲେ, ‘‘ତୁମେ ବିଚାରାଳୟ ଯିବ କେତେବେଳେ ?’’

ଆଇଭାନ୍ କିଛି କହିଲା ନାହିଁ ।

‘‘ଯିବଟି ?’’ ସେ ପୁଣି ପଚାରିଲେ ।

‘‘ନା !’’ କହିଲା ଆଇଭାନ୍ । ଟିକିଏ ରହି ପୁଣି କହିଲା, ‘‘ମୋ ପୂର୍ବ ଅଭିଯୋଗ ସକାଶେ ମଧ କ୍ଷମା ପ୍ରାର୍ଥନା କରିବି – ତା’ହେଲେ ଗାବ୍ରିଏଲ୍‌କୁ ଚାବୁକ ମାଡ଼ ହେବ ନାହିଁ ।’’

ବିସ୍ମିତ ଭଦ୍ରଲୋକ ନିରବ ରହିଲେ । ତାଙ୍କ ମୁହଁରେ ହସ ଫୁଟି ଉଠିଲା । ଆଇଭାନ୍‌ର ପିଠି ଥାପୁଡ଼େଇ ଦେଇ ସେ କହିଲେ, ‘‘ତୁ ତୋ’ ବାପାର ଉପଯୁକ୍ତ ସନ୍ତାନ ।’’

ଅଦୂରରେ ଠିଆ ହୋଇ ଶୁଣୁଥିଲା ଗାବ୍ରିଏଲ୍ । ତା’ ଆଖି ହେଲା ସଜଳ ।

(ସଂକ୍ଷେପିତ ପୁନଃବିନ୍ୟାସ : ଦେବପ୍ରିୟ) ❑

# ଅମୃତମୟି ଜନନି !

## ଗୋପାଳ କୃଷ୍ଣ ପଟ୍ଟନାୟକ

ମାଆ ମିରାମ୍ବିକା, ସୃଷ୍ଟି ସଂଚାଳିକା,
ଅମୃତମୟି ଜନନି !
ତୁମେ ଜଗତର ପରାଣ-ତରଙ୍ଗ,
ଚେତନାର ନିର୍ଝରିଣୀ ।

ତୁମରି କରୁଣା- ସିନ୍ଧୁ ଜଳେ ବିନ୍ଦୁ
ହୋଇ ନିମଜ୍ଜିବା ପାଇଁ,
ଜୀବନ-ତଟିନୀ ଖରତର ହୋଇ
ବହେ ମଧୁବଂଶୀ ବାଇ ।

ସୁଧା ବୃଷ୍ଟିକର ଆରୋହୀ ଶାଶ୍ୱତ –
ଚିନ୍ମୟ-ଚେତନା ରଥେ,
ପରାଣ ନୂପୁର ରୁଣୁଝୁଣୁ ବାଜେ
କୃପା ବାରିଧାରା ପାତେ ।

ପୋଛି ଦେଇଥାଅ ପଣତ କାନିରେ
ଦୁନିଆ ଆଖିର ଲୁହ,
ସହି ପାର ନାହିଁ ବେଦନା-ବିଧୁର –
ନିରକ୍ଷ ପ୍ରାଣର କୋହ ।

ଅଯାଚିତେ ଦୁଃଖୀ ପାଶେ ପାଶେ ରହି
ଆଶିଷ ବରଷି ଥାଅ,
ସାଜି ମଧୁମୟ ମଳୟ ମରୁତ
ମନ୍ଦ ମନ୍ଦ ବହିଥାଅ ।

ତପ୍ତ ମରୁପ୍ରାଣ କର ସୁଶୀତଳ
ଅମୃତ କରି ସିଞ୍ଚନ,
ମଧୁ ସଉରଭେ ଭରା ଫୁଲେ ହସେ
ଏ ଜୀବନ-ବନାଙ୍ଗନ ।

ସେହି କରୁଣାର ମଧୁର ପ୍ଲାବନେ
ଭାସି ଉଠୁ ତନୁ ମନ,
ଦିବ୍ୟକୃପା ତରୁ ତଳେ ଚିର ଆଶ୍ରା
ଲଭୁ ଏ ତୃଷିତ ପ୍ରାଣ । ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨୮)

## ମହେନ୍ଦ୍ରନାଥ ସ୍ୱାଇଁ

**କରୁଣାମୟୀ ଦିବ୍ୟ-ଜନନୀ :**

ଶ୍ରୀଅରବିନ୍ଦଙ୍କ ଯୋଗ ବା ପୂର୍ଣ୍ଣଯୋଗର କେନ୍ଦ୍ରୀୟ ଶକ୍ତି ହେଲେ ''ମାତୃଶକ୍ତି'' – ଏକଥା ସମସ୍ତେ ଅନୁଭବ କରିଛନ୍ତି । ଏହି ମାତୃଶକ୍ତି ସମ୍ପର୍କରେ ଶ୍ରୀଅରବିନ୍ଦ ତାଙ୍କ ଅମୂଲ୍ୟ ରଚନାରେ ତାହା ଗଦ୍ୟ ହେଉ ବା ପଦ୍ୟ ହେଉ ସବୁଥିରେ ପରିଷ୍କାର ଭାବରେ ବୁଝାଇ ଦେଇଛନ୍ତି । ଠାକୁର ଶ୍ରୀରାମକୃଷ୍ଣ ପରମହଂସ କହିଥିଲେ, "Hold on to the Mother's post and keep encircling it." ''ମାତୃ ପତାକାଟିକୁ ଦୃଢ଼ ଭାବରେ ଧର ଏବଂ ତାକୁ ଉଡ଼ାଇ ଚାଲ ।'' ଏହି ପରିପ୍ରେକ୍ଷୀରେ ନଳିନୀକାନ୍ତ ଗୁପ୍ତ ବିଶ୍ୱ-ଇତିହାସ ସମ୍ପର୍କିତ ତାଙ୍କର ଏକ ନାତିଦୀର୍ଘ ଭାଷଣରେ ସୂଚୀତ କରି କହିଥିଲେ, ''Love Mother – that's all" – ''ମା'ଙ୍କୁ ଭଲପାଅ – ତାହାହିଁ ଯଥେଷ୍ଟ ।'' ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କର ଏକାନ୍ତ ଇଚ୍ଛା ପ୍ରକାଶ ପୂର୍ବକ କହିଛନ୍ତି – "Let the Mother be all to you and then all will be realized in you." ଅର୍ଥାତ୍, ''ମା ତୁମମାନଙ୍କର ସବୁକିଛି ହୁଅନ୍ତୁ, ତେବେଯାଇ ତୁମ ଭିତରେ ସବୁକିଛି ଅନୁଭବକୁ ଆସିଯିବ ।''

ଶ୍ରୀଅରବିନ୍ଦ ତାଙ୍କର କ୍ଷୁଦ୍ର ଅଥଚ ଖୁବ୍ ଶକ୍ତିଶାଳୀ ମନ୍ତ୍ର ଦ୍ୱାରା ଅଭିଷିକ୍ତ ''ମା'' ପୁସ୍ତକରେ ଶ୍ରୀମାଙ୍କ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ କହିଛନ୍ତି ଶ୍ରୀମାହିଁ ସ୍ୱୟଂ ଦିବ୍ୟ-ଜନନୀ । ମାନବ ଏକ ମଧ୍ୟବର୍ତ୍ତୀକାଳୀନ ଜୀବ ଯେକି ଅନ୍ୟ ଏକ ଜୀବସତ୍ତା (species) ମଧ୍ୟକୁ ଉଠିଯିବା ପାଇଁ ସତତ ଚେଷ୍ଟିତ । ଏହି ଦୁହିଁଙ୍କ ମଧ୍ୟରେ ମା ହେଉଛନ୍ତି ଏକ ସଂଯୋଗକାରୀ ସେତୁ । ଶ୍ରୀଅରବିନ୍ଦ ମା ପୁସ୍ତକରେ ଏହି ମଧ୍ୟବର୍ତ୍ତୀ ସଂଯୋଗକାରିଣୀ ଶକ୍ତି ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି :

"And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the Divine Mother is the sanction of the Supreme and now or tomorrow its effect is sure, a thing decreed, inevitable and irresistible."

(CWSA - 32, pp. 8 - 9)

''ଯଦି ମା ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧାବିପତ୍ତି ଓ ସଙ୍କଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ; କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କ ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିର୍ଣ୍ଣିତ, ପୂର୍ବ-ନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

ମା'ତ କରୁଣାମୟୀ, ତାଙ୍କର କରୁଣା ଓ ଅଭୟ ହସ୍ତ

ସଦାସର୍ବଦା ଆମ ମସ୍ତକ ଉପରେ ଉତ୍ତୋଳିତ । ଏହା ସଦାସର୍ବଦା ସ୍ମରଣକୁ ଆସିଲେ ହେଲା । ସ୍ମରଣ ମାତ୍ରକେ ସବୁ ଦୁଃଖ, କଷ୍ଟ ଦୂର ହୋଇଯାଏ । ସ୍ମରଣ ନହେଲା ପର୍ଯ୍ୟନ୍ତ ସେସବୁ କେତେ କଷ୍ଟକର ? ସକଳ ଜୀବ, ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ ନିଜ ନିଜ ବାଟରେ, ନିଜ ଉପାୟରେ ତାଙ୍କୁ ଆସ୍ପୃହା କରି ଚାଲିଛନ୍ତି । ସମଗ୍ର ପ୍ରକୃତି ନୀରବରେ ଜୀବନ-ଯନ୍ତ୍ରଣାର ଉପଶମ ନିମନ୍ତେ ତାଙ୍କୁ ଆରାଧନା କରୁଛନ୍ତି । ସେଥିପାଇଁ ପ୍ରଭୁ ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ ଲେଖିଛନ୍ତି –

"All Nature dumbly calls to her alone
To heal with her feet the aching throb of life..."
(P. 314)

''ସମଗ୍ର ପ୍ରକୃତି ନିରବ ଭାବରେ ତାଙ୍କୁହିଁ କେବଳ ଡାକେ,
ଜୀବନ-ଯନ୍ତ୍ରଣା ଉପଶମ ପାଇଁ ତାଙ୍କ ପାଦେ ମଥା ରଖେ ।''

କିଏ କେଉଁ ମୁହୂର୍ତ୍ତରେ ଦିବ୍ୟ-ଜନନୀଙ୍କ ପାଖକୁ ଆସିଛି, ନିଜର କରି ନେଇଛି ତାହାର କିଛି ଲିଖିତ, ପ୍ରାମାଣିକ ଦଲିଲ ଅଛି କି ? ମା'ଙ୍କ କରୁଣା ସବୁବେଳେ କାମ କରୁଥାଏ, ସେ ରହସ୍ୟମୟୀ । ମା'ଙ୍କର ଶକ୍ତିର ରହସ୍ୟଗୁଡ଼ିକୁ ପ୍ରକାଶ କରିବା ପାଇଁ ଶ୍ରୀଅରବିନ୍ଦ ମହାକାବ୍ୟ 'ସାବିତ୍ରୀ'ରେ ଲେଖିଛନ୍ତି –

"She is the golden bridge, the wonderful fire."
(P. 314)

''ସିଏ ତ ସୁବର୍ଣ୍ଣ ସେତୁ, ବହ୍ନି ଅନୁପମ ।''

"The magnet of our difficult ascent,"
(P. 314)

''କଷ୍ଟକର ଉତ୍ତରଣେ ଆମ ସିଏ ତ ଚୁମ୍ବକ,''

ଶ୍ରୀମା ତାଙ୍କର ଜୁନ୍ ୧, ୧୯୧୪ ପ୍ରାର୍ଥନାରେ ଦିବ୍ୟ-ଜନନୀ କିପରି ଧରିତ୍ରୀ ଏବଂ ସ୍ୱର୍ଗର ମଝିରେ ସେତୁ ହୋଇ ଦଣ୍ଡାୟମାନା, ତାହା ପ୍ରକାଶ କରିଛନ୍ତି । ତାହା ଏହିପରି –

"All those who do not recognise Thee, all those who do not know Thee, all those who try to turn away from Thy sweet and divine law, I take into my arms of love, I cradle them in my heart of love and offer them to Thy divine flames, so that penetrated by Thy miraculous effluence, they may be converted in Thy beatitude." (CWM-1, pp. 163)

''ଯେଉଁମାନେ ଆପଣଙ୍କୁ ସ୍ୱୀକାର କରନ୍ତି ନାହିଁ, ଯେଉଁମାନେ ଆପଣଙ୍କୁ ଜାଣନ୍ତି ନାହିଁ, ଯେଉଁମାନେ ଆପଣଙ୍କ ମଧୁର ଏବଂ ଦିବ୍ୟ-ନିୟମଠାରୁ ମୁଖ ଫେରାଇ ନେବାକୁ ଚେଷ୍ଟା କରନ୍ତି, ସେହିମାନଙ୍କୁ ମୁଁ ମୋ ପ୍ରେମର ବାହୁ ବନ୍ଧନୀ ଭିତରକୁ ନେଇଯାଏ, ସେମାନଙ୍କୁ ମୋ ପ୍ରେମପୂର୍ଣ୍ଣ ହୃଦୟରେ ଜଡ଼ାଇ ଧରି ସେମାନଙ୍କ ପିଠି ଥାପୁଡ଼ାଇ ଦିଏ ଏବଂ ଆପଣଙ୍କ ଦିବ୍ୟ-ଜ୍ୟୋତିଃ ଭିତରକୁ ସେମାନଙ୍କୁ ନିବେଦିତ କରିଦିଏ, ଯାହା ଫଳରେ ଆପଣଙ୍କ ଅଲୌକିକ ଅଦୃଶ୍ୟ ଶକ୍ତି-ପ୍ରବାହ (effluence) ସେମାନଙ୍କ ଭିତରେ ପ୍ରବେଶ କରିବ ଏବଂ ସେମାନେ ଆପଣଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯିବେ ।''

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଭଗବାନ୍ ଯଦି ସମ୍ମୁଖରେ ଆସି ଦଣ୍ଡାୟମାନ ହୁଅନ୍ତି ତଥାପି ତାଙ୍କୁ ଚିହ୍ନିପାରିବା ମଣିଷ ପକ୍ଷରେ ଅସମ୍ଭବ, କିନ୍ତୁ ମା ହେଉଛନ୍ତି ମାନବିକ କ୍ରିୟାକଳାପର ଅଂଶ ବିଶେଷ, ଜନ୍ମରୁ ତାଙ୍କ ସହିତ ମଣିଷର ନିବିଡ଼ ସମ୍ପର୍କ, ରକ୍ତରେ ପ୍ରବାହିତ ସମ୍ପର୍କ । ମା ସଦାସର୍ବଦା ପୃଥିବୀର ଅଣୁ ପରମାଣୁଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଦୁଇ ହାତରେ ତୋଳି ନେଉଛନ୍ତି, ସତତ ଆମ ପାଖେ ପାଖେ ଅଛନ୍ତି – ଯେଉଁମାନେ ପରମ ପ୍ରଭୁଙ୍କଠାରୁ ଦୂରେଇ ଯାଉଛନ୍ତି ସେମାନଙ୍କୁ ଆଣି ପୁନର୍ବାର ପ୍ରଭୁଙ୍କ ସମ୍ମୁଖରେ ଠିଆ କରାଇ ଦେଉଛନ୍ତି ।

ଶ୍ରୀମାଙ୍କର କର୍ମଧାରା, ସ୍ମିତହାସ୍ୟ, ଦିବ୍ୟସ୍ୱର ଓ ଅନ୍ୟ ସକଳ ବିଭବ ଦିବ୍ୟ-ରହସ୍ୟରେ ଆବୃତ । ସେ ହେଉଛନ୍ତି ପ୍ରେମମୟୀ ଦିବ୍ୟଜନନୀ । ଦିବ୍ୟପ୍ରେମ ସର୍ବତ୍ର ପ୍ରବେଶ କରିପାରେ । ସେଥିପାଇଁ ଆମେ ଅବଲୀଳା କ୍ରମେ ମା'ଙ୍କୁ ଭଲ ପାଇଥାଉ । ମା ଆମର ଭଲ ପାଇବାକୁ ଗ୍ରହଣ କରନ୍ତି – ଆମକୁ ନିଜ ହାତରେ ପୁନଃ-ନିର୍ମାଣ କରନ୍ତି, ତତ୍‌ପରେ ଆମକୁ ''ପରମ-ଜ୍ୟୋତିଃ'' (Supreme Flame) ଭିତରେ ଅର୍ପଣ କରି ଦିଅନ୍ତି ।

ସମସ୍ତେହିଁ ମା'ଙ୍କ ସନ୍ତାନ । ଅନ୍ତର ଭିତରେ ସାଇତି ରଖିଥିବା କଥା ବା ଭାବଟିକୁ ଧୀରସ୍ଥିର ହୋଇ ମା'ଙ୍କ ଚରଣ ତଳେ ଢାଳି ଦେଲେ, ତା'ର ପ୍ରତ୍ୟୁତ୍ତର ନିଶ୍ଚିତ ଭାବରେ ପ୍ରାପ୍ତ ହୋଇଥାଉ । ଏହି ପରିପ୍ରେକ୍ଷୀରେ ମାନସପଟରେ ଉଙ୍କି ମାରୁଥିବା ଏକ ଘଟଣାର ଅବତାରଣା କଲେ ଅତ୍ୟୁକ୍ତି ହେବ ନାହିଁ, ତାହା ଏହିପରି –

ନଭେମ୍ବର ୧୯୪୮ ମସିହା କଥା । ଜନୈକ ଭକ୍ତ, ବିଦ୍ୱାନ୍, ଶାସ୍ତ୍ରଜ୍ଞ ପଣ୍ଡିତ ନଭେମ୍ବର ଦର୍ଶନକୁ ଆସିଥା'ନ୍ତି । ସେତେବେଳେ ମା ସନ୍ଧ୍ୟାବେଳେ ଧ୍ୟାନ ଗୃହରେ ଉପବେଶନ କରି ଆଶୀର୍ବାଦ ଦେଉଥା'ନ୍ତି । ଭକ୍ତ ଜଣଙ୍କର ଭାରି ଇଚ୍ଛା – ମା'ଙ୍କ ପଦ ସ୍ପର୍ଶକରି ପ୍ରଣାମ କରିବେ ଏବଂ ଆଶୀର୍ବାଦ ଗ୍ରହଣ କରିବେ । କିନ୍ତୁ ଧ୍ୟାନ ଗୃହରେ ଉପସ୍ଥିତ ହୋଇ ଦେଖିଲେ ଲେଖା ହୋଇଛି ''No Pranam'' । ସେହି ସମୟରେ ମା'ଙ୍କର ବହୁତ କାମ, ସେଥିପାଇଁ ଏହି ନୋଟିସଟି ତାଙ୍କ ଅନୁମୋଦନ କ୍ରମେ ଲଗାଯାଇଥିଲା । ସାଧକ ଜଣକ ଭାବିଲେ, ''ଠିକ୍ ଅଛି, ମା'ଙ୍କ ଇଚ୍ଛା, ଆସନ୍ତା ବର୍ଷକୁ ଆସିଲେ ପାଦଛୁଇଁ ପ୍ରଣାମ ଜଣାଇବି ।'' ତା' ପରବର୍ଷ ଆସିଲେ । ଦେଖିଲେ ସେହି ଏକା କଥା । ଲେଖା ହୋଇଛି, ''No Pranam'' । ସେ ଭାବିଲେ 'ପ୍ରଣାମ' ବୋଧହୁଏ ମୋ ଭାଗ୍ୟରେ ଆଉ ନାହିଁ ।

ତା' ପରଦିନ ନଳିନୀଦାଙ୍କୁ ଭେଟି ସେ କହିଲେ, ''ମୁଁ ମା'ଙ୍କୁ ବ୍ୟକ୍ତିଗତ ଭାବରେ ଦର୍ଶନ କରି ମୋର କିଛି ହୃଦୟର କଥା ନିବେଦନ କରିବାକୁ ଇଚ୍ଛା କରୁଛି ।'' ନଳିନୀଦା ଉତ୍ତର ଦେଲେ, ''ତାହା ସମ୍ଭବ ନୁହେଁ । ଆପଣ ମା'ଙ୍କୁ ଖେଳ ପଡ଼ିଆରେ ତାଙ୍କ ପ୍ରକୋଷ୍ଠରେ ଦେଖା କରିପାରନ୍ତି ।'' ସନ୍ଧ୍ୟାବେଳେ ଖେଳପଡ଼ିଆର କାର୍ଯ୍ୟକ୍ରମ ଓ ସମବେତ ଧ୍ୟାନ ପରେ ଭକ୍ତ ଜଣକ ଫେରି ଆସୁଥିଲେ, କାରଣ ଏତେ ଲୋକଙ୍କ ଭିତରେ ମା'ଙ୍କୁ ଦର୍ଶନ କରି ତାଙ୍କ ନିଜର ବ୍ୟକ୍ତିଗତ କଥା ସର୍ବ-ସମକ୍ଷରେ କହିବାକୁ ସାହସ ହେଲା ନାହିଁ, କାରଣ ସେ ଟିକିଏ ଲଜ୍ଜାଶୀଳ ଥିଲେ ।

ସେ ଖେଳପଡ଼ିଆ ଫାଟକ ପାଖରେ ହୋଇଛନ୍ତି କି ନାହିଁ, କେହି ଜଣେ ଦୌଡ଼ି ଦୌଡ଼ି ଆସି କହିଲେ, ''Hello, Mother is calling you !'' ''ଶୁଣ ମା ତୁମକୁ ଡାକୁଛନ୍ତି ।'' ସେ ଅଣନିଃଶ୍ୱାସୀ ହୋଇ ଦୌଡ଼ିଲେ ମା'ଙ୍କ ପ୍ରକୋଷ୍ଠ ଆଡ଼କୁ । ଯାଇଁ ଦେଖିଲେ ମା ସେଠାରେ ନାହାନ୍ତି । ପୁଣି ଦୁଃଖ, ''ମା କ'ଣ ମୋତେ ଅପେକ୍ଷା କରି ଚାଲିଗଲେ ?'' ଫେରି ଆସୁଥିଲେ, ଭାବୁଥିଲେ, ମା ମୋର ଆସ୍ପୃହାକୁ ଦେଖି ଆପଣା ଦର୍ଶନ ପାଇଁ ସୁଯୋଗ ଦେଇଥିଲେ, ଏହା କ'ଣ କମ୍ କୃପା ? ଏହା ଭାବି ଫେରି ଯାଉଛନ୍ତି, ପୁଣି ପଛରୁ ଅନ୍ୟ ଜଣେ ଲୋକ କହିଲେ, ''କାହିଁକି ଫେରି ଯାଉଛନ୍ତି, ମା ଆପଣଙ୍କୁ ଡକାଇ ପଠାଇଛନ୍ତି, ମୋ ସାଙ୍ଗରେ ଆସନ୍ତୁ ।''

ଭକ୍ତଜଣଙ୍କ ମା'ଙ୍କ ପ୍ରକୋଷ୍ଠ ନିକଟରେ ପହଞ୍ଚି ଦେଖିଲେ ସେଠାରେ ନଳିନୀଦା, ପବିତ୍ରଦା ଏବଂ ଅମୃତଦା ଠିଆ ହୋଇଛନ୍ତି । ସେମାନେ ତାଙ୍କୁ ଅନ୍ୟ ଗୋଟିଏ ପ୍ରକୋଷ୍ଠ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲେ ଏବଂ କହିଲେ, ''ମା ସେହି କକ୍ଷରେ ତୁମ ପାଇଁ ଏକୁଟିଆ ଅପେକ୍ଷା କରି ରହିଛନ୍ତି, ଯାଆନ୍ତୁ, ବ୍ୟସ୍ତ ହୁଅନ୍ତୁ ନାହିଁ ।''

ଭକ୍ତଙ୍କ ଭାବପ୍ରବଣତାକୁ ଶବ୍ଦ ମାଧ୍ୟମରେ ବର୍ଣ୍ଣନା କରିବା ଅସମ୍ଭବ । ଦିବ୍ୟଜନନୀ ଶ୍ରୀମା'ଙ୍କର ପ୍ରେମ ଏବଂ ନିଜର କୃତଜ୍ଞତା ଏକାଠି ମିଶି ଏକ ଅଦ୍ଭୁତ ପ୍ଲାବନ ସୃଷ୍ଟି କରିଥିଲା ତାଙ୍କ ଅନ୍ତରରେ । ଆସ୍ତେ ଆସ୍ତେ କକ୍ଷ ଭିତରକୁ ସେ ପ୍ରବେଶ କଲେ, ଦେଖିଲେ ମା ଏକୁଟିଆ ବସି ତାଙ୍କୁ ଅପେକ୍ଷା କରିଛନ୍ତି । ମା କହିଲେ, ''ଆସ, ଲଜ୍ଜା କର ନାହିଁ ।'' ''ଆହା ! ମୁଁ ଲଜ୍ଜାଶୀଳ ବୋଲି ମା କିପରି ଜାଣିଲେ ? ସେଥିପାଇଁ ଏହି ବ୍ୟବସ୍ଥା !'' ଲମ୍ବ ହୋଇ ମା'ଙ୍କ ପାଦପଦ୍ମକୁ ଧରି ସାଷ୍ଟାଙ୍ଗ ପ୍ରଣିପାତ କରି ପଡ଼ି ରହିଲେ ଦୀର୍ଘ କୋଡ଼ିଏ ମିନିଟ – ବାହ୍ୟଜ୍ଞାନ ଶୂନ୍ୟ ଅବସ୍ଥାରେ । ମା ନଇଁପଡ଼ି ସେହି କୋଡ଼ିଏ ମିନିଟ କାଳ ତାଙ୍କ ମସ୍ତକ ଉପରେ ଅଭୟ ହସ୍ତ ସ୍ଥାପନପୂର୍ବକ ଆଶୀର୍ବାଦ କରୁଥିଲେ ।

('ଦିବ୍ୟ ସମାଚାର'ରୁ ସଂଗୃହୀତ)

ଏହାହିଁ ଦିବ୍ୟଜନନୀଙ୍କ ପୃଥିବୀପୃଷ୍ଠରେ କାର୍ଯ୍ୟ । ଅନ୍ତରର ଭାବକୁ ମଧ୍ୟ ସେ ଜାଣିପାରନ୍ତି ଏବଂ ତଦନୁସାରେ କାର୍ଯ୍ୟ କରୁଥା'ନ୍ତି ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on Prayers and Meditations : Goutam Ghosal

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୫୬)

## ସାହାନା ଦେବୀ

**ସାହାନା :** ମା ଗୋ, ଶ୍ରୀଅରବିନ୍ଦ ଯେଉଁଭାବେ ଲେଖିଛନ୍ତି ସେମିତି କରିପାରିଲେ ତ ଏତେ ଦିନରେ ମୁଁ ହୁଏତ କିଛିଟା ସଫଳ ହୋଇ ପାରିଥାଆନ୍ତି, କିନ୍ତୁ ସେମିତି କିଛି ବି କରି ପାରିନି । ତେବେ ଚେଷ୍ଟା କରି ଚାଲିଛି, ଯେତେଟା ବୁଝିପାରିଛି ସେଇଭଳି କରିବାକୁ, ତଥାପି କ'ଣ ତାହା ସଠିକ୍ ରୂପେ କରିପାରିଛି ! ଆମମାନଙ୍କର ଚେଷ୍ଟା ବି ତ ସେଇପରି । ତେଣୁ ଏତେ କଷ୍ଟ ମଧ୍ୟ ପାଉଛି ଭଲ କରି କରିପାରୁନି ବୋଲି । ଯାହାହେଉ ଏବେ ସବୁ ନୂତନ କରି କରିବାର ଚେଷ୍ଟା କରିବି ଯେମିତି ଶ୍ରୀଅରବିନ୍ଦ କରିବାକୁ ଲେଖିଛନ୍ତି । ଖୁବ୍ କଠିନ କିନ୍ତୁ, ମା !

ମା ଗୋ, ମୋର ଅବସ୍ଥାଟା ଯେପରି ସ୍ଥାୟୀ ଭାବେ ପ୍ରତିଷ୍ଠିତ ହୋଇ ପାରୁନି । ଉତ୍‌ଥାନ, ପତନ ଭିତରେ ଚାଲିଛି, କେତେବେଳେ ବେଶ୍ ଭଲ ତ ପୁଣି ସେମିତି କିଛି ଭଲ ନୁହେଁ, ନିଜର ସାଧନା ସମ୍ବନ୍ଧରେ, ପରିବର୍ତ୍ତନ ସମ୍ବନ୍ଧରେ କେତେବେଳେ ଖୁବ୍ ଆଗ୍ରହ ବୋଧ କରେ, ପୁଣି ମନେ ହୁଏ କୌଣସି ଅନୁଭବ ବି ନାହିଁ । ପ୍ରାର୍ଥନାରେ କେତେବେଳେ ଖୁବ୍ ନିମଗ୍ନ ଓ ଗଭୀର ଭାବ ଥାଏ, ପୁଣି କେତେବେଳେ ପ୍ରାର୍ଥନା କେବଳ କଥା କଥାରେ ରହେ, ଅର୍ଥାତ୍ ମୌଖିକ ଭାବେ । ସବୁ ବାଧାବିପତ୍ତି ଏଡ଼ାଇ ଠିକ୍ ଜିନିଷଟିକୁ ଧରି ରଖି ପାରୁନି ମା । ଏହିପରି ଉତ୍‌ଥାନ, ପତନ କ'ଣ ବରାବର ଚାଲିଥିବ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏଇ ଇତସ୍ତତଃ ଦୋଳାୟମାନ ଭାବ ପ୍ରତିରୋଧୀ ଅଂଶର (ତା'ର କେତେକାଂଶରେ) କୌଣସି କିଛି ନିମନ୍ତେ ଯାହା ଅପରିତୁଷ୍ଟ ପରିବର୍ତ୍ତନ ପାଇଁ ଏବେ ଆସ୍ପୃହା ଜାଗିବାର ହେତୁ । ଯେତେବେଳେ କୌଣସି ପ୍ରାଣିକ ଉପାଦାନ, ନିରାଶ ବା ଅପରିତୁଷ୍ଟ ଥାଏ, ଏବଂ ତାକୁ ଆହ୍ୱାନ କରାଯାଏ ବା ବାଧ୍ୟ କରାଯାଏ, ଯାହା ଲାଗି ତା'ର ସେତେବେଳେ ଇଚ୍ଛା ନଥାଏ, ସେତେବେଳେ ସେ ସେଥିରେ ଯୋଗ ନଦେବାର ଅବା ଅସହଯୋଗ କରିବାର ପ୍ରବଣତା ସୃଷ୍ଟି କରେ । ଏବଂ ସେ ସେତେବେଳେ ଶରୀରକୁ ଏକ ନିସ୍ତେଜ, ଆବେଗହୀନ ପ୍ରାଣର ଜୋର୍ ନଥିବା ତନ୍ଦ୍ରାବେଶ ଅବସ୍ଥାରେ ପକାଇ ରଖିବାକୁ ଚାହେ । ଚୈତ୍ୟିକ ଚାପରେ ଅବଶେଷରେ ନିଃଶେଷ ହୋଇଯିବ ଏଇ ପ୍ରତିରୋଧୀ ଅବଶିଷ୍ଟାଂଶ । (୯.୮.୩୬)

**ସାହାନା :** ନତ, ନମ୍ର ହେବାର ଇଚ୍ଛା ବାରଂବାର ଆସୁଛି ଏବଂ ଯାଉଛି, କିନ୍ତୁ ଏଥରକ ଏଇ ଇଚ୍ଛାଟି ବୋଧ କରିବାରେ ଖୁବ୍ ଏକ ଆନନ୍ଦ ଓ ଶାନ୍ତି ଅନୁଭବ କରୁଛି । ମା ଗୋ, ଯାହା ଆସୁଛି ତାକୁ ମୁଁ ନିଷ୍ଠାର ଅଭାବରୁ ଧରି ରଖି ପାରୁନି ! ବାରଂବାର ମନକୁ ଆସେ ମୋତେ କ'ଣ କ'ଣ ଛାଡ଼ିବାକୁ ହେବ, ଏଥର ଛାଡ଼ିବାକୁହିଁ ହେବ ଏସବୁକୁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ହେଉଛି ଯଥାର୍ଥ ଚୈତ୍ୟିକ ନିୟମାନୁବର୍ତ୍ତିତା ଓ ଗତିବୃତ୍ତି ଯାହା ତୁମ ମଧ୍ୟରେ ପ୍ରୟୋଜନୀୟ ପରିବର୍ତ୍ତନ ନିମନ୍ତେ ଜାଗ୍ରତ୍ ହୋଇଛି । ତୁମକୁ ଏହାକୁ ଧରି ରଖିବାକୁ ହେବ ଯଦ୍ଦ୍ୱାରା ସିଏ ଫଳପ୍ରଦ ହୋଇପାରେ । ବର୍ତ୍ତମାନ ତା' ଲାଗି ଏକ ବିଶେଷ ଶାନ୍ତ ସଜାଗତା ପ୍ରୟୋଜନ ।

(୪.୯.୩୬)

**ସାହାନା :** କାହାରିକୁ ଯଦି ମିଥ୍ୟାର ଆଶ୍ରୟ ନେଇ ସତ୍ୟ ବିରୁଦ୍ଧରେ ଛିଡ଼ା ହେବାର ଦେଖାଯାଏ, ଯଦି ଦେଖେ କେହି ସତ୍ୟକୁ ଆକ୍ରମଣ କରୁଛି ତେବେ ସେ କ୍ଷେତ୍ରରେ ଆମମାନଙ୍କର କି ପ୍ରକାରର ମନୋଭାବ (attitude) ହେବା ଉଚିତ ? କେବଳ ଯୌଗିକ ସମତା ବଜାୟ ରଖି ସେ ସମ୍ବନ୍ଧରେ ନିରପେକ୍ଷ ଅବା ଉଦାସୀନ ରହିବାହିଁ ଶ୍ରେୟ, ନା ସତ୍ୟର ପକ୍ଷ ନେଇ ମିଥ୍ୟା ବିରୁଦ୍ଧରେ ଖଡ଼୍‌ଗ ଉତ୍ତୋଳନ କରିବାହିଁ ଶ୍ରେୟ ? ଏଇ ପ୍ରଶ୍ନଟି ମନକୁ ଆସିଥିଲା, ମାଶ୍ରୀଅରବିନ୍ଦଙ୍କୁ ଆକ୍ରମଣ କରି କେହି ଜଣେ ଚିଠିଟିଏ ଲେଖିଥିଲେ । ସେଇ ଚିଠିଟି ପଢ଼ି ଆମମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଏବଂ ଆଲୋଚନା ଚାଲିଥିଲା ଯେ ଏମାନଙ୍କ ପ୍ରତି ଆମର କି ପ୍ରକାର ମନୋଭାବ ରହିବା ଉଚିତ, ଏମାନଙ୍କ ସହିତ କୌଣସି ସଂସ୍ରବ ବା ସମ୍ବନ୍ଧ ରଖିବା ଉଚିତ କି ନୁହେଁ । ମୋ ମନରେ ଏକ ପ୍ରକାର ଦ୍ୱିଧା ଭାବ ଜାଗିଥିଲା – ଏତେଟା ବିରୋଧ ବା ବିଦ୍ୱେଷ ଭାବ ରହିବାଟା ଠିକ୍ କି ନା । ଆମ ଭିତରୁ 'ଦ' ଖୁବ୍ ଜୋର୍ ଦେଇ କହିଲେ ଯେ – ଏମାନଙ୍କ ସହିତ ଆମର ସଂସ୍ରବ ତ ଦୂରର

କଥା, କୌଣସି ଆପୋଷ ମିଳାମିଶା ବି ଚଳିବ ନାହିଁ । ଶ୍ରୀଅରବିନ୍ଦଙ୍କୁ ସବୁ ଲେଖି ତାଙ୍କ ମତାମତ ଜାଣିବାକୁ ଚାହିଲି । ଶ୍ରୀଅରବିନ୍ଦ ସେଇମାନଙ୍କୁହିଁ ପୂର୍ଣ୍ଣ ସମର୍ଥନ ନକରି ଏଇ ପତ୍ରଟି ମୋତେ ଲେଖିଥିଲେ :

**ଶ୍ରୀଅରବିନ୍ଦଙ୍କ ପତ୍ର :** କୌଣସି ସନ୍ଦେହ ନାହିଁ ଯେ ବିଦ୍ୱେଷ ଏବଂ ଅଭିଶାପ ସଂଗତ 'ଆଟିଚିଉଡ୍' (ମୂଳଭାବ) ଏହା ନୁହେଁ । ଏକଥା ସତ୍ୟ ଯେ ସମସ୍ତ ଘଟଣାଟିକୁ ସବୁ ମନୁଷ୍ୟଙ୍କୁ ଶାନ୍ତଭାବେ ଏବଂ ସ୍ୱଚ୍ଛ ଦୃଷ୍ଟିରେ ଦେଖିବା, ନିଜର ମତାମତ ବା ବିଚାର ସମ୍ବନ୍ଧରେ ନିର୍ଲିପ୍ତ ଏବଂ ନିରପେକ୍ଷ ରହିବା – ଏହା ହେଲା ଯଥୋପଯୁକ୍ତ ଯୌଗିକ 'ଆଟିଚିଉଡ୍' । ସମ୍ପୂର୍ଣ୍ଣ ସମତାର ଏକ ଅବସ୍ଥା ପ୍ରତିଷ୍ଠିତ କରାଯାଏ, ଯେଉଁ ଅବସ୍ଥାରେ ଶତ୍ରୁ ଓ ମିତ୍ରଙ୍କ ସହ ସମସ୍ତଙ୍କୁ ସମାନ ଭାବେ ଦେଖାଯାଏ ଏବଂ ମନୁଷ୍ୟ କ'ଣ କଲା କିଂବା କି ଘଟଣା ଘଟିଲା ସେଥିରେ ବିଚଳିତ ନହେବା । ପ୍ରଶ୍ନ ହେଉଛି, କେବଳ ଏଇଟିକୁହିଁ ଆମ ପାଖରେ ଦାବି କରା ହୋଇଛି କି ନାହିଁ । ଯଦି ହୋଇଥାଏ ତା'ହେଲେ ସାଧାରଣ 'ମନୋଭାବ' ହେବ ସବୁ କିଛି ପ୍ରତି ଏକ ନିରପେକ୍ଷ ଉଦାସୀନତା । କିନ୍ତୁ ଯେଉଁ ଗୀତା ସ୍ପଷ୍ଟଭାବେ ଏକ ପୂର୍ଣ୍ଣ ସମତା ଉପରେ ଅନବରତ ଜୋର୍ ଦେଇଛି, ଏବଂ ସେଇ ଗୀତାହିଁ କହେ : ''ଯୁଦ୍ଧ କର, ଶତ୍ରୁକୁ ଧ୍ୱଂସ କର, ଜୟଲାଭ କର ।'' ସାଧାରଣ ଭାବେ କୌଣସି ପ୍ରକାର କିଛି ଯଦି କରିବାକୁ ଇଚ୍ଛା ନହୁଏ, ମିଥ୍ୟା ବିରୁଦ୍ଧରେ ସତ୍ୟ ପ୍ରତି କୌଣସି ନିଷ୍ଠା ନଥାଏ, ଏକ ବ୍ୟକ୍ତିଗତ ସାଧନା ବ୍ୟତୀତ, ସତ୍ୟର ଜୟ ହେବା ଲାଗି ଯଦି କୌଣସି ସଂକଳ୍ପ ନଥାଏ, ତା'ହେଲେ ଉଦାସୀନ ସମତାହିଁ ଯଥେଷ୍ଟ । କିନ୍ତୁ ଏଠାରେ ଏକ ବିଶେଷ କାର୍ଯ୍ୟ ଚାଲିଛି । ଗୋଟିଏ ସତ୍ୟକୁ ପ୍ରତିଷ୍ଠିତ କରିବାକୁ ହେଉଛି ଯାହାର ପଶ୍ଚାତରେ ବିରାଟ ଶତ୍ରୁ ଶକ୍ତି ନିୟୋଜିତ କରାଯାଇଛି, ଅଦୃଶ୍ୟ ଶକ୍ତି ଯେଉଁମାନେ ଦୃଶ୍ୟବସ୍ତୁକୁ, ଶକ୍ତିକୁ ଏବଂ କର୍ମକୁ ସେମାନଙ୍କର ଯନ୍ତ୍ରସ୍ୱରୂପ ବ୍ୟବହାର କରନ୍ତି । ଯଦି ଶିଷ୍ୟମାନଙ୍କ ମଧ୍ୟରୁ କେବଳ ଜଣେ ଏହି ସତ୍ୟର ସନ୍ଧାନୀ ହୁଏ, ତେବେ ତାକୁ ସତ୍ୟର ପକ୍ଷ ନେବାକୁ ହେବ, ଛିଡ଼ା ହେବାକୁ ହେବ ସେଇ ଶକ୍ତି ସମୂହର ବିପକ୍ଷରେ ଯେଉଁମାନେ ସତ୍ୟକୁ ଆକ୍ରମଣ ଏବଂ ଶ୍ୱାସରୋଧ କରିବାକୁ ଚାହାନ୍ତି । ଅର୍ଜୁନ ଚାହିଁଥିଲେ କୌଣସି ପକ୍ଷରେ ବି ଛିଡ଼ା ହେବେ ନାହିଁ, ଶତ୍ରୁତାମୂଳକ କୌଣସି କାର୍ଯ୍ୟ ନକରିବାକୁ, ଏପରିକି ଆତତାୟୀମାନଙ୍କ ବିରୋଧରେ ମଧ୍ୟ ନୁହେଁ; ଶ୍ରୀକୃଷ୍ଣ, ଯିଏ ଏତେ ଜୋର୍ ଦେଉଥିଲେ ସମତା ଉପରେ, ତାଙ୍କର ଏଇ ମନୋଭାବକୁ ତୀବ୍ର ତିରସ୍କାର କଲେ ଏବଂ ଦୃଢ଼ତାର ସହ ବିପକ୍ଷମାନଙ୍କ ସହ ଯୁଦ୍ଧରେ ରତ ହେବାକୁ ତାଙ୍କୁ କହିଲେ । 'ସମତା ବଜାୟ ରଖ', ସେ କହିଲେ, ଏବଂ 'ସତ୍ୟକୁ ପରିଷ୍କାର ଚକ୍ଷୁରେ ଦେଖି ଯୁଦ୍ଧ କର ।' ସୁତରାଂ ସତ୍ୟର ପଥ ଅବଲମ୍ବନ କରିବା, ଯେ ମିଥ୍ୟା ଆକ୍ରମଣ କରେ ତାକୁ କୌଣସି ପ୍ରକାରେ ଛାଡ଼ି ଦେବାକୁ ଅସମ୍ମତ ହେବା, ସତ୍ୟ ପ୍ରତି ଅତୁଟ ନିଷ୍ଠା, ଶତ୍ରୁ ଏବଂ ଆକ୍ରମଣକାରୀମାନଙ୍କ ବିରୋଧରେ ଛିଡ଼ା ହେବା ସମତାର ବିରୋଧୀ ନୁହେଁ । ବ୍ୟକ୍ତିଗତ, ଅହଂଜାତ ଯେଉଁ ସମସ୍ତ ଭାବ ସେସବୁକୁ ବର୍ଜନ କରିବାକୁ ହେବ ଏବଂ ଘୃଣା ତଥା ଦ୍ୱେଷ ପ୍ରତ୍ୟାଖ୍ୟାନ କରିବାକୁ ହେବ । କିନ୍ତୁ ଅତୁଟ ନିଷ୍ଠା ଏବଂ ଆପୋଷରେ ଆତତାୟୀ ଏବଂ ବିପକ୍ଷୀୟମାନଙ୍କ ସହ ନିଷ୍ପତ୍ତି କରିବାକୁ ଅସ୍ୱୀକାର କରିବା, ଅବା ସେମାନଙ୍କର ଧାରଣା ଏବଂ ଦାବି ନେଇ ଆମୋଦ-ପ୍ରମୋଦ କରିବା ଏବଂ କହିବା, ଶେଷ ପର୍ଯ୍ୟନ୍ତ ସେମାନେ ଯାହା ଚାହାନ୍ତି ତା' ସହ ଆମେ ବୁଝାମଣା କରିପାରୁ – ବା ସେମାନଙ୍କୁ ସଙ୍ଗୀ-ସାଥୀ ଅବା ନିଜ ଲୋକ ବୋଲି ଗ୍ରହଣ କରିବା – ଏଇ ସମସ୍ତ ଜିନିଷର ଖୁବ୍ ଗୁରୁତ୍ୱ ରହିଛି । ମା'ଙ୍କ ଉପରକୁ ଏହା ଯଦି ଶାରୀରିକ ଆକ୍ରମଣ ହୋଇ ଥାଆନ୍ତା, ତା'ହେଲେ ତାଙ୍କ କର୍ମ ଏବଂ ଆଶ୍ରମ ଉପରେ ଏହାର ସ୍ୱରୂପ ତତ୍‌କ୍ଷଣାତ୍ ଦେଖାଯାଇ ଥାଆନ୍ତା । କିନ୍ତୁ ଯେହେତୁ ଆକ୍ରମଣ ହୋଇଛି ସୂକ୍ଷ୍ମଭାବେ ତେଣୁ ତା' ବିରୋଧରେ ନିଷ୍କ୍ରିୟତା ଅବଲମ୍ବନ କରିବା କ'ଣ ଉଚିତ ହୋଇପାରେ ? ଏହା ହେଉଛି ଆଧ୍ୟାତ୍ମିକ ଯୁଦ୍ଧ – ଭିତରେ ଏବଂ ବାହାରେ ନିରପେକ୍ଷ ରହିବା ଅବା ବୁଝାମଣାର ଭାବ, ଏପରିକି ନିଷ୍କ୍ରିୟତା ଅବଲମ୍ବନ ଦ୍ୱାରା ଅନେକ ସମୟରେ ଶତ୍ରୁ ଶକ୍ତିମାନଙ୍କୁ ଅବାଧ ଗତି ଦିଆଯାଇଥାଏ । ଏଇ ଦୃଷ୍ଟିରୁ ଯଦି ତୁମେ ଦେଖ ତା'ହେଲେ ଦେଖିବାକୁ ପାଇବ ଆଧ୍ୟାତ୍ମିକ ଆନ୍ତର ସମତା ଯଦି ସଠିକ୍ ହୋଇଥାଏ, ସକ୍ରିୟ ଅତୁଟ ଆନୁଗତ୍ୟ ଏବଂ ଦୃଢ଼ତା ସହ ସତ୍ୟର ପକ୍ଷ ଗ୍ରହଣ ପାଇଁ, 'ଦ' ଯାହା ଉପରେ ବିଶେଷ ଜୋର୍ ଦେଇଛି – ସମାନ ଭାବରେ ଏହା ଠିକ୍, ଏ ଦୁଇଟି ମଧ୍ୟରେ କୌଣସି ଅସାମଞ୍ଜସ୍ୟ ରହି ନପାରେ ।

ମୁଁ ଅବଶ୍ୟ ସାଧାରଣ ପ୍ରଶ୍ନ ହିସାବରେହିଁ ସବୁ ଲେଖିଛି, ବିଶେଷ କୌଣସି ବିଷୟ ସମ୍ବନ୍ଧରେ ଅବା ବ୍ୟକ୍ତିଗତ ପ୍ରଶ୍ନ ହିସାବରେ ନୁହେଁ । ଏହା ହେଉଛି କର୍ମର ମୂଳନୀତି ଯାହାକୁ ଦେଖିବାକୁ ହେବ ତା'ର ସତ୍ୟ, ଆଲୋକ ଏବଂ ଅନୁପାତରେ ।

(୧୩.୯.୩୬)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ସରଳ ଆପେକ୍ଷିକତାବାଦ

## ନଳିନୀକାନ୍ତ ଗୁପ୍ତ

ଗୋଟିଏ 'ବଲ୍' ତୁମେ ମୁଣ୍ଡ ଉପର ଦେଇ ଆକାଶକୁ ଫିଙ୍ଗିଦେଲ । ପରେ ଦେଖିଲ ସେଇଟା ତଳକୁ ଖସି ଆସୁଛି – ତୁମେ ଠିକ୍ ସ୍ଥିର ହୋଇ ଛିଡ଼ା ହୋଇ ରହିଛ, ବଲ୍‌ଟା ତୁମ ଆଡ଼କୁ ବେଗରେ ଖସି ଆସୁଛି । ଆଚ୍ଛା, ଯଦି ପିମ୍ପୁଡ଼ିଟାଏ ସେ ବଲ୍‌ଟାର ଉପରେ ଥାଏ, ସେ କ'ଣ ଦେଖିବ ? ସେ ଦେଖିବ – ପୃଥିବୀଟା ତା' ଆଡ଼କୁ ଛୁଟି ଆସୁଛି । ସେ ଠିକ୍ ଠିଆହୋଇ ରହିଛି ସ୍ଥିର ବଲ୍ ଉପରେ । ତା'ଛଡ଼ା ଆମେ ସମସ୍ତେ ଜାଣନ୍ତି ରେଳଗାଡ଼ି ଯେତେବେଳେ ଗତି କରେ, ଭିତରେ ବସି ଆମେ ସମସ୍ତେ ବି ତା' ସହ ଗତି କରୁ; କିନ୍ତୁ ଝରକା ବାଟେ ଯେତେବେଳେ ବାହାରକୁ ଚାହୁଁ ସେତେବେଳେ ଦେଖୁ – ବୃକ୍ଷଲତା, କ୍ଷେତବାଡ଼ି ସବୁ ଗତି କରି ଚାଲିଛନ୍ତି ପଛ ଆଡ଼କୁ, ଆମେ ଯେଉଁ ଆଡ଼କୁ ଯାଉଛୁ ତା'ର ଓଲଟା ଦିଗରେ । ଏ ବିଷୟଟିକୁ ଗଭୀରଭାବେ ତର୍ଜମା କଲେ ବୁଝାଯାଏ ଜିନିଷର ଗତି ନିରପେକ୍ଷ କିଛି ନାହିଁ, ଆଖପାଖର ବସ୍ତୁ ସମ୍ପର୍କରେହିଁ କେବଳ ଜିନିଷଗୁଡ଼ିକର ଗତି ଦେଖାଯାଏ । ଯେଉଁଠି କୌଣସି ଜିନିଷ ନାହିଁ, କିଛି ନାହିଁ, ସବୁ ଶୂନ୍ୟ – ସେଠାରେ ଜିନିଷର ଗତି ଧରିବା ବା ନିର୍ଣ୍ଣୟ କରିବାର କୌଣସି ଉପାୟ ନାହିଁ । ଆପେକ୍ଷିକତାବାଦର ଏଇ ହେଲା ମୌଳିକ ସୂତ୍ର । ଏଇ ମୂଳ ସୂତ୍ରଠାରୁ ବାହାରି ଥିବା ଉପସୂତ୍ରଗୁଡ଼ିକ ହେଲା : – (୧) ଦୁଇଟି ଜିନିଷ ସମାନ ବେଗରେ ଗତି କଲେ ସେ ଦୁଇଟିର ପୃଥକ୍ ଗତିର ଆଭାସ ମିଳେନି, ହିସାବ ବି କରି ହୁଏନି; (୨) ଦୁଇଟି ଜିନିଷ ଯେତେବେଳେ ଅସମାନ ବେଗରେ ଗତି କରନ୍ତି ସେତେବେଳେହିଁ ସେ ଦୁଇଟିର ଗତି-ମାନ ଧରି ହୁଏ, ମାପି ହୁଏ; (୩) ତା'ପରେ ଆଉ ଗୋଟିଏ ଘୂରାଣିଆ କଥା ମାନିବାକୁ ହୁଏ ଯାହାର ଉଦାହରଣ ଦେଇଛି 'ବଲ୍' ବା 'ରେଳ'ର ଉଦାହରଣରେ । ସେ କଥାଟି ହେଲା ଏଇୟା :– କୌଣସି ଜିନିଷ ଗତି କରୁଛି କି ନାହିଁ ତାହା ଠିକ୍ କରିବାକୁ ହୁଏ ଆଉ ଗୋଟିଏ ସ୍ଥିର ଜିନିଷ ତା' ପାଖରେ ରଖି । କିନ୍ତୁ ଏ କ୍ଷେତ୍ରରେ କେଉଁ ଜିନିଷଟା ଗତି କରୁଛି ଆଉ କେଉଁଟା ଗତି କରୁ ନାହିଁ ତାହା କହିବା କଷ୍ଟସାଧ ହୋଇପଡ଼େ, ନିରପେକ୍ଷଭାବେ କହି ହୁଏନି । ଯିଏ ଦେଖୁଛନ୍ତି, ଅର୍ଥାତ୍ ଦ୍ରଷ୍ଟା ଯେଉଁଠି ଛିଡ଼ା ହୋଇ ଦେଖୁଛନ୍ତି, ଧରି ନିଆ ହୁଏ ସିଏ ସେହିଠାରେହିଁ ସ୍ଥିର । କିନ୍ତୁ ଯେଉଁ ଜିନିଷକୁ ଗତିମାନ୍ ବୋଲି ଧରି ନେଉ ନା କାହିଁକି, ସେଥିରୁ ଗୋଟିଏ ସ୍ଥିର, ଅନ୍ୟଟି ଗତିମାନ୍ ଅଥବା ଦୁଇଟିହିଁ ଭିନ୍ନ ବେଗରେ ଗତିମାନ୍ – ଏସବୁ ଏକହିଁ କଥା; ଉଭୟର ସମ୍ବନ୍ଧ ବା ସମ୍ବନ୍ଧର ଫଳାଫଳ ସେଇ ଏକହିଁ ରହିଯାଏ, ସେଥିରେ କୌଣସି ପରିବର୍ତ୍ତନ ହୁଏ ନାହିଁ ।

ତେବେ ଏଠାରେ ଏକ ନୂତନ ତଥ୍ୟ ପାଇଲୁ – ଆପେକ୍ଷିକତାବାଦର ଏକ ବିଶେଷ ତତ୍ତ୍ୱ । ତା' ହେଲା ଗୋଷ୍ଠୀ ବା ମଣ୍ଡଳୀ ତତ୍ତ୍ୱ – ଇଂରାଜୀରେ ଯାହାର ନାମ 'System', ଚଳନ୍ତି ଭାଷାରେ ଯାହାକୁ କୁହାଯାଏ 'କୋର୍ଟ'। ଏକ ସଙ୍ଗେ ଏକ ନିର୍ଦ୍ଦିଷ୍ଟ ଧାରାରେ ଯେଉଁମାନେ ଚଳନ୍ତି ସେହି ବ୍ୟକ୍ତିମାନଙ୍କୁ ନେଇ ଏକ ଏକ ଗୋଷ୍ଠୀ ବା ମଣ୍ଡଳୀ ବା ଅନ୍ୟ କଥାରେ କୁହାଯାଇପାରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ତୁଳନାରେ ସ୍ଥିର । ଏଇ ଯେପରି ପୃଥିବୀ ଏବଂ ତା'ର ଅନ୍ତର୍ଗତ ସ୍ଥାବର-ଜଙ୍ଗମ ଅଧିବାସୀସବୁ ମିଶି ଏକ ମଣ୍ଡଳୀ । ସୂର୍ଯ୍ୟ ସମ୍ପର୍କରେ ପୃଥିବୀ ସ୍ଥିର, ସୂର୍ଯ୍ୟ ଗତିଶୀଳ (ଦୃଶ୍ୟତଃ) । ସେହିଭଳି ସୂର୍ଯ୍ୟମଣ୍ଡଳୀ, ଅର୍ଥାତ୍ ସୂର୍ଯ୍ୟ ଏବଂ ତା'ର ଗ୍ରହ-ଉପଗ୍ରହ ଇତ୍ୟାଦି ଗୋଟିଏ ମଣ୍ଡଳୀ । ଆଉ ତାରକାମଣ୍ଡଳୀ ସମ୍ପର୍କରେ – ତାରକାମଣ୍ଡଳୀ ସ୍ଥିର, ତା' ଭିତର ଦେଇ ଗତି କରେ ସୂର୍ଯ୍ୟ ମଣ୍ଡଳୀ । ନିକଟର ତାରକାମଣ୍ଡଳୀ ଛାଡ଼ି ଆହୁରି ଦୂରର ଜ୍ୟୋତିଷ୍କଗୁଡ଼ିକର ନାମ ନୀହାରିକାପୁଞ୍ଜ । ନୀହାରିକାପୁଞ୍ଜ ବି ରହିଛନ୍ତି ଆହୁରି ଦୂର ଦୂରାନ୍ତରରେ । ସେସବୁ ବି ବିଭିନ୍ନ ମଣ୍ଡଳୀର । ଏଇ ଯେଉଁ ପ୍ରତ୍ୟେକ ମଣ୍ଡଳୀ, ସେଗୁଡ଼ିକୁ ମଣ୍ଡଳୀ ବୋଲି କହିଛି, କାରଣ ସମଷ୍ଟି ହିସାବରେ ସେମାନଙ୍କର ପ୍ରତ୍ୟେକଙ୍କର ରହିଛି ବିଭିନ୍ନ ଗତିବେଗ । ତେବେ ସେମାନେ ପ୍ରତ୍ୟେକେହିଁ ନିଜ ନିଜ ଗଣ୍ଡି ବା କୋର୍ଟ (ମଣ୍ଡଳୀ) ମଧ୍ୟରେ ପ୍ରକୃତିର ସାଧାରଣ ନିୟମସବୁ ସମାନଭାବେ ମାନି ଚାଲନ୍ତି; ଅର୍ଥାତ୍ ମାଧ୍ୟାକର୍ଷଣର ଯେଉଁ ନିୟମ – ଯେଉଁ ଜିନିଷ ଯେତେ ଦୂରରେ ତା'ର ଆକର୍ଷଣ-ଶକ୍ତି ସେତେ କମ୍ ଏବଂ ଏଇ ଅନ୍ତର ସମ୍ବନ୍ଧ ଦୂରତ୍ୱର ବର୍ଗଫଳ ସହିତ ରହିଥାଏ, ଅଥବା ଓଜନ ବା

ଭାରର ଆକର୍ଷଣ-ବିକର୍ଷଣର ଯେଉଁ ବିଧି ତାହା ସର୍ବତ୍ର ଏକହିଁ ଭାବରେ ପ୍ରଯୁକ୍ତ, ସେଥିରେ ବ୍ୟତିକ୍ରମ ହୁଏନି । କିନ୍ତୁ ଗୋଟାଏ ପାର୍ଥକ୍ୟ ରହିଛି । ପାର୍ଥକ୍ୟଟି ହେଲା – ମାପର ସଂଖ୍ୟା ଏକ ହେଲେ ବି ପରିମାଣ ଏକ ନୁହେଁ । ଦୁଇଟି ମଣ୍ଡଳୀର ଗତି ଯଦି ଭିନ୍ନ ହୁଏ, ତେବେ ଗୋଟିକରେ ଏକ ଫୁଟ ଯେତେଟା, ଅନ୍ୟଟିରେ ଫୁଟେ କହିଲେ ସେତେଟା ବୁଝାଏ ନାହିଁ । ଗୋଟିକରେ ଏକ ମିନିଟ ଯେତେ ସମୟ ଅନ୍ୟଟିରେ ସେତେ ସମୟ ନୁହେଁ । ଏହା ଯେପରି ବିଭିନ୍ନ ଦେଶ ମଧ୍ୟରେ ଅର୍ଥ ବା ମୁଦ୍ରା-ହାରର ପାର୍ଥକ୍ୟ (Barter) ! ଭାରତ ଓ ପାକିସ୍ଥାନ ଉଭୟତ୍ର ଟଙ୍କାର ପ୍ରଚଳନ; କିନ୍ତୁ ଟଙ୍କାର ମୂଲ୍ୟ ସମାନ ନୁହେଁ । ବିଭିନ୍ନ ଦେଶ ମଧ୍ୟରେ ଆଦାନ-ପ୍ରଦାନ ପାଇଁ ମୁଦ୍ରାର ମୂଲ୍ୟାନ୍ତର ଆବଶ୍ୟକ । ଠିକ୍ ସେହିପରି ବିଭିନ୍ନ ଗତିର ମଣ୍ଡଳୀଗୁଡ଼ିକର ପରସ୍ପରର ଏହି ପ୍ରକାରର ମୂଲ୍ୟାନ୍ତର ବା ମାନାନ୍ତର ପ୍ରୟୋଜନ, ଯଦି ଗୋଟିକ ଦ୍ୱାରା ଅନ୍ୟଟିକୁ ବୁଝିବାକୁ ହୁଏ ବା ଦୁଇଟିର ସମ୍ବନ୍ଧ ନିର୍ଣ୍ଣୟ କରିବାକୁ ହୁଏ । ବୈଜ୍ଞାନିକଙ୍କ ଭାଷାରେ ଏହାର ନାମ ଲରେଞ୍ଜ୍ ଟ୍ରାନ୍ସ୍‌ଫର୍ମେଶନ୍ (Lorentz Transformation) ବା ଲରେଞ୍ଜ୍ ରୂପାନ୍ତର ।

ସ୍ଥାନ ଓ କାଳର ପରିମାଣ ଗତି ଉପରେ ନିର୍ଭର କରେ । ଏକଥାର ପ୍ରମାଣ କ'ଣ ? ପ୍ରମାଣ ଅର୍ଥ ପର୍ଯ୍ୟବେକ୍ଷଣ, ବାସ୍ତବ ନିରୀକ୍ଷଣ, ଘଟଣାର ବିବରଣ । ଏଇ ପ୍ରମାଣ ପାଇଁ ତଥ୍ୟ ସଂଗ୍ରହ ଏବଂ ବାସ୍ତବ ଘଟଣାକୁ ଗୋଟାଇ ଧରିବାକୁ ଯାଇ ଏକ ଚମତ୍କାର ବିଷୟ ଧରା ପଡ଼ିଛି । ଜିନିଷର ଗତି ଆମେ କିପରି ମାପୁ ? ଶେଷରେ ତ ତାହା ଆଲୋକର ଗତି ସହିତ ତୁଳନା କରି ମାପି ହେଉଥିବାର ବୁଝାଯାଏ । କାରଣ ଆଲୋକର ଗତି ସବୁଠାରୁ ବେଶୀ ବେଗବାନ୍ । କିନ୍ତୁ ମଜା କଥା ହେଲା ଏଇୟା ଯେ, ଅନେକ ପରୀକ୍ଷା-ନିରୀକ୍ଷା ବା ପର୍ଯ୍ୟବେକ୍ଷଣ ଫଳରେ ଦେଖା ଯାଇଛି – ଆଲୋକ ଅପେକ୍ଷା ବେଶୀ ଗତି ଥିବା କୌଣସି ଜିନିଷ ନାହିଁ ତ ନିଶ୍ଚୟ, ଅଧିକନ୍ତୁ ଆଲୋକର ଗତିବେଗ ବି ଅପରିବର୍ତ୍ତନୀୟ । ଆଲୋକର ତରଙ୍ଗ ଛୋଟ-ବଡ଼ (ଦୈର୍ଘ୍ୟ ଓ ଉଚ୍ଚତାରେ) ହୋଇପାରେ, ତା'ର ପୁନଃପୌନିକତାରେ ତାରତମ୍ୟ ହୋଇପାରେ, କିନ୍ତୁ ଗତିବେଗ ସର୍ବତ୍ର ସମାନ । ଏ ସିଦ୍ଧାନ୍ତ ହେବାକୁ ବାଧ, ଅନ୍ୟ ପ୍ରକାର ହୋଇ ନ ପାରେ – କାରଣ ଆଲୋକ ଦ୍ୱାରାହିଁ ସବୁ ଗତିର ମାପ କରାଯାଏ । ଆଉ ଯେଉଁ ମାପ ଅନ୍ୟ ସକଳ ମାପର ନିର୍ଦ୍ଦେଶକ ତାକୁ ତ ସ୍ଥିର, ଅପରିବର୍ତ୍ତନୀୟହିଁ ରହିବାକୁ ପଡ଼େ । ଏହା ହେଲା ଜ୍ୟାମିତିକ ସ୍ୱତଃସିଦ୍ଧ ପ୍ରତିଜ୍ଞା ସଦୃଶ । ଆଲୋକର ଗତିରେ ଯେଉଁ ପରିବର୍ତ୍ତନ ଲକ୍ଷିତ ହୁଏ ନାହିଁ ତା'ର ପରୀକ୍ଷା ପଦ୍ଧତି ଏହିଭଳି : – କୌଣସି ଏକ ବିନ୍ଦୁରୁ ଆଲୋକର ଏକ ରଶ୍ମି ପୃଥିବୀର ଗତି ଯେଉଁ ଆଡ଼କୁ ତାକୁ ଅନୁସରଣ କରି ନିକ୍ଷେପ କରା ହେଲା, ଅର୍ଥାତ୍ ପଶ୍ଚିମରୁ ପୂର୍ବକୁ (ପୃଥିବୀ ନିଜର ଚାରିପଟେ ଘୂରୁଛି ପଶ୍ଚିମରୁ ପୂର୍ବକୁ) ଆଉ ଏକ ବିନ୍ଦୁକୁ । ଠିକ୍ ସେତିକି ଦୂରରେ ଆଉ ଏକ ରଶ୍ମିକୁ ପ୍ରକ୍ଷେପିତ କରାଗଲା ପାଖାପାଖି, ଅର୍ଥାତ୍ ଉତ୍ତର କିଂବା ଦକ୍ଷିଣ ଦିଗରେ ଗୋଟିଏ ଜାଗାରୁ । ଉଭୟ କ୍ଷେତ୍ରରେହିଁ ଦେଖାଯାଏ, ଆଲୋକଟି ଫେରି ଆସିବାକୁ ସମାନ ସମୟ ନିଏ, କମ୍-ବେଶୀ ହୁଏନି । ଯଦିବା (ନିଉଟନୀୟ) ଗତିଶାସ୍ତ୍ର ଅନୁସାରେ ଅନ୍ୟ ପ୍ରକାର ହେବା ଉଚିତ ଥିଲା; କାରଣ ଯେଉଁ ଆଲୋକ ରେଖା ପୃଥିବୀର ଗତି ଅନୁସରଣ କରେ, ତା'ର ଗତି ହେବା ଉଚିତ – ଆଲୋକର ଗତି + ପୃଥିବୀର ଗତି । ଆଉ ପୃଥିବୀର ଗତିର ପାଖାପାଖି ଯେଉଁ ଆଲୋକ ରେଖା ଗତି କରେ ତା'ର ଗତିବେଗ ହେବା ଉଚିତ ଆଲୋକର ଗତି – ପୃଥିବୀର ଗତି । କିନ୍ତୁ କାର୍ଯ୍ୟତଃ ସେପରି ଦେଖା ଯାଏନି । ଏହା ହେଲା ମର୍ଲି ମାଇକେଲ୍‌ସନ୍‌ଙ୍କ ପରୀକ୍ଷା । ବୈଜ୍ଞାନିକମାନେ ପ୍ରଥମେ ତ ପୂରା ହତବୁଦ୍ଧି ହୋଇଗଲେ – ବିଭିନ୍ନ ବୈଜ୍ଞାନିକ ବିଭିନ୍ନ ବ୍ୟାଖ୍ୟା କରିବାରେ ଲାଗିପଡ଼ିଲେ ।

ଶେଷରେ ଏକ ଚତୁର ମୀମାଂସା ହେଲା ଏଇ ଯେ, ଗତି ସହିତ ମାପକାଠି ବି ବଢ଼େ ଆଉ କମେ । ଯେହେତୁ ମାପର ମାନ ବଦଳି ଯାଏ, ସେହେତୁ ଆଲୋକର ଗତିରେ ପାର୍ଥକ୍ୟ ବି ଧରା ପଡ଼େନା । ତେବେ ଏଠାରେ ଏକ ପ୍ରଶ୍ନ ଉଠେ – ମାପର ମାନ କେତେ ପରିମାଣରେ ବଦଳେ ? ଠିକ୍ ସେହି ପରିମାଣରେ ଯେଉଁଥିରେ ପାର୍ଥକ୍ୟ ଧରା ପଡ଼େନି । ଏପ୍ରକାର ସୁବିଧା ଅନୁସାରେ ସିଦ୍ଧାନ୍ତ ଆପତ୍ତିଜନକ; କିନ୍ତୁ ତା'ଛଡ଼ା ଅନେକେ ବି ମାପର ପରିମାଣ – ପରିବର୍ତ୍ତନର ଗଣନା କରି ସଂଶୟ ପ୍ରକାଶ କରିଛନ୍ତି । ଆଇନ୍‌ଷ୍ଟାଇନ୍ ଦେଲେ ଏକ ନୂତନ ବ୍ୟାଖ୍ୟା (ସେ ଏକ ପୁରାତନ ଅଭିଜ୍ଞତାକୁ ନୂତନ ରୂପ ଓ ବ୍ୟଞ୍ଜନା ଦେଇ ପ୍ରକାଶ କଲେ) । ଏକ ବଦ୍ଧ ବା ସୀମାବୃତ ମଣ୍ଡଳ ମଧ୍ୟରେ ରହି ସେହି ମଣ୍ଡଳର ସମଷ୍ଟିଗତ ସାଧାରଣ ଗତି କିଛି ଧରି ହୁଏନି – ଯେପରି ପୃଥିବୀ ଉପରୁ ପୃଥିବୀର ଗତି ଦୃଷ୍ଟିରେ ପଡ଼େ ନାହିଁ । ସେହିପରି ଆଲୋକର ଧାରାକୁ ନେଇ, ଅର୍ଥାତ୍ ଯେତେଦୂର ସମଗ୍ର ପରିଧିଟିକୁ ଘେରି

ତା'ର ପ୍ରସାର ତା' ହେଲା ଏକ ମଣ୍ଡଳୀ । ତା'ର ଅର୍ଥ ସ୍ଥୂଳ ସୃଷ୍ଟି ସମସ୍ତ, ଜଡ଼ର ସମଗ୍ର ରାଜ୍ୟହିଁ ଆଲୋକର ମଣ୍ଡଳୀ । ଅନ୍ୟ ସମସ୍ତ ଜଡ଼ ବସ୍ତୁର ତୁଳନାରେ, ଅନ୍ୟ ଯେକୌଣସି ଜିନିଷର ସମ୍ପର୍କରେ ଆଲୋକର ଗତିର ତାରତମ୍ୟ ବା ପାର୍ଥକ୍ୟ ନିର୍ଣ୍ଣୟ କରିବା ଅସମ୍ଭବ ଓ ନିରର୍ଥକ । ଆଲୋକର ଗତିରେ ପାର୍ଥକ୍ୟ ଆବିଷ୍କାର କରିବାକୁ ହେଲେ ତା' ପାଖରେ ଧରି ରଖିବାକୁ ହେବ ଏପରି ଜିନିଷ ଯାହାର ଗତି ଆଲୋକ ଅପେକ୍ଷା ବେଶୀ । କିନ୍ତୁ ସେ ପ୍ରକାର ଜିନିଷ ନାହିଁ ।

କହିଲି ଆଲୋକର ମଣ୍ଡଳ – ଆଲୋକର ରେଖା ଯେତେଦୂର ଯାଏ ତାହାହିଁ ତା'ର ପ୍ରସାର ବା କ୍ଷେତ୍ର । ଠିକ୍ ଏହି କଥା ଧରି ଆଇନ୍‌ଷ୍ଟାଇନ୍ ଆପେକ୍ଷିକତାର ଆଉ ଏକ ବୈଶିଷ୍ଟ୍ୟ ଆବିଷ୍କାର କଲେ । ଆଲୋକର ମଣ୍ଡଳ ସତରେ ଏକ ମଣ୍ଡଳ । ଅର୍ଥାତ୍ ପୂର୍ବତନ ବା ନୈଷ୍ଠିକ ବିଜ୍ଞାନ ଯାହା କହେ – ଆଲୋକର ରଶ୍ମି ସରଳ ବା ସିଧା ରେଖାରେ ଗତି କରେ ତା' ଆଉ ଠିକ୍ ନୁହେଁ – ତାହା ଗତି କରେ ବକ୍ର ରେଖାରେ । କେବଳ ତାହା ନୁହେଁ, ତାହା ପୁଣି ଘୂରି ଫେରି ଆସେ ଉତ୍ପତ୍ତି ସ୍ଥଳକୁ । ଏଇ ଯେ ପୂର୍ବ ଆକାଶରେ ତାରାଟିକୁ ଦେଖୁଛ ତୁମ ସମ୍ମୁଖରେ, ତା'ର ଆଲୋକ ଯେ ସିଧା, ସାମନା-ସାମନି ତୁମ ପାଖକୁ ଚାଲି ଆସୁଛି ଯାହା ତୁମେ ଦେଖୁଛ ତା' ଠିକ୍ ସେପରି ହୋଇ ବି ନ ପାରେ । ହୁଏତ ଘୂରି ପଶ୍ଚିମ ଦିଗରୁ ଫେରି ଆସିଛି ! ତେଣୁ ଆପେକ୍ଷିକତାବାଦ କହେ – ସୃଷ୍ଟି ହେଲା ଏକ ବୃତ୍ତ ବା ବୃତ୍ତାଭାସ, ବ୍ରହ୍ମାଣ୍ଡ ଯଥାର୍ଥରେ ଡିମ୍ବାକାର ବା ଅଣ୍ଡାକୃତି – ତା'ର ସୀମା ନାହିଁ । ଅନ୍ତିମ, ପାର ବା ଶେଷ ବୋଲି କିଛି ନାହିଁ, ତାହା ଅଶେଷ କିନ୍ତୁ ସସୀମ (endless କିନ୍ତୁ finite) । ଅବଶ୍ୟ ଅଣ୍ଡାକୃତି ବୋଲି ମନେ ହୋଇପାରେ ଡିମ୍ବ ବା ଅଣ୍ଡାର ବାହାରେ ରହିଛି ଶୂନ୍ୟ ଆକାଶ, ସେହି ଆକାଶରେ ଡିମ୍ବଟି ଯେପରି ଭାସୁଛି । କହିବା ବାହୁଲ୍ୟ, ସୃଷ୍ଟି ପକ୍ଷରେ ଏ ଚିତ୍ର ଠିକ୍ ନୁହେଁ – ସମଗ୍ର ସୃଷ୍ଟିହିଁ ଏକ ଡିମ୍ବ, ତା'ର ବାହାରେ କିଛି ନାହିଁ । ସେଠାରେ ସମସ୍ତ ଜିନିଷ ଗତି କରେ ସେଇ ଡିମ୍ବର ପୃଷ୍ଠତଳ ଧରି, ସୁତରାଂ ବକ୍ର ରେଖାରେ । ଭାରତୀୟ ପୁରାଣକାରମାନଙ୍କ ଦୃଷ୍ଟିରେ 'ହିରଣ୍ୟଗର୍ଭ' ମୂର୍ତ୍ତି ବି କେତେକାଂଶରେ ଏହି ପ୍ରକାର ଥିଲା ।

ଏଥିରୁ ଆଉ ଏକ ସିଦ୍ଧାନ୍ତ ନେଇ ଆସିଛନ୍ତି ଆଇନ୍‌ଷ୍ଟାଇନ୍ । ପୂର୍ବକାଳର ବିଜ୍ଞାନ ଜଡ଼ଶକ୍ତିର କର୍ମବେଗ ବା ପ୍ରବେଗ ବୋଲି ଗୋଟିଏ କଥା ମାନୁଥିଲା । ପଦାର୍ଥ-ପଦାର୍ଥ ମଧ୍ୟରେ ଆକର୍ଷଣ-ବିକର୍ଷଣର ସମ୍ବନ୍ଧ – ସାଧାରଣଭାବେ, ଘଟଣାର କାର୍ଯ୍ୟକାରଣ ସମ୍ବନ୍ଧ । କିନ୍ତୁ ଏବେ ଏଇ ଧରଣର କଥା କୁହାଯାଏ ଯେ, ବସ୍ତୁ-ବସ୍ତୁ ମଧ୍ୟରେ, କିଂବା କାର୍ଯ୍ୟ-କାରଣରେ ଗୋଟିକରୁ ଅନ୍ୟଟିକୁ ସଞ୍ଚାରିତ ହୁଏ – ଏପରି ଗତିବେଗ, ଧକ୍କା ବା ଟାଣ ବୋଲି କିଛି ନାହିଁ । ବସ୍ତୁ-ଗତିଶୀଳ ସଚଳ ଜଗତରେ ଯାହାସବୁ ଚଳମାନ (ଯତ୍ କିଂଚ ଜଗତ୍ୟାଂ ଜଗତ୍ – ଈଶୋପନିଷଦ୍) – ଅନ୍ତର୍ନିହିତ କି ବହିରାଗତ ପ୍ରେରଣାରେ ନୁହେଁ, ଚଳମାନ ହୁଅନ୍ତି କ୍ଷେତ୍ରର ବକ୍ରତାକୁ ଅନୁସରଣ କରୁଥିବାରୁ । ଚଟାଣ ସମତଳ ଏବଂ ତା' ଉପରେ ଆମେ ଯେ ନାଚି ଚାଲୁ ତା' ନୁହେଁ; ଚଟାଣଟି ବକ୍ର ଏବଂ ତା' ଉପରେ ଚାଲିଲେହିଁ ଦେଖାଯାଏ ଯେପରି ଆମେ ନାଚି ଚାଲିଛୁ ! ମାଧ୍ୟାକର୍ଷଣର ଅର୍ଥ ହେଲା ଏଇୟା – ବସ୍ତୁ-ବସ୍ତୁ ମଧ୍ୟରେ ଆକର୍ଷଣ କିଛି ନାହିଁ, କିନ୍ତୁ ବସ୍ତୁର ଆଖପାଖର କ୍ଷେତ୍ରଟି ନିମ୍ନ ବା ନୀଚା ହୋଇ ଯାଇଛି, ତେଣୁ ସେଠାରୁ ବସ୍ତୁ (ଏଠାରେ ଆଲୋକ-ରେଖା) ଗତି କରେ ନିମ୍ନତଳ ଅନୁସରଣ କରି । ତେଣୁ ମନେ ହୁଏ ତାହା ଯେପରି ଆକୃଷ୍ଟ ହେଉଛି ।

ତା'ର ଅର୍ଥ ପରିଶେଷରେ ଏଇୟା ହୁଏ ଯେ, ଯାହାକୁ କୁହାଯାଏ ବସ୍ତୁ-ଅଣୁ ବା ଅଣୁ ସଂଗ୍ରହ । ସେଗୁଡ଼ିକର ନିଜସ୍ୱ ପୃଥକ୍ ସତ୍ତା ବୋଲି କିଛି ନାହିଁ । ଆମେ ଆକାଶ-ପଟରେ ଗୋଟା ଗୋଟା ଜିନିଷସବୁ ନିଜ ନିଜ ଭାବ ଓ ଭଙ୍ଗୀରେ ବିଚରଣ କରୁଥିବାର ଦେଖୁ ସତ, କିନ୍ତୁ ସେସବୁ ସେପରି ନୁହେଁ । ସେହି ପ୍ରକାରର ବ୍ୟଷ୍ଟି ବି ହେଲା ଇନ୍ଦ୍ରିୟ-ବିଭ୍ରମ । ସମ୍ପୂର୍ଣ୍ଣ ଆକାଶହିଁ କୁଞ୍ଚିତ ଏବଂ ଯେଉଁଠି ଯେଉଁଠି କୁଞ୍ଚନ ବା ଘେର ପଡ଼ିଛି ସେଇଠି ସେଇଠି ଜଡ଼-ବ୍ୟଷ୍ଟିର ଧର୍ମ ଦେଖା ଦେଇଛି, ଜଡ଼-ବ୍ୟଷ୍ଟିର ରୂପ ଗ୍ରହଣ କରିଛି । ପ୍ରାଚୀନତର ନିଉଟନୀୟ ଯୁଗରେ ପ୍ରାକୃତିକ ନିୟମ ତିନୋଟି ସ୍ୱତଃସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ଥିଲା – (୧) ଆକାଶ = ଶୂନ୍ୟ ଅବକାଶ ବା ଶୂନ୍ୟାକାର (୨) ତାକୁ ପୂର୍ଣ୍ଣ କରି ରହିଛି ଅଦୃଶ୍ୟ, ଅସ୍ପୃଶ୍ୟ ସର୍ବବ୍ୟାପୀ ଜଡ଼-ମୂଳ ଇଥର (୩) ଜଡ଼ର ସମସ୍ତ ସ୍ଥୂଳ ଆକାର । ଆଇନ୍‌ଷ୍ଟାଇନ୍ ତାଙ୍କର ଆପେକ୍ଷିକତାବାଦର ସୂତ୍ରପାତ କରନ୍ତି ଦ୍ୱିତୀୟ ସ୍ୱତଃସିଦ୍ଧାନ୍ତଟିକୁ ନାକଚ କରି ଦେଇ ବା କାଟି ଦେଇ । ଇଥରର ଅସ୍ତିତ୍ୱ ଅପ୍ରମାଣିତ ହେଲା ମାଇକେଲସନ୍-ମର୍ଲିଙ୍କର ପରୀକ୍ଷାରେ; ବସ୍ତୁତଃ ଇଥରର ପ୍ରୟୋଜନ ରହିଲା ନାହିଁ । ଶୂନ୍ୟ ଆକାଶରେ ଜଡ଼ଖଣ୍ଡ ବା ଚୂର୍ଣ୍ଣର ଯାତାୟାତ ସବୁ ଏହାର ବ୍ୟାଖ୍ୟା ଦିଏ । ନିଉଟନୀୟ ଚିତ୍ର ବି ମୋଟାମୋଟି ଏହି ପ୍ରକାର ଥିଲା ସତ,

ହେଲେ ଜଡ଼ ଖଣ୍ଡ ଯେତେବେଳେ ଅପେକ୍ଷାକୃତ ବୃହତ୍ ଆକାରରେ ଏବଂ ଅପେକ୍ଷାକୃତ କମ୍ ଗତିଶୀଳ ଅବସ୍ଥାରେ ଥାଏ ବୋଲି ଧରି ନିଆ ହେଉଥିଲା । କିନ୍ତୁ ଯେତେବେଳେ ଆଲୋକର ଗତି ଓ ବିଦ୍ୟୁତ୍-ଚୂର୍ଣ୍ଣର ଆକାର ଆସିଲା ସେତେବେଳେ ନିଉଟନୀୟ ବିଧିବିଧାନ ଅଚଳ ହୋଇ ପଡ଼ିଲା ।

ଅବଶ୍ୟ ସମସ୍ୟା ବା ବିପତ୍ତିର ଅବସାନ ସେଠାରେ ଘଟିଲାନି । ନିଉଟନୀୟ ସମସ୍ୟା ପୁଣି ନୂଆ ଭାବେ ସୂକ୍ଷ୍ମତର ସ୍ତରରେ ଦେଖା ଦେଲା । ନିଉଟନୀୟ ସମସ୍ୟା ଥିଲା – ଆକାଶରେ ଯଦି ପୃଥକ୍ ପୃଥକ୍ ହୋଇ ଜଡ଼ପିଣ୍ଡସବୁ ବିଛାଡ଼ି ହୋଇ ଥିବେ ତା'ହେଲେ ସେମାନଙ୍କର ପ୍ରତ୍ୟେକଙ୍କର ଗତି ଓ ସ୍ଥିତିର କଥା ବୁଝାଯାଏ । ପ୍ରତ୍ୟେକେ ଅଛନ୍ତି ବିଶେଷ ବିଶେଷ ବେଗରେ, ବିଶେଷ ଦିଗରେ; କିନ୍ତୁ ଯେତେବେଳେ ପରସ୍ପରର ମାଧ୍ୟାକର୍ଷଣର କଥା ଉଠାଉ, ସେତେବେଳେ ପ୍ରଶ୍ନ କରିବାକୁ ହୁଏ – ସେମାନଙ୍କର ପରସ୍ପର ମଧ୍ୟରେ ଏଇ ଯେଉଁ ଆକର୍ଷଣ ବା ଆଦାନ-ପ୍ରଦାନ ତାହା କ'ଣ ଶୂନ୍ୟେ ଶୂନ୍ୟେ ଚାଲେ ? ଶୂନ୍ୟର ଭିତର ଦେଇ ବସ୍ତୁଗୁଡ଼ିକ ପରସ୍ପରକୁ ସ୍ପର୍ଶ କରନ୍ତି କିପରି ? ସେଇଥି ଲାଗି 'ଇଥର'କୁ ମାନି ନେବାକୁ ହୋଇଛି ସର୍ବ ବସ୍ତୁର ଆଶ୍ରୟ-ସ୍ଥଳରୂପେ, ଯାହାକୁ ଧରି ପରସ୍ପର ମଧ୍ୟରେ ସଂଯୋଗ ସମ୍ଭବ ହୁଏ । କିନ୍ତୁ ଯେତେବେଳେ ଦେଖାଗଲା ଜଡ଼ପିଣ୍ଡ ନୁହେଁ, ପ୍ରକୃତିର ମୂଳ ଉପକରଣ – ଅର୍ଥାତ୍ ଆକାଶକୁ ଯାହା ଘେରି ରହିଛି ତା' ହେଲା ବିଦ୍ୟୁତ୍‌କଣା – ବିଦ୍ୟୁତ୍-ଚୌମ୍ବକ ଶକ୍ତିର କେନ୍ଦ୍ର ବା ବିନ୍ଦୁସବୁ ଫାଙ୍କ । ସେତେବେଳେ ପ୍ରଥମେ ପ୍ରଥମେ ମନେ ହୋଇଥିଲା ସମସ୍ୟାର ସମାଧାନ ହୋଇଗଲା, ଆଉ କିଛି ଆଖିରେ ପଡ଼ିଲା ନାହିଁ । କାରଣ ବିଦ୍ୟୁତ୍ କଣା ବୋଲି ଯାହାକୁ କହୁ, କିନ୍ତୁ ଅସଲରେ ତାହା ହେଲା ବିଦ୍ୟୁତ୍-କ୍ଷେତ୍ର । ଆରମ୍ଭରେ ମାକ୍ସ୍‌ୱେଲ୍ ଓ ତା'ପରେ ଲରେଞ୍ଜ୍ ଏଇ ତଥ୍ୟଟି ଉପରେ ଜୋର୍ ଦେଇ ଅନେକ ମୁସ୍କିଲ୍ ଆସାନ୍ ବା ସହଜ କରି ଦେଇଥିଲେ । କ୍ଷେତ୍ର ଅର୍ଥ ଶକ୍ତିର ଆଦାନ-ପ୍ରଦାନର କ୍ଷେତ୍ର – ଶକ୍ତି ଯେଉଁଠି ଜଡ଼ିତ ଅଛି ଓ ଚଲାବୁଲା କରୁଛି । ଆକାଶ ଶୂନ୍ୟ ନୁହେଁ, ପୁଣି ଇଥର ନାମକ ଅଦ୍ଭୁତ କାଳ୍ପନିକ ବସ୍ତୁ ଦ୍ୱାରା ପୂର୍ଣ୍ଣ ବି ନୁହେଁ । ତେବେ ବିଜ୍ଞାନ-ଦୃଷ୍ଟି ଯେତେବେଳେ ଆହୁରି ପାଖକୁ, ଆହୁରି ସୂକ୍ଷ୍ମ ଆଡ଼କୁ ଗଲା ସେତେବେଳେ କ୍ରମଶଃ ଫାଙ୍କ ଧରା ଦେବାକୁ ଲାଗିଲା । ଯାହାକୁ ବୈଦ୍ୟୁତିକ ଶକ୍ତି ବୋଲି କୁହାଯାଏ ତାହା ତ ଶକ୍ତିଗର୍ଭ ବିଦ୍ୟୁତ୍‌କଣା ଛଡ଼ା ଆଉ କିଛି ନୁହେଁ ? ଯାହାକୁ ବୈଦ୍ୟୁତିକ ବା ଚୌମ୍ବକ କ୍ଷେତ୍ର ବୋଲି କହୁ – ତାହା ତ ଏଇ ପ୍ରକାରର ସଂଖ୍ୟାତୀତ କଣାର ସମଷ୍ଟି ମାତ୍ର । ବିଶେଷତଃ ଯେତେବେଳେ ଧରାପଡ଼ିଲା ଆଲୋକ ବି ସଞ୍ଚାରିତ ହୁଏ ଆଲୋକକଣାର ପାରସ୍ପରିକ ଧକ୍‌କାରେ, ଏକାଦିକ୍ରମ ଧାରାରେ ନୁହେଁ, ସେତେବେଳେ ସ୍ୱୀକାର କରିବାକୁ ହେଲା ନିଉଟନୀୟ ସମସ୍ୟାହିଁ ପୁଣି ଫେରି ଆସିଛି । ଯେତେ କ୍ଷୁଦ୍ର ହେଉ, ଯେତେ ସଂଖ୍ୟାତୀତ ହେଉ ନା କାହିଁକି, ଯେତେବେଳେ କେବଳ କଣାହିଁ ରହିଛି, ସେତେବେଳେ ସେଗୁଡ଼ିକର ମଝିରେ ମଝିରେ ଫାଙ୍କ ବି ରହିଯାଇଛି; ଅର୍ଥାତ୍ ବିଦ୍ୟୁତ୍-ଚୌମ୍ବକର କ୍ରିୟା ଚାଲିଛି ଶୂନ୍ୟକୁ ଆଶ୍ରୟ କରି । ଅବଶ୍ୟ କ'ଣା ବୋଲି ଯାହାକୁ କହୁ ତା'ର ଧର୍ମ ଗୋଟିଏ ଦିଗରେ ଢେଉ ବା ତରଙ୍ଗ ପରି ସତ, କିନ୍ତୁ ସେଥିରେ ଚିତ୍ରର କୌଣସି ପରିବର୍ତ୍ତନ ହୁଏ ନାହିଁ । ପ୍ରତ୍ୟେକଟି ଢେଉ ବା ତରଙ୍ଗ ଅଲଗା ଅଲଗା, ଛଡ଼ା-ଛଡ଼ା ।

ପୁଣି ଆଇନ୍‌ଷ୍ଟାଇନ୍ ଆସି ଚିତ୍ରଟାକୁ ସତରେ ଓଲଟାଇ ଦେଲେ । ସେ କହିଲେ – କଣାର ନିଜସ୍ୱ କୌଣସି ବେଗ ନାହିଁ, ପ୍ରେରଣା ନାହିଁ – ଶକ୍ତିର ଭଣ୍ଡାର ତା' ମଧ୍ୟରେ ନାହିଁ । ଯାହାକୁ କଣାର ଧର୍ମ ବୋଲି କହୁ, ତାହା ହେଲା ବାସ୍ତବରେ କ୍ଷେତ୍ରର ଧର୍ମ – ଏକଥା ପୂର୍ବରୁ କହିଛି ।

ଅବଶ୍ୟ ଆଜିକାଲିର ବିଜ୍ଞାନ ଏପରି ଛୁଟି ଚାଲିଛି ଯେ, ଆଇନ୍‌ଷ୍ଟାଇନ୍ ମଧ୍ୟ ଏବେ ପଛରେ ପଡ଼ିଯିବା ପରି ଜଣାଯାଉଛି । ନିରପେକ୍ଷ ଦେଶ-କାଳ ନ ରଖିଲେ ବି, ଅର୍ଥାତ୍ ଯେଉଁ ଦେଶ ଓ ଯେଉଁ କାଳ ରହିଛି ପୃଥକ୍‌ଭାବେ, ସ୍ୱାଧୀନଭାବେ, ବସ୍ତୁ ଉପରେ ନିର୍ଭର ନକରି – ସ୍ୱୟମ୍ଭୂ ସ୍ୱତନ୍ତ୍ର ଦେଶରେ ଓ କାଳରେ ବସ୍ତୁ ଆଉ ଘଟଣା ଆଶ୍ରୟ ପାଇଛନ୍ତି ମାତ୍ର । ଏଇ ପ୍ରାଚୀନ ଦେଶ ଓ କାଳ ନ ରଖିଲେ ବି ଆଇନ୍‌ଷ୍ଟାଇନ୍ ତଥାପି ରଖିଥିଲେ ଦେଶ-କାଳ ସମ୍ମିଳିତ ଏକ ବାହ୍ୟ ଗଢ଼ଣ ବା ଛାଞ୍ଚ ଯାହା ସହିତ ବାନ୍ଧି ହୋଇଥିଲା ବା ଯୁକ୍ତ ହୋଇଥିଲା ବସ୍ତୁ ଓ ଘଟଣା । ଗୋଟିଏ ସାର୍ବଭୌମିକ ଦେଶ ଓ କାଳ ନ ରଖିଲେ ମଧ୍ୟ ସେ ରଖିଥିଲେ ବିଶିଷ୍ଟ ଦେଶ-କାଳ, ପ୍ରତ୍ୟେକ ବସ୍ତୁ ବା ଘଟଣାର ନିଜସ୍ୱ ଦେଶ-କାଳ । ତେବେ ଦେଶ-କାଳ ବ୍ୟଷ୍ଟିଗତ ଗୁଣ ହେଲେ ବି ତାହା ବ୍ୟଷ୍ଟିର ବାହାରେ, ବ୍ୟଷ୍ଟିର ଜଡ଼-ଆଶ୍ରୟରୂପେ ତାକୁ ଗ୍ରହଣ କରାହୋଇଛି । କିନ୍ତୁ ବର୍ତ୍ତମାନର ନୂତନ ତରଙ୍ଗ-ବିଦ୍ୟାରେ (wave mechanics) ଦେଶ-କାଳକୁ ବସ୍ତୁର ଏତେଟା ଭିତରେ ବା ଗଭୀରରେ ସ୍ଥାନ କରି ଦିଆହୋଇଛି ଯେ, ତାହା ହୋଇଉଠିଛି ବସ୍ତୁର ଧର୍ମ – ଗୌଣ ନୁହେଁ, ମୁଖ୍ୟ ଗୁଣ ।

*(ଅବଶିଷ୍ଟାଂଶ ପୃଷ୍ଠା ୩୫ରେ ଦେଖନ୍ତୁ)*

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

(୧୮)

## ବିଦର୍ଭରେ ଚାଞ୍ଚଲ୍ୟ

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ତେବେ ଗୋପପୁରରେ ନିରବଚ୍ଛିନ୍ନ ଭାବରେ ନାନାଦି ଅମଙ୍ଗଳଜନକ ଘଟଣା ଘଟନ୍ତେ ସେ ଜନପଦର ଅଭିଭାବକମାନେ ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ବସତି ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ ନାରଦଙ୍କ ପରାମର୍ଶ ଅନୁସାରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ମଥୁରା ପ୍ରତ୍ୟାବର୍ତ୍ତନ ଅନ୍ତେ କାଳଯବନ ନାମକ ପ୍ରବଳ ଶତ୍ରୁକୁ କୌଶଳକ୍ରମେ ନିଧନ କଲେ ଶ୍ରୀକୃଷ୍ଣ । ତେଣେ ପାଣ୍ଡବମାନଙ୍କ ନିଧନ ନିମନ୍ତେ ଷଡ଼ଯନ୍ତ୍ର କରି ସେମାନଙ୍କୁ ଏକ ଜତୁଗୃହରେ ରଖାଇ ତାକୁ ଭସ୍ମ କରିବାର ବ୍ୟବସ୍ଥା କଲା ଦୁର୍ଯ୍ୟୋଧନ । କିନ୍ତୁ ପାଣ୍ଡବମାନେ ଖାଲି ଖସିଗଲେ, ସେତିକି ନୁହେଁ, ଦ୍ରୌପଦୀଙ୍କୁ ବିଭା ହେଲେ ଏବଂ କୃଷ୍ଣଙ୍କ ସହ ସେମାନଙ୍କର ହେଲା ନିବିଡ଼ ବନ୍ଧୁତା । ତା'ପରେ...]

ଅତୀବ ସୁନ୍ଦର ରାଜ୍ୟ ବିଦର୍ଭ । ନଦନଦୀ, ହ୍ରଦ, ନିର୍ଝରିଣୀ ଓ ଘନ ତରୁପୁଞ୍ଜ ଶୋଭିତ ସେ ଜନପଦ ସମଷ୍ଟି ଉପରେ ରାଜୁତି କରୁଥିଲେ ଭୀଷ୍ମକ । ପ୍ରଜାକୁଳ ଥିଲେ ଭଦ୍ର ଏବଂ ମାର୍ଜିତ ।

ଅତୀବ ସୁନ୍ଦରୀ ମଧ୍ୟ ସେ ରାଜ୍ୟର ରାଜକୁମାରୀ ରୁକ୍ମିଣୀ । ସେଥିରେ ବା ବିସ୍ମୟ କ'ଣ ! କାରଣ ସେ ଥିଲେ ମାନବୀ ରୂପରେ ଦେବୀ ଲକ୍ଷ୍ମୀ । ବିଷ୍ଣୁ ଯେହେତୁ କୃଷ୍ଣ ରୂପରେ ଅବତରି ଆସିଥିଲେ, ତାଙ୍କୁ ଅନୁସରଣ କରି ସେ ମଧ୍ୟ ନେଇଥିଲେ ମାନବ ଜନ୍ମ ।

କୃଷ୍ଣଙ୍କ ସ୍ୱରୂପ ଅବଶ୍ୟ ମୁଷ୍ଟିମେୟମାତ୍ର ଲୋକଙ୍କୁ ଜଣାଥିଲା, କିନ୍ତୁ ରୁକ୍ମିଣୀଙ୍କୁ ସଭିଏଁ ଜାଣୁଥିଲେ କେବଳ ବିଦର୍ଭର ଅପରୂପା, ସୁକୁମାରୀ, ଲଜ୍ଜାବତୀ ରାଜକୁମାରୀ ରୂପେ । ସେ ନିଜେ ମଧ୍ୟ ନିଜର ପ୍ରକୃତ ପରିଚୟ ବିଷୟରେ ସଚେତନ ଥିଲେ କି ନା ସନ୍ଦେହ । ଦେବଦେବୀମାନେ ଅସ୍ଥାୟୀ ମାନବ ଜନ୍ମ ଗ୍ରହଣ କରି ପ୍ରାୟଶଃ ଆପଣା ଆପଣାର ସ୍ଥାୟୀ ପରିଚୟ ଭୁଲିଯିବାର ବହୁ ଦୃଷ୍ଟାନ୍ତ ରହିଛି ।

ଅବଶ୍ୟ ଯିଏ ତାଙ୍କୁ ନୂଆ କରି ଦେଖିବ, ସେ ମନେ ମନେ କହିବ : ଆହା ! ଦେବୀପ୍ରତିମା ଦର୍ଶନ କଲି କି ଆଉ !

ନଅର ପରିସର ଭିତରେ ଥାଏ ଉଦ୍ୟାନ ପରିବେଷ୍ଟିତ ସରୋବର । ତାହାହିଁ ରୁକ୍ମିଣୀଙ୍କ ପ୍ରିୟ ଅବସର ବିନୋଦନ ସ୍ଥଳ । ସଖୀମାନଙ୍କ ବ୍ୟତୀତ ତାଙ୍କୁ ସାହଚର୍ଯ୍ୟ ଦେଉଥିଲେ ହରିଣ, ମୟୂର ଏବଂ ହଂସମାନେ ।

ତେବେ କିଛିଦିନ ଧରି ସଖୀମାନେ ଲକ୍ଷ୍ୟ କରୁଥିଲେ, ରାଜକୁମାରୀ ସେଠାରେ ଏକାକିନୀ ରହିବାକୁ ପସନ୍ଦ କରୁଛନ୍ତି; ଡୁବି ରହୁଛନ୍ତି କୌଣସି ଚିନ୍ତାରେ ।

ଦିନକର ସୂର୍ଯ୍ୟାସ୍ତ ବେଳ କଥା । ମୟୂରଚିମାନ

ସେମାନଙ୍କ ଚିତ୍ରିତ ପକ୍ଷ ଖୋଲି ନାଚୁଥା'ନ୍ତି । ଜଣେ ସଖୀ ରାଜକୁମାରୀଙ୍କଠାରୁ ଟିକିଏ ଦୂରରେ ବସି ଗୀତଟିଏ ବୋଲୁଥାଏ ଯାହା ରାଜକୁମାରୀଙ୍କର ସବୁଠାରୁ ପ୍ରିୟ । କିନ୍ତୁ ରୁକ୍ମିଣୀଙ୍କ ଅନ୍ୟମନସ୍କତା ତୁଟିବାର ଲକ୍ଷଣ ଦେଖାଗଲା ନାହିଁ ।

ତା'ଙ୍କ ପ୍ରଧାନ ସଖୀ ନିଜକୁ ଭାରି ଚତୁରୀ ମନେକରୁଥାଏ । ସେ ଯାଇ ତାଙ୍କ ପାଖରେ ବସିପଡ଼ି କହିଲା, ''ଶୁଣିଲଣି ଜେମା ? ଆମ ନଗରୀକୁ ଆସିଛି ଜଣେ କରିତ୍କର୍ମା ଯାଦୁକର । ସେ ଆପଣା ପଗଡ଼ି ଭିତରୁ ବାହାର କରି ଆଣୁଛି ମାଙ୍କଡ଼ଟାଏ; କେରାଏ କେଶକୁ ଗୋଟାଏ ଫୁଲମାଳରେ ପରିଣତ କରି ଦେଉଛି ତ ଗୋଟାଏ ବେଙ୍ଗକୁ ପାରା ବନାଇ ଉଡ଼ାଇ ଦେଉଛି । ଜେମା, ତୁମ ଆଗରେ ସେ ତା' ଯାଦୁ ଦେଖାଇ ପାରିଲେ ଭାରି ଖୁସି ହୁଅନ୍ତା ।''

''ସତେ ? ମୁଁ ଯାହା ଦେଖିବାକୁ ଚାହିଁବି ସେ ତାହା ଦେଖାଇ ଦେଇ ପାରିବ ?'' ପଚାରିଲେ ରୁକ୍ମିଣୀ ।

ଉତ୍ସାହ ଭରେ ସଖୀ ଉତ୍ତର ଦେଲେ, ''ମୋର ମନେ ହୁଏ, ପାରିବ । ଶୁଣିଲି, ଜଣେ ଅମାତ୍ୟ ଭୂତ ଦେଖିବାର ବାସନା ପ୍ରକଟ କରନ୍ତେ ଯାଦୁକର ତାଙ୍କରି ଦାଢ଼ି ଆଉଁସି ଦେଲା ଓ ତହିଁ ଭିତରୁ ଉତୁରି ଆସିଲା ଗୋଟାଏ ଧୂଆଁଳିଆ କୁନି ଭୂତ । ଅବଶ୍ୟ ଚାହୁଁ ଚାହୁଁ ଭୂତଟି ମିଳେଇଗଲା ।''

''ବାଃ !, ଚମତ୍କାର ! ବର୍ତ୍ତମାନ ତୁ ଯାଇ ଯାଦୁକରକୁ କହ, ଟିକିଏ ବଡ଼, ହୃଷ୍ଟପୁଷ୍ଟ ଭୂତଟିଏ ଠିଆ କରାଇବ ଆଉ ତୁ ସଙ୍ଗେ ସଙ୍ଗେ ଭୂତକୁ ବରଣମାଳା ପିନ୍ଧାଇଦେଲେ ସେ ଆଉ ମିଳେଇଯିବ ନାହିଁ । ଯାଃ ।''

ସଖୀ କିନ୍ତୁ ହାଲ ଛାଡ଼ି ନଦେଇ କହିଲା, ''ଯାଦୁକର ଏମିତି ଜଣଙ୍କୁ ଠିଆ କରାଇ ପାରନ୍ତା ହେଲେ, ଯାହାକୁ ରାଜକୁମାରୀ ବରଣମାଳା ସମର୍ପି ପାରିବେ !''

''କେଉଁ ଯାଦୁକର କେମିତି ସେ କାମ କରିବରେ ମିତଣି ! ମୁଁ ଯାହାକୁ ବରଣମାଳା ଦିଅନ୍ତି, ସିଏ ନିଜେ ତ ସବୁଠାରୁ ବଡ଼ ଯାଦୁକର !'' ରାଜକୁମାରୀ କହିଲେ । ତାଙ୍କ ଥଟ୍ଟାଳିଆ ଭାଷା ଭିତରୁ କିନ୍ତୁ ସଖୀ ବାରିପାରିଲା କିଛି ଭିନ୍ନ ଆଭାସ । ସେ ଚମକି ପଡ଼ିଲା । ମାତ୍ର ଦୁଇଦିନ ତଳେ ଜଣେ ସୁଗାୟକ ଅନ୍ତପୁରବାସିନୀମାନଙ୍କୁ ଗୋଟିଏ ଅପୂର୍ବ ଗୀତ ଶୁଣାଇଥିଲା । ତା'ର ବିଷୟବସ୍ତୁ କୃଷ୍ଣ, ଆବାଲ୍ୟ ତାଙ୍କର ନାନାଦି ଅପୂର୍ବ କୃତି, ଅସୀମ ସାହସ ଓ ଅମାପ ବୁଦ୍ଧି କୌଶଳର କାହାଣୀ; ପୁଣି ତାଙ୍କୁ ଏକ ନୂତନ ନଗରୀ-ରାଜ୍ୟ ସ୍ଥାପନର ସୁଯୋଗ ଦେବା ନିମନ୍ତେ ମହାସମୁଦ୍ର ଦୂରକୁ ଅପସରି ଯାଇ ସ୍ଥାନ କରିଦେବାର ବିବରଣୀ ! ଗୀତଟିରେ କୃଷ୍ଣଙ୍କୁ ମହାଯାଦୁକର ଭାବରେ ବର୍ଣ୍ଣନା କରାଯାଇଥିଲା ।

ଲଳିତ ଭାବଭରା କଣ୍ଠରେ ପରିବେଷିତ ସେ ସଂଗୀତ ମନ୍ତ୍ରମୁଗ୍ଧ ଭଳି ଶୁଣିଥିଲେ ରାଜକୁମାରୀ । ସଖୀଙ୍କର ଆହୁରି ମଧ୍ୟ ମନେପଡ଼ିଲା, କୃଷ୍ଣଙ୍କ ନାମ କେହି କୌଣସି ପ୍ରସଙ୍ଗରେ ଉଚ୍ଚାରଣ କରିବା ମାତ୍ରେ ରାଜକୁମାରୀ ତହିଁ ପ୍ରତି ଉତ୍କର୍ଣ୍ଣ ହେଉଥିଲେ ।

ରାଜକୁମାରୀଙ୍କ ମନୋଭାବ ସମ୍ପର୍କରେ ସଖୀଙ୍କର ଆଉ କୌଣସି ସନ୍ଦେହ ରହିଲା ନାହିଁ । ସେ ଏକାନ୍ତରେ ତାଙ୍କୁ କହିଲେ, ''ଜେମା, କୃଷ୍ଣହିଁ ଯେ ତୁମ ପାଇଁ ଯୋଗ୍ୟ ବର, ଏହା ସୂର୍ଯ୍ୟୋଦୟ ଭଳି ସତ୍ୟ । କିନ୍ତୁ...''

ସଖୀ କାହିଁକି ବାକ୍ୟ ପୂରା କଲା ନାହିଁ, ଏକଥା ରୁକ୍ମିଣୀ ବୁଝୁଥିଲେ । ପିତାମାତାଙ୍କ ପକ୍ଷରୁ ବାଧାର ପ୍ରଶ୍ନ ନଥିଲା, କିନ୍ତୁ ରୁକ୍ମିଣୀଙ୍କ ଅଗ୍ରଜ ରୁକ୍ମ ଥିଲେ ଭୀଷଣ କୃଷ୍ଣ-ବିରୋଧୀ । ସେ ତାଙ୍କ ମିତ୍ର ଚେଦିରାଜ ଶିଶୁପାଳ ସହ ଭଉଣୀର ବିବାହ ଦେବାକୁ ସିଦ୍ଧାନ୍ତ ନେଇଥିଲେ । ଦୁର୍ଦ୍ଧାନ୍ତ ରାଜପୁତ୍ର ରୁକ୍ମ ପିତାମାତାଙ୍କୁ ଭୟଭୀତ କରି ରଖିଥିଲେ ।

ଯେମିତି ରୁକ୍ମ ଶୁଣିଲେ ଯେ ରୁକ୍ମିଣୀ କୃଷ୍ଣଙ୍କ ପ୍ରତି ଅନୁରକ୍ତ, ସେ କାଳବିଳମ୍ବ ନକରି ଶିଶୁପାଳ ସହ ଭଉଣୀର ବିବାହ ନିମନ୍ତେ ତାରିଖ ସ୍ଥିର କରି ତତ୍କ୍ଷଣାତ୍ ସେ ସକାଶେ ବିପୁଳ ଆୟୋଜନ ଆରମ୍ଭ କରିଦେଲେ ।

ରୁକ୍ମିଣୀ ସବୁ ଶୁଣିଲେ । ସେ ଦୃପ୍ତ କଣ୍ଠରେ ଉଚ୍ଚାରଣ କଲେ ଗୋଟିଏ ମାତ୍ର ଶବ୍ଦ : ''ଅସମ୍ଭବ !''

ତେଣିକି ରାଜକୁମାରୀ ଆଉ ବିଶେଷ କଥାବାର୍ତ୍ତା କଲେ ନାହିଁ । ସଖୀମାନେ ତାଙ୍କ ଗାମ୍ଭୀର୍ଯ୍ୟର ଓ ନିରବତାର କାରଣ ବୁଝୁଥା'ନ୍ତି; ବୁଝୁଥା'ନ୍ତି ରାଣୀ ମଧ୍ୟ । କିନ୍ତୁ ବିବାହ ତାରିଖ ତ ନିକଟତର ହୋଇ ଆସୁଥାଏ । ସମସ୍ତ ଆୟୋଜନ ତ ସମ୍ପୂର୍ଣ୍ଣ । ବିବାହ ଅନୁଷ୍ଠାନ ଆଉ ''ଅସମ୍ଭବ'' ହେବ କେମିତି ?

ନଗରୀ ହେଲା ଉତ୍ସବମୁଖର । ବିବାହର ଦୁଇଦିନ ପୂର୍ବରୁ ଅତିଥିମାନେ ଆସି ଉପନୀତ ହେଲେ । ଆସିଗଲେ ଅଙ୍ଗ, ବଙ୍ଗ, କଳିଙ୍ଗ, ତୈଲଙ୍ଗ, ପାଣ୍ଡ୍ୟ, ମାଳବ, କେକୟ, ମଗଧ, କୋଶଳ ଇତ୍ୟାଦି ରାଜ୍ୟର ରାଜା ବା ରାଜପୁତ୍ରବର୍ଗ । ସମସ୍ତଙ୍କୁ ଯୁବରାଜ ରୁକ୍ମ ଉଚ୍ଛଳ ସଂବର୍ଦ୍ଧନା ଯୋଗେ ସ୍ୱାଗତ କରୁଥା'ନ୍ତି ।

ଅବଶେଷରେ ସଖା, ସଭାସଦ୍ ଓ ସୈନ୍ୟ ପରିବୃତ

ହୋଇ, ପ୍ରବଳ ବାଦ୍ୟନାଦ ସହକାରେ ନଗରୀରେ ପ୍ରବେଶ କଲେ ଗର୍ବିତ ବରପାତ୍ର ଶିଶୁପାଳ । ଅତୁଳନୀୟ ସୌନ୍ଦର୍ଯ୍ୟବତୀ ଭାବରେ ଖ୍ୟାତ ରାଜକୁମାରୀ ତାଙ୍କୁ ବରଣ କରିବେ !

ବିବାହ ପୂର୍ବଦିନ ଅପରାହ୍ଣରେ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ଅମ୍ବାଙ୍କ ମନ୍ଦିରକୁ ଯାଇ କନ୍ୟା ତାଙ୍କୁ ଆରାଧନା କରିବା ଥିଲା ବିଧି । ନଅର ଏବଂ ଅଦୂର ମନ୍ଦିର ମଧ୍ୟରେ ଥିବା ପଥର ଗୋଟାଏ ପାଖରେ ନିଜ ନିଜ ମିତ୍ର ଓ ଦେହରକ୍ଷୀ ପରିବୃତ ହୋଇ ଠିଆ ହୋଇଯାଇଥା'ନ୍ତି ରାଜକୀୟ ଅତିଥିବର୍ଗ । ସେମାନଙ୍କ ମଧ୍ୟସ୍ଥଳରେ ଶିଶୁପାଳ । ପଥର ବିପରୀତ ଦିଗରେ ସମବେତ ବିଦର୍ଭର ଶତଶତ ନାଗରିକ । କନ୍ୟାରୂପୀ ସୁସଜ୍ଜିତା ରାଜକୁମାରୀଙ୍କୁ ଥରେ ଦେଖିଦେବା ସଭିଙ୍କର ବାସନା ।

ସଖୀବୃନ୍ଦ ସମଭିବ୍ୟାହାରେ ନଅରରୁ ନିଷ୍କ୍ରାନ୍ତ ହୋଇ ରୁକ୍ମିଣୀ ଚାଲିଲେ ମନ୍ଦିର ଅଭିମୁଖେ । ''ଅପୂର୍ବ !'' ''ଅନନ୍ୟା !'', ''ଦିବ୍ୟ !'' ଏହିଭଳି ଚପା ଗୁଞ୍ଜନ ଶୁଭୁଥାଏ ରାଜପଥର ଦୁଇ ପାର୍ଶ୍ୱରୁ ।

ଅଳ୍ପକ୍ଷଣ ଉତ୍ତାରୁ ସଖୀବୃନ୍ଦ ପରିବେଷ୍ଟିତ ରାଜକୁମାରୀ ମନ୍ଦିରରୁ ବାହାରି ତାଙ୍କ ଡାହାଣରେ ଥିବା ଜନତା ଆଡ଼କୁ ଦୃଷ୍ଟିପାତ କଲେ । ଶିଶୁପାଳଙ୍କୁ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଝିଙ୍କିଦେଇ କହିଲେ, ''ଦେଖ, ଦେଖ, ଏଯାଏ ମୁହଁ ଟେକୁ ନଥିବା କନ୍ୟା ତୁମକୁ ଠାବ କରିବାକୁ କେମିତି ଉତ୍ସୁକ !''

ଶିଶୁପାଳ ନିଶ ମୋଡ଼ି ହସିଲେ ।

ହଠାତ୍ ରାଜକୁମାରୀ ସେ ବର୍ଣ୍ଣାଢ଼୍ୟ ଜନଗହଳି ଭିତରକୁ ପଶିଗଲେ । ସମ୍ଭ୍ରାନ୍ତ ଅତିଥିବର୍ଗ ହତଚକିତ ହୋଇ ତାଙ୍କୁ ବାଟ ଛାଡ଼ିଦେଲେ । ସଖୀଗଣ ତାଙ୍କୁ ଅନୁସରଣ କରୁଥା'ନ୍ତି ।

କଥା କ'ଣ ? କେହି କିଛି ଠଉରାଇ ପାରିବା ପୂର୍ବରୁ ଜନଗହଳି ପଶ୍ଚାତରେ ଅପେକ୍ଷମାଣ ରଥଟିଏ ଗଡ଼ିବାକୁ ଆରମ୍ଭ କରିଦେଲା ।

ସେ ତରୁଣୀଦଳରୁ ଜଣେ ଅଦୃଶ୍ୟ ହୋଇଯାଇଥିଲେ । ସମସ୍ତଙ୍କୁ ବୁଝିବାକୁ ସମୟ ଲାଗିଲା – ସେ ଜଣକ ସ୍ୱୟଂ କନ୍ୟା ରୁକ୍ମିଣୀ !

କ୍ରୋଧରେ ଚିତ୍କାର କଲେ ରୁକ୍ମ । ଏକମାତ୍ର ସେ ବୁଝିପାରୁଥିଲେ ରୁକ୍ମିଣୀଙ୍କୁ ରଥକୁ ଉଠାଇ ନେଇ ତୀବ୍ରଗତିରେ ପ୍ରସ୍ଥାନରତ ବ୍ୟକ୍ତିଜଣକ ଆଉ କେହି ନୁହେଁ – କୃଷ୍ଣ !

''ଅଟକାଅ ସେ ରଥକୁ ! ନହେଲେ କର ଆକ୍ରମଣ ! ଏଡ଼େ ଦୁଃସାହସ !'' ରୁକ୍ମ ସମବେତ ରାଜନ୍ୟବର୍ଗଙ୍କୁ ସମ୍ବୋଧନ କରି ନିର୍ଦ୍ଦେଶ ଦେଲେ ।

ଶିଶୁପାଳଙ୍କ କର ନିଜ ନିଶରୁ ଖସିପଡ଼ିଲା । ସେ ସଭିଙ୍କ ସହ ପଳାୟମାନ ରଥ ଆଡ଼େ ଦୌଡ଼ିବାକୁ ଚେଷ୍ଟା କଲେ; କୋଷମୁକ୍ତ କଲେ ତାଙ୍କ ତରବାରି ।

କିନ୍ତୁ ଇଏ ପୁଣି କିଏ ? ସେ ବିଶୃଙ୍ଖଳ ରାଜନ୍ୟବର୍ଗଙ୍କ ଗତିରୋଧ କରିବାକୁ ଏକ ସେନା ସହ ଦଣ୍ଡାୟମାନ ଉଜ୍ଜ୍ୱଳ ପୁରୁଷଜଣଙ୍କୁ ଚିହ୍ନିବାକୁ ବିଳମ୍ବ ହେବା ସତ୍ତ୍ୱେ ତାଙ୍କୁ ସାମନା କରିବାକୁ ଅତିଥିବର୍ଗ ସାହସ କଲେ ନାହିଁ । ତେବେ ଯଥାଶୀଘ୍ର ସମ୍ଭବ ପ୍ରସ୍ତୁତ ହୋଇ ରୁକ୍ମ ଏବଂ ଶିଶୁପାଳ ତାଙ୍କ ସହ ଯୁଦ୍ଧ କଲେ ଓ ପରାଭୂତ ହେଲେ । ସେତେବେଳକୁ କାହିଁ କେତେ ଦୂରରେ ହଜିଗଲେଣି ରୁକ୍ମିଣୀଙ୍କୁ ବହନ କରୁଥିବା କୃଷ୍ଣଙ୍କ ରଥ ।

ରାଜକୁମାରୀଙ୍କ ପ୍ରଧାନ ସଖୀଟି ଛଡ଼ା ଆଉ କାହାକୁ ଜଣା ନଥିଲା ଯେ ରୁକ୍ମିଣୀଙ୍କ ସନ୍ଦେଶ ପାଇଥିଲେ କୃଷ୍ଣ ଏବଂ ଜଣାଇ ଦେଇଥିଲେ ତାଙ୍କ ଯୋଜନା ।

ସୂର୍ଯ୍ୟାସ୍ତ ବେଳକୁ ରୁକ୍ମ, ଶିଶୁପାଳ ଏବଂ ସେମାନଙ୍କ ମିତ୍ରମାନଙ୍କୁ ଘୋର ଅପମାନ ଏବଂ ଅନ୍ୟ ଅତିଥିମାନଙ୍କୁ ବିସ୍ମୟ-ମଧୁର ବାତାବରଣରେ ଛାଡ଼ି ବଳରାମ ସସୈନ୍ୟ ଅପସରି ଗଲେ ।

(କ୍ରମଶଃ) ❑

---

*(ପୃଷ୍ଠା ୩୨ର ଅବଶିଷ୍ଟାଂଶ)*

ଏସବୁ ଏକ ନିଦାରୁଣ ଅବୈଜ୍ଞାନିକ ସିଦ୍ଧାନ୍ତ ଆଡ଼କୁ ନେଇ ଚାଲିଛି, ବୈଜ୍ଞାନିକଙ୍କର କିଂବା କୌଣସି ଦ୍ରଷ୍ଟାଙ୍କର ବାହାରେ ନିରପେକ୍ଷ ଦୃଶ୍ୟ ଆଉ ନାହିଁ – ଥିଲେ ବି ତାହା ବୈଜ୍ଞାନିକଙ୍କ ବିଷୟ ନୁହେଁ । ବିଷୟୀ-ନିରପେକ୍ଷ ସ୍ୱତନ୍ତ୍ର, ସ୍ୱାଧୀନ ବିଷୟ ଆଉ ନାହିଁ । ବିଷୟ ମଧ୍ୟରେ ବିଷୟୀ ଏପରି ଓତପ୍ରୋତ ଜଡ଼ିତ, ବିଷୟର ଧର୍ମରେ ବିଷୟୀର ଧର୍ମ ଏତେଟା ପର୍ଯ୍ୟବସିତ ହୋଇଛି ଯେ, ଜଡ଼ବସ୍ତୁ ବା ଜଡ଼କ୍ଷେତ୍ରକୁ ଆଉ ଜଡ଼ ବୋଲି କହିଲେ ଚଳିବ ନାହିଁ । 'ଜଡ଼'ର ନୂତନ ଅର୍ଥ 'ଜଡ଼ ନୁହେଁ' କହିବାକୁ ହେବ ।

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

# ଆମ ଶରୀର

## (୧୫)

## ଭୋଳେଶ୍ୱର ଭୂୟାଁ

### ଶରୀର ଚେତନାର ସଚେତନତା

ଏ ପୃଥିବୀରେ ଶରୀରର ଅଧ୍ୟାତ୍ମ ସାଧନା, ତା'ର ପୂର୍ଣ୍ଣତା ଲାଭ ଓ ଭଗବତ୍ ଉପଲବ୍ଧିର ଅନୁଭୂତି ବିଷୟରେ କେବେ ବି ଚେଷ୍ଟା କରାଯାଇ ନାହିଁ; ବରଂ ଏହାକୁ ସାଧନା ପଥରେ ଏକ ବାଧା ଭାବରେ ପରିତ୍ୟାଗ କରାଯାଇଛି । ଆଜି ପର୍ଯ୍ୟନ୍ତ ଏ ଶରୀର ବିକୃତି ଓ ଅପୂର୍ଣ୍ଣତାର କବଳରେ ଦଳିତ ହୋଇ ଆସିଛି । ପୁରାତନ ସାଧକମାନେ ଶରୀରର ବିକୃତିକୁ ଦୂର କରିବା ଅସମ୍ଭବ ବୋଲି ମନେ କରୁଥିଲେ – ଏହାର ରୂପାନ୍ତର କଥା ତ ଦୂରର କଥା । ଶରୀର ରୂପାନ୍ତର ହୋଇ ଏହା ଯେ ଦିବ୍ୟତା ପ୍ରାପ୍ତି କରିପାରେ ଏ ବିଷୟରେ ସେମାନେ କଳ୍ପନା ମଧ୍ୟ କରିପାରି ନଥିଲେ । କିନ୍ତୁ ଏହି ସିଦ୍ଧାନ୍ତ ଆଜି ଓଲଟି ଯାଇଛି । ପୃଥିବୀରେ ଅତି କମ୍‌ରେ ମା'ଙ୍କ ଶରୀରରେ ଏହି ରୂପାନ୍ତର ପ୍ରକ୍ରିୟା ଆରମ୍ଭ ହୋଇପାରିଛି ଓ ଏ କାମ ଅବ୍ୟାହତ ରହିଛି । ଏହି ରୂପାନ୍ତର ପ୍ରକ୍ରିୟା କେବଳ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗଯୋଗ ମାଧ୍ୟମରେ ହୋଇପାରେ ।

ହଠଯୋଗ ମାଧ୍ୟମରେ ଶରୀରର ପୂର୍ଣ୍ଣତା ଦିଗରେ କିଛିଟା ପ୍ରୟାସ କରାଯାଇଛି । ଏହା ଦ୍ୱାରା ଶରୀରକୁ ସୁସ୍ଥ-ସବଳ-ନିରୋଗ ରଖି ତାକୁ ଦୀର୍ଘଜୀବୀ କରାଯାଇ ପାରିଛି । ବୈଜ୍ଞାନିକ ପ୍ରଣାଳୀରେ ଶରୀର ଚର୍ଚ୍ଚା କରି ଶରୀରକୁ ଶକ୍ତିଶାଳୀ, କଳ୍ପନାତୀତ ନମନୀୟତା ପ୍ରଦାନ କରାଯାଇପାରେ – ଯାହା ଆମ ଆଶ୍ରମରେ ରୁଷୀୟ ଜିମ୍ନାଷ୍ଟମାନେ ପ୍ରଦର୍ଶନ କରିଥିବାର ପ୍ରମାଣ ରହିଛି । ଔଷଧ ମାଧ୍ୟମରେ, ଜଡ଼ିବୁଟି ଆଦି ସେବନ କରି ମଧ୍ୟ ଶରୀରର ଯୌବନ ଅବସ୍ଥାକୁ ଅତୁଟ ରଖିବା ପାଇଁ କାୟାକଳ୍ପର ବ୍ୟବସ୍ଥା ଭାରତବର୍ଷରେ ରହିଛି । କିନ୍ତୁ ଏସବୁ ଯଥେଷ୍ଟ ନୁହେଁ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ଜଡ଼ ଆଧାର ଉପରେ ସ୍ଥୂଳ ଉପାୟ ଅବଲମ୍ବନ କରି ଆମେ ଯାହା କିଛି କରୁ ଏହା ସୁରକ୍ଷିତ ନୁହେଁ ଓ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଏହା ଆବଦ୍ଧ ହୋଇଥାଏ, ଏପରିକି ବାହାରୁ ଦେଖିଲେ ଶରୀରର ଯଥାର୍ଥ ସ୍ୱାସ୍ଥ୍ୟ ଓ ଶକ୍ତି ଥିଲା ପରି ମନେ ହେଲେହେଁ ଆନ୍ତର ଚେତନାର ତାରତମ୍ୟ କିଂବା ଏକ ଶକ୍ତିଶାଳୀ ବାହ୍ୟ ଆକ୍ରମଣ ଅଥବା ଆଘାତ ଫଳରେ ଏହା ଅନିଶ୍ଚିତ ଓ ଯେକୌଣସି ସମୟରେ ଭାଙ୍ଗି ପଡ଼ିବାର ସମ୍ଭାବନା ରହିଥାଏ ।''

(On Physical Education, P. 15) – Sri Aurobindo

ଏଥିପାଇଁ ଆମକୁ ମା'ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ପଥରେ ଚାଲିବାକୁ ହେବ । ସାଧନା ଫଳରେ ଯେଉଁ ଅତିମାନସ ଶକ୍ତିକୁ ସେମାନେ ଏ ପୃଥିବୀପୃଷ୍ଠରେ ଅବତରଣ କରାଇଛନ୍ତି, ତା' ପ୍ରତି ଆମ ଶରୀରକୁ ଖୋଲିବାକୁ ପଡ଼ିବ । ଏହି ଶକ୍ତିକୁ ଆମ ଶରୀରରେ କ୍ରିୟା କରିବା ପାଇଁ ଆମ ଶରୀରର ଗ୍ରହଣଶୀଳତାକୁ ବୃଦ୍ଧି କରିବାକୁ ହେବ, ଶରୀରକୁ ସଚେତନ କରି ଏହାର କୋଷ ସ୍ତରରେ ଓହ୍ଲାଇବାକୁ ପଡ଼ିବ । ଏ ବିଷୟରେ ଶ୍ରୀମା କହୁଛନ୍ତି : ''ଯେଉଁମାନଙ୍କର ନିଜ ମଧ୍ୟରେ ଏକ ବଳ, ଶକ୍ତି ଓ ଏକ ପ୍ରକାର ସୁସ୍ଥ ସମତା ରହିଥାଏ, ଯେଉଁମାନେ ସେମାନଙ୍କ ଆଧ୍ୟାତ୍ମିକ ଉପଲବ୍ଧିକୁ ଭୌତିକ ସ୍ତରରେ ଉପଲବ୍ଧି କରିବାର ଏକ ଚରମ ଆବଶ୍ୟକତା ଭାବେ ଅନୁଭବ କରୁ ଥାଆନ୍ତି ସେମାନେ ବଉଦମାଳା ମଧ୍ୟକୁ କିଂବା ନିରାକାର ଜଗତ୍ ମଧ୍ୟକୁ ଚାଲି ଯିବାରେ ସନ୍ତୋଷ ଅନୁଭବ କରନ୍ତି ନାହିଁ । ସେମାନଙ୍କ ଆନ୍ତର ଅନୁଭୂତିରେ ସେମାନଙ୍କ ଭୌତିକ ଚେତନା ଓ ଏପରିକି ସେମାନଙ୍କର ଶରୀର ମଧ୍ୟ ଅଂଶ ଗ୍ରହଣ କରିବାକୁ ହେବ ।''

(MCW - 8, P. 246) – ଶ୍ରୀମା

ଯେଉଁମାନଙ୍କ ଭିତରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ସେମାନଙ୍କ ଭିତରୁ ଜଣେ ବ୍ୟକ୍ତିର ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ କହୁଛନ୍ତି : ''ମୁଁ କହିଛି ଯେ ତୁମ ଚେତନା ଓହ୍ଲାଇ ଆସି ବାହ୍ୟ ସ୍ଥୂଳ ଚେତନା ସହିତ ସମ୍ବନ୍ଧିତ ହୋଇଛି, ଯାହାକି (ବାହ୍ୟ ଚେତନା) ସର୍ବଦା ନିମ୍ନପ୍ରକୃତିର ଗତିବୃତ୍ତିରେ ପୂର୍ଣ୍ଣଥାଏ, ଯେତେବେଳେ କି ସେମାନେ ଆଉ ତୁମ ମନ ବା ଚୈତ୍ୟ-ଚେତନାର ନିୟନ୍ତ୍ରଣାଧୀନ ନ ଥାଆନ୍ତି । ସମସ୍ତଙ୍କୁ ଏହି ପ୍ରତ୍ୟକ୍ଷ ସଂଯୋଗର ଅନୁଭୂତି ଲାଭ କରିବାକୁ ହେବ, ତା' ନହେଲେ ସତ୍ତାର ଏହି ଅଂଶରେ ରୂପାନ୍ତର ହୋଇ ପାରିବ ନାହିଁ ।''

(Letters on Yoga - IV, P. 363) – ଶ୍ରୀଅରବିନ୍ଦ

ଶରୀରକୁ ସଚେତନ କରିବାର ବହୁ ପ୍ରଣାଳୀ ଶ୍ରୀମା କହିଛନ୍ତି । ସେ କହୁଛନ୍ତି : ''ଶରୀରକୁ ଯଦି ଦେଖାଇ ଦିଆଯାଏ ତେବେ ଶରୀର ଏହାକୁ ବୁଝିଥାଏ, ଛୋଟ ଶିଶୁକୁ ବୁଝାଇବା ପରି ଯଦି ଏହାକୁ ବୁଝାଇ ଦିଆଯାଏ, ଏହାକୁ ଯଦି କୁହାଯାଇ-ଥାଏ : 'ଦେଖ କେବଳ ଏହା ଖରାପ ପରିସ୍ଥିତି ନୁହେଁ, ତା' ପଛରେ ଆଉ କିଛି କ୍ରିୟା କରିଥାଏ', ଯଦି କିଛି ଅସଦିଚ୍ଛା ପ୍ରବେଶ କରି ନଥାଏ ଏହା ସେ ବୁଝିଥାଏ ।

''ଏହା ହେଲା ଏକ ପ୍ରକାରର ପ୍ରସ୍ତୁତି ।

''ଅଳ୍ପ ଅଳ୍ପ କରି ଯଦି ଏହି ବୁଝାମଣାକୁ ବ୍ୟବହାର କରାଯାଏ, ବ୍ୟକ୍ତି ଶରୀରର କୋଷମାନଙ୍କ ଭିତରେ ଚେତନାକୁ ପ୍ରବେଶ କରାଇବ ଏବଂ ଏହା ସହିତ ଭଗବତ୍ ଉପସ୍ଥିତିର ସତ୍ୟକୁ ମଧ୍ୟ ପ୍ରବେଶ କରାଇବ । ଏହି କାମ ସମୟ ସାପେକ୍ଷ, ଯଦି ଏହା ପ୍ରଣାଳୀବଦ୍ଧ ଭାବେ, ଧାରାବାହିକ ଭାବେ କରାଯାଏ ତେବେ ଏହାର ଏକ କ୍ରିୟାଶୀଳତା ରହିଥାଏ ।''

(On Physical Education, P. 181) — ଶ୍ରୀମା

ଶରୀରରେ ଚେତନାକୁ ପ୍ରବେଶ କରାଇବା ବିଷୟରେ ମା କହିଛନ୍ତି, ''ଏହା କେଉଁ ଚେତନା ?'' ମଣିଷର ଚେତନା କହିଲେ — ଯେଉଁ ଚେତନାକୁ ସେ ସହଜ ଭାବରେ କାମରେ ବା ଜୀବନରେ ଲଗାଇ ଥାଏ ତାହା ହେଲା : ମନ ଓ ପ୍ରାଣର ଚେତନା । ଯଦି ଜଣେ ଉନ୍ନତ ଧରଣର ବ୍ୟକ୍ତି ହୋଇଥାଏ ଏହା ସହିତ ତା'ର ଚୈତ୍ୟସତ୍ତା ମଧ୍ୟ କ୍ରିୟା କରିଥାଏ । ଯେତେବେଳେ ଆମେ ଶରୀରକୁ ରୂପାନ୍ତର କରିବା ପାଇଁ ସଂକଳ୍ପ ନେଇ ଏ ଦିଗରେ ମାଆଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ପଥରେ ସାଧନା କରୁ ତେବେ ପ୍ରସ୍ତୁତି ଅନୁସାରେ ଏକ ସମୟ ଆସିବ ଯେତେବେଳେ ଆମ ଚେତନାକୁ ଏହି ଶରୀରରେ ପ୍ରବେଶ କରାଇବାକୁ ହେବ ।

ଅବଶ୍ୟ ଆମ ମନ ଚେତନା ଓ ପ୍ରାଣ ଚେତନାର ପ୍ରଭାବ ସର୍ବଦା ଶରୀର ଉପରେ ପଡୁଛି । ଏ ଦୁହେଁ ନିଜ ନିଜ ବାସନାର ପୂରଣ ପାଇଁ ଶରୀରକୁ ତାଙ୍କ କାମରେ ସହାୟକ ହେବା ପାଇଁ ବାଧ୍ୟ କରିଥାଆନ୍ତି । ଏହିପରି ଭାବରେ ଶରୀର ସେମାନଙ୍କର ଭୃତ୍ୟ ଭାବରେ ସେବା କରି ଆସିଛି । ଏଥିପାଇଁ ଶରୀରର ନାନା ଅନିଷ୍ଟ ମଧ୍ୟ ହୋଇଥାଏ । ବିଭିନ୍ନ ରୋଗ, ଯନ୍ତ୍ରଣା ଆଦି ତାକୁ ଭୋଗ କରିବାକୁ ପଡ଼ିଥାଏ । ରୋଗ-ଯନ୍ତ୍ରଣା ପାଇଁ ଶରୀର କେବେ ହେଲେ ଦାୟୀ ନୁହେଁ । ଏଥିପାଇଁ ଆମ ବିକୃତ ମନ-ପ୍ରାଣହିଁ ଦାୟୀ । ଶରୀର ପାଇଁ ଆମେ ଯେତେ ଔଷଧ ସେବନ କଲେ ମଧ୍ୟ ତାହା ବାରଂବାର ଆମ ପାଖକୁ ଫେରି ଆସିଥାଏ । ଏହାର ଅସଲ କାରଣ ହେଲା ଆମ ବିକୃତ ମନ-ପ୍ରାଣର ପ୍ରଭାବ ଶରୀର ଉପରେ ପଡ଼ିଥାଏ । ଯେପର୍ଯ୍ୟନ୍ତ ଶରୀର ଏହି ଦାସତ୍ୱରୁ ମୁକ୍ତ ନହୋଇଛି ସେପର୍ଯ୍ୟନ୍ତ ଶରୀର ରୂପାନ୍ତରର ସ୍ୱପ୍ନ ଦେଖିବା ଅବାନ୍ତର । ଅବଶ୍ୟ ଶରୀରର ଏକ ନିଜସ୍ୱ ଚେତନା ମଧ୍ୟ ସମସ୍ତଙ୍କ ଭିତରେ କାମ କରୁଛି । ଏହି ଚେତନାର ଦୁଇଟି ଦିଗ ରହିଛି । ଗୋଟିଏ ହେଲା ଶରୀରର ଆଭ୍ୟନ୍ତର ଚେତନା — ଯାହା ଦ୍ୱାରା ଶରୀରର ସମସ୍ତ କ୍ରିୟା ଯଥା : ରକ୍ତ ସଞ୍ଚାରଣ, ଶ୍ୱାସକ୍ରିୟା, ପାକକ୍ରିୟା, ଶରୀରର ଜୀବନ ଧାରଣ ପାଇଁ ଜଟିଳ ରାସାୟନିକ କ୍ରିୟା, ଅଦରକାରୀ ବସ୍ତୁର ନିଷ୍କାସନ କ୍ରିୟା ଆଦିକୁ ଆଭ୍ୟନ୍ତରୀଣ ଚେତନା ସମ୍ପନ୍ନ କରିଥାଏ । ଏହି ପ୍ରକ୍ରିୟାରେ ଆମେ ହସ୍ତକ୍ଷେପ କରିପାରି ନଥାଉ । ଏହା ପ୍ରକୃତି ମାଧ୍ୟମରେ ସ୍ୱୟଂଚାଳିତ ଭାବେ ଘଟିତ ହୋଇଥାଏ । ଶରୀର ପରିଚାଳନାର ବାହ୍ୟ ଚେତନା ହେଲା ଆମ ବାହ୍ୟ ଇନ୍ଦ୍ରିୟମାନଙ୍କର ବ୍ୟବହାର ଓ ପରିଚାଳନା । ଏସବୁ ଆମେ ଆମ ମନ ଦ୍ୱାରା ନିୟନ୍ତ୍ରଣ କରିଥାଉ । ବିକୃତ ମନ ଯଦି ଏସବୁର ପରିଚାଳନା କରେ ତେବେ ଏହାର କୁପରିଣାମ ଆମ ଶରୀରରେ ପଡ଼ିଥାଏ । କିନ୍ତୁ ମନ ଯଦି ରୂପାନ୍ତରିତ ହୋଇ ତା' ଭିତରେ ଶାନ୍ତି, ଆନନ୍ଦ, ସାମଞ୍ଜସ୍ୟତା ଓ ଶୁଦ୍ଧତା ପ୍ରତିଷ୍ଠିତ ହୋଇଥାଏ ଅର୍ଥାତ୍ ତାହା ଚୈତ୍ୟସତ୍ତାର ଗୁଣ ଧର୍ମରେ ଦୀକ୍ଷିତ ହୋଇଥାଏ ତେବେ ଏହା ଶରୀର ରୂପାନ୍ତର କାମରେ ଭଗବାନଙ୍କ ଯନ୍ତ୍ର ଭାବରେ କ୍ରିୟା କରିଥାଏ । ଏପରିକି ମନ ଶରୀରକୁ ଦାସ କରି ରଖି ନଥାଏ ବା ଶରୀର ଉପରେ ଏହାର କୁପରିଣାମ ପଡ଼ି ନଥାଏ । ଏହିପରି ଏକ ମନ ଚେତନା ଓ ରୂପାନ୍ତରିତ ପ୍ରାଣସତ୍ତା ଶରୀର ଭିତରେ ପ୍ରବେଶ କରି ଶରୀର ରୂପାନ୍ତରର ମହାନ୍ କର୍ମକୁ ଭଗବତ୍ ସେବା ଭାବରେ କରିଥାଏ । ଶରୀର ରୂପାନ୍ତର ପୂର୍ବରୁ ମନର ରୂପାନ୍ତର ଅନିବାର୍ଯ୍ୟ । ଏ ବିଷୟରେ ମା କହିଛନ୍ତି : ''ଏବଂ ମୁଁ ତୁମକୁ 'ଚ୍ୟାଲେଞ୍ଜ' (challenge) କରୁଛି ତୁମର ମନ ରୂପାନ୍ତର ହେବା ପୂର୍ବରୁ ତୁମ ଶରୀରକୁ ରୂପାନ୍ତର କରିବା ପାଇଁ ଟିକିଏ ଚେଷ୍ଟା କରି ଦେଖ, ଦେଖିବା (କେମିତି କରୁଛ) !

''ତୁମେ ଗୋଟିଏ ଅଙ୍ଗୁଳି ମଧ୍ୟ ହଲାଇ ପାରିବ ନାହିଁ, ଗୋଟିଏ ଶବ୍ଦ ମଧ୍ୟ ଉଚ୍ଚାରଣ କରିପାରିବ ନାହିଁ, ଗୋଟିଏ ପାଦ ମଧ୍ୟ ଉଠାଇ ପାରିବ ନାହିଁ ଯଦି ମନ ହସ୍ତକ୍ଷେପ ନକରିଛି, ତେବେ କେଉଁ ଯନ୍ତ୍ର ଦେଇ ତୁମ ଶରୀରକୁ

ରୂପାନ୍ତର କରିବ ଯଦି ତୁମର ମନ ଆଗରୁ ରୂପାନ୍ତର ନ ହୋଇଛି ?''

(On Physical Education, p. 165) — ଶ୍ରୀମା

ପୂର୍ବରୁ ଶରୀର ଚେତନାର ଯେଉଁ ଦୁଇ ପ୍ରକାର ଚେତନା କଥା କୁହାଯାଇଛି ମା ଏଠାରେ ବାହ୍ୟ ଶରୀର ଚେତନାର ଉଦାହରଣ ଦେଲେ, ଯେଉଁ ଚେତନା ମନ ଦ୍ୱାରା ପରିଚାଳିତ ହୋଇଥାଏ । ମନକୁ ଯଦି ତୁମ ଭିତରୁ ବାହାର କରି ନିଆଯାଏ ତେବେ ତୁମେ ଏକ ଛୋଟ ଶିଶୁ ହୋଇଯାଅ । ଶିଶୁ ଯେପରି ଚାଲିବାକୁ ଯାଇ ବାରଂବାର ପଡ଼ିଯାଇଥାଏ; ଅଙ୍ଗ-ପ୍ରତ୍ୟଙ୍ଗକୁ ଠିକ୍ ଭାବରେ ପରିଚାଳନା କରିପାରେ ନାହିଁ ଏବଂ ମନର ବିକାଶ ହୋଇ ନଥିବାରୁ ସେ କଥା ମଧ୍ୟ କହି ପାରେ ନାହିଁ — ତୁମର ଅବସ୍ଥା ସେହିପରି ହେବ । ସାଧନା ପଥରେ ହୁଏତ ତୁମର ଏପରି ଅନୁଭୂତି ହୋଇପାରେ — ଯଦି ମା ତୁମ ଭିତରୁ ମନକୁ କିଛି ସମୟ ପାଇଁ କାଢ଼ି ନିଅନ୍ତି । କିନ୍ତୁ ତୁମର ମନ ଯଦି ରୂପାନ୍ତର ହୋଇଥାଏ ତେବେ ଏହା ଶରୀର ବାହାରେ ରହି ମଧ୍ୟ ଶରୀରକୁ ଏସବୁ କାମ କରିବା ପାଇଁ ଆସ୍ତେ ଆସ୍ତେ ଶିଖାଇ ଥାଏ । ରୂପାନ୍ତରିତ ମନ ତୁମ ମସ୍ତିଷ୍କରେ କ୍ରିୟାଶୀଳ ନ ହୋଇପାରେ, ଏହା ବିଶ୍ୱପ୍ରକୃତିରେ କାମ କଲାବେଳେ ମଧ୍ୟ ତୁମ ଶରୀର ମଧ୍ୟରେ ଚାଲିବା, ଖାଇବା, କଥା କହିବା ଆଦି କାମ କରିପାରିବ । କେବଳ ଏହା ଯେ ଶରୀରର ବାହ୍ୟ ଶରୀର ଚେତନାରେ କାମ କରିବ ତାହା ନୁହେଁ, ଏହା ଆଭ୍ୟନ୍ତର ଶରୀର ଚେତନାକୁ ମଧ୍ୟ ପରିଚାଳନା କରିପାରିବ — ଯାହା ଏବେ ପ୍ରକୃତି ଦ୍ୱାରା ହେଉଛି ।

ଶରୀର ରୂପାନ୍ତର କାମ ଯଦି ଆମେ ପ୍ରକୃତି ହାତରେ ଛାଡ଼ି ଦେଉ ତେବେ ଶରୀର ରୂପାନ୍ତର ପାଇଁ ହୁଏତ ହଜାର ହଜାର ବର୍ଷ ଲାଗିଯିବ । କାରଣ ପ୍ରକୃତି ହେଲା ଏକ ଅଜ୍ଞାନ ଶକ୍ତି । ଏହି ଅଜ୍ଞାନ ଶକ୍ତି ଭିତରେ ଯେତେବେଳେ ଅତିମାନସର ସତ୍ୟ ଶକ୍ତି କ୍ରିୟା କରିବ ସେତେବେଳେ ଯାଇ ପ୍ରକୃତି ଦ୍ୱାରା ମଧ୍ୟ ଶରୀର ରୂପାନ୍ତର ହୋଇପାରିବ । ଯଦି ଆମ ଶରୀରକୁ ଅଳ୍ପ ସମୟ ଭିତରେ ରୂପାନ୍ତର କରିବାକୁ ଚାହୁଁ ତେବେ ଶ୍ରୀଅରବିନ୍ଦଙ୍କ ଯୋଗ ମାଧ୍ୟମରେ ରୂପାନ୍ତରିତ ମନ, ପ୍ରାଣ ତଥା ଅତିମାନସ ଶକ୍ତିକୁ ବିଶେଷ କରି ଦିବ୍ୟ-ଇଚ୍ଛାଶକ୍ତିକୁ ଆମ ଶରୀରରେ କ୍ରିୟାଶୀଳ ହେବା ପାଇଁ ଛାଡ଼ି ଦେବାକୁ ହେବ । ଏଥିପାଇଁ ହୁଏତ ଆମକୁ ଦୁଇଶହରୁ ତିନିଶହ ବର୍ଷ ଲାଗିପାରେ ।

ଶ୍ରୀଅରବିନ୍ଦ ମଧ୍ୟ ଚେତନାକୁ ଶରୀରରେ ପ୍ରବେଶ କରିବା ବିଷୟରେ କହୁଛନ୍ତି : ''ମନ ଯଦି ସହଜାତ ପ୍ରକୃତି ଏବଂ ପ୍ରାଣ ଶକ୍ତିର ସ୍ୱୟଂକ୍ରିୟତା ଓ ସୂକ୍ଷ୍ମ ଭୌତିକ ଚେତନା ତଥା ଶରୀରକୁ ଗ୍ରହଣ କରି ସେସବୁକୁ ନିୟନ୍ତ୍ରଣ କରିବାର ଭାର ନିଏ, ଯଦି ଏହା ସେମାନଙ୍କ ଭିତରେ ପ୍ରବେଶ କରିପାରେ, ଏବଂ ସଚେତନ ଭାବରେ ସେମାନଙ୍କୁ ବ୍ୟବହାର କରିପାରେ, ଯାହାକୁ ଆମେ କହିପାରୁ ସେମାନଙ୍କ ସହଜାତ ପ୍ରକୃତି ଓ ସ୍ୱୟଂ କ୍ରିୟାଶୀଳତା ଓ ସେମାନଙ୍କ ଶକ୍ତିରାଜିର ପୂର୍ଣ୍ଣତାକୁ ପୂର୍ଣ୍ଣଭାବେ ମନର ଧର୍ମରେ ଦୀକ୍ଷିତ କରିପାରେ ତେବେ ଏହି ଶକ୍ତିରାଜିର କ୍ରିୟା ଅଧିକରୁ ଅଧିକ ସଚେତନ, ନିଜ ସମ୍ପର୍କରେ ଅଧିକ ସଜାଗ ଓ ଅଧିକ ପରିପୂର୍ଣ୍ଣତା ଲାଭ କରିବ । କିନ୍ତୁ ଏଥିପାଇଁ ମନର ମଧ୍ୟ ପୂର୍ଣ୍ଣତା ଦିଗରେ ଅଭିବୃଦ୍ଧି ହେବା ଉଚିତ ଏବଂ ଏହି ଅଭିବୃଦ୍ଧି ସେ ସର୍ବୋତ୍ତମଭାବେ ସେତିକି ବେଳେ କରିପାରିବ ଯେତେବେଳେ ଏହା ଭୌତିକ ମନର ଭ୍ରାନ୍ତିପ୍ରବଣ ବୁଦ୍ଧି ଉପରେ କମ୍ ନିର୍ଭର କରିବ, ଯେତେବେଳେ ଏହା ଏପରିକି ସଠିକ ଭାବରେ ଓ ଶୃଙ୍ଖଳାର ସହିତ କାମ କରୁଥିବା ଯୁକ୍ତିବୁଦ୍ଧିର ସୀମା ବନ୍ଧନରେ ମଧ୍ୟ ବାନ୍ଧି ହେବ ନାହିଁ, ଏବଂ ଯେତେବେଳେ ଏହା ବୋଧି-ସ୍ତରକୁ ଉଠିଯାଇ ପାରିବ ଏବଂ ଏକ ବ୍ୟାପକତର, ଗଭୀରତର ଓ ନିକଟତର ଦୃଷ୍ଟି ଲାଭ କରିବ ତଥା ଉଚ୍ଚତର ସଂବୋଧିର ସଂକଳ୍ପ ଶକ୍ତିର ଉଜ୍ଜ୍ୱଳ ପରିଚାଳନା ଲାଭ କରିବ ।''

(On Physical Education, p. 15-16) — ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦ ଶେଷ ବାକ୍ୟରେ ମନର ଏକ ସଂକଳ୍ପ ଶକ୍ତି ବିଷୟରେ କହୁଛନ୍ତି ଯାହାକି ଶରୀର ଭିତରେ କାମ କରିପାରିବ । ମା ଆଗରୁ କହିଲେ ଯେ ଶରୀରକୁ ବୁଝାଇ କହିବାକୁ ହେବ । ହୁଏତ ଆମ ପାଠକମାନଙ୍କ ମନରେ ପ୍ରଶ୍ନ ଆସିପାରେ ଶରୀରକୁ ଆମେ କିପରି ବୁଝାଇବୁ ? ଏହାର ଏକ ଉପାୟ ହେଲା ଏହି ସଂକଳ୍ପ ଶକ୍ତି ବା ଇଚ୍ଛା-ଶକ୍ତିକୁ ପ୍ରୟୋଗ କରି ଶରୀରକୁ ଏକ ପ୍ରକାର ସମ୍ମୋହିତ ଅବସ୍ଥାକୁ ଆଣିବା, ଯଦ୍ୱାରା ଶରୀର ବ୍ୟକ୍ତିର କଥା ମାନିବାକୁ ବାଧ୍ୟ ହେବ । ଏହିପରି ଭାବରେ ଶରୀର ଭିତରେ ମନର ଗଠନକୁ ପ୍ରବେଶ କରାଇ ଏହାକୁ ବୁଝାଯାଇ-ପାରେ । ଅନ୍ୟ ଏକ ଉପାୟ ହେଲା ଶରୀର ସହିତ ବନ୍ଧୁତା କରିବା, ଏହା ସହିତ ଘନିଷ୍ଠ ହେବା । ଏହା ଦ୍ୱାରା ବ୍ୟକ୍ତିକୁ ଶରୀର ତା'ର ନିଜ କଥା କହିବ ଏବଂ ବ୍ୟକ୍ତି ମଧ୍ୟ ତାକୁ ତା' ନିଜ କଥା କହିପାରିବ । ଯେପରି ଆମ ଭିତରେ କେହି କେହି

ଅଛନ୍ତି ଯେଉଁମାନେ ମା'ଙ୍କ ସହିତ (ମନେ ମନେ) କଥାବାର୍ତ୍ତା କରିପାରନ୍ତି । ସେମାନେ ମା'ଙ୍କୁ କିଛି ପ୍ରଶ୍ନ ପଚାରିଲେ ମା ମଧ୍ୟ ସେମାନଙ୍କୁ ଉତ୍ତର ଦେଇଥାଆନ୍ତି । ଏପରିକି ମା ସେମାନଙ୍କୁ ଭବିଷ୍ୟତ୍ ବିଷୟରେ ମଧ୍ୟ କହିଥାଆନ୍ତି । ଏହା କିପରି ହୋଇଥାଏ ! ଆଧୁନିକ ଶିକ୍ଷିତ ମଣିଷ ପଶୁପକ୍ଷୀଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରି ସେମାନେ କିପରି ଅସମ୍ଭବ ଘଟଣା ଘଟାଇ ଥାଆନ୍ତି ଏକଥା ଅନେକେ ଜାଣିଥିବେ । ମଣିଷ ଭୟଙ୍କର ସିଂହ ଉପରେ ଚଢ଼ି ବୁଲାବୁଲି କରେ, ସିମ୍ପାଞ୍ଜିକୁ ଘରକାମ କରିବାକୁ ଶିଖାଏ । ଡଲଫିନ୍ ଓ ମାଙ୍କଡ଼କୁ ମଧ୍ୟ ଅଙ୍କ ଶିକ୍ଷା ଦିଆଯାଇ ଥାଏ । ବାଜ ପକ୍ଷୀକୁ ମାଛ ଧରିବା କାମରେ ଲଗାଇ ଦିଅନ୍ତି । ଯଦି ମଣିଷ ଏତେସବୁ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରେ ତେବେ ସେ ତା'ର ଶରୀର ସହିତ କଥାବାର୍ତ୍ତା କରିପାରିବ ନାହିଁ କାହିଁକି ?

ଅସଲ କଥା ହେଲା ମଣିଷର ଏସବୁ କାମ କରିବା ପାଇଁ ସମୟ ନାହିଁ । ମଣିଷର ଧୈର୍ଯ୍ୟଶକ୍ତି ନାହିଁ । ଅଳ୍ପ ଚେଷ୍ଟା କରି କିଛି ଫଳ ହେଉନି ବୋଲି କହି ଏହାକୁ ଛାଡ଼ି ଦିଏ । କିନ୍ତୁ ଏ ପୃଥିବୀରେ ଅଜସ୍ର କାମ ମଧ୍ୟରୁ ଆଜି ଶରୀର ରୂପାନ୍ତର କାମ ହେଉଛି ପ୍ରଧାନ ଓ ପ୍ରଥମ କାର୍ଯ୍ୟ । ପୃଥିବୀରେ ଶରୀର ରୂପାନ୍ତର କାମ ସବୁଠାରୁ କଠିନ ଓ ସମୟସାପେକ୍ଷ । ଆମେ ଯଦି ମା'ଙ୍କର ଅସଲ ବୀର ସନ୍ତାନ ହୋଇଥାଉ ତେବେ ଆମେ ସର୍ବଦା କଠିନ କାମଟି କରିବା ପାଇଁ ଆଗଭର ହେବୁ ।

(କ୍ରମଶଃ) ❑

# ବସୁନ୍ଧରା ପାଇଁ ପଦେ

## ଶତ୍ରୁଘ୍ନ ପାଣ୍ଡବ

ମୁଣ୍ଡ ଉପରେ କି କାନ୍ଧରେ ବୋହିଚାଲିଛି, ବସୁନ୍ଧରା !
ଜୀବନଯାକ ମୁଁ ତୋ'ର ଯେଉଁ ଋଣର ଭାର
ଦିନୁଦିନୁ ତା' ଭାରି ହୁଏ
ତାକୁ ଶୁଝିବାକୁ ଏଡ଼େ ବକଟେ ଜୀବନରେ
କାହିଁ ତର ?

ଏଠି ଋଣଗ୍ରସ୍ତ ହେବା ଛଡ଼ା ଶୁଝିବି କେମିତି କହତ
ଏମାନଙ୍କର ଏତେ ଏତେ ଋଣ
ଏ ମାଟି ପାଣି ଓ ପବନ... ଏ ତରୁ ତୃଣ
ଏ ସୂର୍ଯ୍ୟ ଚନ୍ଦ୍ର ତାରା... ଆଷାଢ଼ ଅଶିଣ
ଚିହ୍ନା ଅଚିହ୍ନା ଲୋକଙ୍କ ଦରଦ ଆବ୍ଦାର
ଏ ରକ୍ତରେ ବହୁଥିବା ପୂର୍ବଜଙ୍କ ରକ୍ତର ଅବିଚ୍ଛିନ୍ନ ଧାର
ମା'ର ଅଭୟଦାୟୀ କାନିପଣତ
ସୁନୟନାର ସ୍ନେହର ସୁରଭିତ ଘ୍ରାଣ
ଯୋଉ ଶବ୍ଦ ସ୍ପର୍ଶ ବାସ୍ନାର ସମ୍ମୋହନରେ
ଏଠି ବନ୍ଧା ପଡ଼ିଚି ଏ ଖିଆଲି ପ୍ରାଣ
ଋଣଗ୍ରସ୍ତ ହେବା ଛଡ଼ା
ଶୁଝିବି କେମିତି କହତ...

ଏଠି ସୂର୍ଯ୍ୟଚନ୍ଦ୍ର ଜ୍ୟୋତିଃ ହୋଇ ଝଲସନ୍ତି
ଆଖିରେ ଆତ୍ମାରେ
ନଦୀମାନେ ବର୍ଷାବିନ୍ଦୁମାନେ ରକ୍ତ ହୋଇ
ବହନ୍ତି ନାଡ଼ି ଧମନୀରେ
ପବନ ଶ୍ୱାସପ୍ରଶ୍ୱାସ ହୋଇ ମର୍ମରିତ ହୁଏ
ହୃତ୍‌ପିଣ୍ଡରେ ଇଡ଼ା ପିଅଁଳାରେ
ଫୁଲପତ୍ରମାନେ ରସ ହୋଇ ନିଗିଡ଼ନ୍ତି
ମୋ ଅସ୍ଥି ପଞ୍ଜରାରେ ।

ଏଠି ନିଆଁଦିଏ ପାଣିଦିଏ ପିଣ୍ଡଦାନ କରେ
ପିତୃପୁରୁଷଙ୍କ ଅମୋକ୍ଷ ଆତ୍ମା ଲାଗି ଏବଂ
ପିତାଙ୍କ ଅସ୍ଥି ଉଜାଇଁବା ଲାଗି
ଘୁରିବୁଲେ ପୁରୀଠୁଁ ପ୍ରୟାଗ ।

ମୁଣ୍ଡ ଉପରେ କି କାନ୍ଧରେ ବୋହିଚାଲିଛି, ବସୁନ୍ଧରା !
ଜୀବନଯାକ ଏ ଯେଉଁ ଋଣର ଭାର
ଋଣଗ୍ରସ୍ତ ହେବା ଛଡ଼ା ଶୁଝିବି କେମିତି କହତ
ଏମାନଙ୍କର ଏତେ ଏତେ ଋଣ
ଶତ ଶରତର ଆୟୁଷ୍କାଳ ବି
ଲାଗେ ଅକୁଳାଣ । ❑

# ଯୋଗାନନ୍ଦ

## (୨)

ମଙ୍ଗଳମୟ ଅମଙ୍ଗଳ ଦ୍ୱାରାହିଁ ପରମ ମଙ୍ଗଳ ଘଟାନ୍ତି ।
(କାରାକାହାଣୀ, ୪ର୍ଥ ଅଧ୍ୟାୟ) — ଶ୍ରୀଅରବିନ୍ଦ

ପ୍ରବଚନ ଅଛି : 'ଯିଏ କାଳିଆ ଉପରେ ଏକାନ୍ତ ଭରସା ରଖେ, କାଳିଆ ତା'ର ସର୍ବନାଶ କରିଥାଏ; ତଥାପି ସିଏ ଯଦି କାଳିଆ ଉପରେ ଥିବା ତା'ର ଏକାନ୍ତ ଭରସାକୁ ଦୃଢ଼ ଭାବରେ ଧରି ରଖେ, ତେବେ କାଳିଆ ତା'ର ଦାସାନୁଦାସ ହୋଇଉଠେ ।'

ଠିକ୍ ସେମିତି ଯୋଗାନନ୍ଦଙ୍କ କ୍ଷେତ୍ରରେ ଘଟିଥିଲା । ବ୍ରହ୍ମଚାରୀ ବାବାଙ୍କର ତିନି ଦିନ ସାନ୍ନିଧ ଲାଭ ପରେ ତାଙ୍କ ଜୀବନରେ ଯେଉଁ ଆମୂଳଚୂଳ ପରିବର୍ତ୍ତନ ଘଟିଥିଲା, ତା' କେବଳ ତାଙ୍କ ଅନ୍ତରରେ ନୁହେଁ, କେତେ ମାସ ମଧ୍ୟରେହିଁ ତାଙ୍କ ପରିବାରରେ ସବୁକିଛି ଓଲଟପାଲଟ ହୋଇଗଲା । ତାଙ୍କର ସାଂସାରିକ ବନ୍ଧନସବୁ ସ୍ୱତଃ ଖସିପଡ଼ିଲା । ପ୍ରକୃତ ମହା-ପୁରୁଷଙ୍କର ସଂସ୍ପର୍ଶର ପ୍ରଭାବରେ ଜୀବନରେ କେତେ କ'ଣ ଅଘଟଣ ସବୁ ଘଟିଯାଏ, ଯଦି ବ୍ୟକ୍ତି ଜାଣେ କିପରି ଯଥାର୍ଥ ମନୋଭାବ ସହ ସେସବୁକୁ ଗ୍ରହଣ କରିବାକୁ ହୁଏ ।

ବ୍ରହ୍ମଚାରୀ ବାବାଙ୍କଠାରୁ ଯୋଗାନନ୍ଦ ବିଦାୟ ନେଇ ସ୍କୁଲକୁ ଆସିବାର ଦୁଇ ତିନି ସପ୍ତାହ ପରେ ସେ ଦିନେ ତାଙ୍କ ବାପାଙ୍କ ପାଖରୁ ଚିଠି ପାଇଲେ — 'ଜେଜେମା ଅତ୍ୟନ୍ତ ପୀଡ଼ିତା, ମରଣାପନ୍ନ ଅବସ୍ଥା, ହୁଏତ ଏଥର ଆଉ ବଞ୍ଚିବାର ଆଶା ନାହିଁ । ତୋତେ ଦେଖିବାକୁ ଚାହାନ୍ତି ।' ତା' ପରଦିନ ସେ ପ୍ରଧାନ ଶିକ୍ଷକଙ୍କର ଅନୁମତି ଲାଭ କରି ଘରକୁ ଗଲେ । ତାଙ୍କୁ ଦେଖିବା ପରେ ମାତ୍ର ଆଉ କେଇ ମୁହୂର୍ତ୍ତ ଜେଜେମା ବଞ୍ଚିଥିଲେ । ଯେମିତି ତାଙ୍କୁ ଦେଖିବା ପାଇଁ ସେ ଅପେକ୍ଷା କରିଥିଲେ ।...

ଯୋଗାନନ୍ଦ (ପିତୃଦତ୍ତ ନାମ ଯତୀନ୍ଦ୍ର ମୋହନ ପଣ୍ଡିତ) ୧୭ ଅଗଷ୍ଟ ୧୮୯୮ରେ ଜନ୍ମଗ୍ରହଣ କରିଥିଲେ । ବାପାଙ୍କର ପ୍ରଥମ ସନ୍ତାନ ଏକ କନ୍ୟା, ତା'ପରେ ଯତୀନ୍ଦ୍ରଙ୍କ ପରେ ପରେ ଚାରି ପୁତ୍ର । ପିଲାଦିନୁହିଁ ଏମାନେ ମା'ଙ୍କୁ ହରାଇଥିଲେ । ଜେଜେମା ହିଁ ଏମାନଙ୍କୁ ମଣିଷ କରି ଗଢ଼ିଥିଲେ ।

ଜେଜେମା'ଙ୍କର ମୃତ୍ୟୁ ହେବାର ଚତୁର୍ଥ ଦିନ ତାଙ୍କ ବାପାଙ୍କୁ ଜ୍ୱର ହେଲା । କ୍ରମେ ତାହା ବୃଦ୍ଧି ପାଇବାକୁ ଲାଗିଲା । ଜେଜେମା'ଙ୍କର ଏକାଦଶାହରେ ତାଙ୍କ ବାପା ଶ୍ରାଦ୍ଧ କରିବାକୁ ସକ୍ଷମ ନହେବାରୁ ଅନ୍ୟ ବ୍ରାହ୍ମଣ ପ୍ରତିନିଧି ଦ୍ୱାରା ଶ୍ରାଦ୍ଧ କାର୍ଯ୍ୟ ସମ୍ପନ୍ନ କରାଗଲା । ପନ୍ଦର ଦିନ ପରେ ତାଙ୍କ ବାପାଙ୍କର ମୃତ୍ୟୁ ଘଟିଲା ।

ବାପାଙ୍କ ମୃତ୍ୟୁ ହେବା ପରେ ସେ ନିଜକୁ ପ୍ରାୟ କହୁଥା'ନ୍ତି, 'ମୋ ବାପା ମରିଗଲେ ସିନା, କିନ୍ତୁ ମୁଁ ତ ଆଉ ଜଣେ ବାପା ପାଇଛି ।' ଦୀକ୍ଷା ନେବା ପରଠାରୁ ବ୍ରହ୍ମଚାରୀ ବାବାଙ୍କର ପ୍ରଭାବ ଅନବରତ ତାଙ୍କ ଉପରେ ନାନା ଭାବରେ କାର୍ଯ୍ୟ କରୁଥାଏ । ସେ କେବେ ବି ନିଜକୁ ଅସହାୟ ମନେ କରୁ ନଥିଲେ ।

ଜେଜେମା ଓ ବାପାଙ୍କର ମୃତ୍ୟୁ ବେଳକୁ ତାଙ୍କର ବୟସ ଉଣେଇଶ ବା କୋଡ଼ିଏ । ପରିବାରରେ ସେ ଏକମାତ୍ର ସାବାଳକ । ସ୍ୱାଭାବିକ ରୂପେ ତାଙ୍କରି ଉପରେହିଁ ପଡ଼ିଲା ସଂସାରର ସବୁ ଦାୟିତ୍ୱ, ଅଥଚ ସେ ସଂସାର ସମ୍ବନ୍ଧରେ ଏକେବାରେ ଅନଭିଜ୍ଞ । ବାପାଙ୍କ ମୃତ୍ୟୁ ପରେହିଁ ସେ ଜାଣିଲେ ଯେ ବାପା ପରିବାରର ଭରଣପୋଷଣ ସକାଶେ ବହୁତ ଟଙ୍କା କରଜ କରିଛନ୍ତି । କିନ୍ତୁ ସୌଭାଗ୍ୟକୁ କିଛି ଜମିଜମା ରଖି ଯାଇଥିଲେ ।... ଆତ୍ମୀୟସ୍ୱଜନ ଓ ଗ୍ରାମବାସୀମାନଙ୍କର ଉପଦେଶରେ ସେ ଜଣେ ମୁସଲମାନ ଗୃହସ୍ଥଙ୍କୁ ଜମି ବନ୍ଧକ ଦେଇ ଋଣମୁକ୍ତ ହୋଇଥିଲେ ଓ ଏହିପରି ଭାବରେ ହିନ୍ଦୁ ମହାଜନମାନଙ୍କର ଶ୍ୟେନଦୃଷ୍ଟିରୁ ରକ୍ଷା ପାଇଥିଲେ । ଦଲିଲପତ୍ର ସବୁ ସମ୍ପାଦନ କରିବାକୁ ତାଙ୍କୁ ବେଶ୍ ହଇରାଣ ହେବାକୁ ପଡ଼ିଥିଲା ।... ଏହି ସମୟରୁହିଁ ସ୍ୱାର୍ଥସର୍ବସ୍ୱ ଓ ମିଥ୍ୟାଚାରରେ ଭରପୂର ଏହି ସଂସାରର ସ୍ୱରୂପ ସେ ମର୍ମେ ମର୍ମେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେ । ସଂସାର ପ୍ରତି ତାଙ୍କ ହୃଦୟରେ ବିତୃଷ୍ଣା ଓ ବୈରାଗ୍ୟ ସଞ୍ଚାର ହେଲା ।

ବ୍ରହ୍ମଚାରୀ ବାବାଙ୍କର ପ୍ରଭାବ ତାଙ୍କର ଏହି ଘୋର ବିପର୍ଯ୍ୟୟର ଦିନଗୁଡ଼ିକରେ ଧ୍ରୁବତାରା ସଦୃଶ ସର୍ବଦା ତାଙ୍କ

ସ୍ମୃତିପଟରେ ଜାଜ୍ୱଲ୍ୟମାନ ହୋଇ ରହିଥିଲା । ସେତେବେଳେ ସେ ଏତେ ବ୍ୟସ୍ତତା ଭିତରେ ଜୀବନ-ଯାପନ କରୁଥିଲେ ଯେ ଗୁରୁଦେବଙ୍କୁ ତାଙ୍କର ଏହିସବୁ ସାଂସାରିକ ବିପତ୍ତି ସମ୍ବନ୍ଧେ ସମ୍ବାଦ ଦେବାକୁ ଫୁରୁସତ ପାଇ ପାରି ନଥିଲେ । କିନ୍ତୁ ଅନ୍ତରରେ ଭାବି ନେଇଥିଲେ ଯେ ତାଙ୍କର ଇଚ୍ଛାରେହିଁ ସବୁକିଛି ଘଟୁଛି ।

ପୈତୃକ ଋଣ ପାଇଁ ଆପାତତଃ ଗୋଟାଏ କିଛି ବ୍ୟବସ୍ଥା କରିବା ପରେ ପରେ ତାଙ୍କ ନାମରେ ଗିରଫଦାରୀ ପରୁଆନା ବାହାରିଲା । ଅଭିଯୋଗ ଥିଲା — ସେ ବିପ୍ଳବୀ ଦଳଭୁକ୍ତ ଏବଂ ତତ୍ ସଂଲଗ୍ନ ଅନ୍ୟାନ୍ୟ ଗୁରୁତର କ୍ରିୟାକଳାପରେ ସଂଶ୍ଳିଷ୍ଟ । ଦିନେ ରାତ୍ରିର ଶେଷ ପ୍ରହରରେ ପୁଲିସ ତାଙ୍କ ଘର ଘେରାଉ କରି ତନ୍ନ ତନ୍ନ କରି ଖାନତଲାସି କଲେ । କିଛି ପାଇଲେ ନାହିଁ ସତ, ତଥାପି ଅଭିଭାବକହୀନ ନିରାଶ୍ରୟ ନାବାଳକ ଭାଇମାନଙ୍କ ନିକଟରୁ ସେମାନେ ତାଙ୍କୁ ଛଡ଼ାଇ ନେଇ ମୟମନସିଂ ଜେଲରେ ରଖିଲେ ।

ଏହା ଥିଲା ୧୯୧୯ ମସିହାର ଜାନୁଆରୀ ମାସ । ମାସାଧିକ କାଳ ସେହି ଜେଲରେ ରଖିବା ପରେ ତାଙ୍କୁ ପୁଲିସ ପଶ୍ଚିମବଙ୍ଗର କୌଣସି ଏକ କାରାଗାରକୁ ନେଇ ବିନା ବିଚାରରେ ସେଠାରେ ଅଟକାଇ ରଖିଲେ । ଏହିଠାରୁହିଁ ତାଙ୍କର ପଢ଼ାପଢ଼ିର ଡୋରି ବନ୍ଧା ହେଲା ।

ଦୀକ୍ଷା ଗ୍ରହଣ କରିବାର ଅଳ୍ପ ଦିନ ମଧରେ ସାଂସାରିକ ଦାୟିତ୍ୱରେ ଦିବାନିଶି ବ୍ୟସ୍ତ ରହି ମଧ ଆସନ, ପ୍ରାଣାୟାମ, ଧ୍ୟାନ-ଧାରଣା, ଭଗବତ୍ ଉପାସନା ଓ ପ୍ରାର୍ଥନା ଇତ୍ୟାଦି ପ୍ରତ୍ୟହ କିଛି କିଛି ସାଧମତେ କରୁଥିଲେ; କିନ୍ତୁ ଯଥୋଚିତ ଭାବରେ କରିବାକୁ ସକ୍ଷମ ହୋଇପାରୁ ନଥିଲେ । କିନ୍ତୁ ଜେଲରେ ପ୍ରବେଶ କରି ସେସବୁକୁ ପୂର୍ଣ୍ଣ ପ୍ରାଣରେ ଅଭ୍ୟାସ କରିବାକୁ ଅପୂର୍ବ ସୁଯୋଗ ଲାଭ କଲେ । ମନେ ହେଲା ଯେପରି ସେ ଏବେ ସର୍ବପ୍ରକାର ଦାୟିତ୍ୱରୁ ପୂର୍ଣ୍ଣ ମୁକ୍ତ ।

ସେ ଥିଲେ ରାଜବନ୍ଦୀ । ତେଣୁ ସାଧନା କରିବାର ଅନୁକୂଳ ଅବସ୍ଥା ଓ ପରିବେଶ ।... ସର୍ବଦା ଶ୍ରୀଗୁରୁମୂର୍ତ୍ତିହିଁ ଥିଲା ତାଙ୍କର ଧ୍ୟେୟ ।... ଦିନେ ରାତ୍ରିର ଶେଷ ପ୍ରହରରେ ସ୍ୱପ୍ନ ଦେଖିଲେ ଶ୍ରୀଗୁରୁଦେବ ତାଙ୍କୁ ଆଲିଙ୍ଗନ କରି ରହିଛନ୍ତି ଏବଂ ତାଙ୍କର ସମଗ୍ର ସତ୍ତାରେ ଏକ ଅନିର୍ବଚନୀୟ ଆନନ୍ଦ-ସ୍ରୋତ ପ୍ରବାହିତ ହେବାରେ ଲାଗିଛି । ସେହି ଆନନ୍ଦରେ ବିଭୋର ହୋଇ ସେ ନିଦ୍ରାରୁ ଜାଗ୍ରତ୍ ହେଲେ । ସମଗ୍ର ଦିବସଟି ବ୍ରହ୍ମଚାରୀ ବାବାଙ୍କ ସେହି ପ୍ରେମାଲିଙ୍ଗନର ତୀବ୍ର ଆନନ୍ଦଧାରାଟି ତାଙ୍କ ଅନ୍ତରରେ ପ୍ରବାହିତ ହେଉଥିଲା ।... ଗୁପ୍ତ ସମିତିର ନାନା ତଥ୍ୟ ଜାଣିବା ସକାଶେ ପୁଲିସ ଅଫିସରମାନେ ବେଶ୍ କେତେ ଦିନ ତାଙ୍କୁ ତାଙ୍କ କୋଠରିରୁ ଅଫିସକୁ ଆଣି ଉପର୍ଯ୍ୟୁପରି ପ୍ରଶ୍ନ କରୁଥିଲେ । ପ୍ରଥମ ଦିନ ଅଫିସର ଜଣକ ଅନେକ ପ୍ରଶ୍ନ କରି କିଛି ଉତ୍ତର ବା ସ୍ୱୀକାରୋକ୍ତି ନପାଇବାରୁ ରାଗିଯାଇ ତାଙ୍କୁ ପଦାଘାତ କରିଥିଲେ । ତା'ପରଠାରୁ କୌଣସି ଅଫିସର ତାଙ୍କୁ କୌଣସି ପ୍ରକାରର ଶାରୀରିକ ଅତ୍ୟାଚାର ବା ଭୟ ପ୍ରଦର୍ଶନ କରି ନାହାନ୍ତି ।

ଏହିପରି ତାଙ୍କୁ ଅଫିସକୁ ଆଣି ପ୍ରଶ୍ନୋତ୍ତର କରିବାର ଧାରା ଚାରି ପାଞ୍ଚ ଥର ଘଟିଥିଲା । କିନ୍ତୁ ସେ ପରେ ଲକ୍ଷ୍ୟ କଲେ ଯେ ଯେଉଁ ରାତ୍ରିରେ ସେ ଗୁରୁଦେବଙ୍କୁ ସ୍ୱପ୍ନରେ ଦେଖୁଥିଲେ, ଠିକ୍ ତା' ପରଦିନ ସକାଳେ ପୁଲିସ ଅଫିସର ଆସି ତାଙ୍କୁ ତାଙ୍କ କୋଠରିରୁ ଅଫିସକୁ ନେଇଯାଇ ନାନା ରକମର ଜେରା କରୁଥିଲେ । ତେଣୁ ସେ ପ୍ରତ୍ୟକ୍ଷ ଅନୁଭବ କରୁଥଲେ ଯେ ପ୍ରେମମୟ ଶ୍ରୀଗୁରୁଦେବଙ୍କର କୃପା ଓ ଶକ୍ତି ସର୍ବଦା ତାଙ୍କୁ ରକ୍ଷା କରିଚାଲିଛି ।...

ମୟମନସିଂ ଜେଲରୁ ତାଙ୍କୁ କଲିକତାର ଆଲିପୁର ଜେଲକୁ ପଠାଗଲା, କିନ୍ତୁ ଆଲିପୁର ଜେଲର ପ୍ରକାଣ୍ଡ ପ୍ରବେଶ ଦ୍ୱାରଟି ସେ ଦର୍ଶନ କରିଥିଲେ ମାତ୍ର । ଆଲିପୁରସ୍ଥ ତଦାନୀନ୍ତନ ପୁଲସ କମିଶନର କିଡ୍ ସାହେବ ତାଙ୍କୁ ଅଟକବନ୍ଦୀ କରି ରଖିବା ପୂର୍ବରୁ କହିଥିଲେ : 'ତୁମ ପାଖରୁ ଯଦିଓ ମାରାତ୍ମକ କିଛି ମିଳିଲା ନାହିଁ, ତଥାପି ତୁମେ ସନ୍ଦେହର ପାତ୍ର, କାରଣ ଭାରତ ବ୍ରହ୍ମଚାରୀଙ୍କର ଶିଷ୍ୟମାନେ ସବୁ ବିପ୍ଳବୀ ।' ପରଦିନ କଲିକତାର ଚବିଶ ପ୍ରଗଣାର କୌଣସି ଏକ ଥାନାରେ ତାଙ୍କୁ ଅଟକ ରଖିବାକୁ ପଠାଇ ଦେଲେ । କିନ୍ତୁ ଏହି ଅବସ୍ଥାରେ ତାଙ୍କୁ ବେଶୀ ଦିନ ରହିବାକୁ ହୋଇ ନଥିଲା । ୧୯୨୦ର ଜାନୁଆରୀ ମାସରେ କଲିକତାରୁ ସମସ୍ତ ସ୍ୱଦେଶୀ ବନ୍ଦୀଙ୍କୁ ବିନା ସର୍ତ୍ତରେ ମୁକ୍ତ କରାଗଲା ।

ମୁକ୍ତ ହେବା ପରେ ସେ ସ୍ଥିର ସଂକଳ୍ପ କଲେ ଯେ ପ୍ରଥମେ ବ୍ରହ୍ମଚାରୀ ବାବାଙ୍କୁ ସାକ୍ଷାତ୍ କରିବେ; ତେଣୁ ବୈରାଟିର ଗୌରୀ ଆଶ୍ରମରେ ଉପସ୍ଥିତ ହେଲେ ।... ସାମାନ୍ୟ କିଛି କଥାବାର୍ତ୍ତା ହେବା ପରେହିଁ ସେ ବାବାଙ୍କୁ ପଚାରିଲେ, ''ଆପଣ ଶ୍ରୀ ଶ୍ରୀଜଗନ୍ନାତାଙ୍କ ସହିତ କଥା କୁହନ୍ତି । ତାଙ୍କର ଦର୍ଶନ ଓ ଆଦେଶ ବରାବର ପାଇଥା'ନ୍ତି । ମୁଁ ବନ୍ଦୀ ହୋଇଯିବା ପୂର୍ବରୁ ଆପଣଙ୍କୁ ମୋର ମନକଥା ଖୋଲି କରି କିଛି କହି ନାହିଁ ।

କହିବା ଲାଗି ବାଧା ଥିଲା । ଆପଣ ଅନ୍ତର୍ଯାମୀ, ସବୁକିଛି ଜାଣନ୍ତି । ଭାରତବର୍ଷକୁ ସ୍ୱାଧୀନ କରିବା ଥିଲା ଆମମାନଙ୍କର ଉଦ୍ଦେଶ୍ୟ କିନ୍ତୁ ତାହା ଆମମାନଙ୍କ ଦ୍ୱାରା ସଫଳ ହେଲା ନାହିଁ । ବିପ୍ଳବୀଦଳ ତଥା ସେମାନଙ୍କର ନେତାଗଣଙ୍କୁ ସରକାର ଏପରି ଭାବରେ ନିର୍ଯାତିତ କରିଛନ୍ତି ଯେ ଆସନ୍ତା ପନ୍ଦର, କୋଡ଼ିଏ ବର୍ଷ ଭିତରେ ସେମାନେ ଆଉ ମୁଣ୍ଡଟେକି ଉଠିବାର ଆଶା ବି ନାହିଁ । କିନ୍ତୁ ଆମର ଅନ୍ତରତମ ଆକାଙ୍କ୍ଷା ଭାରତ ସ୍ୱାଧୀନ ହେଉ । ଏ ସମ୍ପର୍କରେ ଶ୍ରୀ ଶ୍ରୀଜଗନ୍ମାତା କ'ଣ କହୁଛନ୍ତି ? ମୁଁ ଆପଣଙ୍କର ଆଶ୍ରିତ ଓ ଶରଣାଗତ । ମୋତେ ଆଦେଶ ଓ ଉପଦେଶ ଦିଅନ୍ତୁ ।''

ଶିଷ୍ୟଙ୍କଠାରୁ ଉପରୋକ୍ତ କଥା ଶୁଣି କିଛି ସମୟ ପରେ ବ୍ରହ୍ମଚାରୀ ବାବା ନୀରବରେ ଉଠି ସଙ୍ଗରେ ତାଙ୍କୁ ନେଇ ଆଶ୍ରମର ଅନ୍ୟ ଏକ ଛୋଟ କୁଟୀରକୁ ଗଲେ ଏବଂ ତାଙ୍କର ସ୍ୱାଭାବିକ ଆସନ, ବୀରାସନରେ ବସି ସେ ତିନିଥର ତାଳି ମାରିଲେ ଏବଂ ତାଙ୍କୁ ଚାହିଁ ଅତି ଆନନ୍ଦର ସହିତ କହିଲେ, ''ଆରେ ବେଟା, ଏ ତତ୍ତ୍ୱ ତ ମୁଁ ଜାଣିଛି – ମୋର ସିଦ୍ଧିଲାଭ ପରେ ମା ମୋତେ କହିଛନ୍ତି ଯେ ସେ ତାଙ୍କର ସମସ୍ତ ଦୈବୀଶକ୍ତି ସହିତ ପୃଥିବୀରେ ଆବିର୍ଭୂତା ହୋଇଛନ୍ତି, ପୃଥିବୀରେ ଶାନ୍ତି ସ୍ଥାପନ କରିବା ସକାଶେ । ତୁମେମାନେ ସମସ୍ତେ କ'ଣ ଭାରତର ସ୍ୱାଧୀନତା କଥା କହୁଛ, ତାହା ତ ନିଶ୍ଚୟ ହେବ । ଆଉ ଏହି ବିପ୍ଳବୀମାନଙ୍କର କାର୍ଯ୍ୟକଳାପ ମଧ୍ୟ ସବୁ ମା'ଙ୍କର କାର୍ଯ୍ୟ । ମା'ଙ୍କ ଶକ୍ତି ଯୋଗୁଁ ତୁମେମାନେ ସମସ୍ତେ ଏ କାର୍ଯ୍ୟ କରିବାକୁ ଆଗଭର ହୋଇଛ । ମୁଁ ଜାଣେ ମା ଏବେ ତାଙ୍କର ସେହି ଶକ୍ତି ଉଠାଇ ନେଇଛନ୍ତି । ମୋର ଇଚ୍ଛା ଓ ଉପଦେଶ ଯେ ଏବେ ତୁମେମାନେ ସମସ୍ତେ ମା'ଙ୍କୁ ଜାଣ ଓ ମା'ଙ୍କ ଇଚ୍ଛାରେହିଁ କାର୍ଯ୍ୟ କର ।''

ଯୋଗାନନ୍ଦଙ୍କ ନିଜସ୍ୱ ଉକ୍ତିରେ : ''ଋଷିତୁଲ୍ୟ, ସତ୍ୟଦ୍ରଷ୍ଟା ବ୍ରହ୍ମଚାରୀଙ୍କ ମୁଖରୁ ଏହି ଅଶ୍ରୁତପୂର୍ବ ଦିବ୍ୟବାଣୀ ଶ୍ରବଣ କରି ମୁଁ ଏକେବାରେ ବିସ୍ମିତ ହେଲି । ଯେଉଁ ଉଦ୍ଦେଶ୍ୟରେ ଆମେ ଆମର ଜୀବନ ପଣ କରି ଏତେ କଷ୍ଟ କରୁଥିଲୁ, ସେଥିପାଇଁ ସ୍ୱୟଂ ଆଦ୍ୟାଶକ୍ତି ଜଗନ୍ମାତା ଏହି ମର୍ତ୍ତ୍ୟଧାମରେ – ପୃଥିବୀରେ, ଆମମାନଙ୍କ ମଧ୍ୟରେ ଆବିର୍ଭୂତା ହୋଇଛନ୍ତି ଏବଂ ସେ ସ୍ୱୟଂ ସେହି କାର୍ଯ୍ୟ ଅନେକ ପୂର୍ବରୁ ଆରମ୍ଭ କରିଛନ୍ତି – ଏହା ତ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ଓ ନୂତନ କଥା । ଏଥି ପୂର୍ବରୁ କେହି ତ ଏପରି କଥା ମୋତେ କହି ନାହାନ୍ତି ବା ମୁଁ ମଧ୍ୟ ଏପରି କଥା କେବେ ଶୁଣି ନାହିଁ । ତେଣୁ ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ବସି ମନେ ମନେ ସ୍ଥିର କଲି ଯେ ତାଙ୍କର ଉପଦେଶ ଅନୁସାରେ ମା'ଙ୍କୁ ଜାଣିବି ଏବଂ ମା'ଙ୍କ ଇଚ୍ଛାରେହିଁ କାର୍ଯ୍ୟ କରିବି; ଆଶ୍ରମବାସୀ ସନ୍ନ୍ୟାସୀ ହେବି, ଆଉ ସଂସାରକୁ ଫେରିବି ନାହିଁ । ବ୍ରହ୍ମଚାରୀ ବାବାଙ୍କୁ ମୁଁ ମୋର ଏହି ସଂକଳ୍ପ କଥା ବ୍ୟକ୍ତ କଲି । ସବୁ ଶୁଣି ସେ ନୀରବ ରହିଲେ, ମୁଁ ମଧ୍ୟ ତାଙ୍କ ଉତ୍ତରକୁ ଅପେକ୍ଷା କଲି ନାହିଁ । ତାଙ୍କ ନିକଟରେ ସରଳ ଭାବରେ ସବୁକିଛି ଖୋଲି କହିଥିବାରୁ ଓ ତାଙ୍କର ଦିବ୍ୟବାଣୀ ଶୁଣିଥିବାରୁ ଏମିତି ଏକ ଶାନ୍ତି ଓ ସ୍ୱସ୍ତି ଅନୁଭବ କଲି ଯେ ଯାହାକୁ ଭାଷାରେ ପ୍ରକାଶ କରିପାରିବି ନାହିଁ । ଏକ ନୂତନ ଜୀବନ, ଏକ ନୂତନ ଚେତନା ଓ ଏକ ନୂତନ ଆଶାର ସଞ୍ଚାର ହେଲା । ଏହି ଭାବରେ ଗୁରୁଦେବଙ୍କର ଆଶ୍ରମରେ ମୋର ଅଧ୍ୟାତ୍ମ ଜୀବନର ଆରମ୍ଭ ହେଲା ।

''ପ୍ରାୟ ଏକ ବର୍ଷରୁ ଅଧିକ କାଳ ବନ୍ଦୀ ଜୀବନ ବିତାଇ ବାହାରକୁ ଆସିଛି; ଘରେ ଥିବା ସାନ ଭାଇମାନଙ୍କର କୌଣସି ସମ୍ବାଦ ଏପର୍ଯ୍ୟନ୍ତ ରଖିପାରି ନଥିଲି । ବାବାଙ୍କୁ କହି ଘରକୁ ଗଲି ସେମାନଙ୍କୁ ଦେଖିବାକୁ ଓ ମୋର ସଂକଳ୍ପ କଥା ସେମାନଙ୍କୁ କହିବାକୁ, ଯଦ୍ଦ୍ୱାରା ସେମାନେ ଭବିଷ୍ୟତରେ ମୋ ଉପରେ କୌଣସି ଆଶା ରଖିବେ ନାହିଁ ।...

''ଘରେ ମୋତେ ଦେଖି ସମସ୍ତେ ଖୁସି ହେଲେ ଏବଂ କୁହାକୁହି ହେଲେ ଯେ ମୁଁ ସାଧୁ ହୋଇଯାଇଛି, ଯଦିଓ ମୁଁ ସେପର୍ଯ୍ୟନ୍ତ ଗୈରିକ ବସ୍ତ୍ର ପରିଧାନ କରି ସାଧୁ ହୋଇ ନାହିଁ, ତଥାପି କେଜାଣି କାହିଁକି ଗାଁରେ ସମସ୍ତେ ମୋତେ ସାଧୁ ବୋଲି ଡାକିବାକୁ ଲାଗିଲେ ।... ଘରକୁ ଫେରିବାର ଅଳ୍ପଦିନ ପରେ ହିଁ ମୋର ସନ୍ନ୍ୟାସ ନେବାର ସଂକଳ୍ପ କଥା ସମସ୍ତଙ୍କୁ ଖୋଲି କରି କହିଲି । ଏହା ଶୁଣି ସେମାନେ ଯୁଗପତ୍ ଆଶ୍ଚର୍ଯ୍ୟ ଓ ଦୁଃଖିତ ହେଲେ ।... ଘରେ ଦଶ, ବାର ଦିନ ରହି ଭାଇମାନଙ୍କଠାରୁ ବିଦାୟ ନେଇ ଶ୍ରୀଗୁରୁଦେବଙ୍କ ଆଶ୍ରମକୁ ଚାଲି ଆସିଲି । ଏହା ଥିଲା ୧୯୨୦ ମସିହା ଫେବ୍ରୁଆରୀ ମାସ ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ମହାର୍ଘ ଦିନଲିପି

## ସୁଧିରାଜ ରାଉତ

''ଝଞ୍ଜା ପରି ପୃଥିବୀ ବକ୍ଷକୁ ଓହ୍ଲାଇ ଆସିଛନ୍ତି ବୀଭତ୍ସ ଶକ୍ତିମାନେ – ସେମାନେ ଅଜ୍ଞ, ଉଗ୍ର, ବଳବାନ୍, ଅନ୍ଧ'' (୮.୮.୧୯୧୪) । ''ବର୍ତ୍ତମାନ ଯେତେବେଳେ ପୃଥିବୀ ଉପରେ ଅଜାଡ଼ି ହୋଇ ପଡ଼ିଛି ଅନ୍ଧକାର ଏବଂ ଦୋହଲାଇ ଦେଇଛି ତା'ର ମୂଳଦୁଆ ଏବଂ ତାକୁ ପରିଣତ କରିଛି ମହା ବିଶୃଙ୍ଖଳାରେ ତୁମେ କ'ଣ ପୁଣିଥରେ ସେ ମହାବିଶୃଙ୍ଖଳା ଉପରେ ଗତିଶୀଳ ହେବ ନାହିଁ – କହିଦେବ ନାହିଁ ତୁମ ସଂକଳ୍ପ : 'ସଞ୍ଚରିତ ହେଉ ଆଲୋକ' ?'' । (୧୧.୮.୧୯୧୪) ସମଗ୍ର ବିଶ୍ୱ ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧର ଦାନବ ବାଦ୍ୟରେ ନୃତ୍ୟରତ, ରକ୍ତର ଛିଟାରେ ପୃଥିବୀ ଓ ଆକାଶ ଲାଲ ହୋଇଉଠିଛି, ଯୁଦ୍ଧାସୁର ଅକ୍ଟୋପାସ ଭଳି ଗୋଟିଏ ପରେ ଗୋଟିଏ ଦେଶ, ମହାଦେଶକୁ ଗ୍ରାସ କରି ଏ ପୃଥିବୀରୁ ସଭ୍ୟତାକୁ ନିଶ୍ଚିହ୍ନ କରିଦେବାକୁ ତତ୍ପର, ଜଣେ ମହୀୟସୀ ନାରୀ ଯିଏ ବିଶ୍ୱ ପାଇଁ ଅଜ୍ଞ ଓ ଅପରିଚିତ ସେ ବିଶ୍ୱରକ୍ଷାର ଭାର ବହନ କରି ଠିଆ ହୋଇଛନ୍ତି । ଯୁଦ୍ଧର କରାଳ ଅନ୍ଧାର ମଧ୍ୟରେ ଏହି ଦେବୀଙ୍କ ପ୍ରତିଟି ମୁହୂର୍ତ୍ତ, ତାଙ୍କ ଦିନଲିପିର ପ୍ରତିଟି ଶବ୍ଦ ପ୍ରାର୍ଥନାର ମହା-ଆଲୋକ ହୋଇ ଅନ୍ଧକାର ବିରୋଧରେ ଯୁଦ୍ଧରତ । ତାଙ୍କ ଆତ୍ମଲିପିର ପ୍ରତିଟି ଶବ୍ଦ ଏହା ପ୍ରକାଶ କରୁଛି – ରକ୍ତ ମଦିରାରେ ମତ୍ତ ଦାନବଠାରୁ ମଣିଷ ଓ ପୃଥିବୀକୁ ରକ୍ଷା କରିବାକୁ ସେ ସଂକଳ୍ପବଦ୍ଧ । ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥିଲା ସେ ସମୟର ଶ୍ରୀମାଙ୍କ ଆତ୍ମଲିପି ଯଦି ପୃଷ୍ଠା ପରେ ପୃଷ୍ଠା ପଢ଼ି ଚାଲିବା ତେବେ ଭେଟିବା ଏକ ବିଶାଳ ପ୍ରାର୍ଥନା, ବିଶ୍ୱଠାରୁ ଆହୁରି ବିରାଟ ଆତ୍ମାହୁତିର ଅଗ୍ନି, ସମର୍ପଣ ମହିମାରେ ମଣ୍ଡିତ ମହାମାୟା ପୃଥିବୀକୁ କୋଳାଗ୍ରତ କରି ଉଠି ଚାଲିଛନ୍ତି ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ ... ଆହୁରି ଊର୍ଦ୍ଧ୍ୱକୁ ସେହି ପରମଙ୍କ ସମୀପରେ ଠିଆ ହୋଇ କହୁଛନ୍ତି, ''ଆସ ପ୍ରକାଶ ହୁଅ'' । ଶ୍ରୀମା ତାଙ୍କ ଆଗାମୀ ଆତ୍ମଲିପିରେ ଲେଖୁଛନ୍ତି – ''ସେହି ଅଜ୍ଞେୟର ଅତଳ ଗଭୀରତା ମଧ୍ୟରୁ ଏକ ସମୁଦାତ୍ତ ଓ ଦୁର୍ନିବାର ପ୍ରତ୍ୟୁତ୍ତର ଶୁଣିବାକୁ ପାଇଲୁ ଏବଂ ସେତେବେଳେ ଆମେମାନେ ବୁଝିପାରିଲୁ ଯେ ପୃଥିବୀ ରକ୍ଷା ପାଇଗଲା ।''(୧-୯-୧୯୧୪) ତାଙ୍କ ଦିନଲିପିରୁ ଏହା ସ୍ପଷ୍ଟ ହେଉଛି ଯେ ଦାନବଙ୍କ ଯୁଦ୍ଧ କବଳରୁ ପୃଥିବୀ ରକ୍ଷା ପାଇବାର ନିଶ୍ଚିତତା ଦେବୀ ଅନୁଭବ କରିଛନ୍ତି, ପ୍ରତ୍ୟକ୍ଷ ଦର୍ଶନ କରିଛନ୍ତି ।

ଏହି ଦିନଲିପିସବୁର ଅତି କ୍ଷୁଦ୍ର ଅଂଶହିଁ ଏସବୁ ଯୁଦ୍ଧର ଏକ ଏକ ଘଟଣାବଳୀ । ଯେଉଁ ବିଶାଳ, ବହୁମୂଲ୍ୟ ରତ୍ନ ଭଣ୍ଡାରରେ ପୂର୍ଣ୍ଣ ହୋଇ ରହିଛି ଏହି ଲେଖାସବୁ, ଆଜି ଯାଏ ବିଶ୍ୱ-ମଣିଷ ସେ ବିଷୟରେ ଅବଗତ ନୁହଁନ୍ତି । ଏହି ଆତ୍ମଲିପିର ପ୍ରତିଟି ଶବ୍ଦରେ, ପ୍ରତିଟି ବାକ୍ୟରେ ଭରି ରହିଛି ଜୀବନ ବଞ୍ଚିବାର ନୂତନ ବିଜ୍ଞାନ, ଜୀବନ ମଧ୍ୟରେ ମହାଜୀବନକୁ ପ୍ରକାଶ କରିବାର ସରଳ ଓ ସହଜ କୌଶଳ । ବ୍ୟକ୍ତି, ବିଶ୍ୱ, ବିଶ୍ୱାତୀତଙ୍କ ମହାମିଳନର ମହିମାରେ ଅଭିମନ୍ତ୍ରିତ ଏହାର ପ୍ରତିଟି ପୃଷ୍ଠା । ଏହାକୁ ପଢ଼ି ବସିଲେ ମନେ ହେବ ଆପଣ ସ୍ୱର୍ଗକୁ ଛୁଉଁଛନ୍ତି, ମନେ ହେବ ଉପନିଷଦର ସେହି ମହାନ୍ ସତ୍ୟଗୁଡ଼ିକ ଆପଣଙ୍କ ଜୀବନରେ ଅଭିବ୍ୟକ୍ତି ପାଇଁ ଆମନ୍ତ୍ରଣ ଦେଉଛନ୍ତି । ମନେ ହେବ ଆପଣ ଏକା ନୁହନ୍ତି, ଏ ବିଶ୍ୱ ଏବଂ ବିଶ୍ୱ ନିୟତି ତା'ର ପ୍ରତିଟି ଛନ୍ଦରେ ତୁମ ସହ ଅଛନ୍ତି, ତୁମେହିଁ ସିଏ । ଏହି ଡାଏରିର ପ୍ରଥମ ପୃଷ୍ଠାରେ ଲେଖାଅଛି, ''ଶେଷରେ ଏପରି ଏକ ଦିନ ଆସିବ, ମୁଁ ତୁମ ସଙ୍ଗେ ସମ୍ପୂର୍ଣ୍ଣ ଏକ ହୋଇଯିବି, ସେତେବେଳେ ମୋର ତୁମକୁ କିଛି କହିବାର ନଥିବ, କାରଣ 'ମୁଁ' ହୋଇଯିବି 'ତୁମେ' ।''(୨.୧୧.୧୯୧୨) ''...ମୁଁ ଜାଣି ପାରୁ ନାହିଁ, ମୁଁ ହେଉଛି ବିଶ୍ୱ ନା ବିଶ୍ୱ ହେଉଛି ମୁଁ । ତୁମେ ମୋ ମଧ୍ୟରେ ନା ମୁଁ ତୁମ ମଧ୍ୟରେ ।...'' (୧୧.୫.୧୯୧୩) । ଏହିସବୁ ଲେଖାର ପ୍ରତିଟି ବାକ୍ୟ, ବାକ୍ୟ ମଧ୍ୟରେ ନିହିତ ଶକ୍ତି ଆମକୁ ନେଇଯିବ ସେଇ ଅଜ୍ଞେୟ ପରମଙ୍କ ହୃଦୟ ସ୍ପନ୍ଦନ ମଧ୍ୟକୁ, ମନେ ହେବ ଆମେ ବିଶ୍ୱନିୟନ୍ତାଙ୍କ ହୃଦୟ ମଧ୍ୟରେ ସୁରକ୍ଷିତ ।

ଏହି ଅମୂଲ୍ୟ ଦିନଲିପିସବୁ ପ୍ରତିଟି ମନୁଷ୍ୟ ମଧ୍ୟରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାକୁ ସାମର୍ଥ୍ୟ ବହନ କରୁଛି, ତାର ପ୍ରତିଦିନର ଆରମ୍ଭ ଏହିଭଳି – ସୂର୍ଯ୍ୟଦେବ ଆସି ନଥା'ନ୍ତି, ଉଷାଦେବୀଙ୍କ ଆଗମନରେ ପୃଥିବୀ ତା' ଜଡ଼ତା ଛାଡ଼ି ଜାଗି ଉଠୁଥାଏ । ଏହି ମହୀୟସୀ ତାଙ୍କର ସମସ୍ତ ନିତ୍ୟକର୍ମ ଶେଷକରି ଉଷାର ଆଗମନୀ ସହ ତାଙ୍କ ଡାଏରି ଲେଖା ଆରମ୍ଭ

କରନ୍ତି । ଦିନ ତମାମ କିଭଳି ସେ ନିଜ ଜୀବନ ମଧ୍ୟରେ ଅଧିକରୁ ଅଧିକ ସେହି ପରମଙ୍କୁ ପ୍ରକାଶ କରିବେ ତାହା ସେ ଲିଖିତ ଆକାରରେ ତାଙ୍କ ଚରଣରେ ଅର୍ପଣ କରୁଥିଲେ ଏବଂ ଉକ୍ତ ଅର୍ପଣରୂପୀ ଅର୍ଘ୍ୟକୁ ନେଇ ସମଗ୍ର ଦିନ ବଞ୍ଚୁଥିଲେ । ଜୀବନ ଆରମ୍ଭ ହେଉଥିଲା ବିଶ୍ୱନିୟନ୍ତାଙ୍କ ସ୍ୱାକ୍ଷରରେ । ଅଧିକ ସମୃଦ୍ଧ, ସଚେତନ, ଅଧିକ ପୂର୍ଣ୍ଣ ରୂପେ ବଞ୍ଚିବାର ଏହା ଏକ ଯୁଗାନ୍ତକାରୀ କୌଶଳ । ମୁଁ ବ୍ୟକ୍ତିଗତ ଭାବେ ଏହି ଉପାୟଟିକୁ ମୋ ଜୀବନରେ ପ୍ରୟୋଗ କରି ଦେଖିଛି ... ଏହା ଜୀବନରେ ଚମତ୍କାର ଘଟାଇବାର ସମସ୍ତ ସାମର୍ଥ୍ୟ ବହନ କରୁଛି । ଆମେ ଦିନ ତମାମ ନିଜ ସୀମିତ ଜ୍ଞାନ ଓ ପାରିପାର୍ଶ୍ୱିକ ଚାପରେ କିପରି ଜୀବନ ବଞ୍ଚିଲୁ, ଶୋଇବା ପୂର୍ବରୁ ଯାହା ଲେଖୁ ତାହାହିଁ ଆମ ଡାଏରି । ଯଦି ଆମେ ଦିବସର ପ୍ରାରମ୍ଭରୁ ଦିନଟିକୁ କିପରି କାଟିବୁ ଲେଖି ଏକ ଅର୍ଘ୍ୟ ରୂପେ, ଏକ ଯଜ୍ଞ ରୂପେ ଆରମ୍ଭ କରନ୍ତୁ, ନିଶ୍ଚିତ ଏହା ଆମକୁ ଅଧିକ ସଚେତନ ଜୀବନ ଦିଅନ୍ତା ଏବଂ ଏହି ଲେଖା ବିଶ୍ୱନିୟନ୍ତାଙ୍କ ନିକଟରେ ଅର୍ପଣ ହୋଇଥିବା ଦ୍ୱାରା, ଏହା ଅସମ୍ଭବ ଭାବେ ସକାରାତ୍ମକ ଶକ୍ତି ଦ୍ୱାରା ପୂର୍ଣ୍ଣ ହୋଇଉଠନ୍ତା । ଆମକୁ ଏକ ବୃହତ୍ତର ତଥା ଉଚ୍ଚତର ଜୀବନ ବଞ୍ଚିବାକୁ ପଥ ପ୍ରସ୍ତୁତ କରେଇ ନିଅନ୍ତା । ମା'ଙ୍କ ଦିନଲିପିରୁ ଗୋଟିଏ ପଂକ୍ତି ଉଦାହରଣ ରୂପେ ଲେଖୁଛି, ''ପ୍ରତିଦିନ ପ୍ରଭାତରେ ଆମର ଚିନ୍ତା ଯେପରି ତୁମ ଆଡ଼କୁ ଉଠି ଚାଲୁ, ତାହା ଯେପରି ତୁମକୁ ଜିଜ୍ଞାସା କରୁ ତୁମର ଅଭିବ୍ୟକ୍ତି ଓ ସେବା ପାଇଁ ସର୍ବୋତ୍ତମ କେଉଁ କାର୍ଯ୍ୟ ଆମେ କରିପାରୁ ।''

(୩୧.୦୧.୧୯୧୪)

ମା'ଙ୍କ ଆତ୍ମଲିପି ଯେତେବେଳେ ପୁସ୍ତକ ଆକାରରେ ପ୍ରକାଶିତ ହେଲା, ମା ଏହାର ମୁଖବନ୍ଧରେ ଲେଖିଥିଲେ – ''ଏହା ମୁଖ୍ୟତଃ ତିନି ଶ୍ରେଣୀର ସାଧକଙ୍କୁ ଆଧ୍ୟାତ୍ମିକ ପଥ ନିର୍ଦ୍ଦେଶ କରିପାରେ : ପ୍ରଥମତଃ, ଯେଉଁମାନେ ଆତ୍ମଜୟୀ ହେବାକୁ ସାଧନା କରନ୍ତି; ଦ୍ୱିତୀୟତଃ, ଯେଉଁମାନେ ଭଗବଦ୍‌ଭିମୁଖୀ ମାର୍ଗର ଅନ୍ୱେଷଣ କରିବାକୁ ଚାହାନ୍ତି; ତୃତୀୟତଃ, ଯେଉଁମାନେ ଭଗବତ୍ କର୍ମରେ ନିଜକୁ କ୍ରମଶଃ ପୂର୍ଣ୍ଣତରଭାବେ ଉତ୍ସର୍ଗ କରିବାକୁ ଅଭୀପ୍ସା କରନ୍ତି ।''

ଏହା ନିଶ୍ଚୟ ଏକ ଅସାଧାରଣ ପୁସ୍ତକ ଯାହା ଆମ ସଭିଙ୍କ ପାଇଁ ପ୍ରେରଣାର ପବିତ୍ର ସ୍ତୋତ୍ର, କିନ୍ତୁ ଏହି ତିନି ଅଭୀପ୍ସୁ ମଣିଷଙ୍କ ପାଇଁ ଏହା ସର୍ବୋଚ୍ଚ ସାହାଯ୍ୟକାରୀ ପୁସ୍ତକ ଅଟେ । ସେହି ଡାଏରିରୁ ଗୋଟିଏ ପଂକ୍ତି ଲେଖି ଏହା ଶେଷ କରୁଛି ''ବାହ୍ୟ କର୍ମ ଯାହା ହେଉ ନା କାହିଁକି, ଭବିଷ୍ୟତ୍ ତା'ର ଗର୍ଭରେ ଆମ ପାଇଁ ଯେଉଁ ପରିସ୍ଥିତି ବି ରଖିଥାଉ ନା କାହିଁକି, ମୁଁ ଜାଣେ ଏକମାତ୍ର ତୁମେହିଁ ବିଦ୍ୟମାନ, ତୁମର ସନାତନ ନିତ୍ୟତା ନେଇ ତୁମେହିଁ ଏକମାତ୍ର ସତ୍ୟ, ଏବଂ ତୁମ ମଧ୍ୟରେ ଆମ୍ଭେମାନେ ରହିଛୁ ।''

(୨୧.୨.୧୯୧୪)

❑❑❑

ସେହି ଏକ ଦିବ୍ୟଶକ୍ତିହିଁ ବ୍ୟକ୍ତି ଓ ବିଶ୍ୱରେ ତଥା ବିଶ୍ୱାତୀତରେ କାର୍ଯ୍ୟ କରନ୍ତି – ମା ଏହି ସମସ୍ତର ପ୍ରତୀକ, କିନ୍ତୁ ସେ ଏହି ବିଶ୍ୱରେ ମୂର୍ତ୍ତ ହୋଇ କାର୍ଯ୍ୟ କରୁଛନ୍ତି, ଏପରି ଗୋଟିଏ ବସ୍ତୁକୁ ଆଣିବା ସକାଶେ ଯାହା ଆଜି ବି ଏହି ଜଡ଼ଜଗତରେ ପ୍ରକଟ ନୁହେଁ, ତାଙ୍କର ଉଦ୍ଦେଶ୍ୟ ହେଲା ପାର୍ଥିବ ଜୀବନର ରୂପାନ୍ତର । ତାଙ୍କୁ ତୁମେ ଦେଖିବ ଏହି ଭାବରେ, ଏହି ଉଦ୍ଦେଶ୍ୟ ନେଇ କ୍ରିୟମାଣା ଦିବ୍ୟଶକ୍ତି ବୋଲି । ଦେହଧାରୀ ଜନନୀଙ୍କର ଏହି ହେଲା ସ୍ୱରୂପ, କିନ୍ତୁ ତାଙ୍କର ସମଗ୍ର ଚେତନାରେ ସେ ଭଗବାନଙ୍କର ଅନ୍ୟ ସମସ୍ତ ବିଭାବ ସହିତ ଅଭିନ୍ନ ।

– ଶ୍ରୀଅରବିନ୍ଦ

# ତୋତ୍ତୋ-ଚାନ୍

## (୯)

## ତେତ୍‌ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରିଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସଂଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ପାଠାଗାର ପାଇଁ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା ଅଥବା ତାଳ ଜ୍ଞାନ ଶିକ୍ଷା କରିବା – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ସେ ସ୍କୁଲରେ ପିଲାଙ୍କୁ ବିଶେଷ ଧରଣର ପୋଷାକରେ ସଜ୍ଜିତ ହୋଇ ଆସିବାକୁ କୁହାଯାଉ ନଥିଲା, ବରଂ ସବୁଠାରୁ 'ଖରାପ ପୋଷାକ' ପିନ୍ଧି ଆସିଲେ ପିଲାମାନେ ମନଭରି ମୁକ୍ତଭାବେ ମାଟି-କାଦୁଅରେ ଖେଳିପାରିବେ – ଏହାହିଁ ଥିଲା ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟିଭଙ୍ଗୀ । ଏବେ ପଢ଼ିବା 'ତୋମୋଏ' ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଆବେଦନ, ପୁଣି ତୋତ୍ତୋ-ଚାନ୍‌ର ଓ ତା'ର କୁନି କୁନି ବନ୍ଧୁମାନଙ୍କର ଖୁବ୍ ସାଧାରଣ କାର୍ଯ୍ୟ ଭିତର ଦେଇ ଆସାଧାରଣ ଅନୁଭୂତିର କଥା ।...]

### ଆମେ ଖାଲି ଖେଳୁଥିଲୁ

ତୋତ୍ତୋ-ଚାନ୍ ଏକ ସାଙ୍ଘାତିକ ଦୁର୍ଘଟଣାର ସମ୍ମୁଖୀନ ହେଲା । ସ୍କୁଲରୁ ଫେରି ଘରେ ରାତିରେ ଖାଇବା ଆଗରୁ ସେ ଓ ରକି 'ଗଧିଆ' ଖେଳ ଖେଳୁ ଖେଳୁ ଏହା ଘଟିଲା ।

ଏ ଖେଳଟିରେ ଦୁଇଜଣ ବିପରୀତ ଦିଗରୁ ଗଡ଼ି ଗଡ଼ି ଆସନ୍ତି । ଦୁହିଁଙ୍କର ଧକ୍କା ହେଲା ବେଳେ କିଛି ଧରାପରା ହୁଅନ୍ତି । ସେମାନେ ଏପରି କେତେ ଥର ଖେଳିବା ପରେ ଠିକ୍ କଲେ ଯେ ଖେଳଟିକୁ ଆଉ ଟିକିଏ ଅଧିକ ମଜାଦାର କରିବେ । ଅବଶ୍ୟ ଏହା ତୋତ୍ତୋ-ଚାନ୍‌ହିଁ ଠିକ୍ କରିଥିଲା । କାମଟି ଏପରି ଥିଲା ଯେ ଦୁହେଁ ଦୁହିଁଙ୍କ ଆଡ଼କୁ ଗଡ଼ି ଗଡ଼ି ଘର ମଝିରେ ଏକାଠି ହେଲା ପରେ ଯିଏ ଯେତେ ଭୟଙ୍କର ଗଧିଆ ମୁହଁ କରିବ ସେ ଜିତିବ । ରକି ଗୋଟିଏ ବିଲାତି କୁକୁର ଥିବାରୁ ଗଧିଆ ପରି ଦିଶିବା ତା' ପାଇଁ କିଛି ବଡ଼ କଥା ନଥିଲା । ତାକୁ କେବଳ କାନ ଠିଆକରି, ପାଟି ମେଲା କରି ଦାନ୍ତଗୁଡ଼ିକ ଦେଖାଇବାକୁ ପଡୁଥିଲା । ସେ ଆଖି ଦୁଇଟିକୁ ବି ବଡ଼ ଭୟଙ୍କର କରି ପାରୁଥିଲା । ଏହା କିନ୍ତୁ ତୋତ୍ତୋ-ଚାନ୍ ପାଇଁ କଷ୍ଟକର ଥିଲା । ସେ ତା'ର ହାତ ଦୁଇଟିକୁ ମୁଣ୍ଡର ଦୁଇ କଡ଼େ କାନ ପରି ଧରି ରଖୁଥିଲା, ପାଟି ଓ ଆଖିକୁ ଯେତେ ସମ୍ଭବ ମେଲାଇ ଗର୍ଜନ କରୁଥିଲା ଓ ରକିକୁ କାମୁଡ଼ିଲା ପରି ଛଳନା କରୁଥିଲା । ପ୍ରଥମେ ରକି ଏହି ଖେଳଟି ଭଲ ଖେଳୁଥିଲା । କିନ୍ତୁ ଯେହେତୁ ସେ ଏକ କୁକୁର ଛୁଆ ଥିଲା, କିଛି ସମୟ ପରେ ସେ ଖେଳୁଛି ବୋଲି ଭୁଲିଗଲା ଓ ହଠାତ୍ ତୋତ୍ତୋ-ଚାନ୍‌କୁ ସତରେ କାମୁଡ଼ି ଦେଲା । ଛୁଆ ହେଲେ ବି ରକି ଆକାରରେ ତୋତ୍ତୋ-ଚାନ୍‌ର ଦୁଇଗୁଣ ବଡ଼ ଥିଲା ଓ ତା'ର ଦାନ୍ତ ବେଶ୍ ମୁନିଆ ଥିଲା । କ'ଣ ଘଟୁଛି ଜାଣିବା ପୂର୍ବରୁ ତୋତ୍ତୋ-ଚାନ୍‌ର ଡାହାଣ କାନ ଛିଣ୍ଡି ଓହଳି ପଡ଼ିଥାଏ ଓ ଧାର ଧାର ରକ୍ତ ବୋହି ଯାଉଥାଏ ।

ତା'ର ଚିତ୍କାର ଶୁଣି ମା ରୋଷେଇ ଘରୁ ଦୌଡ଼ି ଆସିଲେ । ଦେଖିଲେ ଗୋଟିଏ କୋଣରେ ତୋତ୍ତୋ-ଚାନ୍ ତା'ର ଡାହାଣ କାନକୁ ଦୁଇ ହାତରେ ଜାବୁଡ଼ି ଧରି ରକି ପାଖରେ ବସିଛି । ତା'ର ପୋଷାକ ରକ୍ତରେ ଭିଜି ଯାଇଥାଏ । ବାପା ବାହାର ଘରେ ବସି ବେହେଲା ଅଭ୍ୟାସ କରୁଥିଲେ । ସେ ବି ଦଉଡ଼ି ଆସିଲେ । ଲାଗୁଥିଲା ସତେ ଯେମିତି ରକି ବୁଝିପାରୁଛି ଯେ ସେ କିଛି ଗୋଟେ ଭୟଙ୍କର କାମ କରିଛି । ସେ ଗୋଡ଼

ସନ୍ଧିରେ ଲାଙ୍ଗୁଡ଼ଟିକୁ ଜାକି ଦେଇ ବିକଳ ହୋଇ ତୋତ୍ତୋ-ଚାନ୍‌କୁ ଚାହୁଁଥାଏ ।

ତୋତ୍ତୋ-ଚାନ୍ କେବଳ ଏତିକି ଭାବୁଥିଲା ଯେ ମାଆ ବାପା ରକି ଉପରେ ବହୁତ ରାଗି ଯଦି ତାକୁ ବାହାର କରିଦିଅନ୍ତି ବା କାହାକୁ ଦେଇ ଦିଅନ୍ତି ତା'ହେଲେ ସେ କ'ଣ କରିବ ? ତା'ପାଇଁ ଏହା ଅଧିକ ଦୁଃଖର କଥା ହେବ । ତେଣୁ ସେ ରକି ପାଖରେ ଖୁନ୍ଦି ହୋଇ ବସି, ଡାହାଣ କାନକୁ ଧରି ବାରଂବାର ଚିତ୍କାର କରୁଥାଏ, ''ରକିକୁ ଗାଳି ଦିଅନି ! ରକିକୁ ଗାଳି ଦିଅନି !''

ତା' କାନ କ'ଣ ହୋଇଛି ଜାଣିବା ପାଇଁ ମାଆବାପା ଦୁହେଁ ଚାହୁଁଥାନ୍ତି ଓ ତା' ହାତକୁ ଟାଣି ବାହାର କରିବାକୁ ଚେଷ୍ଟା କରୁଥା'ନ୍ତି । ତୋତ୍ତୋ-ଚାନ୍ ଜମା ଛାଡୁ ନଥାଏ ଓ ପାଟି କରୁଥାଏ, ''ମତେ କାଟୁ ନାହିଁ, ରକି ଉପରେ ରାଗନି ! ଜମା ରାଗନି !'' ସତରେ ସେତେବେଳେ ତୋତ୍ତୋ-ଚାନ୍‌କୁ କଷ୍ଟ ଜଣା ପଡୁନଥାଏ । ସେ କେବଳ ରକି ବିଷୟରେ ହିଁ ଭାବୁଥିଲା ।

ରକ୍ତ ବହି ଚାଲିଥାଏ, ଏବଂ ମାଆବାପା ସେଥିରୁ ଠଉରେଇ ନେଲେ ଯେ ରକି ନିଶ୍ଚୟ ତାକୁ କାମୁଡ଼ିଛି । ସେମାନେ ତୋତ୍ତୋ-ଚାନ୍‌କୁ କଥା ଦେଲେ ଯେ ସେମାନେ ରକି ଉପରେ ରାଗିବେ ନାହିଁ । ଶେଷରେ ତୋତ୍ତୋ-ଚାନ୍ ତା' ହାତ ହଟାଇଲା । କାନର ଅବସ୍ଥା ଦେଖି ମା ଭୟରେ ଚିତ୍କାର କରି ଉଠିଲେ । କୁନି ଝିଅଟିକୁ କାଖେଇ ବାପା ଡାକ୍ତରଙ୍କ ପାଖକୁ ଚାଲିଲେ, ମା ଆଗେ ଆଗେ ବାଟ କଢ଼େଇ ନେଉଥା'ନ୍ତି । ଭାଗ୍ୟକୁ ଠିକ୍ ସମୟରେ ଡାକ୍ତରଙ୍କୁ ଦେଖାଯାଇ ଥିବାରୁ ଡାକ୍ତର କାନଟିକୁ ଠିକ୍ ଆଗ ଭଳି ଯୋଡ଼ି ଦେଇପାରିଲେ ଓ ମାଆବାପା ଆଶ୍ୱସ୍ତ ହେଲେ । କିନ୍ତୁ ତୋତ୍ତୋ-ଚାନ୍ କେବଳ ଗୋଟିଏ କଥା ଭାବୁଥିଲା ଯେ ରକିକୁ ଗାଳି ନଦେବା ବିଷୟରେ ମାଆ ବାପା ତାଙ୍କ କଥା ରଖିବେ ତ !

ଡାକ୍ତରଖାନାରୁ ଥୋମଣି ଯାଏ ପଟି ଗୁଡ଼ା ହୋଇ ଘରକୁ ଫେରିଲା ବେଳକୁ ତୋତ୍ତୋ-ଚାନ୍ ଠିକ୍ ଗୋଟିଏ ଧଳା ଠେକୁଆ ପରି ଦେଖା ଯାଉଥାଏ । ରକିକୁ ଗାଳି ନଦେବା ପାଇଁ ନିଜେ କଥା ଦେଇଥିଲେ ବି ଏହା କରିବାକୁ ବାପାଙ୍କର ବଡ଼ ଇଚ୍ଛା ଥିଲା । କିନ୍ତୁ ମା'ଙ୍କର ଚାହାଣୀ କହୁଥିଲା, ''ଦୟାକରି ତୁମେ ତୁମ କଥା ରଖ ।'' ବାପା ଅନିଚ୍ଛାର ସହ ତାହାହିଁ କଲେ ।

ତୋତ୍ତୋ-ଚାନ୍ ତରତର ହୋଇ ଭିତର ଘରକୁ ପଶିଗଲା – ସେ ରକିକୁ ଜଣାଇ ଦେବାକୁ ଚାହୁଁଥିଲା ଯେ ସବୁକିଛି ଠିକ୍ ଅଛି ଓ କେହି ବି ରାଗିନାହାନ୍ତି । କିନ୍ତୁ ସେ ରକିକୁ କେଉଁଠି ବି ପାଇଲାନି । ପ୍ରଥମ ଥର ପାଇଁ ଏବେ ତୋତ୍ତୋ-ଚାନ୍ କାନ୍ଦିଲା । ଡାକ୍ତରଙ୍କ ପାଖରେ ବି ସେ କାନ୍ଦି ନଥିଲା । କାରଣ ସେତେବେଳେ ସେ ଡରୁଥିଲା ଯେ ଯଦି ସେ କାନ୍ଦେ ତେବେ ମାଆବାପା ରକି ଉପରେ ଅଧିକ ରାଗିବେ । ଏବେ କିନ୍ତୁ ସେ ଆଉ ରହି ପାରିଲାନି । କାନ୍ଦିବା ସାଙ୍ଗେ ସାଙ୍ଗେ ସେ ଡାକ ପକାଇଲା, ''ରକି ! ରକି ! ତୁ କେଉଁଠି ଅଛୁ ?''

କେତେଥର ଡାକିବା ପରେ ଲୁହ ଭିଜା ମୁହଁଟିରେ ତା'ର ହସ ଫୁଟିଲା ଯେତେବେଳେ ସେ ଦେଖିଲା ସୋଫା ପଛପଟୁ ରକିର ପରିଚିତ ମାଟିଆ ପିଠିଟି ବାହାରି ଆସିଲା । ତୋତ୍ତୋ-ଚାନ୍‌ର ପାଖକୁ ଯାଇ ସେ ପଟି ବାହାରକୁ ଦିଶୁଥିବା ଭଲ କାନଟିକୁ ଚୁପ୍‌ଚାପ୍ ଚାଟିବାରେ ଲାଗିଲା । ତୋତ୍ତୋ-ଚାନ୍ ରକିର ବେକରେ ତା' ହାତ ଦୁଇଟିକୁ ଗୁଡ଼ାଇ ଧରିଲା ଓ ତା' କାନରେ ଫୁସ୍ ଫୁସ୍ କରି କ'ଣ କହିଲା । ମାଆବାପା କହୁଥିଲେ ଯେ ରକିର କାନ ଗନ୍ଧାଏ କିନ୍ତୁ ସେହି ପରିଚିତ ଗନ୍ଧଟିକୁ ସେ କେତେ ଯେ ଭଲ ନପାଏ । ରକି ଓ ତୋତ୍ତୋ-ଚାନ୍ ବହୁତ ହାଲିଆ ହୋଇ ପଡ଼ିଥିଲେ । ତାଙ୍କୁ ନିଦ ମାଡ଼ି ଆସୁଥିଲା ।

ଜହ୍ନ ଆଲୁଅ ଆସି ପଟିବନ୍ଧା କୁନି ଝିଅଟି ଓ ତା'ର ସାଙ୍ଗ କୁକୁର ଉପରେ ପଡୁଥାଏ । ଦୁହେଁ ଆଉ ଥରେ ପୁଣି କେବେ 'ଗଧିଆ' ଖେଳ ଖେଳିବାକୁ ଠିକ୍ କରିଛନ୍ତି । ଏବେ ସେ ଦୁହେଁ ଆଗ ଅପେକ୍ଷା ଆହୁରି ବେଶୀ ସାଙ୍ଗ !

## ଖେଳର ଦିନ

ପ୍ରତି ବର୍ଷ ନଭେମ୍ବର ମାସ ତିନି ତାରିଖରେ ତୋମୋଏରେ 'କ୍ରୀଡ଼ା ଦିବସ' ପାଳିତ ହୁଏ । ବହୁତ ଗବେଷଣା ପରେ ପ୍ରଧାନ ଶିକ୍ଷକ ଏହି ଦିନଟିକୁ ବାଛିଥିଲେ । ସେ କହୁଥିଲେ ଯେ ଶରତ ଋତୁର ଏହି ଦିନଟିରେ ସବୁଠାରୁ କମ୍ ଥର ବର୍ଷା ହେବ । ବୋଧେ ଆଗର କେତେ ବର୍ଷର ପାଣିପାଗ ବିବରଣୀରୁ ସେ ଏହି ଧାରଣା ପାଇଥିଲେ କିଂବା କିଏ ଜାଣେ ହୁଏତ ସୂର୍ଯ୍ୟ ଓ ମେଘ ତାଙ୍କ ଇଚ୍ଛାକୁ ମାନି ବର୍ଷା କରୁ ନଥିଲେ ! ସେ ଚାହୁଁଥିଲେ ଯେ ପିଲାଏ ଅନେଇ ବସିଥିବା ଏଇ ଦିନଟିରେ ବର୍ଷା ନହେଉ । ଏଥିପାଇଁ ପିଲାମାନେ ଦିନକ ଆଗରୁ ସ୍କୁଲ ପଡ଼ିଆ ସଜେଇ ପ୍ରସ୍ତୁତ ହୋଇ ରହିଥା'ନ୍ତି । କାରଣ ଯାହା

ହେଉନା କାହିଁକି ଏହା ଅଦ୍ଭୁତ କଥା ଯେ କୌଣସି ବର୍ଷ ନଭେମ୍ବର ତିନି ତାରିଖ ଦିନ ବର୍ଷା ହୋଇ ନଥିଲା ।

ସବୁ ଜିନିଷ ତୋମୋଏରେ ଅଲଗା ଢଙ୍ଗରେ ହେଉଥିଲା । ସେହିଭଳି ଏହାର କ୍ରୀଡ଼ା ଉତ୍ସବର ଦିନଟି ମଧ୍ୟ ଏକ ଭିନ୍ନ ଧରଣର ଥିଲା । ଅନ୍ୟ ପ୍ରାଥମିକ ସ୍କୁଲମାନଙ୍କରେ ହେଉଥିବା ମାତ୍ର ଦୁଇଟି ଖେଳ ଯଥା : ଦଉଡ଼ି ଭିଡ଼ା ଓ ତିନି ଗୋଡ଼ିଆ ଦୌଡ଼କୁ ବାଦ୍ ଦେଇ ଆଉ ସବୁତକ ଖେଳ ଥିଲା ପ୍ରଧାନ ଶିକ୍ଷକଙ୍କ ନିଜର ଉଦ୍ଭାବନ । ସେମିତି କିଛି ବିଶେଷ ଉପକରଣ ବା ଦୁର୍ଲଭ ଜିନିଷ ଏଥିପାଇଁ ଦରକାର ହେଉ ନଥିଲା ।

ଧରାଯାଉ ପୋହଳା ମାଛ ଦୌଡ଼ । କନାର ବଡ଼ ବଡ଼ ନଳିକୁ ମାଛ ଭଳି ରଙ୍ଗ ଦେଇ ପଡ଼ିଆ ମଝିରେ ରଖାଯାଉଥିଲା । ହୁଇସିଲ ବାଜିବା କ୍ଷଣି ପିଲାମାନେ ଏହି ଲମ୍ବା ମାଛ ଯାଏଁ ଦୌଡ଼ିଯିବେ । ମାଛର ମୁହଁ ଭିତରେ ପଶି ଗୁରୁଣ୍ଡି ଗୁରୁଣ୍ଡି ଲାଞ୍ଜ ବାଟେ ବାହାରିବେ । ପୁଣି ଦୌଡ଼ି ଦୌଡ଼ି ଆରମ୍ଭ ଜାଗାକୁ ଫେରିବେ । ଗୋଟିଏ ନାଲି ଓ ଦୁଇଟି ନୀଳ ରଙ୍ଗର ମାଛ ଥିବାରୁ ଏକାଥରେ ମାତ୍ର ତିନିଜଣ ଛୁଆ ଦୌଡ଼ି ପାରୁଥିଲେ । ଏହି ଦୌଡ଼ଟି ସହଜ ମନେ ହେଉଥିଲେ ବି ବେଶ୍ କଷ୍ଟକର ଥିଲା । ନଳିର ଭିତର ପାଖଟା ପୂରା ଅନ୍ଧାର ଥିଲା ଓ ମାଛଗୁଡ଼ିକ ବେଶ୍ ଲମ୍ବା ଥିଲେ । ତେଣୁ ଜଣେ କେଉଁ ଦିଗକୁ ଯାଉଛି ତାହା ଜାଣିବାରେ ଗୋଳମାଳ ହୋଇଯାଏ । ତୋତୋ-ଚାନ୍ ଭଳି କିଛି ପିଲା ବାଟ ଜାଣି ନପାରି ମୁହଁପଟେ ବାହାରି ପଡ଼ୁଥା'ନ୍ତି; ଭୁଲ୍ ବୁଝିପାରି ପୁଣି ଗୁରୁଣ୍ଡି ଗୁରୁଣ୍ଡି ଭିତରେ ପଶିଯାଉଥା'ନ୍ତି । ଏହାକୁ ଦେଖିବାକୁ ଅତି ମଉଜିଆ ଲାଗୁଥିଲା; କାରଣ ପିଲାଏ ମାଛ ଭିତରେ ଗୁରୁଣ୍ଡିଲା ବେଳେ ମାଛଟି ଛାଟିପିଟି ହେଲା ଭଳି ମନେ ହେଉଥିଲା । ଯେପରି ସେଗୁଡ଼ିକ ବଞ୍ଚିଛନ୍ତି ।

ଆଉ ଗୋଟିଏ ଖେଳ ଥିଲା ମା ଖୋଜିବା ଦୌଡ଼ । ହୁଇସିଲ ବାଜିବା କ୍ଷଣି ପିଲାଏ ଦୌଡ଼ି ଯାଇ ଗୋଟିଏ କଡୁଆ ହୋଇ ରହିଥିବା ଶିଡ଼ିର ପହିଗୁଡ଼ିକ ଭିତରେ ଗଳୁଥିଲେ । ଶିଡ଼ି ସେପଟେ ଥିବା ଝୁଡ଼ିରୁ କାଗଜ ଖଣ୍ଡେ ନେଇ ସମସ୍ତେ ପଢୁଥିଲେ । ଯାହା କାଗଜରେ ଲେଖାଥିବ ସାକୋ-ଚାନ୍‌ର ମା, ସେ ଦେଖଣାହାରୀଙ୍କ ଭିତରୁ ସାକୋ-ଚାନ୍‌ର ମା'ଙ୍କ ହାତ ଧରି ଶେଷ ଗାର ଯାଏଁ ଆଣିବ । ଶିଡ଼ି ଭିତରେ ବିଲେଇ ଭଳି ଦେହ ଲମ୍ବାଇ ଗଳି ଯିବାକୁ ହୁଏ । ନହେଲେ ଅଣ୍ଟା ତଳକୁ ଲାଖି ରହିଯିବାର ସମ୍ଭବନା ଥାଏ । ଏହା ଛଡ଼ା ଜଣେ ସାକୋ-ଚାନ୍‌ର ମା'ଙ୍କୁ ହୁଏତ ଭଲରେ ଜାଣି ଥାଇପାରେ । କିନ୍ତୁ ତା' ଭାଗରେ ଯଦି ଅଜଣା ଲୋକଙ୍କ ନାଁ ଲେଖାଥିବା କାଗଜ ପଡ଼େ ? ହୁଏତ 'ଓକୁର ଭଉଣୀ', 'ସୁ'ର ମାଆ ବା 'ଶ୍ରୀମତୀ କୁନିନୋରିଙ୍କ ପୁଅ' ଆଦିଙ୍କୁ ଆଗରୁ କେବେ ସେ ଭେଟି ନଥିବ । ସେପରି ପରିସ୍ଥିତିରେ ସେ ଦେଖଣାହାରୀଙ୍କ ପାଖକୁ ଯାଇ ଜୋର୍‌ରେ ଡାକିବ, 'ଓକୁର ଭଉଣୀ' । ଏଥିପାଇଁ ବହୁତ ଦମ୍ଭ ଦରକାର ହେଉଥିଲା । କାହା କାହା ଭାଗରେ ନିଜ ମାଆଙ୍କ ନାଁ ଲେଖା କାଗଜ ପଡ଼ୁଥିଲା । ସେମାନେ ଖୁସିରେ "ମା ! ମା ! ଜଲଦି ଆସେ !" କହି ଡେଉଁଥା'ନ୍ତି । ଦେଖଣାହାରୀଙ୍କୁ ବି ଏହି ଖେଳ ସମୟରେ ସକ୍ରିୟ ରହିବାକୁ ପଡ଼ୁଥିଲା । ସେମାନଙ୍କ ନାଁ ଯେ କେତେବେଳେ ଡକାହେବ କିଛି କହି ହେଉ ନଥିଲା । ନାଁ ଡକା ହେବାକ୍ଷଣି ସେମାନଙ୍କୁ ଉଠି ଅପେକ୍ଷା କରିଥିବା ପିଲା ପାଖକୁ ଯିବାକୁ ପଡ଼ୁଥିଲା । ସେଠାରୁ ତା' ହାତ ଧରି ଶୀଘ୍ର ଦୌଡ଼ିବାକୁ ପଡ଼ୁଥିଲା । ତେଣୁ ପିଲାଟିଏ ଯେତେବେଳେ ଆସି ଦର୍ଶକଙ୍କ ସାମନାରେ ପହଞ୍ଚୁଥିଲା ସମସ୍ତେ ମନ ଧ୍ୟାନ ଦେଇ, ଗପିବା ବା ଖାଇବା ବନ୍ଦ କରି ଶୁଣିବାକୁ ପ୍ରସ୍ତୁତ ରହୁଥିଲେ । ବଡ଼ମାନଙ୍କୁ ମଧ୍ୟ ଛୁଆଙ୍କ ଭଳି ଏହି ଖେଳରେ ଭାଗ ନେବାକୁ ପଡ଼ୁଥିଲା ।

ଦଉଡ଼ି ଟଣା ଖେଳରେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ପିଲାଙ୍କ ସହ ଦୁଇଟି ଦଳରେ ମିଶୁଥିଲେ । ସେମାନେ ବି "ଭିଡ଼ ! ଭିଡ଼ !" କହି ଦଉଡ଼ି ଟାଣୁଥା'ନ୍ତି । ଏଥିରେ ୟାସୁଆକି-ଚାନ୍ ପରି ବିକଳାଙ୍ଗ ପିଲାମାନେ ଭାଗ ନେଇ ପାରୁ ନଥିଲେ । ସେମାନେ ଦଉଡ଼ି ମଝିରେ ବନ୍ଧା ରୁମାଲ ଉପରେ ନଜର ରଖୁଥିଲେ ଓ ଦେଖୁଥିଲେ କିଏ ଜିତୁଛି ।

ଶେଷରେ ହେଉଥିଲା ରିଲେ ଦୌଡ଼ । ଏଥିରେ ବି ସ୍କୁଲର ସମସ୍ତେ ଭାଗ ନେଉଥିଲେ । ଏହା ବି ତୋମୋଏରେ ଅଲଗା ଧରଣର ଥିଲା । କାହାକୁ ବି ଅତି ବେଶୀ ଦୌଡ଼ିବାକୁ ପଡୁ ନଥିଲା । ଜଣକ ପରେ ଜଣେ ପ୍ରାର୍ଥନା ଘର ଆଗର ଅଧା ଗୋଲ ପାହାଚତକ ଚଢ଼ି ଓହ୍ଲାଇବାକୁ ହେଉଥିଲା । ଅତି ସହଜ ମନେ ହେଉଥିଲେ ବି ଏହା ସେଭଳି ନଥିଲା । ସେଥିରେ ମୋଟରେ ଆଠଟି ପାହାଚ ଥିଲା । ଏଗୁଡ଼ିକ ଖୁବ୍ ଅଣ ଓସାରିଆ ଓ କମ୍ ଉଚ୍ଚର ଥିଲା । ଥରକରେ ଗୋଟିଏରୁ ଅଧିକ ପାହାଚ ଚଢ଼ିବା ବାରଣ ଥିଲା । ତେଣୁ ବଡ଼ମାନଙ୍କୁ ଏହା ବହୁତ ଅଡୁଆ ଲାଗୁଥିଲା । ପିଲାମାନଙ୍କ ପାଇଁ ଏ ପାହାଚ ଚଢ଼ିବା ନିତିଦିନିଆ

କଥା ଥିଲା । ସେମାନେ ଏହାକୁ ଡେଇଁ ପ୍ରତିଦିନ ଖାଇବା ପାଇଁ ଯାଉଥିଲେ । କିନ୍ତୁ ବାର୍ଷିକ ଉତ୍ସବ ଦିନ ଏହି ପାହାଚଗୁଡ଼ିକ କିଛି ନୂଆ କଥା ଭଳି ମନେ ହୁଏ । ଖୁସିରେ ଚିତ୍କାର କରି ପିଲାମାନେ ଉପର ତଳ ହୋଇ ଦୌଡୁଥା'ନ୍ତି । ଦୂରରୁ ମନେ ହେଉଥାଏ ସତେ ଯେପରି ରଙ୍ଗର ଢେଉ ଖେଳି ଯାଉଛି ।

ପ୍ରଧାନ ଶିକ୍ଷକଙ୍କ ଆଶାନୁଯାୟୀ ଖେଳ ଦିନର ପାଗ ତୋତ୍ତୋ-ଚାନ୍ ଓ ସାଙ୍ଗମାନଙ୍କ ପାଇଁ ଖୁବ୍ ବଢ଼ିଆ ଥିଲା । କାଗଜ ତାରା, ମାଳ ଓ ଝାଲର ସବୁକୁ ନେଇ ଆଗଦିନର ସାଜସଜ୍ଜା ସାଙ୍ଗକୁ ଗ୍ରାମୋଫୋନ୍‌ରୁ ଆସିଥିବା ଉଦ୍ଦୀପକ ଗୀତ ମିଶି ଗୋଟିଏ ମେଳାର ପରିବେଶ ଆଣି ଦେଉଥିଲା ।

ସେଦିନ ତୋତ୍ତୋ-ଚାନ୍ ଈଷତ୍ ନୀଳ ରଙ୍ଗର ପ୍ୟାଣ୍ଟ ଓ ଧଳା ରଙ୍ଗର ସାର୍ଟ ପିନ୍ଧି ଯାଇଥାଏ । କିନ୍ତୁ ତା'ର ପୂରା ଇଚ୍ଛା ଥିଲା ବ୍ୟାୟାମ ପୋଷାକ ପିନ୍ଧିବାକୁ । ଏହାର ଗୋଟିଏ ମଜା କାରଣ ଥିଲା । ଦିନେ ସ୍କୁଲରେ ପ୍ରଧାନଶିକ୍ଷକ କେତେଜଣ ଶିକ୍ଷକଙ୍କୁ ଇଉରିଦ୍‌ମିକ୍‌ସ୍ ଶିଖାଉଥିଲେ । ଦିଦିମାନେ ଗୋଡ଼ କଚାଡୁଥିବା ବେଳେ ତାଙ୍କର ପେଣ୍ଡାତଳଗୁଡ଼ିକ ବଡ଼ ସୁନ୍ଦର ଭାବେ ଢଳ ଢଳ ହେଉଥିଲା । ଏହା ତୋତ୍ତୋ-ଚାନ୍‌କୁ ଖୁବ୍ ଭଲ ଲାଗିଲା । ସେ ଘରକୁ ଯାଇ ଜାମା ବଦଳାଇ ତା'ର ପାଦକୁ ଚଟାଣରେ ଧପ୍ ଧପ୍ କରି ବାଡ଼େଇଲା । କିନ୍ତୁ ତା'ର ପିଲାଳିଆ ପେଣ୍ଡାଗୁଡ଼ିକରେ ଜମା ଢେଉ ହେଲା ନାହିଁ । ଅନେକ ଥର ଚେଷ୍ଟା କରିବା ପରେ ସେ ଭାବିଲା ଯେ ଦିଦିମାନେ ପିନ୍ଧିଥିବା ବ୍ୟାୟାମ ପୋଷାକ ଯୋଗୁଁହିଁ ସେପରି ହେଉଥିଲା । ତେଣୁ ସେ ଖେଳ ଦିନରେ ନିଶ୍ଚୟ ସେପରି ପୋଷାକ ପିନ୍ଧିବ ବୋଲି ଠିକ୍ କଲା । କିନ୍ତୁ ତା' ଭଳି ଛୋଟ ମାପରେ ବ୍ୟାୟାମପୋଷାକ ମିଳିଲା ନାହିଁ । ସେ ଅଧା-ପ୍ୟାଣ୍ଟ ପିନ୍ଧିହିଁ ଖେଳିବାକୁ ଗଲା । ତା'ର ଦୁଃଖ ରହିଗଲା ଯେ ଏଥିରେ ଆଉ ପେଣ୍ଡାରେ ଢେଉ ଆସିବ ନାହିଁ ।

ସ୍ପୋର୍ଟସ୍ ଦିନ ଗୋଟିଏ ଆଶ୍ଚର୍ଯ୍ୟ କଥା ଘଟିଲା । ତାକାହାଶି ଯାହାର ହାତ ଗୋଡ଼ ସବୁଠାରୁ ଛୋଟ ଥିଲା ଓ ଯେ ସ୍କୁଲରେ ସବୁଠାରୁ ଗେଡ଼ା ଥିଲା, ସେ ସବୁଥିରେ ପ୍ରଥମ ହେବାରେ ଲାଗିଲା । ଏହା ବିଶ୍ୱାସ କରି ହେଉ ନଥାଏ । ଯେତେବେଳେ ସମସ୍ତେ କନା ମାଛ ଭିତରେ ଏପଟ ସେପଟ ହେଉଥା'ନ୍ତି ସେତେବେଳେ ତାକାହାଶି ଆଖି ପିଛୁଳାକେ ବାହାରିଗଲା । ଅନ୍ୟମାନେ ଶିଡ଼ିରେ କେବଳ ମୁଣ୍ଡ ଗଳାଇଲା ବେଳକୁ ସେ ପୂରା ବାହାରି ଯାଇ କେତେ ବାଟ ଦୌଡ଼ି ସାରିଥାଏ । ପ୍ରାର୍ଥନା ଘର ପାହାଚରେ ରିଲେ ଦୌଡ଼ ସମୟରେ ଅନ୍ୟମାନେ ଗୋଟିଏ ଲେଖା ପାହାଚ ଟପିଲା ବେଳକୁ, ତାକାହାଶି ତା'ର ଟିକି ଟିକି ଗୋଡ଼ଗୁଡ଼ିକରେ ଫଟାଫଟ୍ ଚଢ଼ି ଓହ୍ଲାଇଗଲା ।

''ଆମକୁ ଲାଗିପଡ଼ି ତାକାହାଶିକୁ ହରାଇବାକୁ ପଡ଼ିବ'', ସଭିଏଁ ଏକଥା କହିଲେ । ତାକୁ ହରେଇବାକୁ ଜିଦ୍ ଧରି ପିଲାଏ ପୂରା ଦମ୍‌ରେ ଲାଗିପଡ଼ିଲେ । ସେମାନଙ୍କର ସବୁ ଚେଷ୍ଟା ସତ୍ତ୍ୱେ ତାକାହାଶି ସବୁଥିରେ ଜିଣିଗଲା । ତୋତ୍ତୋ-ଚାନ୍ ବି ବହୁତ ଚେଷ୍ଟା କଲା, କିନ୍ତୁ ସେ କେବେ ବି ତାକାହାଶିକୁ ହରାଇବାକୁ ସକ୍ଷମ ହେଲାନି । ଦୌଡ଼ରେ ସହଜ ଅଂଶରେ ସେମାନେ ତାକୁ ଟପିଲେ ବି କଷ୍ଟ ଭାଗଗୁଡ଼ିକରେ ପଛରେ ପଡ଼ିଗଲେ ।

ତାକାହାଶି ଖୁସି ଓ ଗର୍ବରେ ପୁରସ୍କାର ଆଣିବା ପାଇଁ ଗଲା । ସେ ସବୁଥିରେ ପ୍ରଥମ ହୋଇଥିବାରୁ ଗୋଟାକ ପରେ ଗୋଟିଏ ପୁରସ୍କାର ପାଇ ଚାଲିଥାଏ । ଅନ୍ୟମାନେ ଈର୍ଷାର ସହ ଚାହିଁଥା'ନ୍ତି ।

ପ୍ରତିପିଲା ନିଜକୁ ନିଜେ କହି ଚାଲିଥାଏ, ''ମୁଁ ଆରବର୍ଷକୁ ତାକାହାଶିକୁ ନିଶ୍ଚୟ ହରାଇବି,'' କିନ୍ତୁ ପ୍ରତିବର୍ଷ ତାକାହାଶିହିଁ ଶ୍ରେଷ୍ଠ ଖେଳାଳି ହେଉଥାଏ । ଏଥର ପୁରସ୍କାରଗୁଡ଼ିକ ମଧ୍ୟ ଅଲଗା ଧରଣର ଥିଲା । ପ୍ରଥମ ପୁରସ୍କାର ହୁଏତ ଏକ ବିରାଟ ମୂଳା, ଦ୍ୱିତୀୟ ପୁରସ୍କାର କହିଲେ ଦୁଇଟି କାକୁଡ଼ି ଓ ତୃତୀୟ ପୁରସ୍କାର ବିଡ଼ାଏ ଶାଗ । ବେଶ୍ ବଡ଼ ହେବା ଯାଏଁ ତୋତ୍ତୋ-ଚାନ୍ ଭାବୁଥିଲା ଯେ ସବୁ ସ୍କୁଲରେ ପରିବାପତ୍ରହିଁ ପୁରସ୍କାର ହିସାବରେ ଦିଆଯାଏ ।

ଅନ୍ୟ ସ୍କୁଲରେ ଖାତା, ପେନ୍‌ସିଲ, ରବର ଆଦି ପୁରସ୍କାର ଦେଉଥିଲେ । ତୋମୋଏର ପିଲାଏ ଏକଥା ଜାଣି ନଥିଲେ । ତଥାପି ସେମାନେ ପରିବା ପୁରସ୍କାରରେ ଖୁସି ନଥିଲେ । କଖାରୁ ଓ ପିଆଜ ପୁରସ୍କାରକୁ ଧରି ରେଳରେ ଘରକୁ ଯିବା ପାଇଁ ତୋତ୍ତୋଚାନ୍‌କୁ ଅଡୁଆ ଲାଗିଲା । ବିଭିନ୍ନ କାମ ପାଇଁ ଅନେକ ପୁରସ୍କାର ଦିଆଯାଉଥିଲା । ତେଣୁ ଖେଳ ଶେଷ ବେଳକୁ ତୋମୋଏର ସବୁ ପିଲା କିଛି କିଛି ପରିବା ପାଉଥିଲେ । ପରିବା ଧରି ଘରକୁ ଫେରିବାଟା କିନ୍ତୁ ପିଲାଙ୍କୁ ଖୁବ୍ ଅଖାଡୁଆ ଲାଗୁଥିଲା । ବଜାରରୁ ପରିବା କିଣିଆଣିବା ପାଇଁ ପିଲାଙ୍କର କିଛି କୁଣ୍ଠା ନଥିଲା । ହେଲେ ସ୍କୁଲରୁ ପରିବା ନେଇ ଘରକୁ ଫେରୁଥିବାର ଦେଖିଲେ ଦେଖିବା ଲୋକ ଭାବିବ କ'ଣ !

କୋବିଟିଏ ପାଇଥିବା ଜଣେ ମୋଟା ପିଲା ତାକୁ ନେଇ କ'ଣ କରିବ କିଛି ଭାବି ପାରିଲା ନାହିଁ ।

''ଏଇଟାକୁ ଧରି ମୁଁ ଯାଇପାରିବିନି'', ସେ କହିଲା, ''ଭାବୁଛି ଫିଙ୍ଗି ଦେବି ।''

ପ୍ରଧାନ ଶିକ୍ଷକ ବୋଧେ ପିଲାଙ୍କ ଅଭିଯୋଗ ଶୁଣିପାରିଲେ । ମୂଳା, ଗାଜର ଆଦି ଧରିଥିବା ପିଲାଙ୍କ ପାଖକୁ ଯାଇ ସେ ପଚାରିଲେ, ''କ'ଣ ହେଲା ? ମନକୁ ଆସୁ ନାହିଁ ?'' ସେ କହିଚାଲିଲେ, ''ମା'ଙ୍କୁ କହିବ ଆଜି ରାତିରେ ସେ ଏସବୁ ରାନ୍ଧିବେ । ଏହି ପରିବାଗୁଡ଼ିକ ତୁମେ ନିଜେ ଅର୍ଜିଛ । ତୁମେ ନିଜ ଚେଷ୍ଟା ବଳରେ ଘର ପାଇଁ ଆଜି ଖାଇବା ଯୋଗାଉଛ । ଦେଖିବ, ନିଶ୍ଚୟ ଖୁବ୍ ସୁଆଦ ଲାଗିବ ।''

ବାସ୍ତବିକ ସେ ଠିକ୍ କହୁଥିଲେ । ତୋତ୍ତୋ-ଚାନ୍ ଓ ଆଉ ସବୁ ପିଲା ପ୍ରଥମ ଥର ପାଇଁ ଘରର ରୋଷେଇକୁ କିଛି ଜିନିଷ ଦେଉଛନ୍ତି ।

ତୋତ୍ତୋ-ଚାନ୍ କହି ପକାଇଲା, ''ମୁଁ ଆଜି ମା'ଙ୍କୁ କଖାରୁ ସନ୍ତୁଳା କରିବାକୁ କହିବି । ପିଆଜଟା କ'ଣ ହେବ ପରେ କହିବା ।'' ଅନ୍ୟମାନେ ମଧ୍ୟ ତାଙ୍କ ପରିବାରେ କ'ଣ କରାହେବ ସେକଥା ପ୍ରଧାନ ଶିକ୍ଷକଙ୍କୁ କହି ଚାଲିଲେ ।

''ବଢ଼ିଆ ! ଏବେ ଯାଇ କଥାଟା ତୁମେ ବୁଝିଲ ।'' ଏକଥା କହିଲା ବେଳକୁ ଖୁସିର ହସରେ ତାଙ୍କ ମୁହଁ ନାଲି ପଡ଼ିଗଲା । ସେଦିନର ଖେଳକୁଦ ବିଷୟରେ କଥା ହେଉ ହେଉ ଘର ଲୋକଙ୍କ ସହିତ ପିଲାମାନେ ତାଙ୍କର ପରିବା ଖାଉଥିବାର ସେଇ ଖୁସିର ଦୃଶ୍ୟ ବୋଧହୁଏ ସେ କଳ୍ପନା କରୁଥିଲେ ।

ତାକାହାଶିର କଥା ସେ ନିଶ୍ଚୟ ଅଧିକ ଭାବୁଥିଲେ । ତା'ର ଖାଇବା ଟେବୁଲ ଗଦାଏ ପ୍ରଥମ ପୁରସ୍କାରରେ ଭରି ଯାଇଥିବ । ତା'ର ମନଟା ବି ବିଶ୍ୱାସ ଓ ଖୁସିରେ ଫୁଲି ଉଠିଥିବ । ତା'ହେଲେ ସେ ନିଜର ଆକାର ଓ ନବଢ଼ିବାର ଭୟରେ ଦବିଯିବ ନାହିଁ । କିଏ ଜାଣେ, ପ୍ରଧାନ ଶିକ୍ଷକ ହୁଏତ ଜାଣି ଜାଣି ଏଭଳି ଖେଳ ସବୁ ବାଛିଥିଲେ; ଯେପରି ତୋମୋଏ ଢାଞ୍ଚାର ସ୍ୱତନ୍ତ୍ର ଖେଳଗୁଡ଼ିକରେ ତାକାହାଶି ହିଁ ପ୍ରଥମ ହେବ ।

**କବି ଇଶା**

ତୋମୋଏର ପିଲାମାନେ ପ୍ରଧାନ ଶିକ୍ଷକଙ୍କୁ ''ଇଶା କୋବାୟାଶି'' ବୋଲି ଡାକିବାକୁ ଭଲ ପାଉଥିଲେ । ତାଙ୍କ ନାଁରେ ସେମାନେ ସ୍ନେହଭରା ଗୀତ ବି ଲେଖିଥିଲେ !

''ଇଶା କୋବାୟାଶି !
ଇଶା ତ ଆମର ବୁଢ଼ା ଭାଇ
ମୁଣ୍ଡରେ ତାଙ୍କର ବାଳ ନାହିଁ ।''

ଏହାର କାରଣ ହେଉଛି ପ୍ରଧାନ ଶିକ୍ଷକଙ୍କ ସାଙ୍ଗିଆ ଥିଲା କୋବାୟାଶି । ଏହା ଜଣେ ପ୍ରସିଦ୍ଧ ପୁରୁଣା କବି ଇଶା କୋବାୟାଶିଙ୍କ ନାଁ ପରି । ପ୍ରଧାନ ଶିକ୍ଷକଙ୍କୁ ସେହି କବିଙ୍କର ହାଇକୁ (ଜାପାନୀ ଢଗ)ଗୁଡ଼ିକ ଖୁବ୍ ଭଲ ଲାଗୁଥିଲା । ଅନେକ ସମୟରେ ସେ ଏସବୁ ଗାଉଥିଲେ । ତେଣୁ ପିଲାଙ୍କୁ ଲାଗୁଥିଲା ତାଙ୍କ ପ୍ରଧାନ ଶିକ୍ଷକ ସୋସାକୁ କୋବାୟାଶିଙ୍କ ଭଳି କବି ଇଶା କୋବାୟାଶି ବି ତାଙ୍କର ଜଣେ ସାଙ୍ଗ ।

ଇଶାଙ୍କ ଗୀତ ସବୁ ଜୀବନର ସତ ଓ ସାଧାରଣ କଥା ଉପରେ ଲେଖାଥିଲା । ତେଣୁ ପ୍ରଧାନ ଶିକ୍ଷକଙ୍କୁ ଭଲ ଲାଗୁଥିଲା । ସେ ସମୟରେ ହଜାର ହଜାର କବି ଏଭଳି ଢଗ ଲେଖୁଥିଲେ । କିନ୍ତୁ ଇଶାଙ୍କର ଭାବ ଓ ଶୈଳୀକୁ ଅନ୍ୟ କେହି ନକଲ କରି ପାରୁନଥିଲେ । ତାଙ୍କ ଗୀତର ଶିଶୁସୁଲଭ ସରଳତା ପ୍ରଧାନ ଶିକ୍ଷକଙ୍କର ମନକୁ ଛୁଉଁଥିଲା । ତେଣୁ ଯେବେ ସୁବିଧା ପାଉଥିଲେ ସେ ତାଙ୍କ ପିଲାଙ୍କୁ ଇଶାଙ୍କ ଗୀତ ଶିଖାଉଥିଲେ । ପିଲାମାନେ ବି ଏଗୁଡ଼ିକୁ ପୂରା ମୁଖସ୍ଥ କରିଦେଉଥିଲେ । ଏଥିରୁ କିଛି ଥିଲା :

''ପତଳା ବେଙ୍ଗ, ନୁଆଁନି ମୁଣ୍ଡ,
ଇଶା ତୋ ପାଖେ ଠିଆ
ଉଡ଼ ଚଟିଆ
ବାଟ ଖୋଲିଯା,
ଘୋଡ଼ା ପାଇଁ ବାଟ ଛାଡ଼,
ମାଛିକୁ ଛାଡ଼,
ହାତ ହଲାଏ, ପାଦ ହଲାଏ,
ସେ ଚାହେଁ ତୁମ ଦୟା ।''

ତୋତ୍ତୋ-ଚାନ୍ ତା'ର ପ୍ରଥମ ହାଇକୁ ଲେଖିଲା ନୋରାକୁରୋକୁ ନେଇ । ନୋରାକୁରୋ ଥିଲା ଗୋଟିଏ ବୁଲା କଳା କୁକୁର । ସେନାବାହିନୀରେ ସାଧାରଣ ସିପାହୀରୁ ଆରମ୍ଭ କରି ସେ କ୍ରମେ ଉପରକୁ ଉଠିଥିଲା । ଏହି କାହାଣୀଟି ପିଲାଙ୍କର ଖୁବ୍ ପ୍ରିୟ ଥିଲା । ତୋତ୍ତୋ-ଚାନ୍ ଲେଖିଲା :

''କଳା ବୁଲା କୁକୁର
ବାହାରିଛି ଏବେ ବିଦେଶ ବୁଲି

ସିପାହୀ ବେଶକୁ ଛାଡ଼ି ।''

ଥରେ ପ୍ରଧାନ ଶିକ୍ଷକ ଗୀତର ସ୍ୱରଟିଏ ତିଆରି କଲେ ଏବଂ ପିଲାମାନେ ତାକୁ ମିଶି ଗାଇଲେ ।

ପ୍ରଧାନ ଶିକ୍ଷକ ମଝିରେ ମଝିରେ ହାଇକୁ କ୍ଲାସ ବି କରୁଥିଲେ, ଯଦିଓ ତାହା ପାଠ୍ୟକ୍ରମରେ ନଥିଲା ।

ସୋସାକୁ କୋବାୟାଶି




ପ୍ରଧାନ ଶିକ୍ଷକ କହିଥିଲେ, ''ତୁମ ମନକଥାକୁ ନେଇ ଏକ ସରଳ ଓ ସାଦାସିଧା ହାଇକୁ ଲେଖ ।'' ତୋତ୍ତୋ-ଚାନ୍‌ର ଲେଖାଟିକୁ ଏକ ଠିକ୍ ହାଇକୁ କହିହେବ ନାହିଁ । କିନ୍ତୁ ସେଥିରୁ କ'ଣ ତା'ର ମନକୁ ଛୁଉଁଥିଲା ତାହା ଜାଣି ହେଉଥିଲା । ତା'ର ହାଇକୁରେ ଶବ୍ଦ ସଂଖ୍ୟା ଠିକ୍ ନଥିଲା । ତେବେ ଇଶାଙ୍କର ହାଇକୁରେ ମଧ୍ୟ ଶବ୍ଦ ସଂଖ୍ୟା ସବୁବେଳେ ସ୍ଥିର ନଥିଲା । ତେଣୁ ତୋତ୍ତୋ-ଚାନ୍ ଭାବିଲା ତା'ର ଲେଖାରେ ବି ଏହା ଚଳିବ ।

କୁହୋନ୍‌ବୁତ୍‌ସୁ ମନ୍ଦିରକୁ ବୁଲି ଯିବାବେଳେ ବା ବର୍ଷା ଯୋଗୁଁ ବାହାରେ ଖେଳି ନହେଲା ବେଳେ ତୋମୋଏର ଇଶା କୋବାୟାଶି ପିଲାଙ୍କୁ ହାଇକୁ ବିଷୟରେ କହୁଥିଲେ । ସେ ହାଇକୁ ବ୍ୟବହାର କରି ଜୀବନ ଓ ପ୍ରକୃତି ବିଷୟରେ ନିଜ ଚିନ୍ତାକୁ ବୁଝାଇ ଦେଉଥିଲେ ।

ଇଶାଙ୍କର କେତେକ ହାଇକୁ ତୋମୋଏକୁ ଲକ୍ଷ୍ୟ କରି ଲେଖାହେଲା ଭଳି ମନେ ହେଉଥିଲା ।

''ବରଫ ତରଳିଲା ଭାଇ
ବରଫ ତରଳିଲା,
ଗାଁ ସାରା ଭରିଗଲେ
ପିଲା ଆଉ ପିଲା ।''

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

ଖେଳୁଆଡ଼ ମନୋଭାବରେ ଯେଉଁସବୁ ଗୁଣ ଅନ୍ତର୍ଗତ, ସେଗୁଡ଼ିକ ହେଉଛି – ସୁସ୍ଥ, ସରଳ ଅକପଟତା, ସବୁ ବିଷୟରେ ଏକ ସହିଷ୍ଣୁ ଓ ବିଚାରବନ୍ତ ଭାବ, ପ୍ରତିଦ୍ୱନ୍ଦ୍ୱୀ ଓ ପ୍ରତିଯୋଗୀମାନଙ୍କ ସଂପର୍କରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଉଚିତ ମନୋଭାବ, ଆତ୍ମସଂଯମ ଓ ଖେଳର ନିୟମଗୁଡ଼ିକର ନିଷ୍ଠାପର ପାଳନ, ନ୍ୟାୟୋଚିତ ଖେଳ, ଅସଦୁପାୟର ବର୍ଜନ, ସମଭାବ ନେଇ ଜୟ ଓ ପରାଜୟକୁ ଗ୍ରହଣ କରିବା, ବିଜୟୀ ପ୍ରତିଯୋଗୀମାନଙ୍କ ପ୍ରତି କୌଣସି ବିଦ୍ୱେଷ ବା ଅସଦିଚ୍ଛା ପୋଷଣ ନ କରିବା, ନିଯୁକ୍ତ ରେଫରି, ମଧ୍ୟସ୍ଥ ବା ବିଚାରକଙ୍କର ନିଷ୍ପତ୍ତିକୁ ଅକୁଣ୍ଠ ଚିତ୍ତରେ ମାନିନେବା । କେବଳ କ୍ରୀଡ଼ା କ୍ଷେତ୍ରରେ ନୁହେଁ, ସାଧାରଣଭାବେ ଜୀବନକ୍ଷେତ୍ରରେ ମଧ୍ୟ ଏହି ଗୁଣଗୁଡ଼ିକର ଅନେକ ମୂଲ୍ୟ ରହିଛି, କିନ୍ତୁ ଏହି ଗୁଣଗୁଡ଼ିକର ବିକାଶ ପାଇଁ ଖେଳ-କସରତ ଯେପରି ସାହାଯ୍ୟ କରିପାରେ ତାହା ପ୍ରତ୍ୟକ୍ଷ ଓ ଅମୂଲ୍ୟ ।

– ଶ୍ରୀଅରବିନ୍ଦ

# ରାଧୁଆ କରଣ

ନରୋତ୍ତମପୁର ଗ୍ରାମରେ ବାପ ଛେଉଣ୍ଡ ରାଧୁଆ ତା'ର ମାଆ ସହିତ ରହୁଥିଲା । ସ୍ୱାମୀକୁ ହରାଇ ମାଆ ରାଧୁଆ ମୁହଁଟି ଚାହିଁ କାଳ କାଟୁ ଥାଆନ୍ତି । ରାଧୁଆ ଭାରି ଗେଲବସର ହୋଇଥାଏ, କିଛି କରେ ନାହିଁ ଅଠର ବର୍ଷର ଖୁଙ୍କୁମଟାଏ । ତାକୁ ଯେତେବେଳେ ତିନି ବର୍ଷ ସେତେବେଳେ ବାପଟି ବସନ୍ତ ରୋଗରେ ମରିଗଲା । ସେହି ଦିନଠାରୁ ମାଆ ବାର ଘରେ ବାର ପାଇଟି କରି ଯାହା ଆଣେ ସେଥିରେ ମାଆ ପୁଅ ଦୁହେଁ ଖୁସିରେ ଚଳୁଥିଲେ । ମାତ୍ର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଖାଦ୍ୟ ପରିମାଣ ବଢ଼ିଲା । ରାଧୁଆ କିଛି କାମ କରେ ନାହିଁ । ଖାଲି ପିଲାଙ୍କ ସହିତ ଖେଳେ ।

ଖେଳୁ ଖେଳୁ ଦେଖିଲା ଗୋଟିଏ ଶବ ଯାଉଛି । ''ରାମ ନାମ ସତ୍ୟହେ, ହରିନାମ ସତ୍ୟହେ'' କହି ଖଇ ପଇସା ବିଞ୍ଚା ହେଉଛି, ରାଧୁଆ ଯାଇ ପଇସା ଖୁଣ୍ଟିଲା । ଶବଟି ବହୁତ ଦୂରକୁ ଚାଲିଗଲା । ରାଧୁଆ ଭାବିଲା ମୁଁ ବି ଦିନେ ଏମିତି ମରିଯିବି । ଆଉ ଏମିତି ଖଇ ପଇସା ବିଞ୍ଚୁଡ଼ା ଯିବ । ଆଚ୍ଛା, ମୁଁ କେଉଁଦିନ ମରିବି, ଯାଏ ଜ୍ୟୋତିଷଙ୍କୁ ପଚାରି ଆସେ । ଏହା ଭାବି ଜ୍ୟୋତିଷ ପଠାଣି ନାହାକ ଘରକୁ ଦୌଡ଼ିଲା । ଯାଇ ପଚାରିଲା –''କେଉଁଦିନ ମରିବି ଜ୍ୟୋତିଷେ ?'' ଏକଥା ଶୁଣି ଜ୍ୟୋତିଷ କାବା, ଏତେ ବଡ଼ ଭେଣ୍ଡିଆଟା କେଉଁଦିନ ମରିବ ପଚାରିବାକୁ ଆସିଛି, ଏଟା ବୁଦ୍ଧୁଟାଏ ନା କ'ଣ ମ ...

ଜ୍ୟୋତିଷ ଭାବି ଚିନ୍ତି କହିଲେ, ''ଯାଆ, ଯେଉଁଦିନ ତୁ ଦୁଇଟା ଚନ୍ଦ୍ର ଦେଖିବୁ ସେଦିନ ମରିବୁ ।'' ଚନ୍ଦ୍ର ନାଁ ଶୁଣି ରାଧୁଆ ପଚାରିଲା, ''ଚନ୍ଦ୍ର କ'ଣ ?'' ଜ୍ୟୋତିଷ କହିଲେ, ''ଆରେ ମୂର୍ଖ ଚନ୍ଦ୍ର ମାନେ ଜହ୍ନ । ରାତିରେ ଆକାଶରେ ପଡ଼େ ।'' ''ଆଚ୍ଛା ଆଚ୍ଛା ବୁଝିଲି ।'' ରାଧୁଆ ଦଣ୍ଡବତ କରି ଘରକୁ ଫେରିଲା, ଘରକୁ ଆସି ମାଆକୁ କହିଲା, ''ମାଆ ମୁଁ ମରିବି, ଯେଉଁଦିନ ଦୁଇଟା ଚନ୍ଦ୍ର ଦେଖିବି ସେଦିନ ମରିବି । ଆଉ ତୁ ଖଇ ପଇସା ରଖ ମୁଁ ମଲାପରେ ରାସ୍ତାରେ ଫୋପାଡ଼ି ଫୋପାଡ଼ି ଯିବୁ'' ।

– ଆରେ ଇଏ କି କଥା ? ଏପରି କଥା ତୁଣ୍ଡରେ ଧରନ୍ତି ?

ମାଆର କଥା ଶୁଣି ରାଧୁଆ ଭାବିଲା ମାଆ ମତେ ମରିବାକୁ ଛାଡ଼ିବ ନାହିଁ । ଏଣୁ ଯେଉଁଦିନ ମୁଁ ଦୁଇଟା ଜହ୍ନ ଦେଖିବି ସେଦିନ ଲୁଚିକରି ପଳାଇବି । ମାଆ ଦେଖିପାରିବ ନାହିଁ । ମନେ ମନେ ଏମିତି ଭାବି ରହିଲା ।

ସେଦିନ ପୂର୍ଣ୍ଣମୀ ହୋଇଥାଏ । ବାଡ଼ିରେ ଜହ୍ନ ଆଲୁଅ ପଡ଼ି ଚାରିଆଡ଼ ଆଲୋକମୟ ହୋଇଥାଏ । କୂଅ ଉପରେ ବସି ରାଧୁଆ ପିଠା ଖାଉଥାଏ । ମାଆ ତା'ର ପିଠାକରି ଗୋଟିଏ ଗୋଟିଏ ଦେଉଥାଏ । ପିଠା ଖାଇସାରି ପାଣି ପିଇବ ବୋଲି ଦେଖେ ତ ମାଠିଆରେ ପାଣି ନାହିଁ । ତାକୁ ଧରି କୂଅରୁ ପାଣି ଆଣିବାକୁ ଯାଇ ଦେଖେ ତ କୂଅ ଭିତରେ ଗୋଟିଏ ଜହ୍ନ ଆଉ ଆକାଶରେ ଗୋଟିଏ ଜହ୍ନ । କିଛି ସମୟ ଉପରକୁ ତ କିଛି ସମୟ କୂଅ ଭିତରକୁ ଅନାଇ ଅନାଇ ଶେଷରେ ଜାଣିଲା ଯେ ସେ ଆଜି ମରିବ । ମାଆକୁ କହିଲେ ତ ଶ୍ମଶାନକୁ ଛାଡ଼ିବ ନାହିଁ । ତେଣୁ କିଛି ନକହି ଘରୁ ବାହାରକୁ ଯାଇ ରାସ୍ତାରେ ସିଧା ସିଧା ଶ୍ମଶାନକୁ ଚାଲିଲା । ନଈ ପାରି ହେଲେ ଶ୍ମଶାନ ପଡ଼େ । ନଈ ନିକଟରେ ପହଞ୍ଚିଲା ରାଧୁଆ । ନଈପାର ହେବ କେମିତି ଜାଣି ନାହିଁ । ହେଲେ ପହଁରା ଶିଖି ଥାଆନ୍ତା କି ? ତା' ବି ତ ଶିଖିନି କ'ଣ କରିବ । ଶେଷରେ ପାଣି ଭିତରେ ପଶିଲା । ମାତ୍ର ବେକେ ପାଣି ହେଲା । ଶ୍ମଶାନରେ ପହଞ୍ଚିଲା, ଗାତ କେମିତି ଖୋଳିବ ? ଏଆଡ଼େ ସେଆଡ଼େ ଚାହିଁଲା, ଦେଖିଲା ପାଖରେ ଗୋଟିଏ ଛେଲୁଆ ପଡ଼ିଛି, ସେଥିରେ ଗାତ ଖୋଳିଲା । ବାଲି ହୋଇଥିବାରୁ ଶୀଘ୍ର ଖୋଳି ହୋଇଗଲା । ଆଣ୍ଠୁଏ ଯାଏ ଗାତ ଖୋଳି ତା' ଭିତରେ ବସି ରହିଲା ହୁଣ୍ଡା ରାଧୁଆ । କ୍ରମେ ରାତି ବାରଟା କି ଗୋଟେ ହେବ, ଦଳେ ଲୋକ ସେହି ବାଟ ଦେଇ କଥାବାର୍ତ୍ତା ହୋଇ ଯାଉଥାଆନ୍ତି । ଜଣେ ଲୋକ ଦେଖିଲା ରାସ୍ତାଠାରୁ ପାଞ୍ଚ ହାତ ଦୂରରେ କିଏ ଗୋଟିଏ ଯେମିତି ମୁଣ୍ଡ ଟେକି ଉପରକୁ ଅନାଇଛି । ପୁଣି ଗାଡ଼ ଭିତରେ । ଏହା ଦେଖି ସେ ଅନ୍ୟମାନଙ୍କୁ କହିଲା, ସମସ୍ତେ ଏହା ଦେଖି ସେଠାକୁ ଗଲେ ।

ଯାଇ ଦେଖିଲେ ଲୋକଟି ସେମିତି ସେହି ଗାଡ଼ରେ ବସିଛି । ଜଣେ ପଚାରିଲେ, ''ତୁ କିଏ ? ଏଠାରେ କାହିଁକି ବସିଛୁ ?'' ସେ ତ ଆଉ କେହି ନୁହେଁ ରାଧୁଆ । ରାଧୁଆ ସମସ୍ତ କଥା କହି ଦେଲା । ତା' କଥା ଶୁଣି ସମସ୍ତେ ଠୋ ଠୋ

ହୋଇ ହସି ଉଠିଲେ । କହିଲେ ଆରେ ମରିବୁ ପଛରେ, ଆମ ସାଙ୍ଗରେ ଆ' ଗୋଟିଏ ଜାଗାକୁ ଯିବା ।

''କେଉଁଠିକି ଯିବି ? ମୁଁ ପରା ମରିବି ?'' ଜ୍ୟୋତିଷ କହିଥିଲେ ।

— ଆରେ ସେ ତୋତେ ମିଛରେ କହିଲେ, ଦୁଇଟା ଚନ୍ଦ୍ର ଦେଖିବା ମିଛ । ଆକାଶରେ ଥିବା ଚନ୍ଦ୍ରର ଛାଇ ପଡ଼ିଥିଲା କୂଅ ପାଣିରେ ।

— ତାହାହେଲେ ମୁଁ ମରିବି ନାହିଁ ଆଜି ?

— ନା... ଆମ କଥା ମାନି ଆମ ସାଙ୍ଗରେ ଚାଲ ତୁ ବି କିଛି ଭାଗ ପାଇବୁ । ଏହା ଶୁଣି ରାଧୁଆ କହିଲା, ତୁମେ କ'ଣ ସବୁ କହୁଛ ମୁଁ କିଛି ବୁଝିପାରୁ ନାହିଁ । ସେଠୁ ସେମାନେ କହିଲେ, ଆମେ ହେଉଛୁ ଚୋର । ଆର ସାହିର ପ୍ରଧାନ ଘରକୁ ଚୋରି କରିବା ନିମନ୍ତେ ଯାଉଛୁ । ତୁ ଆମ ସାଙ୍ଗରେ ଚାଲ । ଯାହା ପାଇବୁ ତୋତେ ସେଥିରୁ କିଛି ଦେବୁ । ହଁ ମନେ ରଖିଥା, ଭାରି ଭାରି ଜିନିଷ ଉଠାଇବୁ । ରାଧୁଆ କରଣ 'ହଁ' ଭରି ତାଙ୍କ ସଙ୍ଗରେ ଚାଲିଲା ।

ପ୍ରଧାନ ଘର ନିକଟରେ ଅଟକିଲେ ସେମାନେ । ରାତି ନିଃଶବ୍ଦ ହୋଇ ଯାଇଥାଏ । କାନ୍ଥରେ ସିନ୍ଧି କରାଗଲା । ପ୍ରଥମେ ରାଧୁଆକୁ ସିନ୍ଧିଗାତ ଭିତରେ ପଶି ସମସ୍ତେ ଶୋଇଛନ୍ତି ନା ନାହିଁ ଦେଖିବାକୁ କହିଲେ । ରାଧୁଆ ପଶି ଦେଖିଲା ସମସ୍ତେ ଶୋଇ ଯାଇଛନ୍ତି । ସେ ଚୋରମାନଙ୍କୁ କହିଲା ସମସ୍ତେ ଶୋଇ ଗଲେଣି । ଭାଇମାନେ ଶୀଘ୍ର ଆସ । ଚୋରମାନେ ଘରେ ପଶି ଗଲେ । କେଉଁଠି ସୁନା, ରୁପା, ରେଡ଼ିଓ ଇତ୍ୟାଦି ଇତ୍ୟାଦି ମୂଲ୍ୟବାନ୍ ଜିନିଷ ଅଣ୍ଟାଳି ଅଣ୍ଟାଳି ସାଉଁଟି ରଖୁଥାଆନ୍ତି । ଏଣେ ଚୋରମାନଙ୍କ କଥାନୁସାରେ ରାଧୁଆ ଭାରି ଜିନିଷ ବୋଲି ଗୋଟିଏ ଶିଳ ଉଠାଇ ଚୋରମାନଙ୍କ ନିକଟକୁ ଆସିଲା । ଚୋରମାନେ କହିଲେ, ହଇରେ ମୂର୍ଖ, ଏସବୁ ଭାରି ଜିନିଷ ନୁହେଁ । ସୁନା, ରୁପା ଏହିସବୁ । ତହୁଁ ପ୍ରଧାନ ଘର ଠାକୁର ଘରେ ପଶିଗଲା ରାଧୁଆ । ଠାକୁର ଘରେ ବାସନ କୁସନ ଥାଏ । ରାଧୁଆ ଆଖିରେ ଗୋଟିଏ ମୃଦଙ୍ଗ ପଡ଼ିଗଲା । ତହୁଁ ରାଧୁଆର ଗାଁ ଚଉପାଢ଼ିରେ ହେଉଥିବା କୀର୍ତ୍ତନ କଥା ମନେ ପଡ଼ିଗଲା । ସେଠୁ ମୃଦଙ୍ଗଟାକୁ କାନ୍ଧରେ ପକାଇ ଦୁମ୍ ଦୁମ୍ ଦି'ଟା ବାଡ଼େଇ ଦେଲା । ଆରେ ଭଲ ବାଜୁଛି ତ ? ଆଉ ଯାଏ କୁଆଡ଼େ, ମୃଦଙ୍ଗ ବଜାଇବାରେ ଲାଗିଗଲା ।

ମୃଦଙ୍ଗ ଶବ୍ଦ ଶୁଣି ପ୍ରଧାନ ଘରର ଲୋକମାନେ ଉଠିପଡ଼ି 'ଚୋର' 'ଚୋର' ବୋଲି ପାଟିକଲେ । ଗାଁରୁ ଲୋକମାନେ ଦୌଡ଼ିଆସି ଚୋରଗୁଡ଼ାକୁ ଧରିଲେ । ମାତ୍ର ଏସବୁ କାଣ୍ଡ ଘଟୁଥିବା କଥା ରାଧୁଆ ଜାଣିପାରୁ ନଥାଏ । ସେ ତା'ର ମୃଦଙ୍ଗ ବଜାଇବାରେ ବ୍ୟସ୍ତ । ଶେଷରେ ଲୋକେ ରାଧୁଆକୁ ଧରିବାକୁ ଆସି ଦେଖିଲେ ରାଧୁଆ ମୃଦଙ୍ଗ ବଜାଉଛି । କୌଣସି ଆଡ଼କୁ ତା'ର ନଜର ନାହିଁ । ଲୋକମାନେ ଭାବିଲେ ଏଟା ବୋକାଟା, ନହେଲେ ଚୋରି କରିବାକୁ ଆସି ମୃଦଙ୍ଗ ବଜାଇ ଥାଆନ୍ତା ? ଲୋକ କହିଲେ ଏ ଜଣେ ସୁ-ରସିକ । ଏମିତି କୁହାକୁହି ହେଇ ରାଧୁଆକୁ ଧରିଲେ । ରାଧୁଆ କିନ୍ତୁ ଛାଟିପିଟି ହୋଇ ଆଖିବୁଜି ମୃଦଙ୍ଗ ବଜାଉଥାଏ । ସମସ୍ତେ ମିଳିମିଶି ତା'ଠାରୁ ଜବରଦସ୍ତ ମୃଦଙ୍ଗ ଛଡ଼ାଇବାରୁ ରାଧୁଆର ଚେତା ଫେରିଲା ।

କହିଲା — ଆରେ ସେଟା ଦିଅ, ମୁଁ ଚୋରି କରିବି ପରା, ମୋର ସେ ସାଙ୍ଗମାନେ କୁଆଡ଼େ ଗଲେ ?

ସେତେବେଳକୁ ଚୋରମାନଙ୍କ ଉପରେ ଜୋର୍‌ରେ ମାଡ଼ ଚାଲିଥାଏ । ଚୋରମାନେ ରାଗି ରାଧୁଆକୁ ମାରି ଦେବେ ବୋଲି ଭାବୁଥାଆନ୍ତି, କିନ୍ତୁ ଲୋକମାନେ ରାଧୁଆ ଯୋଗୁଁ ସମସ୍ତ ଧନ ଫେରି ପାଇଥିବାରୁ ଏବଂ ତା'ଠାରୁ ସମସ୍ତ ଘଟଣା ଶୁଣି ତାକୁ ନେଇ ତାଙ୍କ ଘରେ ଛାଡ଼ି ଦେଲେ ଏବଂ ଏପରି ଓଲା ରାଧୁଆ କଥା ଶୁଣି ହସି ହସି ଘରକୁ ଫେରିଲେ ।

(ସୌଜନ୍ୟ : 'ଅଠର ଓଲା ରହସ୍ୟ') ❑

ପୃଥିବୀପୃଷ୍ଠରେ ଭୌତିକ ଭାବେ, ବାସ୍ତବତଃ, କୃତଜ୍ଞତାରେହିଁ ଜଣେ ଶୁଦ୍ଧତମ ଆନନ୍ଦର ଉତ୍ସକୁ ଆବିଷ୍କାର କରିଥାଏ ।

— ଶ୍ରୀମା

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଚୈତ୍ୟ, ଅଧ୍ୟାତ୍ମ ଓ ଅତିମାନସ ରୂପାନ୍ତରର ସ୍ୱରୂପ କ'ଣ ?*

### ଚୈତ୍ୟ ରୂପାନ୍ତର

ଉତ୍ତର : ମନ, ପ୍ରାଣ ଏବଂ ଶରୀରର ଚେତନା ନିଜର ସୀମାକୁ ଭାଙ୍ଗି ନିମ୍ନ ଧର୍ମକୁ ତ୍ୟାଗ କରନ୍ତି ଏବଂ ସେସବୁ ମଧ୍ୟରେ ହେଉଥିବା ନିମ୍ନ ଶକ୍ତିର କ୍ରିୟା – କାମନା-ବାସନା, ଈର୍ଷା-ଦ୍ୱେଷ, କାମ-କ୍ରୋଧାଦିକୁ ବର୍ଜନ କରନ୍ତି ଓ ବିସ୍ତୃତ ହୋଇ ଅଖଣ୍ଡ ଚୈତ୍ୟସତ୍ତା ସଙ୍ଗେ ଏକ ହୋଇଯାଆନ୍ତି । ଏସବୁର ଧର୍ମ ହୋଇଯାଏ ଚୈତ୍ୟସତ୍ତାର ଧର୍ମ । ଚୈତ୍ୟସତ୍ତା ତାଙ୍କ ନିଜ ସ୍ୱଭାବରେ ଭଗବାନଙ୍କ ପ୍ରତି, ଅତିମାନସ ଦିବ୍ୟଶକ୍ତିଙ୍କ ପ୍ରତି ଅଭିମୁଖୀ ହୋଇଥାଆନ୍ତି । ତାଙ୍କ ଅଭୀପ୍ସା ବହ୍ନି ନିରନ୍ତର ଭଗବାନଙ୍କ ଆଡ଼କୁ ପ୍ରଜ୍ୱଳିତ ଥାଏ । ଏହି ଅବସ୍ଥାରେ 'ମୁଁ' କହିଲେ, ସାଧାରଣ ଲୋକଙ୍କ ପରି ଶରୀର-ମନ-ପ୍ରାଣବିଶିଷ୍ଟ ଜଣେ ବ୍ୟକ୍ତି ବୋଲି ସାଧକ ମନେକରେ ନାହିଁ, ସେ ଅନୁଭବ କରେ, 'ମୁଁ' ଭଗବାନଙ୍କର ଅଂଶ, ପ୍ରତିଭୂ, ଅନ୍ତରାତ୍ମା । ସେ ପରମ ଶାନ୍ତିରେ ନିବାସ କରେ, ଆନନ୍ଦରେ ମଗ୍ନ ରହେ । ଏହା ବ୍ୟକ୍ତିର ଯଥାର୍ଥ ସ୍ୱରୂପ । ଏହି ଅବସ୍ଥାକୁ ସାଧକର ନୂତନ ଜନ୍ମ କୁହାଯାଏ । କାରଣ ତାହାର ସମସ୍ତ ପୁରାତନ ଧର୍ମ ପରିବର୍ତ୍ତିତ ହୋଇ ନୂତନ ଧର୍ମରେ ପରିଣତ ହୁଏ । ସାଧକ ପୂର୍ବ ଜୀବନର ଠିକ୍ ବିପରୀତ ଅବସ୍ଥା ପ୍ରାପ୍ତ ହୁଏ । ତାହାର ପ୍ରତି କର୍ମ ନିୟନ୍ତ୍ରିତ ହୁଏ ଅନ୍ତରସ୍ଥ ଚୈତ୍ୟପୁରୁଷଙ୍କ ଦ୍ୱାରା । ଏହି ସମୟରେ ସେ ଭଗବାନଙ୍କ ଯନ୍ତ୍ର ହୋଇ ଭାଗବତ କର୍ମ ସମ୍ପାଦନ କରେ । ଏହିପରି ଅବସ୍ଥାରେ ମନ ବିସ୍ତୃତ ହେଲେ ମଧ୍ୟ ମନହିଁ ହୋଇ ରହେ; ପ୍ରାଣର ଧର୍ମ ଊର୍ଦ୍ଧ୍ୱଗାମୀ ହେଲେ ବି ରୂପାନ୍ତରିତ ହୁଏ ନାହିଁ । ଶରୀର-ଚେତନାର ତ ପରିବର୍ତ୍ତନ ହୁଏ, ଆଉ ସ୍ଥୂଳ ଜଡ଼ ଶରୀରରେ ବି କିଛି ନମନୀୟତା ଆସେ, କିନ୍ତୁ ତାହାର ତତ୍ତ୍ୱ ଯେପରି ଜଡ଼ ଥିଲା ସେହିପରି ଅପରିବର୍ତ୍ତିତ ରହିଯାଏ । ଏହି ଅବସ୍ଥାକୁ କୁହାଯାଏ ଚୈତ୍ୟ ରୂପାନ୍ତର । ଏହି ରୂପାନ୍ତର ଘଟିଲେ ସାଧକର ମନ, ପ୍ରାଣ ଓ ଶରୀରର ଚେତନା ସଂସାରର କୌଣସି ନିମ୍ନ କ୍ରିୟାରେ ଆସକ୍ତ ନ ହୋଇ ସ୍ୱଭାବତଃ ଯାଏ ଭଗବାନଙ୍କ ଆଡ଼କୁ, ହୁଏ ଭଗବତ୍ ଅଭିମୁଖୀ । ସମସ୍ତ ସତ୍ତା ବ୍ୟାକୁଳ ହୋଇଉଠେ ଭଗବାନଙ୍କ ସଙ୍ଗେ ଏକ ହୋଇଯିବାକୁ ।

### ଅଧ୍ୟାତ୍ମ ରୂପାନ୍ତର

ଦ୍ୱିତୀୟଟି ହେଲା ଆଧ୍ୟାତ୍ମିକ ରୂପାନ୍ତର; ଏହା ଠିକ୍ ଏହିପରି କ୍ରମବଦ୍ଧ ନୁହେଁ ଯେ ପ୍ରଥମ ରୂପାନ୍ତର ସଂପୂର୍ଣ୍ଣ ହେଲେ ଦ୍ୱିତୀୟ ରୂପାନ୍ତର ଆରମ୍ଭ ହେବ । ଏହା ମଧ୍ୟ ହୋଇପାରେ ଯେ ଚୈତ୍ୟ ରୂପାନ୍ତର କିଛି ଅଗ୍ରସର ହେବାପରେ ଆଧ୍ୟାତ୍ମିକ ରୂପାନ୍ତର ଆରମ୍ଭ ହୋଇଯାଏ । ଏହା ମଧ୍ୟ ସମ୍ଭବ ଯେ ଚୈତ୍ୟ ରୂପାନ୍ତର ପୂର୍ଣ୍ଣ ହେଉ ହେଉ ସେ ସମୟରେ ଆଧ୍ୟାତ୍ମିକ ରୂପାନ୍ତର ଅନେକଦୂର ଅଗ୍ରସର ହୋଇଥାଏ ।

ଚୈତ୍ୟ ରୂପାନ୍ତର ପରେ ଅଥବା ସେହି ସମୟ ମଧ୍ୟରେ ଆସିପାରେ ଶଙ୍କରଙ୍କ ଅଦ୍ୱୈତ ନିର୍ବିଶେଷ ବ୍ରହ୍ମଙ୍କର ଅନୁଭୂତି । ସାଧକ ଏକ ଶାନ୍ତି, ନିଷ୍କ୍ରିୟ, ଗତିହୀନ, ଅଚଳ ନିର୍ବିଶେଷ ସତ୍ତାରେ ବୁଡିଯାଇ ସେଥିରେ ନିଜ ବ୍ୟକ୍ତିତ୍ୱକୁ ବିଲୀନ କରି ତାହା ସହିତ ଏକ ହୋଇପାରେ, କେବଳ ରହିଯାଏ ଏକମାତ୍ର ସତ୍ତା । ସମସ୍ତ ବୈଚିତ୍ର୍ୟ ମାୟା, ଭ୍ରମ ଓ ସ୍ୱପ୍ନବତ୍ ପ୍ରତୀତ ହୁଏ । ସାଧକ ଯଦି ଏହି ଅନୁଭୂତିରେ ଅଟକି ଯାଏ, ତେବେ ଶଙ୍କରଙ୍କ ସିଦ୍ଧାନ୍ତ ଅନୁସାରେ ଶରୀର ତ୍ୟାଗ ପରେ ନିରାକାର ସତ୍ତାରେ ଏକେବାରେ ଲୀନ ହୋଇଯାଏ । ଏହାର ନାମ କୈବଲ୍ୟ ବା ମୁକ୍ତି ।

କିନ୍ତୁ ସାଧକର ଯଦି ସଂକଳ୍ପ ଥାଏ, ଚତୁଷ୍ପାଦ ବିଭୂତିଯୁକ୍ତ ବ୍ରହ୍ମଙ୍କ ସକ୍ରିୟ, ନିଷ୍କ୍ରିୟ ଓ ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱର ସିଦ୍ଧି ପ୍ରାପ୍ତ ହେବାକୁ ଏବଂ ପରା ଜନନୀ ଆଉ ସୃଷ୍ଟିର ରହସ୍ୟ ଜାଣିବାକୁ ଏବଂ ଏଥି ସକାଶେ ଯଦି ଥାଏ କେନ୍ଦ୍ରୀୟ ସଂକଳ୍ପ ଓ ପରାଜନନୀଙ୍କ ପାଖରେ ଆତ୍ମ-ସମର୍ପଣ, ତେବେ ସାଧକ ଏହି ଅଦ୍ୱୈତ ଅନୁଭୂତିରେ ଅଟକି ନ ଯାଇ ଆଧ୍ୟାତ୍ମିକ ରୂପାନ୍ତର-ସିଦ୍ଧି ଆଡ଼କୁ ଅଗ୍ରସର ହୁଏ ।

ଚୈତ୍ୟ-ରୂପାନ୍ତରରେ ସାଧକର ସମସ୍ତ ସତ୍ତା ଭଗବାନ୍ ତଥା ପରାଜନନୀଙ୍କ ଆଡ଼କୁ ଉନ୍ମୁକ୍ତ ହୋଇଯାଇଥାଏ । ଏହି

ଉନ୍ମୁକ୍ତ ମନ-ପ୍ରାଣ-ଶରୀରରେ ଓ ଏସବୁର ପ୍ରତ୍ୟେକ ସ୍ତରରେ ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ସତ୍ୟ, ଜ୍ଞାନ, ଭକ୍ତି, ସମତା ଓ ଏକାଗ୍ରତା କ୍ରମଶଃ ଅଧିକ ପରିମାଣରେ ଅବତରଣ କରେ ଏବଂ ଏହି ଅବତୀର୍ଣ୍ଣ ବସ୍ତୁକୁ ଧାରଣ କରି ରଖିବା ସକାଶେ ଏହା ସାଧକର ଆଧାରକୁ ପ୍ରସ୍ତୁତ କରେ । ଏହି କ୍ରିୟା ଦ୍ୱାରା ସାଧକର ଆଧାର ଦୃଢ଼ ହେଲେ ଏହି ଅବତୀର୍ଣ୍ଣ ବସ୍ତୁ ସ୍ଥାୟୀ ରୂପେ ପ୍ରତିଷ୍ଠିତ ହୁଏ । ଏହି କ୍ରିୟା ସଙ୍ଗେ ସଙ୍ଗେ ବିସ୍ତୃତ ମନ, ପ୍ରାଣ ଓ ଶରୀରର ଚେତନା ବିଶାଳ ହୋଇ ଊର୍ଦ୍ଧ୍ୱକୁ ଆରୋହଣ କରି ଊର୍ଦ୍ଧ୍ୱସ୍ଥ ମାନସ କ୍ଷେତ୍ରମାନଙ୍କରେ ପ୍ରବେଶ କରି ସେହି ଲୋକର ସତ୍ୟ, ଜ୍ୟୋତିଃ, ଶକ୍ତି, ଜ୍ଞାନ, ସମତା ଓ ବିଶାଳତାକୁ ନେଇ ପୁନର୍ବାର ଅବତରଣ କରନ୍ତି ଏବଂ ସେହିସବୁକୁ ସ୍ଥାପନ କରନ୍ତି ନିଜ ମାନସ ସ୍ତରରେ ଏବଂ ଅବଚେତନା ଓ ଅଚେତନାଦି ନିମ୍ନସ୍ତର-ମାନଙ୍କରେ । ଏହି ଉତ୍ତରଣ, ଅବତରଣ ଆଦି କ୍ରିୟାରେ ଅତିମାନସ ଶକ୍ତିର ପ୍ରଭାବ ପଡ଼ିବା ଦ୍ୱାରା ଏହି ସ୍ଥୂଳ ମନ ଊର୍ଦ୍ଧ୍ୱସ୍ଥ ସହଜାତ ମନ ଏବଂ ଉଚ୍ଚତର ମନ ଆଦି ଅତିମାନସ ସହିତ ସମ୍ବନ୍ଧ ସ୍ଥାପନ କରେ ଏବଂ ପାର୍ଥିବ ପ୍ରାଣ ଓ ଶରୀର-ଚେତନା ମଧ୍ୟ ଏହି ସ୍ତରର ପ୍ରାଣ ଓ ଶରୀର-ଚେତନା ସହିତ ସମ୍ପର୍କ ସ୍ଥାପନ କରେ । ଏହି ସମ୍ପର୍କ ସ୍ଥାପନରେ ଉଚ୍ଚତର ମନ-ପ୍ରାଣ-ଶରୀରର ଚେତନା ବି ଉତରି ଆସି ପାର୍ଥିବ ମନ-ପ୍ରାଣର ଚେତନାକୁ ଅଧିକାର କରେ । ଏହାଫଳରେ ଏହି ସ୍ଥୂଳ ମନ-ପ୍ରାଣ-ଶରୀର ଯେପରି ବିସ୍ତୃତ ସେହିପରି ବିଶାଳ ମଧ୍ୟ ହୋଇଯାଏ । ସେହି ଅବସ୍ଥାରେ ଅଧିମାନସ ସ୍ତର ପର୍ଯ୍ୟନ୍ତ ସାଧକର ଦୃଷ୍ଟି ଉନ୍ମୁକ୍ତ ଓ ନିରାବରଣ ହୋଇଯାଏ । ସାଧକ ନିବାସ କରେ ସତ୍ୟରେ, ପରିଚାଳିତ ହୁଏ ସତ୍ୟ ଦ୍ୱାରା, ତାହାର ସମସ୍ତ କର୍ମ ହୁଏ ଭାଗବତ କର୍ମ । ସେ ହୁଏ ପରାଶକ୍ତିଙ୍କ ଯନ୍ତ୍ର । ତା' ମଧ୍ୟରେ ଅହଂକାର, କାମ, କ୍ରୋଧାଦି ନିମ୍ନ ପ୍ରକୃତିର କ୍ରିୟାର ସ୍ଥାନ ନ ଥାଏ । ସେ ସର୍ବତ୍ର ଦେଖେ ଭଗବାନଙ୍କୁ, ସକଳ କର୍ମରେ ଅନୁଭବ କରେ ପରାଶକ୍ତିଙ୍କ ପରିଚାଳନାକୁ । କେବଳ ଏତିକି ନୁହେଁ, ସ୍ଥୂଳ ଶରୀରରେ ବି ବହୁତ ପ୍ରଭାବ ପଡ଼େ । ସେଥିରେ ଅଧିକ ତାମସିକତା ରହେ ନାହିଁ । ତାହା ହୁଏ ଅଧିକ ଚେତନ ଓ ନମନୀୟ । ଏହି ପାର୍ଥିବ, ନଶ୍ୱର, ଜଡ଼ ଶରୀର ସେତେବେଳେ ଏପରି ଚୈତନ୍ୟମୟ ହୋଇଯାଏ ଯେ ତାହାର ପ୍ରତ୍ୟେକ ଅଣୁ, ପରମାଣୁ ବି ଅନୁଭବ କରନ୍ତି ଭଗବାନଙ୍କୁ, ପରାଜନନୀଙ୍କ କ୍ରିୟାକୁ । ସେତେବେଳେ ସାଧକର କେହି ଶତ୍ରୁ-ମିତ୍ର ରହେ ନାହିଁ, ସବୁକିଛିକୁ ସେ ଦେଖେ ଭଗବତ୍‌ମୟ । ଏହି ଅବସ୍ଥାକୁ ଶ୍ରୀଅରବିନ୍ଦଙ୍କ ଯୋଗରେ କୁହାଯାଏ ଅଧାତ୍ମ-ରୂପାନ୍ତର । ଏହା ବି କୁହାଯାଇପାରେ ଯେ ଏହି ଅବସ୍ଥା ହେଲା ଅତିମାନସ ସ୍ତରର ସୀମାରେ ପହଞ୍ଚିବା । ଏହା ବହୁତ ଲୋଭନୀୟ, ଉଚ୍ଚତର, କଳ୍ପନାତୀତ ଅବସ୍ଥା ଏବଂ ମନ ପକ୍ଷେ ଅସମ୍ଭବ, କିନ୍ତୁ ଏ ଅବସ୍ଥା ଏତେ ଉତ୍କୃଷ୍ଟ ହେଲେ ସୁଦ୍ଧା ଅତିମାନସ ସିଦ୍ଧିର ଆରମ୍ଭ ମାତ୍ର ।

ଏହି ଅବସ୍ଥାରେ ସାଧକ ଭଗବାନଙ୍କୁ ସର୍ବଦା ଦେଖେ, କିନ୍ତୁ ଯେଉଁ ଭଗବାନ୍ ବସ୍ତୁରୂପ ଏବଂ ସେହି ଭଗବାନ୍ ବସ୍ତୁରୁ ପୃଥକ୍, ଏହି ଉଭୟ ସ୍ୱରୂପକୁ ଏକସଙ୍ଗେ ଦେଖିପାରେ ନାହିଁ । ଶରୀର ଚେତନା, ମନ ଓ ପ୍ରାଣ ବିସ୍ତୃତ ଓ ବିଶାଳ ହୋଇଯାଏ; କିନ୍ତୁ ଏହିସବୁର ମୂଳତତ୍ତ୍ୱ ଯେପରି ଥିଲା ସେପରି ରହିଯାଏ, ରୂପାନ୍ତରିତ ହୁଏ ନାହିଁ । ଅହଂକାର, କାମ, କ୍ରୋଧ ଇତ୍ୟାଦିର କ୍ରିୟା ହୁଏ ନାହିଁ, କିନ୍ତୁ ସେସବୁ ଅପରିବର୍ତ୍ତିତ ରୂପେ ଅବଚେତନାରେ ନିଜ ମୂଳସ୍ୱରୂପରେ ପଡ଼ି ରହନ୍ତି । ମନ-ପ୍ରାଣ-ଶରୀର ଏବଂ ତାହାର ମୂଳତତ୍ତ୍ୱ ଆଉ ନିମ୍ନ ପ୍ରକୃତିସବୁ ପୂର୍ଣ୍ଣରୂପେ ରୂପାନ୍ତରିତ ହୁଅନ୍ତି ଅତିମାନସ ଶକ୍ତିର କ୍ରିୟା ଦ୍ୱାରା । ଅଧିମାନସ ସିଦ୍ଧି ପର୍ଯ୍ୟନ୍ତ ଅତିମାନସ କ୍ରିୟା କରେ ଅଧିମାନସ ଦ୍ୱାରା, ସିଧା ସିଧା ନୁହେଁ । ଅଧିମାନସର ସିଦ୍ଧି ହେଲେ ଅତିମାନସ ଶକ୍ତିର କ୍ରିୟା ସକାଶେ ଭୂମି ତିଆରି ହୁଏ ଯାହାକୁ ଆଧାର କରି ଅତିମାନସ ପ୍ରତ୍ୟକ୍ଷଭାବେ କ୍ରିୟା କରିପାରେ ।

## ଅତିମାନସ ରୂପାନ୍ତର

ଅତିମାନସ କ୍ରିୟା ସିଧା ସିଧା ଆରମ୍ଭ ହେଲେ ପ୍ରାୟ ସମର୍ପଣ ଶେଷ ହୋଇଯାଇଥାଏ । ଏହି ଶକ୍ତିର କ୍ରିୟା ଫଳରେ ସମସ୍ତ ସତ୍ତା ରୂପାନ୍ତରିତ ହୁଏ ତାହାର ଦିବ୍ୟ ମୂଳ ତତ୍ତ୍ୱରେ । ସାଧକକୁ ସେତେବେଳେ କେବଳ ଅତିମାନସ କ୍ରିୟାରେ ସମ୍ମତି ଦେବାକୁ ହୁଏ । ଅତିମାନସରେ ଦେଖାଯାଏ ଏକସଙ୍ଗେ ଏକ ଓ ବହୁ, ଏକତ୍ୱ ଓ ବୈଚିତ୍ର୍ୟ । ମନ-ପ୍ରାଣ-ଶରୀରର ତତ୍ତ୍ୱସକଳ ଏବଂ ସ୍ଥୂଳ ଜଡ଼ ଅବଚେତନା ପର୍ଯ୍ୟନ୍ତ ତାହାର ଦିବ୍ୟ ସଚ୍ଚିଦାନନ୍ଦ ତତ୍ତ୍ୱରେ ରୂପାନ୍ତରିତ ହୁଏ । ମନର ସ୍ଥାନକୁ ଅଧିକାର କରେ ଅତିମାନସ, ପ୍ରାଣର ସ୍ଥାନକୁ ଅଧିକାର କରେ ଚିତ୍‌ଶକ୍ତି । ଆଉ ରୂପାନ୍ତରିତ ଶରୀର ହୁଏ ନମନୀୟ, ଚିନ୍ମୟ, ଜ୍ୟୋତିର୍ମୟ । ଏହା ଆଉ ସୀମିତ ହୋଇ ରହେ ନାହିଁ, ହୁଏ ପୂର୍ଣ୍ଣ ଚୈତନ୍ୟ, ବ୍ୟାପକ ଏବଂ ରୋଗ, ଜରା, ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ ।

ସେତେବେଳେ ଶରୀର ହୁଏ ସ୍ୱତଃସ୍ଫୂର୍ତ୍ତ । କୌଣସି ପାର୍ଥିବ ସୀମା ତା' ମାର୍ଗରେ ବାଧା ଦେଇପାରେ ନାହିଁ । ସେ ରହେ ମୃତ ଆଉ ଅମୃତର ଊର୍ଦ୍ଧ୍ୱରେ । ଅର୍ଥାତ୍ ସେ ଯେପରି ମୃତ୍ୟୁର ଅଧୀନ ନୁହେଁ, ସେହିପରି ଅମୃତର ମଧ୍ୟ ଅଧୀନ ନୁହେଁ । ସେ କଳ୍ପନା କରିବା ମାତ୍ରେ ନିଜ ଶରୀରକୁ ପରିତ୍ୟାଗ କରି ଇଚ୍ଛାନୁସାରେ ଶରୀର ଧାରଣ କରିପାରେ । ସଂକଳ୍ପ କରିବାମାତ୍ରେ ଯେକୌଣସି ସ୍ଥାନରେ ପହଞ୍ଚିପାରେ । କୌଣସି ଅସ୍ତ୍ର ଦ୍ୱାରା ତା'ର ଶରୀର ନଷ୍ଟ ହୁଏ ନାହିଁ, କାରଣ ତା'ର ତତ୍ତ୍ୱ ଅବିନାଶୀ ।

ସେହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦଙ୍କ ସହିତ ରୂପାନ୍ତରିତ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ଏକତ୍ୱ ହୁଏ । କେବଳ ଭଗବାନ୍ ହୁଅନ୍ତି କେନ୍ଦ୍ର । ସଂକଳ୍ପ ହୁଏ ତାଙ୍କଠାରୁ, ସେହି ସଂକଳ୍ପ କ୍ରିୟାଶୀଳ ହୁଏ ଅତିମାନସରେ ରୂପାନ୍ତରିତ ମନ-ପ୍ରାଣ-ଶରୀର ମଧ୍ୟଦେଇ । ଭଗବାନଙ୍କ ସଂକଳ୍ପରେ କେବଳ ମନ-ପ୍ରାଣ କ୍ରିୟାଶୀଳ ହୁଅନ୍ତି ନାହିଁ, ଶରୀର-ଚେତନା ଓ ଶରୀରର ଅଣୁପରମାଣୁ ବି ଭଗବାନଙ୍କ ସଂକଳ୍ପକୁ ଜାଣନ୍ତି ଓ ସେହି ଅନୁସାରେ କ୍ରିୟା କରନ୍ତି । ଶରୀର-ମନ-ପ୍ରାଣରେ କୌଣସି ଗୋଟିଏ ତତ୍ତ୍ୱ ବା କୌଣସି ଗୋଟିଏ ଭାଗ ଜଡ଼ ବା ଅଚେତନ ରହେ ନାହିଁ, ସବୁ ହୁଏ ଚୈତନ୍ୟ ଓ ସତ୍ୟସ୍ୱରୂପ । ଭଗବାନଙ୍କ ସମସ୍ତ ସତ୍ତା ସଙ୍ଗେ ଅତିମାନବର ସମସ୍ତ ସତ୍ତା ଏକ ହୋଇଯାଏ ଏବଂ ଭଗବାନଙ୍କ ସଙ୍ଗେ ଐକ୍ୟବୋଧ ହେବା ସଙ୍ଗେ ସଙ୍ଗେ ବି ପୃଥଗ୍‌ବୋଧ ହୁଏ । ସାଧକର ପ୍ରତ୍ୟେକ କର୍ମ, ସ୍ନାନ, ଭୋଜନାଦି ନିତ୍ୟନୈମିତ୍ତିକ କର୍ମ କେବଳ ବାହ୍ୟ କର୍ମ ହୋଇ ରହେ ନାହିଁ, କର୍ମର ମୂଳସ୍ରୋତ ହୁଏ ପରମାନନ୍ଦ । ପ୍ରତ୍ୟେକ ବସ୍ତୁ – ଗୁଳ୍ମ, ଲତା, ବୃକ୍ଷ, ପଶୁ, ପକ୍ଷୀ, ବଣ, ପାହାଡ଼, ମନୁଷ୍ୟ ମଧ୍ୟରେ ସେ ଦେଖନ୍ତି ସେହି ପୁରୁଷୋତ୍ତମ, ପରମ ଆନନ୍ଦମୟ ସତ୍ୟସତ୍ତାଙ୍କୁ; ସକଳ ସହ ଏକତ୍ୱ, ସବୁ ନିଜେ, ଆଉ ନିଜେ ସବୁ । ଏହି ଅବସ୍ଥାରେ କାହାକୁ ଘୃଣା କରିବାର କୌଣସି ପ୍ରଶ୍ନ ରହେ ନାହିଁ । ସଂସାର ଓ ଜୀବନସବୁ ଆନନ୍ଦମୟ ହୁଏ,– ଆନନ୍ଦରୁ ଉତ୍ପନ୍ନ, ଆନନ୍ଦରେ ସ୍ଥିତି, ଆନନ୍ଦରେ ବିଶ୍ରାମ । ସକଳ ନୃତ୍ୟ, ଗୀତ, କଳା ସେହି ଆନନ୍ଦମୟଙ୍କୁ ପ୍ରକାଶ କରେ ଏବଂ ତାହାର ବାହ୍ୟରୂପ ବି ଦିବ୍ୟ ହୋଇଯାଏ । ଏହି ଅବସ୍ଥାରେ ହୁଏ ଯଥାର୍ଥ ଏକତ୍ୱ, ଏହାହିଁ ପରମ ମୋକ୍ଷ । ଏହି ସଂସାର ହୁଏ ପରମଧାମ, ବୈକୁଣ୍ଠ, ଗୋଲୋକ, ସାକେତ, କୈଳାସ ଇତ୍ୟାଦି । ଏହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ପୂର୍ଣ୍ଣ ନିରାବରଣ, ଅତିମାନବର ହୁଏ ଅବ୍ୟାହତ ଗତି ।

*ପ୍ରଶ୍ନ : ଯେଉଁମାନେ ସାଧନା ନ କରିବେ, ରୂପାନ୍ତରିତ ହେବାକୁ ନ ଚାହିଁବେ, ସେମାନଙ୍କର ଅର୍ଥାତ୍ ସମଗ୍ର ସଂସାର ଓ ମନୁଷ୍ୟଜାତିର ଲାଭ କ'ଣ ହେବ ?*

ଉତ୍ତର : ସଂସାରରୁ ହିଂସା-ଦ୍ୱେଷ, ଅଜ୍ଞାନ-ମୋହ ଦୂର ହୋଇଯିବ । ସଙ୍କୁଚିତ ସୀମାସବୁ କ୍ରମଶଃ ଭାଙ୍ଗିଯିବ, ଆଉ ଅନ୍ଧକାରର ପରଦା ଦୂର ହୋଇଯିବ । ବର୍ତ୍ତମାନ ବିଶ୍ୱ ଜଡ଼-ଶକ୍ତି ଦ୍ୱାରା ଯନ୍ତ୍ରବତ୍ ପରିଚାଳିତ ହେଉଛି, ସେତେବେଳେ ଅତିମାନସ ଶକ୍ତି ଦ୍ୱାରା ଶାସିତ ହେବ । ବର୍ତ୍ତମାନ ସଂସାରରେ ବହୁ ଜିନିଷ ଗୁପ୍ତଭାବେ ଲୁକ୍‌କାୟିତ ରହିଛି, ସେତେବେଳେ ବସ୍ତୁସକଳ ନିଜକୁ ପ୍ରକାଶ କରିବେ । ବର୍ତ୍ତମାନ ମନୁଷ୍ୟର ସକଳ କାର୍ଯ୍ୟ ହେଉଛି ଏକ ସୀମିତ ମନ ଦ୍ୱାରା, ଅନ୍ଧକାର ପରଦାର ପଶ୍ଚାତରେ । ସେତେବେଳେ ଅତିମାନସର ପ୍ରଭାବ ମନ ଉପରେ ପଡ଼ି ଅନ୍ଧକାରର ପରଦାକୁ ନଷ୍ଟ କରି ସ୍ୱୟଂ ପ୍ରକାଶିତ ହେବ ।

ଏହି ରୂପାନ୍ତର ବିଷୟ ବିସ୍ତୃତଭାବେ ଜାଣିବାକୁ ହେଲେ ଶ୍ରୀଅରବିନ୍ଦଙ୍କ ''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' (The Supramental Manifestation upon Earth) ଗ୍ରନ୍ଥର ଶେଷ ଅଧ୍ୟାୟ ପାଠ କରନ୍ତୁ । ଯୋଗ-ସିଦ୍ଧାନ୍ତ ବିଶେଷରୂପେ ଜାଣିବାକୁ ହେଲେ ''ଯୋଗ ସମନ୍ୱୟ'' ପୁସ୍ତକ ଏବଂ ସାଧନାର ଅଭ୍ୟାସ ଜାଣିବାକୁ ହେଲେ ''ଯୋଗାଧାର'', ''ଯୋଗ-ପ୍ରଦୀପ'', ''ମା'', ''ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ'', ''ଶିକ୍ଷା'' ଓ ''ମାତୃବାଣୀ''ଇତ୍ୟାଦି ବହି ପଢ଼ନ୍ତୁ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା ୭୭ - ୮୦)

**– ରାମକୃଷ୍ଣ ଦାସ**

❑❑❑

ଚେତନାର ଦିଗ୍‌ବଳୟ :

# ନିର୍ବାଚନ ପ୍ରାକ୍-କାଳରେ

ଭାରତବର୍ଷରେ ପ୍ରଥମ ସାର୍ବଜନୀନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ୧୯୫୧ ଅକ୍‌ଟୋବର ପାଞ୍ଚ ତାରିଖରୁ ଆରମ୍ଭ ହୋଇ ୧୯୫୨ ଫେବ୍ରୁଆରୀ ୨୧ ଭିତରେ – ପ୍ରାୟ ପାଞ୍ଚ ମାସ ବ୍ୟାପି । ସେତେବେଳେ ଏ ଲେଖକ ଜଣେ ହାଇସ୍କୁଲ ଛାତ୍ର । ସହର ଏବଂ ପାର୍ଶ୍ୱବର୍ତ୍ତୀ ଗାଁ ଗହଳରେ ସେ ଲକ୍ଷ୍ୟ କରୁଥାଏ ଲୋକଙ୍କ ମନୋଭାବ । ସେଥିରେ କୌତୂହଳ, ବିସ୍ମୟ, ପୁଲକ – ଏଭଳି ବହୁ ଭାବର ସମନ୍ୱୟ ହୋଇଥାଏ । ସେମାନେ ଏଣିକି ସେମାନଙ୍କ ଗାର୍ଜନ ମନୋନୟନ କରିବେ, ଏଥିରେ ଟିକିଏ ଗର୍ବଭାବ ଥାଏ, କିନ୍ତୁ ବହୁ କାଳ ଧରି ଯେଉଁ ଶାସନକଳ ପରିଚାଳନା କରୁଥିଲା ଗୋଟିଏ ଅଦୃଶ୍ୟ ଶକ୍ତି, ଯେଉଁ ଶକ୍ତିର ଉତ୍ସ ସାତସମୁଦ୍ର ସେପାରିରେ, ସେ ଶାସନକଳକୁ ସେମାନଙ୍କ ଚିହ୍ନା ଜଣା ଭଦ୍ରଲୋକମାନେ କେମିତି ଢଙ୍ଗରେ ଚଳାଇବେ ? ସନ୍ଦେହାକୁଳ ଥିଲେ ଅନେକେ ।

ତେବେ ସେ ନିର୍ବାଚନ ବେଳେ ପ୍ରାର୍ଥୀମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତାର ଶୈଳୀ ଖୁବ୍ ଉଗ୍ର ନଥାଏ । ପ୍ରାୟ ସବୁ ଅଞ୍ଚଳରେ ସୁପରିଚିତ ସ୍ୱାଧୀନତା ସଂଗ୍ରାମୀମାନେ କର୍ମକ୍ଷମ ଥା'ନ୍ତି । ସାଗର ସେପାରିର ଯେଉଁ ରହସ୍ୟମୟ ଶକ୍ତି ଶାସନ ପରିଚାଳନା କରୁଥିଲା, ସେ ଶକ୍ତିର ଯଥେଷ୍ଟ ବିଭୂତି ସାଧାରଣ ଲୋକେ ଜବାହାରଲାଲ ନେହେରୁଙ୍କ ବଦନରେ ଏବଂ ଅପେକ୍ଷାକୃତ ଚିନ୍ତାଶୀଳ ବ୍ୟକ୍ତିମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବ୍ୟକ୍ତିତ୍ୱରେ ଦେଖୁଥିଲେ । ସେମାନଙ୍କ ନେତୃତ୍ୱରେ ଥିବା ଜାତୀୟ କଂଗ୍ରେସ ଦଳର ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ନେତାମାନେହିଁ ଭୋଟ ପାଇବା ଉଚିତ, ଏହା ନିର୍ବିଚାରରେ ଧରି ନିଆଯାଇଥିଲା ।

ସେହି ପ୍ରଥମ ନିର୍ବାଚନକାଳୀନ ନେତାମାନଙ୍କ ଭିତରେ ଅଧିକାଂଶ ଥିଲେ ବାସ୍ତବରେ ସ୍ୱାର୍ଥତ୍ୟାଗୀ । କଂଗ୍ରେସକୁ ଛାଡ଼ିଦେଲେ ବି ସେତେବେଳେ ଜାତୀୟ ସ୍ତରରେ ଆହୁରି କେତୋଟି ଦଳ ଥିଲେ । କିନ୍ତୁ ସେମାନଙ୍କ ନେତାମାନେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଧର୍ମ, ଜାତି, ଗୋଷ୍ଠୀ ଇତ୍ୟାଦି ଭିତ୍ତିରେ ପ୍ରାର୍ଥୀ ମନୋନୟନ କରିବା ଭଳି ଧାରଣା ବାତାବରଣରେ ନଥିଲା । ନିଜ ନିଜ ଅଞ୍ଚଳରୁ କିଏ ନିର୍ବାଚିତ ହେବା ଉଚିତ, ଶତକଡ଼ା ପଞ୍ଚାଶୀ ଭୋଟଦାତା ନିରକ୍ଷର ହେବା ସତ୍ତ୍ୱେ ସେମାନେ ତାହା ସ୍ୱାଭାବିକ ଭାବରେ ସ୍ଥିର କରି ନେଇଥିଲେ । ପ୍ରତିଦ୍ୱନ୍ଦ୍ୱୀ ସଂଖ୍ୟା କମ୍ ଥିବା ହେତୁ ପ୍ରତ୍ୟେକଙ୍କ ପାଇଁ ଗୋଟାଏ ଗୋଟାଏ ବାକ୍ସ ରହୁଥିଲା । ଭୋଟଦାତା ଭୋଟ କାଗଜକୁ ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ଓ ପ୍ରତୀକ ଚିତ୍ର ଥିବା ବାକ୍ସରେ ପକାଇ ଦେଉଥିଲେ । କେହି କେହି ଭୋଟଦାତା ଦୁଇ ତିନିଜଣ ପ୍ରାର୍ଥୀଙ୍କ ବାକ୍ସରେ ଭୋଟ କାଗଜକୁ ଭାଗ ଭାଗ କରି ପକାଇ ନିଜ ଉଦାରତା ସାବ୍ୟସ୍ତ କରିବାରେ ବିସ୍ମୟ ନଥିଲା । କୌଣସି ପ୍ରାର୍ଥୀଙ୍କୁ ପଇସାପତ୍ର ବିଶେଷ ଖର୍ଚ୍ଚ କରିବାକୁ ପଡ଼ୁ ନଥିଲା ।

ଅବସ୍ଥା ବଦଳି ଯାଇଛି ବଡ଼ ଅସ୍ୱାଭାବିକ ଓ ଅସ୍ୱସ୍ତିକର ଭାବରେ । ଆଜି ମହାଜାତୀୟ ସ୍ୱୀକୃତି-ପ୍ରାପ୍ତ ଦଳ ସାତଗୋଟି ଥିବା ସ୍ଥଳେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଉପରାଜ୍ୟ ସମୂହରେ ସ୍ୱୀକୃତ ଦଳର ସଂଖ୍ୟା ଅଠଚାଳିଶ ଏବଂ ଅଣସ୍ୱୀକୃତ ରେଜିଷ୍ଟର୍ଡ଼ ଦଳର ସଂଖ୍ୟା ୨୦୪୪ । ନିର୍ବାଚନ ପୂର୍ବରୁ ଏବଂ ନିର୍ବାଚନ ସମୟରେ ମଧ୍ୟ ଦେଖାଦିଏ ବିପୁଳ ହଟ୍ଟଗୋଳ, ଅକଥନୀୟ ଗାଳିଗୁଲଜ, ବିଶୃଙ୍ଖଳା ଏବଂ ହିଂସାଚାର । ବ୍ୟୟ ହୁଏ – ଯାହା ଅବିସମ୍ବାଦିତ ଅପବ୍ୟୟ – ଅସୁମାରି ଅର୍ଥର । ସ୍ୱାଭାବିକ ଜୀବନରେ ସାଧୁ ଲୋକଟିଏ ନିର୍ବାଚନ ପ୍ରଭାବରେ ଅସାଧୁ ବନିଯିବାର ଅଜସ୍ର ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହୁଏ ।

ସମ୍ଭବତଃ ଏ ମହାଜାତିକୁ ଏଭଳି ବେଦନାଦାୟକ ପଞ୍ଚବାର୍ଷିକୀମାନ ଅତିକ୍ରମ କରିବାକୁ ପଡ଼ୁଥିବ – ଜଣା ନାହିଁ କେତେକାଳ ଯାଏ । କିନ୍ତୁ ଯେଉଁ ଗୋଟିଏ ମାତ୍ର ବେଦନାଦାୟକ ବ୍ୟାପାର ପ୍ରତି ଆମର ଦୃଷ୍ଟି ଆକର୍ଷିତ ହେବା ଉଚିତ, ତାହା ଶିକ୍ଷାନୁଷ୍ଠାନ ସମୂହରେ ଏହି ପରିସ୍ଥିତିର ପ୍ରଭାବ; ସ୍ପଷ୍ଟତର ଭାବରେ କହିଲେ ଶିକ୍ଷକ ଏବଂ ଅଧ୍ୟାପକମାନଙ୍କର ଭୂମିକା । ନିଜ ନିଜ ରାଜନୈତିକ ଆନୁଗତ୍ୟ ଅନୁସାରେ ବିଦ୍ୟାର୍ଥୀମାନଙ୍କୁ ପ୍ରଭାବିତ କରିବା ନିମନ୍ତେ ସେମାନଙ୍କ ଉତ୍ସାହର ଅଭିଯୋଗ ସତ୍ୟ ହୋଇଥିଲେ ତାହା ସେମାନଙ୍କ ଅଧର୍ମର ସମତୁଲ ।

ବିଦ୍ୟାର୍ଥୀମାନଙ୍କ ପ୍ରତି ସେଭଳି ପ୍ରଭାବ ପ୍ରୟୋଗ ଅନ୍ୟାୟ; ଶିକ୍ଷକତାର ଆଦର୍ଶ ପ୍ରତି ତାହା ଅବମାନନା ଏବଂ

ଅଭିଭାବକମାନଙ୍କ ବିଶ୍ୱାସ ପ୍ରତି ତାହା ଦ୍ରୋହ । ମହାବିଦ୍ୟାଳୟମାନଙ୍କରେ ରାଜନୈତିକ ତତ୍ତ୍ୱ ଆଲୋଚନା ସ୍ୱାଗତଯୋଗ୍ୟ ଏବଂ ସେ ସକାଶେ ବିଧିବଦ୍ଧ ପାଠ୍ୟକ୍ରମ ମଧ୍ୟ ବିଦ୍ୟମାନ । କିନ୍ତୁ ବିଦ୍ୟାଳୟସମୂହର ଛାତ୍ରମାନଙ୍କୁ ଆଜିର ଆଭିମୁଖ୍ୟହୀନ ରାଜନୀତି ପ୍ରତି ଏବଂ କୌଣସି ନା କୌଣସି ନିର୍ଦ୍ଦିଷ୍ଟ ଦଳ ପ୍ରତି ଆକୃଷ୍ଟ କରିବାର ପ୍ରୟାସରୁ ଶିକ୍ଷାଦାତା ସମ୍ପୂର୍ଣ୍ଣ ବିରତ ରହିବାହିଁ ତା'ର ଧର୍ମ ।

କିନ୍ତୁ ସାଂପ୍ରତିକ ଭାରତରେ ଏହା ହେଉ ନାହିଁ ବୋଲି ଧାରଣା । ଆଶା, କୌଣସି ମହତ୍ତର ଲକ୍ଷ୍ୟରେ ବିଶ୍ୱାସୀ ଶିକ୍ଷକ, ନିଜ ନିରପେକ୍ଷ କର୍ତ୍ତବ୍ୟ ପ୍ରତି ବିଶ୍ୱସ୍ତ ଶିକ୍ଷକ ଅନ୍ତତଃ ଆମ ରାଜ୍ୟର ସୀମିତ କ୍ଷେତ୍ରରେ ଏଭଳି ଧାରଣା ଦୂର ହେବା ଦିଗରେ ନିଜ ଅବଦାନ ଦେବେ । ନିଜ ରାଜନୈତିକ ଆନୁଗତ୍ୟ (ଆଜିକାଲି ତାହା ପ୍ରାୟ ସାମୟିକ)ର କୌଣସି ଆଭାସ ପାଠ୍ୟକ୍ରମ ଭିତରେ ଯେପରି ଅନୁଭୂତ ନହୁଏ, ତହିଁ ପ୍ରତି ସଜାଗ ରହିବେ ।

**— ମନୋଜ ଦାସ ❑**

## ମୁଁ ଏବଂ ମୋର ସ୍ୱଧର୍ମ
## ଭଗବାନଙ୍କର ଯଥାର୍ଥ ସେବକର ଘୋଷଣା

ମୁଁ କୌଣସି ରାଷ୍ଟ୍ର, କୌଣସି ସଭ୍ୟତା, କୌଣସି ସମାଜ, କୌଣସି ଜାତିର ନୁହେଁ, ମୁଁ କେବଳ ଭଗବାନଙ୍କର ।

ମୁଁ କୌଣସି ପ୍ରଭୁ, କୌଣସି ଶାସକ, କୌଣସି ଆଇନ, କୌଣସି ସାମାଜିକ ପ୍ରଥାର ବଶ୍ୟତା ସ୍ୱୀକାର କରେ ନାହିଁ; କରେ ଏକମାତ୍ର ଭଗବାନଙ୍କର ।

ତାଙ୍କଠାରେ ମୁଁ ସମର୍ପଣ କରିସାରିଛି ସବୁ — ସଂକଳ୍ପ, ଜୀବନ ଏବଂ ସତ୍ତା; ଯଦି ସେପରି ତାଙ୍କର ଇଚ୍ଛା ହୁଏ ତାଙ୍କ ପାଇଁ ମୁଁ ସମ୍ପୂର୍ଣ୍ଣ ଆନନ୍ଦ ସହକାରେ ମୋର ସମସ୍ତ ରକ୍ତ, ବିନ୍ଦୁ ପରେ ବିନ୍ଦୁ ଦେଇ ଦେବାକୁ ପ୍ରସ୍ତୁତ; ଆଉ ତାଙ୍କ ସେବା ଲାଗି କିଛି ବି ତ୍ୟାଗରୂପେ ଗଣ୍ୟ ହୋଇ ନପାରେ, କାରଣ ସବୁ ହୋଇଯାଏ ଅବିମିଶ୍ର ଆନନ୍ଦ ।

*

ମୋ ଦୃଷ୍ଟିରେ ମଣିଷଜୀବନର ପ୍ରତ୍ୟେକ କ୍ଷେତ୍ରରେ ରହିଛି ମିଶ୍ରଣ, କୌଣସି କିଛି ପୂରାପୂରି ଭଲ ନୁହେଁ କି କୌଣସି କିଛି ପୂରାପୂରି ଖରାପ ନୁହେଁ । ଏହି ମତ ବା ସେହି ମତ ପ୍ରତି, ଏହି ଲକ୍ଷ୍ୟ ବା ସେହି ଲକ୍ଷ୍ୟ ପ୍ରତି ମୁଁ ମୋର ସମ୍ପୂର୍ଣ୍ଣ ଓ ଏକୈକ ସମର୍ଥନ ଦେଇ ପାରିବି ନାହିଁ । କାର୍ଯ୍ୟକ୍ଷେତ୍ରରେ ମୋ ପାଖରେ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀଅରବିନ୍ଦଙ୍କ କର୍ମ; ଯାହାସବୁ ସେହି କର୍ମକୁ ସାହାଯ୍ୟ କରେ, ମୋର ସଚେତ ସମର୍ଥନ ତା'ପ୍ରତି ସ୍ୱତଃ ରହିଥାଏ ଏବଂ ରହିଥାଏ, ସେହି କର୍ମକୁ ତାହା ଯେତିକି ସାହାଯ୍ୟ କରୁଥାଏ, ତା'ରି ଅନୁପାତରେ । ସେ କର୍ମ ଯେପରି ହେବା ଦରକାର, ସେହି ଭାବେ ତାହା କରାଇବାକୁ ହେଲେ ମୋର ସମସ୍ତ ସହଯୋଗ ଓ ସମସ୍ତ ସାହାଯ୍ୟ ଲୋଡ଼ା । ମୁଁ କେବଳ ଏହାକୁ ବା କେବଳ ତାହାକୁ ନେଇ ଅନ୍ୟସବୁକୁ ପରିହାର କରିପାରିବି ନାହିଁ । ମୁଁ ଏ ଦଳର ବା ସେ ଦଳର ହୋଇ ପାରିବି ନାହିଁ । ମୁଁ ଏକମାତ୍ର ଭଗବାନଙ୍କର ଏବଂ ଶ୍ରେଣୀ ଓ ଦଳ ନିର୍ବିଶେଷରେ ପୃଥିବୀପୃଷ୍ଠରେ ମୋର କାର୍ଯ୍ୟ ସର୍ବଦା ହେବ ଭଗବାନଙ୍କର ବିଜୟ ଲାଗି ।

— ଶ୍ରୀମା

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

## Form–IV

(See Rule 8)

| | | | |
|---|---|---|---|
| 1. | Place of Publication | ··· | Sri Aurobindo Ashram, Pondicherry - 605 002 |
| 2. | Periodicity of its Publication | ··· | Monthly |
| 3. | Printer's Name | ··· | Swadhin Chatterjee |
| | Nationality | ··· | Indian |
| | Address | ··· | Sri Aurobindo Ashram Press, Pondicherry - 605 002 |
| 4. | Publisher's Name | ··· | Manoj Das Gupta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 5. | Editor's Name | ··· | Madhusudan Mishra |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 6. | Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 8.3.2019* *Signature of Publisher*

**Vol. L, No. 3** **R.N.I. No. 18163/70.**
Navaprakash (Monthly), March, 2019 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**